ଚାଣକ୍ୟ

Digitized by RPRACHIN, SOA

ଚାଣକ୍ୟ

(ଐତିହାସିକ ଉପନ୍ୟାସ)

ମୂଳ ରଚନା

୰ ଭଗବତୀ ଚରଣ ବର୍ମା

ଓଡ଼ିଆ ରୂପାନ୍ତର

ଶ୍ରୀ ଉମାଶଙ୍କର ପଣ୍ଡା

ପ୍ରକାଶକ :

ଧର୍ମଗ୍ରନ୍ଥ ଷ୍ଟୋର

Digitized by PPRACHIN, SOA

ଚାଣକ୍ୟ

ପ୍ରକାଶିକା
ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର,
କଟକ-୭୫୩୦୦୨

ମୁଦ୍ରଣ
ଅନୁରୂପା ପ୍ରିଣ୍ଟର୍ସ
ପୁଷ୍ପଘାଟ ରୋଡ
କଟକ-୯

ମୂଲ୍ୟ
ଅବନ୍ଧା ୧୫-୦୦ ଟଙ୍କା
ବନ୍ଧାଇ ୧୮-୦୦ ଟଙ୍କା

CHANAKYA

Late. BHAGABATEE CHARAN VERMA

Translator :
Sri. UMA SHANKAR PANDA

Publisher :
Smt. Annapurna Misra
Cuttack Students' Store
Cuttack-2

First Edition :
November : *1984*

Price
Popular Rs. 15 /-
Deluxe Rs. 18 /-

Digitized by PPRACHIN, SOA

ସ୍ୱର୍ଗତଃ ଭଗବତୀ ଚରଣ ବର୍ମା

ସ୍ୱର୍ଗତଃ ଭଗବତୀ ଚରଣ ବର୍ମା ଉତ୍ତର ପ୍ରଦେଶର ଉନ୍ନାବ ଜିଲ୍ଲାର ଶଫିପୁର ଗ୍ରାମର ଏକ ସାମାନ୍ୟ ମଧ୍ୟବିତ୍ତ ପରିବାରରେ ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିଲେ । ଶୈଶବରେହିଁ ସେ ଅଳ୍ପବୟସ୍କ ପିତା ଓ ପିତୃବ୍ୟଙ୍କ ସ୍ନେହରୁ ବଞ୍ଚିତ ହୋଇଗଲେ । ପରିବାରର ଜ୍ୟେଷ୍ଠ ପୁତ୍ର ହୋଇଥିବାରୁ ସଂସାରର ସମସ୍ତ ଭାର ଆସି ତାଙ୍କ ଉପରେ ପଡ଼ିଲା । ତଥାପି ସେ ଗମ୍ଭୀର ନିଷ୍ଠାର ସହ ଅଧ୍ୟୟନ କରି ୧୯୨୬ ମସିହାରେ ପ୍ରୟାଗ ବିଶ୍ୱବିଦ୍ୟାଳୟରୁ ଆଇନ ପାଶ କରି, କାନପୁରଠାରେ ଓକିଲାତି ଆରମ୍ଭ କଲେ । ତିନିବର୍ଷ ପରେ ଓକିଲାତି ପରିତ୍ୟାଗ କରି ନିଜକୁ ସମ୍ପୂର୍ଣ୍ଣ ସାହିତ୍ୟ-ସୃଜନରେ ନିୟୋଜିତ କଲେ ।

ସାମୟିକ ପତ୍ର ପତ୍ରିକା ଓ ଫିଲ୍ମ କମ୍ପାନୀରେ କାର୍ଯ୍ୟ କରିବା ପରେ ଆକାଶବାଣୀର ବିଭିନ୍ନ କେନ୍ଦ୍ରରେ କାର୍ଯ୍ୟରତ ଥିଲେ । ୧୯୫୭ ମସିହାରୁ ସେ ସମ୍ପୂର୍ଣ୍ଣ ରୂପେ ସାହିତ୍ୟ ରଚନା କରି ଜୀବିକାର୍ଜନ କରିବାକୁ ଲାଗିଲେ ।

୧୯୭୮ ମସିହାରେ ସେ ରାଜ୍ୟସଭାର ସଦସ୍ୟ ରୂପେ ମନୋନୀତ ହୋଇଥିଲେ ଏବଂ ତାଙ୍କର ଉପନ୍ୟାସ 'ଭୂଲେ-ବିସରେ-ଚିତ୍ର' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ ।

'ଚିତ୍ରଲେଖା'ର ସଫଳ ରୂପକାର ଏବଂ ହିନ୍ଦୀ କଥା-ସାହିତ୍ୟର ସ୍ୱନାମଧନ୍ୟ ଶିଳ୍ପୀ ସ୍ୱର୍ଗତ ବର୍ମାଙ୍କ ଅନ୍ତିମ କଥାକୃତି "ଚାଣକ୍ୟ"-ସହିଁରେ ମଗଧ-ସାମ୍ରାଜ୍ୟ ପତନର ଏକ ବିସ୍ତୃତ ଚିତ୍ର ପ୍ରଦତ୍ତ ହୋଇଛି । ମଗଧ-ସମ୍ରାଟ ମହାପଦ୍ମନନ୍ଦ ଓ ତାଙ୍କ ପୁ

Digitized by PPRACHIN, SOA

ସ୍ନାତକଙ୍କ ଅତ୍ୟାଚାରର କଠୋର ସମାଲୋଚନା କରି ରାଜମଞ୍ଚରେ ଅପମାନିତ ହୋଇଥିଲେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ । ମହାଭିଯାନର ପାରମ୍ଭ-ଆଚାର୍ଯ୍ୟଙ୍କ ଏହି ଅପମାନ, ସିଦ୍ଧ ହେଲା ଏବଂ ମଗଧ ସାମ୍ରାଜ୍ୟ ଚନ୍ଦ୍ରଗୁପ୍ତଙ୍କୁ ଉତ୍ତରାଧୀକାର ପ୍ରାପ୍ତ ହେଲା ।

ଇତିହାସର ଏହି ସୁବର୍ଣ୍ଣ ପୃଷ୍ଠାକୁ ସ୍ୱର୍ଗତଃ ବର୍ମା ଆଧାର ରୂପେ ଗ୍ରହଣ କରିଛନ୍ତି । କ୍ରମେ ତାଙ୍କର ଦୃଷ୍ଟି ଏକ ପତନୋ-ନ୍ମୁଖ ରାଜ୍ୟବ୍ୟବସ୍ଥାର ବୈଭବ ବିଳାସ ଏବଂ ତହିଁରୁ ଉତ୍ପନ୍ନ ବିକୃତି ସବୁକୁ ବି ଉନ୍ମୋଚନ କରିଦେଇଛି ଯାହା ବିନଷ୍ଟ କରିଛି ସକଳ ମୂଲ୍ୟବୋଧକୁ । କାଳର ବ୍ୟବଧାନ ସତ୍ତ୍ୱେ ଆଜିକାର ଶାସକ ଓ ରାଜ୍ୟବ୍ୟବସ୍ଥା ପ୍ରତି ମଧ୍ୟ ଏହାର ପ୍ରାସଙ୍ଗିକତା ରହିଛି ।

"ଚାଣକ୍ୟ" ଉପନ୍ୟାସରେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କ ଚରିତ୍ର ଚିତ୍ରିତ । ତାଙ୍କର କଠୋର ଏବଂ ଅଭେଦ୍ୟ ବ୍ୟକ୍ତିତ୍ୱ ଭିତରେ କଥାକାର ଶ୍ରୀ ବର୍ମା ନିବିଡ଼ିତ କୋମଳତାର ସନ୍ଧାନ କରିଛନ୍ତି । ନିଜ ମହାନ୍ ଜୀବନ-ସଙ୍ଘର୍ଷରେ ସ୍ୱାଭିମାନୀ, ସଙ୍କଳ୍ପ-ବଦ୍ଧ, ଦୂରଦ୍ରଷ୍ଟା ଓ ଅପ୍ରତିଦ୍ୱନ୍ଦୀ କୂଟନୀତିଜ୍ଞ ବ୍ୟତିରେକେ ଚାଣକ୍ୟ ଥିଲେ ସୁହୃଦ୍‌ପ୍ରେମୀ ଓ ସଦ୍‌ଗୃହସ୍ଥ । "ଚାଣକ୍ୟ" "ଚିତ୍ରଲେଖା"ର ବର୍ଣ୍ଣାଢ଼୍ୟ ଶୈଳୀ ସହ ତୁଳନୀୟ ନହେଲେ ହେଁ ସେହି କ୍ରମରେ ଆଉ ଏକ ଚମତ୍କାରପ୍ରଦ ଉପନ୍ୟାସ ଏବଂ ଲେଖକଙ୍କର ଶେଷ ସ୍ମରଣୀୟ କୃତି ।

ହିନ୍ଦୀ କଥାସାହିତ୍ୟର ଉଜ୍ଜ୍ୱଳ ଜ୍ୟୋତିଷ୍କ ଭଗବତୀ ଚରଣ ବର୍ମାଙ୍କ ତିରୋଧାନ ଘଟିଥିଲା ୫, ଅକ୍ଟୋବର ୧୯୮୧ ମସିହାରେ ।

—※—

Digitized by PPRACHIN, SOA

ଚାଣକ୍ୟ

ମକର ସଂକ୍ରାନ୍ତିର ଶୁଭ ଅବସରରେ ମଗଧ ସମ୍ରାଟ ମହାପଦ୍ମ ନନ୍ଦ ଦାନମଣ୍ଡପର ବିପୁଳ ଆୟୋଜନ କରିଥିଲେ । ଏହି ଦାନପର୍ବରେ ଆମନ୍ତ୍ରିତ ଥିଲେ ସମସ୍ତ କର୍ମକାଣ୍ଡୀ ବ୍ରାହ୍ମଣ । ମହାପଦ୍ମ ନନ୍ଦଙ୍କର ଆମନ୍ତ୍ରଣରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଉପକୁଳପତି ଆଚାର୍ଯ୍ୟ ଧର୍ମରକ୍ଷିତ ବି ଆପଣା ଶିଷ୍ୟଙ୍କ ଗହଣରେ ଦୁଇ,ତିନି ଦିନ ପୂର୍ବରୁ ପାଟଳିପୁତ୍ରରେ ପଦାର୍ପଣ କରି ସାରିଥିଲେ । ରାଜ୍ୟର ଅତିଥିଶାଳାରେ ସେମାନଙ୍କ ରହଣି ପାଇଁ ଆୟୋଜନର କୌଣସି ତ୍ରୁଟି ନଥିଲା ।

ସବୁକାଳରେ ବ୍ରାହ୍ମମୁହୂର୍ତ୍ତରେ ବ୍ରାହ୍ମଣଙ୍କର ସ୍ନାନର ବିଧାନ ରହିଛି ଏବଂ ଏହି ବିଧାନ ଅନୁସାରେ ଆଚାର୍ଯ୍ୟ ଶିଷ୍ୟମାନଙ୍କ ସହ ଗଙ୍ଗାସ୍ନାନ ଉଦ୍ଦେଶ୍ୟରେ ପାଟଳିପୁତ୍ରର ପାଦଦେଶରେ ପ୍ରବାହିତ ଗଙ୍ଗାତଟରେ ପଦାର୍ପଣ କରିଥିଲେ ।

ଅକସ୍ମାତ୍ ହିଁ ସେଦିନ ଆରମ୍ଭ ହୋଇଥାଏ ଭୟଙ୍କର ଶୀତଳହାୱାର ପ୍ରକୋପ । ସପ୍ତାହକ ପୂର୍ବରୁ ହିମପାତ ହିମାଳୟରେ ପ୍ରାରମ୍ଭ ହୋଇଥିଲେହେଁ ପାଟଳିପୁତ୍ରର ପାଗ ସମ୍ପୂର୍ଣ୍ଣ ଶୁଷ୍କ । ଏହି ପାଗରେ ହିଁ ଶୀତଳହାୱାର ପ୍ରବାହ ଭୀଷଣ କଷ୍ଟଦାୟକ ।

ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ଦଳ ଗଙ୍ଗା କୂଳରେ ପହଞ୍ଚିବା ବେଳକୁ ସୂର୍ଯ୍ୟୋଦୟ ଅନେକ ସମୟ ବାକି । ଆଚାର୍ଯ୍ୟଙ୍କ ଶିଷ୍ୟମାନଙ୍କ ମଧ୍ୟରେ ପ୍ରବଣକ ଥିଲା ସାମାନ୍ୟ ବାଗ୍ମୀକ ଓ ଚଞ୍ଚଳ । ସେ କହିଲା—ଶୀତ ଓ ତାପକୁ ସମଭାବରେ ଗ୍ରହଣ କରିବା ଶକ୍ତି କାହାର ରହିଛି ଆଜି ତାର

Digitized by PPRACHIN, SOA

ପରୀକ୍ଷାର ସମୟ ଉପଗତ । ଓଠରେ ଦୁଷ୍ଟାମିର ଇସତ୍ ହାସ୍ୟ ରେଖା ଟାଣି ପ୍ରବଣକ ପୁନରାୟ କହିଲା—"ଆଚାର୍ଯ୍ୟ, ସ୍ନାନ ସମାପନରେ ଆଉ ବିଳମ୍ବ କାହିଁକି ?"

ଆଚାର୍ଯ୍ୟ ଧର୍ମରକ୍ଷିତ ଥିଲେ ସାମାନ୍ୟ ସ୍ଥୂଳକାୟ ! ବୟସ ପ୍ରାୟ ପଞ୍ଚାବନ ବର୍ଷ ।

ପ୍ରବଣକର ଏହି ଆମୋଦପୂର୍ଣ୍ଣ ପ୍ରଶ୍ନର ଉତ୍ତର ସେହିଭଳି ଆମୋଦଭରା କଣ୍ଠରେ ଦେଲେ ଆଚାର୍ଯ୍ୟ ଧର୍ମରକ୍ଷିତ "ପ୍ରବଣକ ! ଏଭଳି ସହନଶକ୍ତି ପ୍ରଦର୍ଶନରେ ଜୀବନ-ଦାନର କୌଣସି ଆବଶ୍ୟକତା ନାହିଁ । ଦେଖ ବ୍ରହ୍ମଚାରୀ ରୋହିତ କେମିତି ଗୋଟାଏ ମାତ୍ର ବୁଡ଼ ପକେଇ ଚାଲିଆସିଛି କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ଅଦୂରରେ କିଏ ଏହି ବ୍ୟକ୍ତି ଯିଏ ଆକଣ୍ଠ ଜଳରେ ଦଣ୍ଡାୟମାନ ହୋଇ ସୂର୍ଯ୍ୟସ୍ତବନ କରୁଛି ।

ଆଚାର୍ଯ୍ୟ ଚକିତ ନେତ୍ରରେ ସମସ୍ତେ ସେହି ବ୍ୟକ୍ତିଙ୍କୁ ନିରୀକ୍ଷଣ କରିବାକୁ ଲାଗିଲେ । ସୂର୍ଯ୍ୟସ୍ତବନ ଓ ଗଙ୍ଗୋଦକରେ ଆଚମନସାରି ବ୍ୟକ୍ତିଟି ଜଳରୁ ବାହାରି ଆସି ତଟରେ ସୁରକ୍ଷିତ ଆପଣାର ପରିଧେୟ ଧାରଣ କରିବାକୁ ଲାଗିଲେ ।

ଧର୍ମରକ୍ଷିତ ସାମାନ୍ୟ ଉଚ୍ଚ କଣ୍ଠରେ ଯେମିତି ସ୍ୱଗତୋକ୍ତି କଲେ "ବଜ୍ରରେ ନିର୍ମିତ ଏହାର ଶରୀର । ପ୍ରଣତ ହେଉନାହିଁ ବ୍ୟକ୍ତିଟି ପାଟଳିପୁତ୍ରର ନିବାସୀ ।" ପୁନରାୟ ସେ—ଆପଣାର ଅନ୍ୟ ଏକ ଶିଷ୍ୟ ନିରୁପକକୁ ଆଦେଶ ପ୍ରଦାନ କଲେ— "ନିରୁପକ । ଅନ୍ତତଃ ସନ୍ଦେଶ ନେଇ ଆସ ବ୍ୟକ୍ତିଟି କିଏ ଏବଂ କେଉଁ ଦେଶର ନିବାସୀ ।"

ନିରୁପକ ଅପରିଚିତ ବ୍ୟକ୍ତିଟି ନିକଟରେ ପହଞ୍ଚି ବିନୀତ କଣ୍ଠରେ ପ୍ରଶ୍ନ କଲା, "ଭଦ୍ର ! ଆପଣତ ଏହି ମଗଧ ନିବାସୀ ସଦୃଶ ପ୍ରତୀୟମାନ ହେଉନାହାନ୍ତି ଯଦି ଅନୁଚିତ ମନେ ନ କରନ୍ତି ନିରୁପକକୁ ଆପଣା ପରିଚୟ ଦାନ କରିବାର କୃପା କରନ୍ତୁ ।

ବ୍ୟକ୍ତିଟି ଅପଣା ଅଙ୍ଗାଭରଣ କରି ସାରିଥିଲେ । ଧୋତି ଉପରେ ଫତେଇ, ତା ଉପରେ ପାମରି ଶାଲ । ବିଲୁଣ୍ଠିତ ରୁଦ୍ରାକ୍ଷ ମାଳାଟିକୁ

Digitized by PPRACHIN, SOA

ସ୍ନହସ୍ତରେ ଉତ୍ତୋଳନ କରି ସ୍ମିତ ହସି ସେ କହିଲେ—"ଆପଣାର ପରିଚୟ ! ଏହି ବିଶାଳ ଭୂଖଣ୍ଡର ଏକ ନଗଣ୍ୟ ପ୍ରାଣୀ, ଜନ୍ମ ମରଣର ସୀମାରେ ବନ୍ଦୀ ।" ପୁଣି ଗମ୍ଭୀର ହୋଇ କହିଲେ— "ତକ୍ଷଶିଳାର ବିଷ୍ଣୁଗୁପ୍ତ ନାଳନ୍ଦାର ଉପକୁଳପତିଙ୍କ ନିମନ୍ତ୍ରଣରେ ସ୍ୱକୀୟ ଯୁଦ୍ଧଶାସ୍ତ୍ରର ମାନ୍ୟତା ପ୍ରାପ୍ତି ପାଇଁ ଆସିଛି ।"

ନିରୁପକ ତତ୍‌କ୍ଷଣାତ୍ ଅବନତ ହୋଇ ବିଷ୍ଣୁଗୁପ୍ତଙ୍କର ଚରଣ ଧୂଳି ମସ୍ତକରେ ଲଗାଇଲା । କହିଲା, "ଆସନ୍ତୁ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ! ଆମେ ଅତ୍ୟନ୍ତ ବ୍ୟଗ୍ରତା ସହକାରେ ନାଳନ୍ଦାରେ ଆପଣଙ୍କ ପ୍ରତୀକ୍ଷାରେ ଥିଲୁ । ଏହା ଅତୀବ ସୌଭାଗ୍ୟର କଥା ଯେ ନାଳନ୍ଦାରୁ ଆଚାର୍ଯ୍ୟଙ୍କ ଏକ ଦଳ ମଗଧନରେଶଙ୍କ ଆମନ୍ତ୍ରଣରେ ତାଙ୍କ ଦାନ ପର୍ବରେ ଯୋଗଦାନ କରିବାପାଇଁ ପାଟଳିପୁତ୍ରରେ ସମାଗତ ।" ପୁନଶ୍ଚ ସେ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ଆଡ଼କୁ ସଙ୍କେତ କରି କହିଲା, "ସିଏ ହେଉଛନ୍ତି ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପକୁଳପତି ଆଚାର୍ଯ୍ୟ ଧର୍ମରକ୍ଷିତ !"

'ଆଚାର୍ଯ୍ୟ ଧର୍ମରକ୍ଷିତ" ବିଷ୍ଣୁଗୁପ୍ତ କହିଲେ, କଳ୍ପନା କରିନଥିଲେ ଯେ ସେ ଏଠି ଏତେ ସହଜରେ ଉପଲବ୍ଧ ହେବେ । ନିରୁପକ ସଙ୍ଗରେ ବିଷ୍ଣୁଗୁପ୍ତ ଆଚାର୍ଯ୍ୟଙ୍କ ସମୀପରେ ପହଞ୍ଚି କହିଲେ "ମୁଁ ଚଣକପୁତ୍ର ବିଷ୍ଣୁଗୁପ୍ତ, ଆଚାର୍ଯ୍ୟ ଧର୍ମରକ୍ଷିତଙ୍କୁ ଅଭିନନ୍ଦନ କରୁଛି ।"

ଧର୍ମରକ୍ଷିତ ଦୁଇପାଦ ଅଗ୍ରସର ହୋଇ କହିଲେ—"ଆରେ ବିଷ୍ଣୁଗୁପ୍ତ ! ଆଶୀର୍ବାଦ ।" ତାପରେ ବିଷ୍ଣୁଗୁପ୍ତଙ୍କୁ ଆଲିଙ୍ଗନ କରି କହିଲେ "ଜାଣେନା କେତେକାଳରୁ ଆମ୍ଭେମାନେ ଆପଣଙ୍କ ପ୍ରତୀକ୍ଷାରତ । ଆପଣଙ୍କୁ ମୁଁ ସ୍ୱାଗତ କରୁଛି । ମଗଧ ନରେଶ ମହାପଦ୍ମନନ୍ଦ ମକର ସଂକ୍ରାନ୍ତି ଅବସରରେ ମଗଧର କର୍ମକାଣ୍ଡୀ ବ୍ରାହ୍ମଣମାନଙ୍କ ସହ ସ୍ୱକୀୟ ଦାନପର୍ବରେ ସମ୍ମିଳିତ ହେବାପାଇଁ ନାଳନ୍ଦା ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ ଓ ସ୍ନାତକମାନଙ୍କୁ ବି ଆମନ୍ତ୍ରଣ କରିଛନ୍ତି । ଏହି ଉତ୍ସବରେ ନାଳନ୍ଦାର କୁଳପତି ମଗଧନରେଶଙ୍କ ଦ୍ୱାରା ଆଚାର୍ଯ୍ୟ ପଦବୀର ମାନ୍ୟତା ବି ଆପଣଙ୍କୁ ମିଳିଯିବ । କି ମଣିକାଞ୍ଚନ ସଂଯୋଗ । ଆପଣ ଏଠି ସାମାନ୍ୟ ଅପେକ୍ଷା କରନ୍ତୁ, ଇତ୍ୟବସରରେ ଆମ୍ଭେମାନେ ସ୍ନାନାଦି ସମାପନ କରିନେଉଛୁ ।

Digitized by PPRACHIN, SOA

ଆପଣ ଆମ ସହିତ ଆସନ୍ତୁ; ରାଜ୍ୟ ଅତିଥିଶାଳାରେ ଆମ୍ଭମାନଙ୍କ ସହ ଆପଣଙ୍କର ବି ରହିବା ବ୍ୟବସ୍ଥା ହୋଇଯିବ ।"

ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ଦଳ ସ୍ନାନ ସମାପନ କରି ବିଷ୍ଣୁଗୁପ୍ତଙ୍କ ସହ ଅତିଥିଶାଳା ଅଭିମୁଖେ ଅଗ୍ରସର ହେଲେ ।

ମାର୍ଗରେ ଅବସ୍ଥିତ ପାଟଳିପୁତ୍ରର ଜନବସତି ଓ ବିପଣୀ । ରାଜପଥ ଅତିକ୍ରମ କରୁ କରୁ ଧର୍ମରକ୍ଷିତ ବିଷ୍ଣୁଗୁପ୍ତଙ୍କୁ ପ୍ରଶ୍ନ କଲେ– "ଏଠି ପହଞ୍ଚିବାରେ ବିଳମ୍ବର କାରଣ କଣ ଜାଣିପାରେକି ?" ବିଷ୍ଣୁଗୁପ୍ତ ଉତ୍ତର ଦେଲେ "ଅଧୁନା ମଗଧର ରାଜମାର୍ଗ ସୁରକ୍ଷିତ ଓ ନିରାପଦ ନୁହେଁ । ରାଜମାର୍ଗରେ ଦସ୍ୟୁ ଓ ଆତତାୟୀଙ୍କ ଆତଙ୍କ ବୃଦ୍ଧି ଫଳରେ ବାରାଣସୀରୁ ମୋତେ ଜଳମାର୍ଗ ଗ୍ରହଣ କରିବାକୁ ପଡ଼ିଲା ।"

ସାମାନ୍ୟ ନମ୍ରକଣ୍ଠରେ ଚିନ୍ତିତମୁଦ୍ରାରେ ଧର୍ମରକ୍ଷିତ କହିଲେ "ମହାପଦ୍ମ ନନ୍ଦଙ୍କ ପୁତ୍ରମାନଙ୍କର ଉଚ୍ଛୃଙ୍ଖଳତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ଆଉ ବଢ଼ି ଚାଲିଛି ମଗଧ ନରେଶଙ୍କ ସୁବର୍ଣ୍ଣ ପ୍ରତି ମୋହ । କର ଆଦାୟରେ ଯେଉଁ ନିର୍ମମ କଠୋରତା, ତାହା କାହିଁ କାହିଁ ଅତ୍ୟାଚାର ଓ ଅନାଚାରର ସୀମା ଲଙ୍ଘନ କରି ଯାଇଛି । ସମଗ୍ର ପ୍ରଜା ଆଜି ତ୍ରସ୍ତ ଓ ଭୟଭୀତ ।"

ଇତ୍ୟବସରରେ ସମସ୍ତେ ଚମକିପଡ଼ି ସ୍ଥିର ହୋଇ ପଡ଼ିଲେ, ଅନତି ଦୂରରେ ଶ୍ରୁତିଗୋଚର ହେଉଥିଲା ଏକ କୋଳାହଳ । ଜନୈକ ଶ୍ରେଷ୍ଠୀଙ୍କ ଗୃହ ସମ୍ମୁଖରେ ଭିଡ଼ ଏକତ୍ରିତ ହୋଇଥିଲା ଏବଂ ସେଠାରେ କତିପୟ ଅଶ୍ୱାରୋହୀ ଶ୍ରେଷ୍ଠୀଙ୍କଠାରୁ ବଳପୂର୍ବକ ସ୍ୱର୍ଣ୍ଣମୁଦ୍ରାର ଥଳିମାନ ତାଙ୍କ ଗୃହ ଅଭ୍ୟନ୍ତରରେ ପ୍ରବେଶକରି ଲୁଣ୍ଠନ କରୁଥିଲେ । ଅଶ୍ୱାରୋହୀଙ୍କ ମୁଖ-ମୁଦ୍ରାରୁ ପ୍ରତୀତ ହେଉଥିଲା ସେମାନେ ରାଜକୁମାର । ଶ୍ରେଷ୍ଠୀ ଚିତ୍କାରକରି କହୁଥାନ୍ତି—"ଇଏ ଘୋର ଅନ୍ୟାୟ । ମୁଁ ମାସକ ପୂର୍ବରୁ କର ଦେଇ ସାରିଛି । ମୋ ପାଖରେ ପାଉତି ରହିଛି" ।

ଜନୈକ ଅଶ୍ୱାରୋହୀ ଆଗେଇଆସି ଶ୍ରେଷ୍ଠୀ ଗାଲରେ ଏକ ଶକ୍ତ ଚାପୁଡ଼ା ଦେଇ କହିଲା "ଇଏ ହେଉଛି ଅତିରିକ୍ତ କର ।"

Digitized by PPRACHIN, SOA

ଉପରେ ଦଣ୍ଡାୟମାନ କେତେ ଲୋକ କହିଉଠିଲେ "ପ୍ରତିଷ୍ଠିତ ନାଗରିକଙ୍କ ସହ ଏଭଳି ଅଭଦ୍ର ବ୍ୟବହାର ! ଅତୀବ ଅସହ୍ୟ ।"

ବିକ୍ଷିପ୍ତ ଅଶ୍ୱାରୋହୀ କହିଲା—"ତୁମେମାନେ ଏଠୁ ଯାଉନ୍ତୁ ନା କାରାଗାରରେ ବନ୍ଦୀ ହେବ ।" ଏତିକ କହି ସେ ଭିଡ଼ ଭିତରକୁ ଘୋଡ଼ା ଛୁଟାଇଦେଲା ।

ସମସ୍ତେ ଇତସ୍ତତଃ ଦୌଡ଼ି ପଳାୟନ କଲେ । ବିଷ୍ଣୁଗୁପ୍ତ ଧର୍ମରକ୍ଷିତଙ୍କୁ କହିଲେ "ଏଠାରେତ ନିରଙ୍କୁଶ ତାର ସାମ୍ରାଜ୍ୟ ବିସ୍ତାରିତ ।" ଧର୍ମରକ୍ଷିତ ସହଜ କଣ୍ଠରେ ଉତ୍ତର ଦେଲେ "ଶାସନ ସବୁ କାଳରେ ନିରଙ୍କୁଶ ଭାବରେ କର ଆଦାୟକରେ ।" ତତ୍‌ପଶ୍ଚାତ, ସେମାନେ ସମସ୍ତେ ଅଗ୍ରସର ହେଲେ—ମାର୍ଗ ପରିଷ୍କୃତ ହୋଇଯାଇଥିଲା ।

କିଛି ଦୂର ଅଗେଇଯିବା ପରେହିଁ ବିଷ୍ଣୁଗୁପ୍ତ ଚମକିପଡ଼ି ଦଣ୍ଡାୟମାନ ହୋଇପଡ଼ିଲେ । ଏକ ସୁଉଚ୍ଚ ପ୍ରାସାଦରେ ଜନୈକ ଅଶ୍ୱାରୋହୀ ଜଣେ ମଧ୍ୟବୟସ୍କା ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଘୋଷାର ଘୋଷାରି ତା'ର ଆଭୂଷଣ ଲୁଣ୍ଠନ କରୁଛି, ସ୍ତ୍ରୀ ଲୋକଟି ଚିତ୍କାର କରି କହୁଛି "ତମର ବିନାଶ ହେବ, ତୁମେ ଏକ ବିଧବା ଅସହାୟ ନାରୀକୁ ଲୁଣ୍ଠନ କରୁଛ । ମୋ ପତିଙ୍କ ମୃତ୍ୟୁପରେ ମୃତ୍ୟୁକର ମୋର ପତିଙ୍କ ସମ୍ପତ୍ତିରୁ ନିଅ, ମୋର ଆଭୂଷଣରୁ ନୁହେଁ ।"

ହଠାତ୍ ବିଷ୍ଣୁଗୁପ୍ତ ଦେଖିଲେ ଯେ ଏକ ତେଜସ୍ୱୀ ଯୁବକ ଆପଣା ସାଥି ଅଶ୍ୱାରୋହୀଙ୍କ ସହ କେନ୍ଦ୍ର କରଆଦାୟ କରୁଥିବା ବ୍ୟକ୍ତିଙ୍କ ଉପରେ ଆକ୍ରମଣ କରିଦେଲା । କର ଆଦାୟ କରୁଥିବା ଲୋକ ତତ୍‌କ୍ଷଣାତ ପଳାୟନ କଲେ । ନାରୀଟି ନିଜ ଗୃହ ଅଭ୍ୟନ୍ତରକୁ ପ୍ରବେଶ କରି ଦରଜା ବନ୍ଦ କରିଦେଲା । ସେହି ଅଶ୍ୱାରୋହୀଦଳ ଯେମିତି ତଡ଼ିତ୍ ଗତିରେ ଆସିଥିଲେ ସେହିଭଳି ବିଲୁପ୍ତ ହୋଇଗଲେ ।

ବିଷ୍ଣୁଗୁପ୍ତଙ୍କ ମୁହଁରେ ଏକ ସନ୍ତୋଷର ମୁଦ୍ରା ଫୁଟି ଉଠିଲା, "ଆତତାୟୀଙ୍କ ପ୍ରତିରୋଧ ଆଉ ଅତ୍ୟାଚାରର ବିରୋଧ ବି ହେଉଛି, ଏହା

Digitized by PPRACHIN, SOA

ଏକ ଶୁଭଲକ୍ଷଣ । ବିକ୍ଷୁବ୍ଧ ଦଳର ନାୟକ ମହାନ ତେଜସ୍ୱୀ ଯୁବକଜଣକ ମନେହେଲ ।"

କିନ୍ତୁ ବିଷ୍ଣୁଗୁପ୍ତଙ୍କ ମୁହଁରେ ପ୍ରକଟିତ ସନ୍ତୋଷର ଠିକ୍ ବିପରୀତ ଚିନ୍ତାର ଭାବ ଫୁଟିଉଠିଲା ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ମୁଖମଣ୍ଡଳରେ—ସେହି ଯୁବକଟି ଥିଲା ରାଣୀ ମୁରାଙ୍କର ପୁତ୍ର—ଚନ୍ଦ୍ରଗୁପ୍ତ । ମୁଁ ତାଙ୍କୁ ନାଳନ୍ଦା ବିଶ୍ୱବିଦ୍ୟାଳୟର ସୀମା ବାହାରକୁ ନଯିବା ପାଇଁ ଆଦେଶ ଦେଇଥିଲି । କିନ୍ତୁ ଜୀବନ ସହିତ ଖେଳିବାପାଇଁ ପାଗଳପଣ ବଂଶଦାନ ତାକୁ ତ ମିଳିଛି । ମୁଁ ତାପାଇଁ ଅତୀବ ଚିନ୍ତିତ ।

ବିଷ୍ଣୁଗୁପ୍ତ ଧର୍ମରକ୍ଷିତଙ୍କ ସହ ଆଗେଇ ଯାଉଯାଉ ପ୍ରଶ୍ନ କଲେ "ଆର୍ଯ୍ୟ ! ଆପଣଙ୍କ ଚିନ୍ତାର କାରଣ କଣ ଜାଣି ପାରେକି ?" ଧର୍ମରକ୍ଷିତ ଉତ୍ତର ଦେଲେ—"ନନ୍ଦଙ୍କର ନଅ ରାଜପୁତ୍ର ଦଳବଦ୍ଧ । ଜ୍ୟେଷ୍ଠପୁତ୍ର ହେତୁ ଚନ୍ଦ୍ରଗୁପ୍ତହିଁ ମଗଧ ନରେଶଙ୍କ ଉତ୍ତରାଧିକାରୀ ହେବା କଥା; କିନ୍ତୁ ରାଜ ପୁରୋହିତଗଣ ଏହି ଭ୍ରଷ୍ଟ ରାଜକୁମାରମାନଙ୍କ ଷଡ଼ଯନ୍ତ୍ରରେ ପ୍ରଭାବିତ ହୋଇ ଏହି ବିଧାନ ଘୋଷଣା କରିଦେଇଛନ୍ତି ଯେ ଶୂଦ୍ରାର ସନ୍ତାନ ହେତୁ ଚନ୍ଦ୍ରଗୁପ୍ତ ମଗଧର ଉତ୍ତରାଧିକାରରୁ ବଞ୍ଚିତ ରହିବ । ଏମାନେ ଚନ୍ଦ୍ରଗୁପ୍ତକୁ ପ୍ରାଣେରେ ବିନାଶ କରିବା ପାଇଁ ସଦା ଉଦ୍ୟତ ଥିବାରୁ ରାଣୀ ମୁରା ଚନ୍ଦ୍ରଗୁପ୍ତକୁ ମୋ ହସ୍ତରେ ସମର୍ପଣ କରି ଦେଇଛନ୍ତି କାରଣ ନାଳନ୍ଦା ବିଶ୍ୱବିଦ୍ୟାଳୟ ଶାସନ ମଗଧ ନରେଶଙ୍କ ହାତରେ ନୁହେଁ ମୋ ହାତରେ, ତେଣୁ ସେଠି କୌଣସି ବାହାରଲୋକ ଚନ୍ଦ୍ରଗୁପ୍ତର ଅହିତ ସାଧନ କରି ପାରିବ ନାହିଁ । ମୁଁ ଚନ୍ଦ୍ରଗୁପ୍ତର ଆଶ୍ରୟ ଏବଂ ରାଣୀ ମୁରାଙ୍କୁ ଅଭୟ ପ୍ରଦାନ କରିଛି ।"

ବିଷ୍ଣୁଗୁପ୍ତ କହିଲେ "ଆପଣ ଠିକ୍ କରିଛନ୍ତି ଆଚାର୍ଯ୍ୟ । ସ୍ମୃତିକାରଙ୍କ ମତରେ ନନ୍ଦଙ୍କ ବିବାହ ରାଣୀ ମୁରାଙ୍କ ସହ ଅନୁଲୋମ ଦୃଷ୍ଟିରୁ ଚନ୍ଦ୍ରଗୁପ୍ତ କ୍ଷତ୍ରୀୟ ଅଟେ । ଚନ୍ଦ୍ରଗୁପ୍ତ ସହ ପୁରୋହିତଗଣ ଅନ୍ୟାୟ କରିଛନ୍ତି ।"

ଧର୍ମରକ୍ଷିତ ଉତ୍ତର ଦେଲେ "ନ୍ୟାୟ ଅନ୍ୟାୟ ଓ ତା'ର ପରୀକ୍ଷା ସ୍ମୃତିର ରଚନାକାର ବ୍ରାହ୍ମଣଙ୍କର ହିଁ ବିଧାନ । ଚନ୍ଦ୍ରଗୁପ୍ତ ସାହସୀ, ବଳବାନ, ହେନେନା ହେନେ ସେ ଅପଣାର ଅଧିକାର ପ୍ରାପ୍ତହେବ । କିନ୍ତୁ

Digitized by PPRACHIN, SOA

ବର୍ତ୍ତମାନ ତାର ଜୀବନ ସଙ୍କଟପୂର୍ଣ୍ଣ । ଯେତେଦୂର ନନ୍ଦରାଜାଙ୍କ ପ୍ରଶ୍ନ ଜଡ଼ିତ, ସେ ଲୋଭୀ, ଦାମ୍ଭିକ କିନ୍ତୁ ଏଯାବତ୍ ଅନ୍ୟାୟୀ କିମ୍ବା ନିରଙ୍କୁଶ ହୋଇ ପଡ଼ିନାହାନ୍ତି । ଏମିତକି ସେ ନିଜର ଏହି ନିରଙ୍କୁଶ, ଉଦ୍ଧତ, ଅନ୍ୟାୟୀ ପୁତ୍ରମାନଙ୍କ ସକାଶେ ବିବ୍ରତ । ସେମାନଙ୍କ ନିକଟରେ ବ୍ରାହ୍ମଣଙ୍କ ବଳ ରହିଛି—ବିଧିର ବିଚିତ୍ର ବିଡ଼ମ୍ବନା ।”

ବିଷ୍ଣୁଗୁପ୍ତ କହିଲେ “ଆପଣ ଏ ବ୍ରାହ୍ମଣଙ୍କୁ ବୁଝେଇ ଦେଉନାହାନ୍ତି କାହିଁକି ? ଆଚାର୍ଯ୍ୟ ! ଆପଣତ ବ୍ରାହ୍ମଣଙ୍କ ଶିରୋମଣି ଅଟନ୍ତି ।” ବିବଶ ଭାବରେ ଧର୍ମରକ୍ଷିତ ଉତ୍ତରଦେଲେ “ବ୍ରାହ୍ମଣ ଯେତେବେଳେ ଲୋଭୀ ହୁଏ ଧର୍ମର ହ୍ରାସହୁଏ । ମୁଁ ତ ଭବିଷ୍ୟତରେ ଦେଖୁଛି ବୌଦ୍ଧଧର୍ମର ବିନାଶ ଘଟିବ । ମୁଁ ବୃଦ୍ଧ ହୋଇ ଆସୁଛି ଆପଣ ଆସିଯାଇଛନ୍ତି । ଆପଣଙ୍କ ବଳ ମୋତେ ପ୍ରାପ୍ତ ହେବ । ମୋତେ ସେହିଦିନ ଆଶା ଅଛି କରଣ ଦୃଶ୍ୟହେବ ଯେଉଁଦିନ ନିଜସ୍ୱ ଉତ୍ତରାଧିକାର ମୁଁ ଆପଣଙ୍କୁ ସମର୍ପଣ କରିଦେବି ।”

ପାଟଳିପୁତ୍ରରେ ଆଜି ଅଜସ୍ର ଜନସମାବେଶ । ଦେବାଳୟମାନ ତୋରଣ ଓ କଳଷରେ ସୁଶୋଭିତ । ରାଜପଥ ଉତ୍ସବ ଉଲ୍ଲସିତ । ମଗଧରାଜ ମହାପଦ୍ମନନ୍ଦଙ୍କ ଦାନପର୍ବର ଚର୍ଚ୍ଚାରେ ଗଗନପବନ ମୁଖରିତ । ରାଜଭବନର ଅନତି ଦୂରରେ ଏକ ବିଶେଷ କକ୍ଷରେ ଆୟୋଜନର ବିଶେଷ ବ୍ୟବସ୍ଥା ନିରୀକ୍ଷଣ କରୁଛନ୍ତି ମହାମନ୍ତ୍ରୀ ରାକ୍ଷସ । ସମାଗତ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ପାରିଚ୍ଛିଟି ନେଉଥିଲେ ଆସନ ନିକଟକୁ । ପ୍ରତ୍ୟେକ ଅତିଥିଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇ ରହିଛି ବିଶେଷ ଆସନ । ତାଙ୍କର ନିର୍ଦ୍ଦେଶରେ ଭୃତ୍ୟଗଣ ଅତିଥିମାନଙ୍କୁ ବିନମ୍ର ପ୍ରଣାମ କରି ଆସନ ନିର୍ଦ୍ଦେଶ କରୁଛନ୍ତି ।

କକ୍ଷର ମଧ୍ୟସ୍ଥଳରେ ସ୍ଥାପିତ ରାଜ-ସିଂହାସନ । ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଆଚାର୍ଯ୍ୟ ଓ ଅନ୍ୟ ବ୍ରାହ୍ମଣମାନଙ୍କ ଆସନ,

Digitized by PPRACHIN, SOA

ବାମପାର୍ଶ୍ୱରେ ସାମନ୍ତ ଓ ଅନ୍ୟ ରାଜକର୍ମଚାରୀଙ୍କ ଆସନମାନ ସୁସଜ୍ଜିତ । ଶିଷ୍ୟ ପରିବେଷ୍ଟିତ ଆଚାର୍ଯ୍ୟ ଧର୍ମରକ୍ଷିତ ମୁଖ୍ୟ ଦ୍ୱାରରେ ଆସି ଉପସ୍ଥିତ ହେଲେ, ବେଦପାଠର ଉଦ୍ଦାତ ଧ୍ୱନିରେ ସମଗ୍ର ପରିବେଶ ମୁଖର ହୋଇ ଉଠିଲା । ମହାମନ୍ତ୍ରୀ ରାକ୍ଷସ କେଇପାଦ ଆଗେଇ ଆସି କହିଲେ "ଏହି ପର୍ବର ମୁଖ୍ୟଅତିଥି ଆଚାର୍ଯ୍ୟ ଧର୍ମରକ୍ଷିତ ! ଆପଣଙ୍କୁ ହାର୍ଦ୍ଦିକ ସ୍ୱାଗତ । ଆପଣଙ୍କ ସହ ଯେଉଁ ସଜ୍ଜନ ରହିଛନ୍ତି ସେ ତ ମଗଧ ଅଧିବାସୀ ବୋଲି ଜଣା ପଡ଼ୁନାହିଁ । ତାଙ୍କର ପରିଚୟ ପ୍ରଦାନ କଲେ ଧନ୍ୟ ହେବି !"

ଆଚାର୍ଯ୍ୟ ଧର୍ମରକ୍ଷିତ ଉତ୍ତର ଦେଲେ "ସେ ହେଉଛନ୍ତି ତକ୍ଷଶିଳାର ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ।

ସ୍ମରଣ ହେଲା, ଇଏ ଅତ୍ୟନ୍ତ ସୁଦ୍ଧ ବିଦ୍ୟାର ଆଚାର୍ଯ୍ୟ । ମଗଧ ବିଶ୍ୱବିଦ୍ୟାଳୟ ଦ୍ୱାରା ମାନ୍ୟତା ଦେବାପାଇଁ ମୁଁ ତାଙ୍କୁ ନିମନ୍ତ୍ରଣ କରିଥିଲି ।

ସଂଯୋଗ ବଶତଃ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ଦୁଇ ଦିନ ପୂର୍ବରୁ ପାଟଳିପୁତ୍ରରେ ପହଞ୍ଚି ଯାଇଛନ୍ତି । ଗଙ୍ଗାସ୍ନାନ ବେଳେ ଏହାଙ୍କ ସହିତ ଅକସ୍ମାତ ସାକ୍ଷାତ ବି ଘଟିଛି, ତାନପର୍ବର ଏହି ଉତ୍ସବରେ ଯୋଗଦେବା ପାଇଁ ମୁଁ ତାଙ୍କୁ ମୋ ସଙ୍ଗରେ ନେଇ ଆସିଛି ।

ଓଠରେ ସ୍ମିତ ହସର ରେଖା ଟାଣି ରାକ୍ଷସ କହିଲେ "ଆପଣ ଉଚିତ କାର୍ଯ୍ୟହିଁ କରିଛନ୍ତି । ଏହି ଉତ୍ସବରେ ଆପଣଙ୍କ ପରେ ଏହାଙ୍କର ସ୍ଥାନ ହେବ ଦ୍ୱିତୀୟ । ଏହି ଉତ୍ସବରେ ମୁଁ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ମଗଧ ନରେଶ କର୍ତ୍ତୃକ ଏହାଙ୍କୁ ମାନ୍ୟତା ଦେବାର ବ୍ୟବସ୍ଥା ବି କରିଦେଉଛି । ବର୍ତ୍ତମାନ ଆପଣମାନେ ସ୍ୱ ସ୍ୱ ଆସନ ଗ୍ରହଣ କରନ୍ତୁ ।" ସେ ଜଣେ ଭୃତ୍ୟକୁ ସଙ୍କେତ ଦେଲେ, ଭୃତ୍ୟ ସମସ୍ତଙ୍କୁ ନେଇ ଆସନରେ ବସେଇ ଦେଲା ।

ସେତେବେଳେ ସଭାକକ୍ଷ ଅତିଥିମାନଙ୍କ ଦ୍ୱାରା ପୁରିପୁରି ଭରି ଯାଇଥିଲା । ମଝିରେ ଶୂନ୍ୟ ରାଜସିଂହାସନ । ରାଜଦଣ୍ଡର ଦକ୍ଷିଣ ଭାଗରେ ବ୍ରାହ୍ମଣମାନଙ୍କ ସାମାନ୍ୟ ଭିଡ଼ ଏକତ୍ରିତ । ବାମଭାଗରେ ସାମନ୍ତଗଣ ସମାସୀନ । ମନ୍ତ୍ରୀ ପରିଷଦର ସଦସ୍ୟ ଓ ରାଜକର୍ମଚାରୀମାନଙ୍କ ଆସନ କିନ୍ତୁ ସେ ଯାଏଁ ରିକ୍ତ ନାହିଁକି ନା—ସେମାନେ ରାଜାଧିରାଜଙ୍କ ସ୍ୱାଗତ ନିମିତ୍ତ ମୁଖ୍ୟ ଦ୍ୱାର ନିକଟରେ ଦଣ୍ଡାୟମାନ ।

Digitized by PPRACHIN, SOA

ଠିକ୍ ସେହି ମୁହୂର୍ତ୍ତରେ ପ୍ରତିହାରୀ ଉଚ୍ଚ କଣ୍ଠରେ ଘୋଷଣାକଲା "ସାବଧାନ ! ମହାରାଜାଧିରାଜ ବର୍ତ୍ତମାନ ରାଜପରିବାରସହ ରାଜଦରବାରରେ ପ୍ରବେଶ କରୁଛନ୍ତି ।"

ସମସ୍ତେ ଆସନ ତ୍ୟାଗକରି ଦଣ୍ଡାୟମାନ ହେଲେ । ଆରତି ଓ ମଙ୍ଗଳଗୀତ ସହ ସଭାକକ୍ଷରେ ପ୍ରବେଶ କଲେ ମହାପଦ୍ମନନ୍ଦ ।

ମହାମନ୍ତ୍ରୀ ରାକ୍ଷସ ତାଙ୍କ ନିକଟକୁ ଯାଇ ତାଙ୍କୁ ସିଂହାସନରେ ଉପବେଶନ ପାଇଁ ଅନୁରୋଧ କଲା । ସିଂହାସନ ନିକଟରେ ହିଁ ରହିଥିଲା "ମହାପଦ୍ମ ନନ୍ଦଙ୍କର ନଅ ରାଜପୁତ୍ରଙ୍କର ଆସନ । ରାଜ ଦରବାରରେ କାର୍ଯ୍ୟକ୍ରମ ଆରମ୍ଭ ହେଲା । ରାକ୍ଷସ ଉଚ୍ଚ କଣ୍ଠରେ—ଡାକିଲା ଶ୍ରେଷ୍ଠୀ ସୋମଦତ୍ତ ।"

ଶ୍ରେଷ୍ଠୀ ସୋମଦତ୍ତଙ୍କର ଆସନ ଥିଲା ମହାପଦ୍ମ ନନ୍ଦଙ୍କ ଆସନର ଠିକ୍ ପଶ୍ଚାଦ୍ ଦେଶରେ ଏବଂ ତାଙ୍କ ନିକଟରେ ଥିଲା ସ୍ୱର୍ଣ୍ଣମୁଦ୍ରାର ଥଳି । ମହାପଦ୍ମ ନନ୍ଦ ସଗର୍ବରେ ନିଜ ଅତିଥିମାନଙ୍କୁ ନିରୀକ୍ଷଣ କଲେ, ପୁନରାୟ ଦାମ୍ଭିକ କଣ୍ଠରେ କହିଲେ "ଧନପତି କୁବେର ସମାନ ମୋର କୋଷାଗାର ସ୍ୱର୍ଣ୍ଣମୁଦ୍ରାରେ ପରିପୂର୍ଣ୍ଣ .କିନ୍ତୁ ମହାପଦ୍ମ.ନନ୍ଦ ଦାନ କରିବା ଜାଣେ । ବ୍ରାହ୍ମଣଗଣ ଯହିଁ ଧର୍ମର ପ୍ରବର୍ତ୍ତକ ଅଟନ୍ତି ସେମାନଙ୍କୁ ଏ ଦାନପର୍ବରେ ଦାନ ଅବଶ୍ୟ ପ୍ରାପ୍ତି ହେବ । ଶ୍ରେଣୀ ଅନୁସାରେ ସେମାନଙ୍କ ତାଲିକା ମହାମନ୍ତ୍ରୀ ରାକ୍ଷସଙ୍କ ନିକଟରେ ରହିଛି । ମୁଁ ଆଦେଶ କରୁଛି ସେ ଆଚାର୍ଯ୍ୟ ଓ ଅନ୍ୟ ବ୍ରାହ୍ମଣଙ୍କ ନାମ ଉଚ୍ଚାରଣ କରନ୍ତୁ ।" ରାକ୍ଷସ ଘୋଷଣା କଲା ତାଲିକାର ଶୀର୍ଷରେ ଯେଉଁ ନାମ ରହିଛି ତାହା ହେଉଛି ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପ-କୁଳପତି ଆଚାର୍ଯ୍ୟ ଧର୍ମରକ୍ଷିତଙ୍କର । ତାଙ୍କୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଅର୍ପିତ ହେଉ ।

ଶ୍ରେଷ୍ଠୀ ସୋମଦତ୍ତ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରାର ଥଳି ମହାପଦ୍ମ ନନ୍ଦଙ୍କ ହସ୍ତରେ ଅର୍ପଣ କଲା । ଆଚାର୍ଯ୍ୟ ଧର୍ମରକ୍ଷିତ ଆସନ ପରିତ୍ୟାଗ କରି ରାଜସିଂହାସନ ଆଡ଼କୁ ଅଗ୍ରସର ହେଲେ । ସିଂହାସନ ସମ୍ମୁଖରେ ମସ୍ତକ ଅବନତ କରିସାରି ଥଳି ନେଇ ମହାପଦ୍ମନନ୍ଦଙ୍କୁ ଆଶୀର୍ବାଦ କଲେ ଏବଂ ସନ୍ତୋଷ ଓ ହର୍ଷ ମୁଦ୍ରାରେ ଆପଣା ଆସନକୁ ପ୍ରତ୍ୟାବର୍ତ୍ତନ କଲେ ।

Digitized by PPRACHIN, SOA

ରାକ୍ଷସ ସୂଚୀ ଦେଖି କହିଲେ "ଏଇ ତାଲିକାର ବିଶିଷ୍ଟ ନାମ ତକ୍ଷଶିଳାରୁ ଉପଗତ ଯୁଦ୍ଧ ବିଦ୍ୟାର ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କର ।"

ନନ୍ଦ ରାକ୍ଷସଙ୍କୁ କହିଲେ—"ନାଳନ୍ଦାରେ ଯୁଦ୍ଧବିଦ୍ୟାର ଆଚାର୍ଯ୍ୟ ପ୍ରବର୍ତ୍ତକ ଆର୍ଯ୍ୟାବର୍ତ୍ତର ଚକ୍ରବର୍ତ୍ତୀ ସମ୍ରାଟ ମହାପଦ୍ମ ନନ୍ଦ, ମୁଁ ନିଜେ । ଉପ-କୁଳପତିଙ୍କ ଆଗ୍ରହରେ ମୁଁ ତାଙ୍କୁ ମଗଧକୁ ନିମନ୍ତ୍ରଣ କରିଛି । ବିଷ୍ଣୁଗୁପ୍ତଙ୍କୁ ପଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉ ।"

ବିଷ୍ଣୁଗୁପ୍ତ ଆସନ ପରିତ୍ୟାଗ କରି ଦଣ୍ଡାୟମାନ ହୋଇ ରାଜସିଂହାସନକୁ ପ୍ରଣତି ଜଣାଇଲେ କିନ୍ତୁ ନନ୍ଦଙ୍କ ହାତରୁ ସ୍ୱର୍ଣ୍ଣମୁଦ୍ରା ଗ୍ରହଣ ନକରି ଜଳଦ୍ ଗମ୍ଭୀର କଣ୍ଠରେ କହିଲେ—"ମହାରାଜାଙ୍କର ଶୌର୍ଯ୍ୟ ଓ ପ୍ରତାପରେ ସମଗ୍ର ଆର୍ଯ୍ୟାବର୍ତ୍ତ ଭୟଭୀତ, ଆତଙ୍କିତ । ନାଳନ୍ଦା ବିଶ୍ୱବିଦ୍ୟାଳୟର ଆମନ୍ତ୍ରଣରେ ମୁଁ ମାନ୍ୟତା ଗ୍ରହଣ କରିବାକୁ ଆସିଛି । ମୋର ସ୍ୱର୍ଣ୍ଣମୁଦ୍ରାର ଆବଶ୍ୟକତା ନାହିଁ ।"

ସମସ୍ତ ସଭାସଦ ସ୍ତବ୍ଧ ବିସ୍ମୟରେ ବିଷ୍ଣୁଗୁପ୍ତଙ୍କୁ ଦେଖିବାକୁ ଲାଗିଲେ । ସମଗ୍ର ସଭାର ମନକଥା ମହାପଦ୍ମ ନନ୍ଦ ସ୍ୱୟଂ ଯେପରି ଉଚ୍ଚାରଣ କଲେ, "ତମର ସ୍ୱର୍ଣ୍ଣମୁଦ୍ରାରେ ପ୍ରୟୋଜନ ନାହିଁ ? ଆଶ୍ଚର୍ଯ୍ୟ ! ଲକ୍ଷ୍ମୀଙ୍କୁ ତିରସ୍କାରର କାରଣ ମୁଁ ଜାଣିବାକୁ ଚାହେଁ !"

ବିନମ୍ର କଣ୍ଠରେ ବିଷ୍ଣୁଗୁପ୍ତ ଉତ୍ତର ଦେଲେ—"କାରଣ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତୁ ନାହିଁ ମହାରାଜ । ସତ୍ୟ ବେଳେ ବେଳେ ଖୁବ୍ କଠୋର ଓ ଅପ୍ରିୟ ପ୍ରତୀତ ହୁଏ ।"

ନନ୍ଦ ଦମ୍ଭର ସହିତ କହିଲେ "ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ! ଭଗବାନ ଶଙ୍କରଙ୍କ ପରମ୍ପରାରେ କଟୁ ଓ କଠୋର ସତ୍ୟର ଗରଳକୁ ସମଭାବରେ ଧାରଣ କରିବା କ୍ଷମତା ମହାପଦ୍ମ ନନ୍ଦର ରହିଛି । ତୁମେ ସତ୍ୟ ପ୍ରକାଶ କର ମୁଁ ତୁମକୁ ଅଭୟ ପ୍ରଦାନ କରୁଛି ।"

ବିଷ୍ଣୁଗୁପ୍ତ ଆକାଶଆଡ଼କୁ ହାତଯୋଡ଼ି କହିଲେ "ହେ ଦେବତା ଓ ପିତୃପୁରୁଷଗଣ ମୋତେ ଏହି ବିଡ଼ମ୍ବିତ ସ୍ଥିତିରେ ସବୁଠାରୁ କଠୋର ଓ ଅପ୍ରିୟ ସତ୍ୟ ପ୍ରକାଶ କରିବାକୁ ପଡ଼ୁଛି । ତୁମେ ମୋର ସାକ୍ଷୀ

Digitized by PPRACHIN, SOA

ରହିଲ ।" ସେ ପୁନରାୟ ନନ୍ଦଙ୍କୁ କହିଲେ "ମହାରାଜ ! ପ୍ରଜାଙ୍କୁ ଉତ୍ପୀଡ଼ନ କରି ସେମାନଙ୍କଠାରୁ ଲୁଣ୍ଠନ କରାଯାଇଥିବା ଧନ ଦୂଷିତ ଓ କଳୁଷଯୁକ୍ତ ଅଟେ ! ସେହି ଧନର କିୟଦାଂଶ ଦାନ କରି ମହାରାଜ କଳୁଷ ମୁକ୍ତ ହୋଇ ପାରିବେ ନାହିଁ ।"

ସମସ୍ତ ସଭାକକ୍ଷରେ ଅନୁରଣିତ ହୋଇ ଉଠିଲା ଭୟ ଏବଂ ଶଙ୍କାର ଏକ ଅସ୍ପଷ୍ଟ ଗୁଞ୍ଜନ । ନନ୍ଦ କ୍ରୁଦ୍ଧିତ କଣ୍ଠରେ କହିଲେ "ମହାମନ୍ତ୍ରୀ ! ମହାପଦ୍ମ ନନ୍ଦର ଅପମାନକାରୀ ଏ ନୀଚକୁ ବନ୍ଦୀକରାଯାଉ ।"

ଶାନ୍ତଭାବରେ ରାକ୍ଷସ କହିଲା "ମହାରାଜା ଏହାଙ୍କୁ ଅଭୟ ପ୍ରଦାନ କରିଛନ୍ତି, ପୁଣି ବିଷ୍ଣୁଗୁପ୍ତ ଆଚାର୍ଯ୍ୟ ଅଟନ୍ତି, ବ୍ରାହ୍ମଣ ।"

ନନ୍ଦ ସମ୍ପୂର୍ଣ୍ଣ କ୍ରୋଧରେ ଚିତ୍କାର କରି କହିଲେ, ଏହି ନୀଚ ବ୍ରାହ୍ମଣ ନୁହେଁ, ଶୁଦ୍ର । ମହାମନ୍ତ୍ରୀ ରାକ୍ଷସ ! ତୁମେ ଏହି ଶୁଦ୍ରକୁ ବ୍ରାହ୍ମଣ ପଂକ୍ତିରେ ଆମନ୍ତ୍ରଣ କରି ଆସନ ଦେଲେ କିପରି ?" ଆଉ ସେ ସ୍ୱୟଂ ରାଜକୁମାରଙ୍କ ଆଡ଼କୁ ବୁଲିପଡ଼ି ଆଦେଶ ଦେଲେ "ଏହାର କେଶାକର୍ଷଣ କରି ସଭାକକ୍ଷରୁ ବାହାର କରି ଦିଅ ।"

ନନ୍ଦଙ୍କର ଏହି ଆଦେଶରେ ସମସ୍ତ ରାଜକୁମାର ସ୍ୱ ସ୍ୱ ଆସନରୁ ଉଠିପଡ଼ିଲେ ।

ବିଷ୍ଣୁଗୁପ୍ତଙ୍କର ଚକ୍ଷୁଯୁଗଳ ଅଗ୍ନିଖଣ୍ଡ ସଦୃଶ ଯେମିତି ପ୍ରଜ୍ୱଳିତ ହେଲା । ସେ ରାଜକୁମାରମାନଙ୍କୁ ଲକ୍ଷ୍ୟକରି କହିଲେ "ରୁହ ! ତୁମ୍ଭମାନଙ୍କୁ କଷ୍ଟ ସ୍ୱୀକାର କରିବାର କୌଣସି ଆବଶ୍ୟକତା ନାହିଁ । ମୁଁ ସ୍ୱୟଂ ଏଠୁ ଚାଲିଯାଉଛି ।" ଏତକ କହିସାରି ସେ ଦ୍ରୁତପଦକ୍ଷେପରେ ମୁଖ୍ୟ ଦ୍ୱାର ଆଡ଼କୁ ଅଗ୍ରସର ହେଲେ । ମୁଖ୍ୟଦ୍ୱାରରେ ପହଞ୍ଚି ନିଜର ଶିଖାକୁ ନିଜେ ଉନ୍ମୁକ୍ତ କରି ଘୋଷଣା କଲେ, "ଏ ଶିଖା ମୁଁ ସ୍ୱହସ୍ତରେ ଖୋଲୁଛି ଆଉ ଭଗବାନ ପରଶୁରାମ ଓ ଆଚାର୍ଯ୍ୟ ଦ୍ରୋଣଙ୍କ ପରମ୍ପରା ଅନୁସାରେ ମୁଁ ଯେତେଦିନ ଯାଏ ନନ୍ଦବଂଶ ଧ୍ୱଂସ କରି ଏ ପରମ୍ପରା ରକ୍ଷା ନ କରିଛି ସେତେଦିନ ଯାଏ ଏହି ଶିଖା ଉନ୍ମୁକ୍ତ ରହିବ ।"

Digitized by PPRACHIN, SOA

ନନ୍ଦ କ୍ରୋଧରେ ପାଗଳ ହୋଇ ସିଂହାସନରୁ ଉଠିପଡ଼ିଲେ । ରାଜକୁମାରମାନଙ୍କୁ ଭର୍ତ୍ସନା କରି କହିଲେ, "ତୁମ୍ଭେମାନେ କଣ ଦେଖୁଛ, ତାକୁ ଧରି ଏହି ସ୍ଥାନରେ ବଧକର ।" ରାଜପୁତ୍ରଗଣ ନିଜନିଜ ତରବାରି କୋଷମୁକ୍ତ କରି ଠିଆ ହୋଇ ପଡ଼ିଲେ ।

ଏହି ସମୟରେ ରାକ୍ଷସ କଠୋର କଣ୍ଠରେ କହିଲା, "ପାଦେହେଲେ ଅଗ୍ରସର ହୁଅନା," ତାପରେ ପୁନରାୟ ନନ୍ଦଙ୍କୁ କହିଲା—"ମହାରାଜ ! ବ୍ରାହ୍ମଣ ଅବଧ ଅଟେ, ଆଉ ଏହାକୁ ଆପଣ ଅଭୟ ପ୍ରଦାନ କରିସାରିଛନ୍ତି । ଆପଣ କ୍ରୋଧରେ ଉନ୍ମତପ୍ରାୟ । ଏହା କ୍ୱାପି ହୋଇପାରେନା ।"

ସେହି ମୁହୂର୍ତ୍ତରେ ସମସ୍ତ ବ୍ରାହ୍ମଣ ଠିଆ ହୋଇ ପଡ଼ିଲେ । ସମସ୍ତେ ସମସ୍ୱରରେ କହିଲେ "ଆମେ ଏ ଅଘଟଣା ଘଟିବାକୁ ଦେବୁନାହିଁ । ଏହି ଅନାଚାରକୁ ସହ୍ୟ କରାଯାଇ ପାରେନା ।" ବ୍ରାହ୍ମଣଙ୍କୁ ଅନୁସରଣ କରି ସାମନ୍ତଗଣ ବି ଆସନ ପରିତ୍ୟାଗ କରି ଦଣ୍ଡାୟମାନ ହେଲେ, "ରାଜ୍ୟାଧିକାରର ବି ଗୋଟାଏ ସୀମା ରହିଛି, ଏହି ସୀମାର ଅତିକ୍ରମଣ ଆମେ କୌଣସି ଅବସ୍ଥାରେ କସ୍ମିନ୍‌କାଳେ ହେବାକୁ ଦେବୁନାହିଁ ।"

ବିବଶ ଭାବରେ ରାଜକୁମାରଗଣ ଠିଆହୋଇ ରହିଗଲେ । ରାକ୍ଷସ ମହାପଦ୍ମ ନନ୍ଦଙ୍କୁ କହିଲା "ଦେଖୁଛନ୍ତି ମହାରାଜ । ଆପଣଙ୍କ ପ୍ରଜାଗଣ ବିଦ୍ରୋହ କରିବାକୁ ଓହ୍ଲାଇ ଆସିଛନ୍ତି ।"

କ୍ଲାନ୍ତ କଣ୍ଠରେ ନନ୍ଦ କହିଲେ "ତୁମେ ଠିକ୍ କହିଛ ରାକ୍ଷସ, ପ୍ରଜାଙ୍କ ବଳହିଁ ରାଜାର ବଳଅଟେ । ରାଜକୁମାରଗଣ ! ତାକୁ ଯିବାକୁ ଦିଅ ଆଉ ତୁମେମାନେ ନିଜ ନିଜ ଆସନ ଗ୍ରହଣ କର । ଏହି ଅପ୍ରିୟ ପ୍ରସଙ୍ଗର ପରିସମାପ୍ତି ସକାଶେ ମୁଁ ଆଜି ଏହି ସଭା ବିସର୍ଜିତ କରୁଛି, ସପ୍ତାହକ ପରେ ଆଜି ଦିନରେ ପୁନରାୟ ଏ ଉତ୍ସବ ଆରମ୍ଭ ହେବ ।"

ନନ୍ଦ ଆସନ ପରିତ୍ୟାଗ କରି ରାଜଭବନକୁ ଚାଲିଗଲେ । ରାଜା ସଭାକକ୍ଷ ତ୍ୟାଗ କରିବା ମାତ୍ରକେ ଧର୍ମରକ୍ଷିତ ଯଥାଶୀଘ୍ର ସମ୍ଭବ ମୁଖ୍ୟଦ୍ୱାର ଆଡ଼କୁ ଆଗେଇ ଆସିଲେ ଯେଉଁଠି ଆଚାର୍ଯ୍ୟ ଓ ବ୍ରାହ୍ମଣଗଣ ବିଷ୍ଣୁଗୁପ୍ତଙ୍କୁ ଘେରି ଠିଆ ହୋଇଥିଲେ । ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ସହ ସମସ୍ତେ

Digitized by PPRACHIN, SOA

ଶାନ୍ତଭାବରେ ଅତିଥିଶାଳାକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ କାଳବିଳମ୍ବ ନକରି ନାଳନ୍ଦା ବିଶ୍ୱବିଦ୍ୟାଳୟ ଅଭିମୁଖେ ଯାତ୍ରା ଆରମ୍ଭ କଲେ ।

ପାଟଳିପୁତ୍ରର ସଂଘର୍ଷମୟ ବାତାବରଣରୁ ଦୂରେଇ ଆସି ବିଷ୍ଣୁଗୁପ୍ତଙ୍କୁ ଶାନ୍ତି ମିଳିଲା । ନାଳନ୍ଦାରେ ପହଞ୍ଚି ସେ ଧର୍ମରକ୍ଷିତଙ୍କୁ କହିଲେ "ଆଃ କେତେ ଶାନ୍ତି ଏ ନାଳନ୍ଦାର ପ୍ରାଙ୍ଗଣରେ । ପାଟଳିପୁତ୍ରରେ ତ ମୋର ଶ୍ୱାସରୁଦ୍ଧ ହୋଇ ପଡ଼ୁଥିଲା । ମଗଧ ରାଜଧାନୀ ପାଟଳିପୁତ୍ରର ବହୁ ପ୍ରଶଂସା ଏହା ପୂର୍ବରୁ ମୋର ଶ୍ରୁତିଗୋଚର ହୋଇଥିଲା; କିନ୍ତୁ ଆଜି ଆସି ଦେଖିଲି ସେ ନଗର ନର୍କରେ ପରିଣତ ହୋଇ ସାରିଛି ।"

ଧର୍ମରକ୍ଷିତ ଏକ ଦୀର୍ଘଶ୍ୱାସ ତ୍ୟାଗ କରି କହିଲେ "ଭାଗ୍ରୁଛି, ଆପଣଙ୍କୁ ଏଠିକି ନିମନ୍ତ୍ରଣ କରିବା ସର୍ବୈବ ଉଚିତ ହୋଇନାହିଁ । ଆପଣଙ୍କର ଯେଉଁ ଅପମାନ ହେଲା, ଏଥିପାଇଁ ମୁଁ ନିଜକୁ ସମ୍ପୂର୍ଣ୍ଣ ଦାୟୀ ମନେକରୁଛି ଏବଂ ଆନ୍ତରିକ ଦୁଃଖ ପ୍ରକାଶ କରୁଛି ।"

ବିଷ୍ଣୁଗୁପ୍ତ କହିଲେ, " ଆପଣ କେଉଁ କେଉଁ କଥାରେ କେତେ ଦୁଃଖ ପ୍ରକାଶ କରିବେ ? ମୋତେ ତ ଆପଣଙ୍କ ଏବଂ ଏହି ବିଶ୍ୱବିଦ୍ୟାଳୟର ଚିନ୍ତା ଘେରି ରହିଛି ।"

ନିର୍ଶ୍ଚିନ୍ତ ଭାବରେ ଧର୍ମରକ୍ଷିତ ଉତ୍ତର ଦେଲେ "ଆପଣ ନିର୍ଶ୍ଚିନ୍ତ ରହନ୍ତୁ ଆଚାର୍ଯ୍ୟ ମହାମନ୍ତ୍ରୀ ରାକ୍ଷସ ସ୍ୱୟଂ ଧର୍ମର ଅବତାର । ସେ ଜୀବନ୍ତ ଥିବାପର୍ଯ୍ୟନ୍ତ ବ୍ରାହ୍ମଣଙ୍କର ଅହିତ ଅସମ୍ଭବ ।"

ସେହି ଦିନଟି ବିଷ୍ଣୁଗୁପ୍ତ ମନନ ଓ ଚିନ୍ତନରେ ଅତିବାହିତ କରି ଦେଲେ । ବିଗତ ଦିନର ସକଳ ଶ୍ରାନ୍ତି, କ୍ଳାନ୍ତି ଦୂର ହୋଇଗଲା । ପରଦିନ ବିଷ୍ଣୁଗୁପ୍ତ ନାଳନ୍ଦା ବିଶ୍ୱବିଦ୍ୟାଳୟର ବିସ୍ତୃତ ପ୍ରାଙ୍ଗଣ ନିରୀକ୍ଷଣ କରିବାକୁ ବାହାରିଲେ । ଆଚାର୍ଯ୍ୟ ଧର୍ମରକ୍ଷିତ ବିଷ୍ଣୁଗୁପ୍ତଙ୍କ ସଙ୍ଗରେ ଯିବା ପାଇଁ

Digitized by PPRACHIN, SOA

ନିଜର ଦୁଇଜଣ ଶିଷ୍ୟ ନିରୁପକ ଓ ଶ୍ରବଣକଙ୍କୁ ଆଦେଶ ଦେଲେ । କିଛି ଦୂର ଯିବାପରେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ଚମକିପଡ଼ି ସ୍ଥିର ଭାବରେ ଠିଆ ହୋଇ ପଡ଼ିଲେ । ଆଖିରେ ବିସ୍ମୟ ଓ କୌତୁହଳ । ବିଷ୍ଣୁଗୁପ୍ତଙ୍କ ଡାହାଣ ଦିଗରେ ପ୍ରସାରିତ ଏକ ବିଶାଳ ପ୍ରାନ୍ତର । ସେହି ପ୍ରାନ୍ତର ମଧ୍ୟଭାଗରେ ଅବସ୍ଥିତ ଏକ ସୁଉଚ୍ଚ ବୃକ୍ଷ ସମୀପରେ ପ୍ରାୟ ଚାରିହାତ ଉଚ୍ଚତାରେ ଶସ୍ୟାକୃତିର କୌଣସି ବସ୍ତୁ ବନ୍ଧା ହୋଇ ରହିଛି । ବୃକ୍ଷର ପ୍ରାୟ ଶହେ ହାତ ଦୂରରୁ ଜନୈକ ତେଜସ୍ୱୀ ଯୁବକ ଧନୁରେ ଶର ଯୋଖି ଲକ୍ଷ୍ୟ ଭେଦର ଅଭ୍ୟାସ କରୁଛି । ଏଥର ଯୁବକଟି ଶର ନିକ୍ଷେପ କଲା ଆଉ ଶରଟି ବନ୍ଧାଯାଇଥିବା ବସ୍ତୁଟିର ଠିକ୍ ମଧ୍ୟ ଭାଗରେ ଗଳିଗଲା ।

ବିଷ୍ଣୁଗୁପ୍ତ କହିଲେ "ଆଶ୍ଚର୍ଯ୍ୟ ! ଶହେ ହାତ ଦୂରରୁ ନିଆ ହୋଇଥିବା ଏଭଳି ଅବ୍ୟର୍ଥ ଲକ୍ଷ୍ୟଭେଦ ମୁଁ ଏ ଯାବତ୍ ଦେଖିନାହିଁ । ଅତ୍ୟନ୍ତ ତେଜସ୍ୱୀ ଯୁବକ । ଏହାର ପରିଚୟ ମୁଁ ଜାଣିପାରେ କି ?

ଧର୍ମରକ୍ଷିତ ଉତ୍ତର ଦେଲେ "ଯୁବକଟି ମହାପଦ୍ମ ନନ୍ଦଙ୍କର ଜ୍ୟେଷ୍ଠପୁତ୍ର ଚନ୍ଦ୍ରଗୁପ୍ତ, ଯାହାକୁ ଆମେ ଗଙ୍ଗା ତଟରୁ ପାଟଳିପୁତ୍ର ଆସିବା କାଳରେ ଦେଖିଥିଲେ ।" ସ୍ନୁତିପଟରେ ଉଦ୍‌ଭାସିତ ହୋଇଉଠିଲା ଏକ ତେଜସ୍ୱୀ ଅଶ୍ୱାରୋହୀର ଛବି । ବିଷ୍ଣୁଗୁପ୍ତ ସ୍ମିତ ହସିଲେ ଏବଂ ଚନ୍ଦ୍ରଗୁପ୍ତଙ୍କ ସହ କଥାବାର୍ତ୍ତା କରିବା ପାଇଁ ଆଗେଇ ଗଲେ । ଚନ୍ଦ୍ରଗୁପ୍ତ ସ୍ୱୀୟ ଲକ୍ଷ୍ୟ ଭେଦରେ ଏତେ ନିମଜ୍ଜିତ ଥିଲା ଯେ ଏମାନଙ୍କ ଆଗମନର ସାମାନ୍ୟ ସଙ୍କେତ ସୁଦ୍ଧା ଜାଣି ପାରିଲା ନାହିଁ । ଧର୍ମରକ୍ଷିତ ସାମାନ୍ୟ ଉଚ୍ଚକଣ୍ଠରେ ଡାକିଲେ "କୁମାର ଚନ୍ଦ୍ରଗୁପ୍ତ ।"

ଚନ୍ଦ୍ରଗୁପ୍ତ ଏଥର ସେମାନଙ୍କ ଆଡ଼କୁ ଫେରି ଚାହିଁଲା ଏବଂ କହିଲା "ଆଚାର୍ଯ୍ୟ ! ଆପଣ ଏତେ ଶୀଘ୍ର ପାଟଳିପୁତ୍ରରୁ ଫେରି ଆସିବେ, ଏହା ମୁଁ କଳ୍ପନା କରି ନଥିଲି ।" ଚନ୍ଦ୍ରଗୁପ୍ତ ଆଗେଇ ଆସି ଧର୍ମରକ୍ଷିତଙ୍କ ଚରଣ ସ୍ପର୍ଶ କଲା ।

ଧର୍ମରକ୍ଷିତ ଆଶୀର୍ବାଦ କଲେ "ତମର କଲ୍ୟାଣ ହେଉ ।" କିଛି ସମୟ ନୀରବ ରହି କହିଲେ "ତୁମେ ମୋର ଅନୁମତି ନ ନେଇ ତିନି

Digitized by PPRACHIN, SOA

ଗୃହଦାନ ପୂର୍ବ ପାଟଳିପୁତ୍ର ଯାଇଥିଲି । ପ୍ରାତଃ କାଳରେ ଗଙ୍ଗା ସ୍ନାନରୁ ଫେରିବାବେଳେ ମୁଁ ତୁମକୁ ତମ ସାଥିମାନଙ୍କ ସହିତ ଦେଖିଥିଲି । ତୁମେ ତମ ଭାଇମାନଙ୍କ ଉପରେ ଆକ୍ରମଣ କରିଥିଲ ।"

ବିନୀତ କଣ୍ଠରେ ଚନ୍ଦ୍ରଗୁପ୍ତ ଉତ୍ତରଦେଲେ "ଅପରାଧ କ୍ଷମା କରନ୍ତୁ ଆଚାର୍ଯ୍ୟ । ଭୟାବହ ଶୀତଳହରୀଗ୍ରସ୍ତ ଜନତାର ଆର୍ଥିକ ସହାୟତା ସକାଶେ ମୁଁ ବାହାରି ଯାଇଥିଲି ଆଉ ଦେଖିଲି ଜନତାକୁ ତ୍ରାଣ କରିବା ପରିବର୍ତ୍ତେ ମୋର ଅନୁଚରଗଣ ଜନତାଙ୍କୁ ହିଁ ଲୁଣ୍ଠନ କରୁଛନ୍ତି । ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ଖଳମାନେ ପଳାୟନ କଲେ ।"

ବିଷ୍ଣୁଗୁପ୍ତ ହସିହସି କହିଲେ "ବୀରତ୍ୱର ପ୍ରଦର୍ଶନ ବୁଝିବିଚାରି କରିବା ଉଚିତ କୁମାର ।"

କୁଞ୍ଚିତ ପରିହାସ ମିଶ୍ରିତ କଣ୍ଠରେ ଚନ୍ଦ୍ରଗୁପ୍ତ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କୁ କହିଲେ "ଆଚାର୍ଯ୍ୟ ମୋତେ ଉପଦେଶ ଦେବାପାଇଁ ଏ ମହାନୁଭବଙ୍କୁ କେଉଁଠୁ ନେଇଆସିଲେ ?" ଧ୍ୟାନପୂର୍ବକ ବିଷ୍ଣୁଗୁପ୍ତଙ୍କୁ ନିରୀକ୍ଷଣ କରି ପୁନରାୟ କହିଲେ, "ଦେଖିଲେ ମନେହୁଏ ନାହିଁ ଏ ମଗଧ ଅଧିବାସୀ ! ବିଚିତ୍ର ବସ୍ତ୍ରାଭୂଷଣ ।"

ଆଚାର୍ଯ୍ୟ ଧର୍ମରକ୍ଷିତ କହିଲେ, "ଏହାଙ୍କୁ ପ୍ରଣିପାତ କର କୁମାର । ଇଏ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ।"

ସେହି ଦୂରତ୍ୱ ବଜାୟ ରଖି ଚନ୍ଦ୍ରଗୁପ୍ତ ବିଷ୍ଣୁଗୁପ୍ତଙ୍କୁ କରଯୋଡ଼ି ନମସ୍କାର କରି କହିଲେ, "ମୁଁ ଚନ୍ଦ୍ରଗୁପ୍ତ ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କୁ ପ୍ରଣାମ କରୁଛି । କିନ୍ତୁ ରୂପରେ ତ ଆପଣ ବ୍ରାହ୍ମଣ ପ୍ରତୀୟମାନ ହେଉନାହାନ୍ତି । ହାତରେ ଭାଲ, ଅଙ୍ଗରେ ବିଚିତ୍ର ଢଙ୍ଗର ପରିଧେୟ ।"

ବିଷ୍ଣୁଗୁପ୍ତ ସ୍ୱୟଂ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ଆଗେଇ ଆସି କହିଲେ, ଠିକ୍ କହିଛ କୁମାର, ମୁଁ ତକ୍ଷଶୀଳାର ଅଧିବାସୀ, ସେ ଦେଶର ପରିଧେୟ ରହିଛି ମୋର ଅଙ୍ଗରେ ଏବଂ ବ୍ରାହ୍ମଣ ହୋଇବି ମୁଁ ଯୁଦ୍ଧବିଦ୍ୟାର ଆଚାର୍ଯ୍ୟ । ପୁଣି ହସିଦେଇ ସେ ଚନ୍ଦ୍ରଗୁପ୍ତଙ୍କୁ ପ୍ରଶ୍ନକଲେ, "ମୋଠାରୁ ଯୁଦ୍ଧବିଦ୍ୟା ଗ୍ରହଣ କରିବ ?"

Digitized by PPRACHIN, SOA

ଉତ୍ତରରେ ଚନ୍ଦ୍ରଗୁପ୍ତ ପୁନର୍ବାର ଶର ନିକ୍ଷେପ କଲା ଏବଂ ତୀକ୍ଷ୍ଣମୁନା ଶରଟି ଆଉଥରେ ଲକ୍ଷ୍ୟର ମଧ୍ୟଭାଗରେ ଗଳିଗଲା । ଚନ୍ଦ୍ରଗୁପ୍ତ ବିଷ୍ଣୁଗୁପ୍ତଙ୍କ ଆଡ଼କୁ ଏଥର ଫେରି ପଡ଼ି ପ୍ରଶ୍ନ କଲା, ''ଆଚାର୍ଯ୍ୟ । ଦେଖିଲେତ ମୋର ଲକ୍ଷ୍ୟଭେଦ ?''

ସହଜ କଣ୍ଠରେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ଉତ୍ତରଦେଲେ, ''କୁମାର ! ତମର ଲକ୍ଷ୍ୟଭେଦରେ ମୁଁ ମୁଗ୍ଧ; କିନ୍ତୁ ଏହାଠାରୁ ବଳି ଚମତ୍କାର କଥା ମୁଁ ପ୍ରଦର୍ଶନ କରିପାରେ ।'' ଏତିକ କହିସାରି ବିଷ୍ଣୁଗୁପ୍ତ ନିଜର ପରିଧେୟକୁ ସମ୍ଭାଳି ଦଶହାତ ଦୌଡ଼ିଯାଇ ହାତରେ ଧରିଥିବା ଭାଲଟିକୁ ଫିଙ୍ଗି ଦେଲେ । ଭାଲ ଲକ୍ଷ୍ୟରେ ଭେଦିଥିବା ଶରକୁ ଚିରି ଲକ୍ଷ୍ୟଭିତରେ ପ୍ରବେଶ କରିଗଲା ।

ଚନ୍ଦ୍ରଗୁପ୍ତ ଯେମିତି ନିଜ ଚକ୍ଷୁକୁ ବିଶ୍ୱାସ କରିପାରିଲା ନାହିଁ । କ୍ଷଣିକ ପକାଶେ ମୁଗ୍ଧ ମୁଦ୍ରାରେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କୁ ଦେଖିଲା ଏବଂ ଆଗେଇ ଆସି ଚରଣ ସ୍ପର୍ଶ କଲା । ''ମୋତେ ମୋର ଗୁରୁ ପ୍ରାପ୍ତ ହେଲା । ଭଗବାନ ସ୍ୱୟଂ ଆପଣଙ୍କୁ ଏଠିକି ପ୍ରେରଣ କରିଛନ୍ତି ଆଉ ମୁଁ ଆପଣଙ୍କ ସଙ୍ଗ ପରିତ୍ୟାଗ କରିବି ନାହିଁ ।''

ଚନ୍ଦ୍ରଗୁପ୍ତଙ୍କୁ ଆପଣା ପାଦତଳୁ ବିଷ୍ଣୁଗୁପ୍ତ ଉଠାଇ ତା- ମସ୍ତକରେ ହାତରଖି କହିଲେ, ''ମୁଁ ବି ମନେମନେ ଜଣେ ଯୋଗ୍ୟ ଓ ବିଶ୍ୱସ୍ତ ଶିଷ୍ୟର ସନ୍ଧାନରେ ଥିଲି, ମୋତେ ଏକ ସୁଯୋଗ୍ୟ ଶିଷ୍ୟ ମିଳିଲା; କିନ୍ତୁ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ସହ ତମର କାର୍ଯ୍ୟକ୍ରମ ନିର୍ଧାର୍ଯ୍ୟ କରିବାପାଇଁ ପଡ଼ିବ ।''

ଆଚାର୍ଯ୍ୟ ଧର୍ମରକ୍ଷିତ ଉତ୍ତର ଦେଲେ, ''କୁମାରର ପ୍ରକୃତ ଅଭିଭାବକା ତାର ମାତା ରାଣୀ ମୁରା । ତାଙ୍କ ବ୍ୟତିରେକେ କୌଣସି କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇ ପାରିବ ନାହିଁ ।''

Digitized by PPRACHIN, SOA

କାର୍ଯ୍ୟ ଓ କାରଣର ନିୟମାନୁସାରେ ଅସମ୍ବନ୍ଧ ପ୍ରଣିତ ଘଟଣା-ବଳୀକୁ ଆମେ ସଂଯୋଗର ସଂଜ୍ଞା ଦେଇଥାଉ ବା ଦେଉ । କିନ୍ତୁ ଏହି ସଂଯୋଗ ପଛରେ ଏକ ଅଜ୍ଞାତ ନିୟମ ସଦାସର୍ବଦା କାର୍ଯ୍ୟରତ ଥାଏ । ସେହିଦିନ ହିଁ, ନାଳନ୍ଦାର ପୂର୍ଣ୍ୟପ୍ରବେଶ-ଦ୍ୱାରରେ ମହାରାଣୀ ମୁରାଙ୍କର ରଥ ଆସି ରହିଲା । ପ୍ରହରୀକୁ ରାଣୀ ମୁରା କହିଲେ, "ଆଚାର୍ଯ୍ୟ ଧର୍ମରକ୍ଷିତଙ୍କୁ କୁହ ମୁଁ ତତ୍କାଳ ତାଙ୍କ ସହିତ ସାକ୍ଷାତ କରିବାକୁ ଚାହେଁ ।" ତତ୍ପଶ୍ଚାତ୍ ରଥରୁ ଅବତରଣ କରି ସେ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ନିବାସ ସ୍ଥଳ ଆଡ଼କୁ ଅଗ୍ରସର ହେଲେ ।

ରାଣୀ ମୁରା ଅତ୍ୟନ୍ତ ଉତ୍ତେଜିତ ଦେଖା ଯାଉଥିଲେ । ସେ ଆସିବା ମାତ୍ରକେ ଆଚାର୍ଯ୍ୟ ଧର୍ମରକ୍ଷିତାଙ୍କୁ ପ୍ରଣାମ କରି କହିଲେ, "ଆପଣମାନେ ସମସ୍ତେ ଖୁବ୍ ସଙ୍କଟର ସମ୍ମୁଖୀନ । ଚନ୍ଦ୍ରର ସାନଭାଇମାନେ ମହାରାଜା ନନ୍ଦଙ୍କୁ ଏକପ୍ରକାର ବନ୍ଦୀକରି ନେଇଛନ୍ତି । ସେମାନେ ଚନ୍ଦ୍ରର ଜୀବନ-ନାଶପାଇଁ ଅତୀବ ତତ୍ପର ଏବଂ ସେମାନେ ନାଳନ୍ଦା ଉପରେ ଆକ୍ରମଣର ଯୋଜନା ପ୍ରସ୍ତୁତ କରୁଛନ୍ତି ।"

ଆଚାର୍ଯ୍ୟ ଧର୍ମରକ୍ଷିତ ଭ୍ରୂକୁଞ୍ଚିତ କରି କହିଲେ,—"ଆଉ ମହାମନ୍ତ୍ରୀ ରାକ୍ଷସ ?"

"ସେ କୁମାରଙ୍କ ବିରୋଧ କରୁଛନ୍ତି; କିନ୍ତୁ ସେ କେତେଦିନ ପ୍ରତିରୋଧ କରି ପାରିବେ ? ସେନାପତି କୁମାରମାନଙ୍କ ପକ୍ଷରେ । ସେମାନେ ରାଜପୁର ଓ ପାଟଳିପୁତ୍ରର ବ୍ରାହ୍ମଣମାନଙ୍କୁ ନିଜର ବ୍ୟବସ୍ଥା ପ୍ରଦାନ କରିବାପାଇଁ ସଭା ଆହ୍ୱାନ କରିଛନ୍ତି ।"

ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ସ୍ୱଗତୋକ୍ତି କଲାପରି କହିଲେ, "ଏବଂ ସେହି ବ୍ୟବସ୍ଥା ପ୍ରାପ୍ତହେବ । ସ୍ୱର୍ଣ୍ଣମୁଦ୍ରା ବିନିମୟରେ ସବୁକିଛି କରାଯାଇପାରେ ।"

Digitized by PPRACHIN, SOA

ଏହି ବକ୍ତବ୍ୟ ପ୍ରଦାନ କରିଥିବା ବ୍ୟକ୍ତିଜଣେକ ଥିଲେ ରାଣୀ ମୁରାଙ୍କ ନିକଟରେ ସଂପୂର୍ଣ୍ଣ ଅପରିଚିତ । ରାଣୀ ଧର୍ମରକ୍ଷିତଙ୍କୁ ପ୍ରଶ୍ନକଲେ,—"ମହାଭାଗଙ୍କ ପରିଚୟ ?"

"ଇଏ ହେଉଛନ୍ତି ତକ୍ଷଶିଳାର ଆଚାର୍ଯ୍ୟ ବିଷ୍ଣୁଗୁପ୍ତ"—ଉତ୍ତର ଦେଲେ ଆଚାର୍ଯ୍ୟ ଧର୍ମରକ୍ଷିତ । ମୁରା ଚମକି ପଡ଼ିଲେ— "ତା ହେଲେ ଆପଣହିଁ ସଭାରେ ମଗଧ ନରେଶଙ୍କୁ ଅପମାନ କରିଛନ୍ତି—ଆଉ ଆଶ୍ଚର୍ଯ୍ୟ ଏଯାବତ୍ ଆପଣ ମଗଧରେ ରହିଛନ୍ତି ?"

ବିଷ୍ଣୁଗୁପ୍ତ କଠୋର କଣ୍ଠରେ କହିଲେ, "ଅପମାନିତ ହୋଇଛି ମୁଁ । ମୁଁ ପରଦିନ ତକ୍ଷଶିଳା ଫେରି ଯାଉଛି । ନିଜ ଅପମାନର ପ୍ରତିଶୋଧ ନେବାକୁ ହେବ ମୋତେ ।"

"ଏକ ସାଧନହୀନ ବ୍ରାହ୍ମଣ ପ୍ରତିଶୋଧ ନେବ ଚକ୍ରବର୍ତ୍ତୀ ସମ୍ରାଟଙ୍କ ବିରୁଦ୍ଧରେ" —ମୁରାଙ୍କ କଣ୍ଠରେ ଥିଲା ଆଶ୍ଚର୍ଯ୍ୟ ଭାବ ।

ବିଷ୍ଣୁଗୁପ୍ତ ଉତ୍ତରଦେଲେ "ମହାରାଣୀଙ୍କ ଅନୁମତି ହେଲେ ମୋତେ ସାଧନ ମିଳିଯିବ ।"

ମୁଁ ଆପଣଙ୍କ ବକ୍ତବ୍ୟ ବୁଝି ପାରୁନାହିଁ ଦୟାକରି ସ୍ପଷ୍ଟ କରନ୍ତୁ ।

ବିଷ୍ଣୁଗୁପ୍ତ ଉତ୍ତରଦେଲେ, "ମୁଁ କୁମାର ଚନ୍ଦ୍ରଗୁପ୍ତଙ୍କ ସାହାସ ଓ ଯୁଦ୍ଧକୌଶଳରେ ଅତିବ ମୁଗ୍ଧ, ମୁଁ କୁମାର ଚନ୍ଦ୍ରଗୁପ୍ତଙ୍କୁ ମଗଧର ସିଂହାସନରେ ଅଧିଷ୍ଠିତ କରିବା ପାଇଁ ଚାହେଁ ।"

ହତପ୍ରଭ ରାଣୀ ମୁରା ଯେମିତି ନିଜେ ନିଜକୁ ପ୍ରଶ୍ନକଲେ "ଏହା କ'ଣ ସମ୍ଭବ ? ଏହା କଣ ସମ୍ଭବ ?"

ଜଣେ ଆସ୍ଥାବାନ ବ୍ୟକ୍ତିର କଣ୍ଠରେ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ କହିଲେ, "ଦେବକୃପାରେ ବିଶ୍ୱରେ କିଛିବ ଅସମ୍ଭବ ନୁହେଁ ମୋ ସଙ୍ଗରେ ଚନ୍ଦ୍ରଗୁପ୍ତଙ୍କୁ ପଠେଇ ଆପଣ ନିଶ୍ଚିତ ହୋଇ ରହନ୍ତୁ । ଆପଣଙ୍କ ପୁଅ ମଗଧ ରାଜ୍ୟର ସମ୍ରାଟ ରୂପରେ ଆପଣଙ୍କ ନିକଟକୁ ଫେରିବ ।"

Digitized by PPRACHIN, SOA

ରାଣୀ ମୁରା ଏଥର ଆକାଶକୁ ଚାହିଁ ହାତଯୋଡ଼ିଲେ । କହିଲେ, "ହେ ପ୍ରଭୁ ! ଆପଣଙ୍କ ବିଧାନ ଆପଣହିଁ ଜାଣନ୍ତି ।" ତାପରେ ବିଷ୍ଣୁଗୁପ୍ତଙ୍କୁ କହିଲେ, "ଆଚାର୍ଯ୍ୟ ! ଚନ୍ଦ୍ରଗୁପ୍ତ ଅତ୍ୟନ୍ତ ଉଦ୍ଧତ ଏଣୁ ମଗଧର ସୀମା-ବାହାରେହିଁ ସେ ନିରାପଦ ରହିପାରିବ । ମୁଁ ତାଙ୍କୁ ଆପଣଙ୍କ ହସ୍ତରେ ସମର୍ପଣ କରୁଛି । କିନ୍ତୁ ଆଉ ଯେପରି ବିଳମ୍ବ ନକରନ୍ତି । ମୋର ମନେ-ହେଉଛି ଦୁଇ ତିନି ଦିନ ମଧ୍ୟରେ କାଲି ବା ପରଦିନ ମଗଧର ଅନ୍ୟ ରାଜକୁମାରଗଣ ଚନ୍ଦ୍ରର ଅନୁସନ୍ଧାନ ନାଳନ୍ଦା ବିଶ୍ୱବିଦ୍ୟାଳୟ ଆକ୍ରମଣ କରି ଏହାର ମର୍ଯ୍ୟାଦା ନଷ୍ଟ କରିବେ । ସେଥିପାଇଁ ମୋତେ ଏଠିକି ଆସିବାକୁ ପଡ଼ିଛି ।"

ବିଷ୍ଣୁଗୁପ୍ତ ଉତ୍ତରଦେଲେ, "ମହାରାଣୀ, ଅଦ୍ୟ ସୂର୍ଯ୍ୟାସ୍ତ ପୂର୍ବରୁ ହିଁ ମୁଁ ଚନ୍ଦ୍ରଗୁପ୍ତଙ୍କୁ ନେଇ ତକ୍ଷଶିଳାକୁ ପ୍ରସ୍ଥାନ କରିବି । ଆପଣ ଦିନଟା ଏଠି ବିଶ୍ରାମ କରନ୍ତୁ, ଆମେ ପ୍ରସ୍ଥାନ କଲାପରେ ଆପଣ ରାଜଭବନକୁ ଫେରିଯିବେ ।"

ରାଣୀ ମୁରା ସାମାନ୍ୟ ବିଚଳିତ କଣ୍ଠରେ କହିଲେ, "ଆଚାର୍ଯ୍ୟ ! ମୋତେ ଖବର ମିଳିଛି ଯେ, ମହାପଦ୍ମନନ୍ଦ ପାଟଳୀପୁତ୍ରରୁ ବାରଣାସୀ ଯାଉଥିବା ପ୍ରତ୍ୟେକଟି ଘାଟ ଉପରେ ନଜର ରଖିବାପାଇଁ ସୈନ୍ୟମାନଙ୍କୁ ଆଦେଶ ଦେଇଛନ୍ତି, ଯେଉଁଠି କି ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ମିଳିବେ, ତାଙ୍କୁ ହତ୍ୟା କରାଯିବ ।"

ବିଷ୍ଣୁଗୁପ୍ତ ହସି ହସି କହିଲେ—"ନନ୍ଦ ବିଷ୍ଣୁଗୁପ୍ତର ବୁଦ୍ଧି ଓ କ୍ଷମତା ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ, ଆପଣ ନିଶ୍ଚିନ୍ତ ରହନ୍ତୁ, ଆମେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହେବାପରେ ଅନ୍ଧକାରର ସ୍ଥଳମାର୍ଗରେ ପ୍ରସ୍ଥାନ କରିବୁ ।"

ରାଣୀ ମୁରା ଯେତେକଥାହିଁ ପ୍ରକାଶ କରିଥିଲେ । ନନ୍ଦ ନଗର ସେନା-ନାୟକଙ୍କୁ ଗଙ୍ଗାତଟରେ ସତର୍କ ପ୍ରହରୀର ବ୍ୟବସ୍ଥା କରିବାକୁ ଆଦେଶ ଦେଇ ସାରିଥିଲେ । ବିଷ୍ଣୁଗୁପ୍ତ ଯେ ସ୍ଥଳମାର୍ଗରେ ଫେରି ଯାଇପାରନ୍ତି ଏହା ସେ କଳ୍ପନା କରି ନଥିଲେ ।

ରାଣୀ ମୁରା ସାରାଦିନ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ ଆଦେଶାନୁସାରେ ନାଳନ୍ଦାର ପ୍ରାଙ୍ଗଣରେ ହିଁ ଅତିବାହିତ କଲେ । ସୂର୍ଯ୍ୟାସ୍ତ ସମୟରେ

Digitized by PPRACHIN, SOA

ବିଷ୍ଣୁଗୁପ୍ତ ଓ ଚନ୍ଦ୍ରଗୁପ୍ତ ଦୁଇଟି ଦ୍ରୁତଗାମି ଅଶ୍ୱରେ ଆରୋହଣକଲେ ଏ ଅଶ୍ୱର ବନ୍ଦୋବସ୍ତ ରାଣୀ ମୁରା ନିଜେ କରି ଦେଇଥିଲେ । ଧର୍ମରକ୍ଷିତ ଓ ରାଣୀ ମୁରା ସେ ଉଭୟଙ୍କୁ ବିଦାୟ ଦେଲେ । ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କୁ ଧର୍ମରକ୍ଷିତ କହିଲେ, "ଆଚାର୍ଯ୍ୟ ବିଷ୍ଣୁଗୁପ୍ତ । ଏକ ସପ୍ତାହ ପୂର୍ବରୁ ଆପଣ ପାଟଳିପୁତ୍ରକୁ ଏକାକୀ ଆସିଥିଲେ ଆଉ ଆପଣଙ୍କ ଆଗମନରେ ମୁଁ କେତେ ସନ୍ତୋଷ ଓ ଆନନ୍ଦ ଲାଭ କରିଥିଲି, ଜାଣେନା ମନଭିତରେ କେତେ ସୁପ୍ତ ଇଚ୍ଛା ଜାଗ୍ରତ ହୋଇ ଉଠିଥିଲା । କିନ୍ତୁ କେତେ ଦ୍ରୁତଗତିରେ ବୁଲୁଛି ସମୟର ଚକ୍ର । ଏହି ସପ୍ତାହକ ମଧ୍ୟରେହିଁ କେତେ ଘଟଣା ଘଟିଗଲା, ଭବିଷ୍ୟତରେ କଣ ଘଟିବ, କଳ୍ପନା କଲାମାତ୍ରକେ ଶରୀର ରୋମାଞ୍ଚିତ ହୋଇ ଉଠୁଛି । ଆଉ ସପ୍ତାହକପରେ ଆପଣ ଚାଲିଯାଉଛନ୍ତି ।"

ବିଷ୍ଣୁଗୁପ୍ତ ଉତ୍ତର ଦେଲେ,—"ହଁ ସପ୍ତାହକ ପରେ ମୁଁ ଯାଉଛି ସତ ତେବେ ଏକାକୀ ଯାଉନାହିଁ, ମୋ ସହିତ ରହିଛି ଚନ୍ଦ୍ରଗୁପ୍ତ ଆଉ ରହିଛି ସଂଘର୍ଷର ଏକ ଦୀର୍ଘ କାର୍ଯ୍ୟକ୍ରମ ।" ମୁରାଙ୍କୁ ଲକ୍ଷ୍ୟକରି ପୁଣି ସେ କହିଲେ, "ମହାରାଣୀ ! ଆପଣଙ୍କ ପୁତ୍ର ଓ ମଗଧର ଭାବି ସମ୍ରାଟଙ୍କୁ ଆଶୀର୍ବାଦ କରନ୍ତୁ ।"

ରାଣୀ ମୁରା ଚନ୍ଦ୍ରଗୁପ୍ତଙ୍କୁ କୋଳକୁ ଟେକିନେଇ କିଛି ସମୟ ପର୍ଯ୍ୟନ୍ତ ସେହି ମୁଦ୍ରାରେ ଠିଆହୋଇ ରହିଲେ । ପୁନରାୟ ଚନ୍ଦ୍ରଗୁପ୍ତଙ୍କୁ ନିଜ ବାହୁବେଷ୍ଟନରୁ ମୁକ୍ତକରି ସେ କହିଲେ, "ମାତୃ ହୃଦୟର ଦୁର୍ବଳତା ପୁତ୍ରର ମାର୍ଗରେ ବାଧା ହେବ ନାହିଁ । ଯାଅ ଚନ୍ଦ୍ର । ମୁଁ ତୁମର ପ୍ରତୀକ୍ଷା କରିବି—ମୋ ମନରେ ଦୃଢ଼ ବିଶ୍ୱାସ ରହିଛି ଯେ, ମୁଁ ମୋର ପୁତ୍ରକୁ ମଗଧ ରାଜସିଂହାସନରେ ସମାସୀନ ହେବା ଦେଖିବି ।

ଆଚାର୍ଯ୍ୟ ଧର୍ମରକ୍ଷିତ, ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କୁ ସାବଧାନ କରିଦେଇ କହିଲେ, "ମାର୍ଗରେ ସତର୍କ ରହିବେ । ଜଳ ସ୍ଥଳ ଉଭୟ ମାର୍ଗରେ ମଗଧସେନା ନିଯୁକ୍ତ ଅଛନ୍ତି ।

ବିଷ୍ଣୁଗୁପ୍ତ ଉତ୍ତର ଦେଲେ, "ଜାଣେ, ପୁଣି ଚନ୍ଦ୍ରଗୁପ୍ତ--- ଚନ୍ଦ୍ରଗୁପ୍ତଙ୍କ ସୁରକ୍ଷାର ଉତ୍ତର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ମୋ ଉପରେ

Digitized by PPRACHIN, SOA

ନ୍ୟସ୍ତ । ମୁଁ ରାଜମାର୍ଗରେ ମୋଟେ ଯାଆନ୍ତି କରିବ ନାହିଁ । ବର୍ତ୍ତମାନ ବନ ଭରବାଘ ସହ ଖେଳିବାର ସମୟ ସମୁପଗତ, ଆପଣମାନେ ନିଶ୍ଚିନ୍ତ ରହନ୍ତୁ ।''

ଚନ୍ଦ୍ରଗୁପ୍ତ ନଇଁପଡ଼ି ମୁରାଙ୍କ ଚରଣ ସ୍ପର୍ଶ କଲା । ପୁଣି ଧର୍ମରକ୍ଷିତଙ୍କର ପଦଧୂଳି ନେଇ ଅଶ୍ୱାରୋହଣ କଲା ।

କିଛି ସମୟ ପର୍ଯ୍ୟନ୍ତ ସମଗ୍ର ପରିବେଶକୁ ଗ୍ରାସକରି ରହିଲା ଏକ ବିଚିତ୍ର ମୌନତା । ବିଷ୍ଣୁଗୁପ୍ତ ଅଶ୍ୱ ପୃଷ୍ଠରେ ଆରୋହଣ କରି ମୁରାଙ୍କୁ କହିଲେ, ''ମହାରାଣୀ ! ଆପଣଙ୍କର କଲ୍ୟାଣ ହେଉ ।'' ତାପରେ ଘୋଡ଼ା ଦେହରେ ଚାବୁକ ପ୍ରହାର କଲେ ।

ଘୋଡ଼ାଟାପୁ ଶ୍ରୁତି ଗୋଚର ହେଉଥିବା ଯାଏ ରାଣୀ ଦ୍ୱାରଦେଶରେ ଠିଆ ହୋଇ ରହିଲେ, ପରେ ପ୍ରତ୍ୟାବର୍ତ୍ତନ କଲେ ରାଜଭବନକୁ । ପାଟଳିପୁତ୍ରର ଦକ୍ଷିଣପୂର୍ବର ନିମ୍ନ ଅଗମ୍ୟଭୂମି କ୍ଷୁଦ୍ର ନଦୀ ଓ ଆରଣ୍ୟକ ନିର୍ଝରିଣୀରେ ଭରି ରହିଥିଲା । ଚତୁର୍ଦ୍ଦିଗରେ କେବଳ ଖାଁ ଖାଁ ରୁକ୍ଷ ପ୍ରାନ୍ତର । ଯେତେଦୂର ଆଖି ପାଉଛି ଜନବସତିର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ । ଚାରିଆଡ଼େ ଚଲାପଥ, କେବେ କେଉଁଠି ଇତସ୍ତତଃ ଦୃଷ୍ଟି ଗୋଚର ହେଉଥିଲା ବାଉଁଶ ଓ ଅରଣ୍ୟକ ଘାସରେ ନିର୍ମିତ ଗୋଟାଏ ଅଧେ କୁଟୀର, ଯାହା ସାମାନ୍ୟ ବର୍ଷାରେ ଭୂମିସାତ ହୋଇପଡ଼ୁଥିଲା ଏବଂ ଅଧିବାସୀମାନେ ବୃକ୍ଷର ଶରଣ ନେଉଥିଲେ ।

ପାଗ ଅନୁକୂଳ ଶୁଖିଲା ଓ ଥଣ୍ଡା, କ୍ଷେତରେ ଲହଡ଼ି ଖେଳୁଥିଲା ସୁବର୍ଣ୍ଣ ଫସଲ । ଲୋକେ ପ୍ରସନ୍ନ ଚିତ୍ତରେ ମଙ୍ଗଳସଙ୍ଗୀତ ଗାନକରୁଥିଲେ କିନ୍ତୁ ପ୍ରକୃତିର ଏହି ମନୋହାରୀ ଛବି ନିରୀକ୍ଷଣ କରି ଉଲ୍ଲସିତ ହେବାର ସମୟ ସେମାନଙ୍କ ପାଖରେ ନଥିଲା । ବିଷ୍ଣୁଗୁପ୍ତ ଓ ଚନ୍ଦ୍ରଗୁପ୍ତ ଦ୍ରୁତ ଗତିରେ ଗଙ୍ଗା ଅଭିମୁଖେ ଆଗେଇ ଚାଲିଥିଲେ ।

ମହାମନ୍ତ୍ରୀ ରାକ୍ଷସର ଆଦେଶକୁ ଉପେକ୍ଷା କରି ମହାପଦ୍ମ ନନ୍ଦଙ୍କର ପୁତ୍ରଗଣ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଯେତେବେଳେ ଖୋଜ ତଲାସି ଆରମ୍ଭ କଲେ ନା ସେଠି ଥିଲେ ବିଷ୍ଣୁଗୁପ୍ତ ନା ଚନ୍ଦ୍ରଗୁପ୍ତ, କେବଳ ଏକ

Digitized by PPRACHIN, SOA

ସମାଚାର ପ୍ରାପ୍ତହେଲା ଯେ ସେମାନେ ପାଟଳିପୁତ୍ର ଏବଂ ସମ୍ଭବତଃ ମଗଧର ସୀମା ପାରହୋଇ ଚାଲିଯାଇଛନ୍ତି । ଏହି ସମ୍ବାଦରେ ସେମାନେ ସ୍ତବ୍ଧ ହୋଇ ପଡ଼ିଲେ ।

ବାରଣାସୀରେ ନିଯୁକ୍ତ ଗୁପ୍ତଚର ନନ୍ଦଙ୍କୁ ସମ୍ବାଦ ଦେଲା ଯେ ଚନ୍ଦ୍ରଗୁପ୍ତଙ୍କୁ ନେଇ ବିଷ୍ଣୁଗୁପ୍ତ ପ୍ରୟାଗ ଅଭିମୁଖେ ପ୍ରସ୍ଥାନ କରି ସାରିଲେଣି ।

ଯାହା ଘଟିବାର ଥିଲା, ଘଟିଯାଇଛି—ଶକ୍ତିଶାଳୀ ମଗଧ ସାମ୍ରାଜ୍ୟ ଅଦ୍ୟାବଧି ରହିଛି ମହାପଦ୍ମ ନନ୍ଦଙ୍କ ଅଧିନରେ । ଭୋଜପୁର, କାନ୍ୟକୁବ୍ଜ ପ୍ରଦେଶ ତଥା ପଶ୍ଚିମର ଶ୍ରେଷ୍ଠଶ୍ରେଷ୍ଠ ଜନପଦର ସର୍ବାଧୀଶ ରାଜା ଉପାଧିଧାରୀ ନନ୍ଦଙ୍କର ସାମନ୍ତଗଣ ବିଷ୍ଣୁଗୁପ୍ତ ଓ ଚନ୍ଦ୍ରଗୁପ୍ତଙ୍କର ପଥ ଅବରୁଦ୍ଧ କରିପାରି ନଥିଲେ ବି ମଗଧ ସାମ୍ରାଜ୍ୟ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ପୃଥକ ହୋଇଯିବାର କ୍ଷମତା ପୁଞ୍ଜିଭୂତ କରି ରଖିଥିଲେ ।

ସ୍ଥାନେ ସ୍ଥାନେ ବିଶ୍ରାମ ଗ୍ରହଣ କରି ଏକ ପକ୍ଷ ପରେ ସେ ଦୁହେଁ ସନ୍ଧ୍ୟା ସମୟରେ ତକ୍ଷଶିଳାରେ ପହଁଞ୍ଚିଲେ । ବସନ୍ତ ସ୍ପର୍ଶରେ ସମସ୍ତ ପ୍ରକୃତି ଶୋଭାମୟୀ; ଦକ୍ଷିଣପାର୍ଶ୍ୱରେ ଦୂରରୁ ବହୁଦୂରକୁ ପ୍ରସରି ରହିଛି ହିମାଳୟ ପର୍ବତ ଶ୍ରେଣୀ । ତୁଷାର ତରଳିବା ଆରମ୍ଭ ହୋଇ ଯାଇଛି । ତକ୍ଷଶିଳା ହିନ୍ଦୁକୁଶ ପର୍ବତମାଳାର ଠିକ୍ ମଧ୍ୟ ଭାଗରେ ଅବସ୍ଥିତ ଆଉ ତା'ର ସୁଦୀର୍ଘ ଉପତ୍ୟକାରେ ଥିଲା ବିଶ୍ୱବିଦ୍ୟାଳୟ ତକ୍ଷଶିଳା ।

ଉପତ୍ୟକାକୁ ଆରୋହଣ କାଳରେ ଉଭୟଙ୍କ ଅଶ୍ୱର ଗତି ଶିଥିଳ ହୋଇ ପଡ଼ିଥିଲା ଏବଂ ଚନ୍ଦ୍ରଗୁପ୍ତ ବି କ୍ଳାନ୍ତ ଶ୍ରାନ୍ତ ଓ ଅବଶ ଅନୁଭବ କରୁଥିଲା । ଠିକ୍ ସେତିକବେଳେ ତା କାନରେ ସ୍ୱଗୋତୋକ୍ତି ଭଳି ଶୁଣାଗଲା ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କର କଣ୍ଠସ୍ୱର—"ମୁଁ ମାନ୍ୟତାପ୍ରାପ୍ତି ସକାଶେ ପାଟଳିପୁତ୍ର ଯାଇଥିଲି କିନ୍ତୁ ସେଠି ମୋତେ ମିଳିଲା ଅପମାନ ଓ ଲାଞ୍ଛନା । କିନ୍ତୁ ମୋ ନିକଟରେ କଣ ବା ଥିଲା ? ବୌଦ୍ଧିକ ରୂପରେ ପ୍ରେରିତ ଯୁଦ୍ଧବିଦ୍ୟାର କିଛି ସିଦ୍ଧାନ୍ତ । ମୋର ସକଳ ଜ୍ଞାନଥିଲା ଅପୂର୍ଣ୍ଣ, ଅପୂର୍ଣ୍ଣ ଜ୍ଞାନର ମୋହ ଏବଂ ତତ୍‌ଜନିତ ଦମ୍ଭ ! ତାହାହିଁ ତ ଥିଲା ମୋର ସକଳ ଜମାପୁଞ୍ଜି !"

Digitized by PPRACHIN, SOA

ବିଷ୍ଣୁଗୁପ୍ତଙ୍କର ଏହି ସ୍ୱଗୋତୋକ୍ତି ଚନ୍ଦ୍ରଗୁପ୍ତ ଧ୍ୟାନ ସହକାରେ ଶୁଣୁଥିଲେ କିନ୍ତୁ ତା ଉପସ୍ଥିତ ବୁଦ୍ଧିରେ ବୁଝିବାର କ୍ଷମତା ନଥିଲା । କୌତୁହଳରେ ସେ ପଚାରିଲେ, ଆଚାର୍ଯ୍ୟ ! ଏସବୁ ଆପଣ କ'ଣ କହୁଛନ୍ତି ? ମୁଁ ମୋଟେ ବୁଝିପାରୁନି ।"

ଯେମିତି ଗଭୀର ନିଦ୍ରା ଭିତରେ ଚମକି ପଡ଼ିଲେ ବିଷ୍ଣୁଗୁପ୍ତ । ସେ ସାମାନ୍ୟ ସ୍ୱଗତ ହୋଇ କହିଲେ,— "ମୁଁ ନିଜକଥା ତୁମକୁ କହିନଥିଲି······ କିନ୍ତୁ, କିନ୍ତୁ ଏହି ମୋହ, ଏହି ଦମ୍ଭ, ଏହି ମାନପମାନ ! ଏ ସବୁ ତ ଏକ ଛଳନା । ଜୀବନ ଏକ ଅନନ୍ତଯାତ୍ରା ଏବଂ ଏସବୁ ଯାତ୍ରାର ପ୍ରତିବନ୍ଧକ । ଏହାକୁ ପରିତ୍ୟାଗ କରିବାକୁ ପଡ଼ିବ । ଅନ୍ୟ ଉପରେ ବିଜୟ ଲାଭ କରିବା ଅପେକ୍ଷା ନିଜ ଉପରେ ବିଜୟ ଲାଭ କରିବା ଏକାନ୍ତ ଆବଶ୍ୟକ ।"

ଚନ୍ଦ୍ରଗୁପ୍ତ ଧୈର୍ଯ୍ୟଧରି ରହି ପାରିଲେ ନାହିଁ । ସେ ପୁନର୍ବାର ପ୍ରଶ୍ନକଲେ, "ଆଚାର୍ଯ୍ୟ ! ଆପଣ ଏସବୁ କ'ଣ କହୁଛନ୍ତି ?"

ଏଥର ବିଷ୍ଣୁଗୁପ୍ତଙ୍କ ସେହି ତନ୍ଦ୍ରାଚ୍ଛନ୍ନ ଅବସ୍ଥା ଲୁପ୍ତ ହୋଇଗଲା, "ତୁମେ ! ମନେପଡ଼ିଲା ମଗଧ ନରେଶଙ୍କ ବାସ୍ତବ ଉତ୍ତରାଧିକାରୀ । ତୁମକୁ ମଗଧର ସମ୍ରାଟ କରିବାକୁ ମୁଁ ସଂକଳ୍ପବଦ୍ଧ । ଅନତି ଦୂରରେ ଦେଖିପାରୁଛ ସେ ଜନପଦ ? ସିଏ ହେଉଛି ତକ୍ଷଶିଳା । ଆଉ ଏହି ସୁଉଚ୍ଚ—ପ୍ରାସାଦ ତକ୍ଷଶିଳା ବିଶ୍ୱବିଦ୍ୟାଳୟ, ଯେଉଁଠି ସମସ୍ତ ଭାରତର ରାଜପୁତ୍ରଗଣ ମୋଠାରୁ ଯୁଦ୍ଧବିଦ୍ୟା ଶିକ୍ଷାକରନ୍ତି । ସୂର୍ଯ୍ୟାସ୍ତ ଆଗତ ପ୍ରାୟ । ଏହି ଅରୁଣିମା ସମ୍ପୂର୍ଣ୍ଣ ତଳିଯିବା ପୂର୍ବରୁ ଆମକୁ ସେଠି ପହଞ୍ଚିବାକୁ ପଡ଼ିବ ।"

Digitized by PPRACHIN, SOA

ଦୈର୍ଘ୍ୟ ଓ ପ୍ରସ୍ଥରେ ବିଶାଳ ଏକ ଉପତ୍ୟକା । ତା ଉପରେ କ୍ଷୁଦ୍ର ଏକ ଜନପଦ । ସେହି ଜନପଦ ନିବାସୀ ଥିଲେ ଅଧିକାଂଶ ବିଶିଷ୍ଟ ଶ୍ରେଣୀର ନବଯୁବକ—ଯେଉଁମାନଙ୍କୁ ରାଜପୁତ୍ରର ସଜ୍ଞା ଦିଆ ଯାଇଥିଲା—ଇଏ ଥିଲା ତକ୍ଷଶିଳା ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟ ଆଗ ପାଖରେ ଦୃଷ୍ଟିଗୋଚର ହେଉଥିଲା ଅନେକ କ୍ଷୁଦ୍ରାକୃତି ଘର, ଯହିଁରେ ତକ୍ଷଶିଳାର ଜନତା ବସବାସ କରୁଥିଲେ ।

ଯେତେବେଳେ ଚନ୍ଦ୍ରଗୁପ୍ତଙ୍କୁ ନେଇ ବିଷ୍ଣୁଗୁପ୍ତ ନିଜ କୁଟୀର ସମ୍ମୁଖରେ ପହଞ୍ଚିଲେ ଠିକ୍ ସେତିକବେଳେ ଯୁବକଟିଏ ହାତରେ ମାଟିର ଜ୍ୱଳନ୍ତ ପ୍ରଦୀପଟିଏ ନେଇ ବାହାର ଆସୁଥିଲା । ବିଷ୍ଣୁଗୁପ୍ତଙ୍କୁ ଦେଖି ଚମକିପଡ଼ି କହିଲା—"ଆରେ ଆପଣ ମାଉଳ ! ଆପଣତ ବର୍ଷକ ପରେ ଫେରିବେ ବୋଲି କହି ଯାଇଥିଲେ, ଏତେ ଶୀଘ୍ର ଫେରିଆସିଲେ କେମିତି ?"

ଅଶ୍ୱ ପିଠିରୁ ଅବତରଣ କରୁ କରୁ ବିଷ୍ଣୁଗୁପ୍ତ କହିଲେ, "ମୁଁ ଫେରି ଆସିନାହିଁ, ମୋତେ ଫେରିଆସିବାକୁ ପଡ଼ିଛି ଝିଅ ।"

ଇତ୍ୟବସରରେ ଦୁଇଜଣ ଭୃତ୍ୟ ଦୌଡ଼ିଆସିଲେ । ଚନ୍ଦ୍ରଗୁପ୍ତ ମଧ୍ୟ ଅଶ୍ୱରୁ ଅବତରଣ କଲା । ସେମାନଙ୍କ ଅଶ୍ୱକୁ ସଙ୍ଗରେ ନେଇ ଭୃତ୍ୟ ଦୁଇଜଣ ପ୍ରସ୍ଥାନ କଲେ । ବିଷ୍ଣୁଗୁପ୍ତ ଯୁବକଟିକୁ ସମ୍ବୋଧନ କରି କହିଲେ, "ମୋ ସହିତ ଇଏ ମଗଧ ସାମ୍ରାଜ୍ୟର ଉତ୍ତରାଧିକାରୀ କୁମାର ଚନ୍ଦ୍ରଗୁପ୍ତ 'ଅଟନ୍ତି । ମୋ କୁଟୀର ନିକଟରେ ଅବସ୍ଥିତ ଅତିଥି ପାଇଁ ନିର୍ମିତ ବିଶେଷ କୁଟୀରରେ ଏହାଙ୍କର ରହିବା ପାଇଁ ବନ୍ଦୋବସ୍ତ କରିଦିଅ । ମୁଁ ଉପକୁଳପତିଙ୍କ ସହ ସାକ୍ଷାତ କରି ଆସୁଛି ।"

ବିଷ୍ଣୁଗୁପ୍ତ ପ୍ରସ୍ଥାନ କଲା ପରେ ଚନ୍ଦ୍ରଗୁପ୍ତ ଯୁବକଟିକୁ ପ୍ରଦୀପର ଆଲୋକ ଶିଖାରେ ଧ୍ୟାନ ସହକାରେ ଦେଖିଲା । ତା ମୁହଁରେ ଝଟକ

Digitized by PPRACHIN, SOA

ଉଠୁଥିଲା ନିଷ୍ଠା ଓ ବ୍ରହ୍ମଚର୍ଯ୍ୟର ତେଜ । ଚନ୍ଦ୍ରଗୁପ୍ତର ମନେହେଲା ଯେମିତି ସେ ତେଜ ଆଗରେ ତାର ଆଖି ଝଲସି ଯାଉଛି । ଯୁବତୀର ମୁହଁର ତେଜରେ ଭରି ରହିଥିଲା ଏକ ଅନନ୍ୟ ଆକର୍ଷଣ, ଏକ ମନୋହାରୀ ଲାବଣ୍ୟ । ତା ଆଡ଼କୁ ଚନ୍ଦ୍ରଗୁପ୍ତ ଅପଲକ ନୟନରେ ଚାହିଁ ରହିଥିବାର ଦେଖି ଯୁବତୀଟି ମୃଦୁ ହସିଲା, କହିଲା—"ମୁଁ ଆଚାର୍ଯ୍ୟଙ୍କର ଭାଗିନେୟୀ ଚନ୍ଦ୍ରିକା ।"

ତାର ସୁମଧୁର ହସର ହିଲ୍ଲୋଳରେ ଯେମିତି ଚନ୍ଦ୍ରଗୁପ୍ତର ଚେତନା ଫେରି ଆସିଲା ଏବଂ ତାର ଅନ୍ତରରେ ଜାଗ୍ରତ ହୋଇ ଉଠିଲା ସହଜ ଉଲ୍ଲାସ । କହିଲା—"ଆପଣ ଚନ୍ଦ୍ରିକା ଆଉ ମୁଁ ଚନ୍ଦ୍ରଗୁପ୍ତ, ବିଚିତ୍ର ସଂଯୋଗ ।"

ନିର୍ଲିପ୍ତ କଣ୍ଠରେ ଉତ୍ତର ଦେଲା ଚନ୍ଦ୍ରିକା, "ସଂଯୋଗ ସର୍ବଦା ହିଁ ବିଚିତ୍ର । ଆପଣ ଆପଣା କୁଟୀରକୁ ଚାଲନ୍ତୁ । ସନ୍ଧ୍ୟା ପ୍ରାର୍ଥନାର ସମୟ ହୋଇ ଯାଇଛି ।"

କୁଟୀରରେ ପହଞ୍ଚି ଚନ୍ଦ୍ରଗୁପ୍ତ ସ୍ନାନ ସମାପନ କରି ସାନ୍ଧ୍ୟକାଳୀନ ବସ୍ତ୍ର ପରିଧାନ କଲା । ସେଠାରେ ବିଷ୍ଣୁଗୁପ୍ତ ଉପ-କୁଳପତି ଆଚାର୍ଯ୍ୟ ଶୈବାଳଙ୍କ କୁଟୀରରେ ପହଞ୍ଚି ତାଙ୍କୁ ପ୍ରଣିପାତ କଲେ । ପୁଣି ପାଟଳିପୁତ୍ରରେ ଯାହା ସବୁ ଘଟିଥିଲା, ବିସ୍ତାରିତ ଭାବରେ କହିଲେ ।

ସବୁକିଛି ଶୁଣି ସାରି ଶୈବାଳ କହିଲେ—"ଯାହାକିଛି ଘଟିଲା, ତାହା ଅପେକ୍ଷିତ ଥିଲା ।"

ବିଷ୍ଣୁଗୁପ୍ତ କହିଲେ—"କିନ୍ତୁ ମୋର ଅହଂପ୍ରତି ପ୍ରଚଣ୍ଡ ପ୍ରହାର ହୋଇଛି ।"

"ନା, ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ! ପ୍ରହାର ତମର ଅହଂ ଉପରେ ନୁହେଁ, ଦମ୍ଭ ଉପରେ ହୋଇଛି । ଅବଶ୍ୟ ମୁଁ ଏହା ସ୍ୱୀକାର କରୁଛି ଯେ ଦମ୍ଭ ଅହଙ୍କାରର ଅନିବାର୍ଯ୍ୟ ଅଙ୍ଗ ଅଟେ । ତେଣୁ ତୁମକୁ ଆପଣା ଅହଂ ପରିତ୍ୟାଗ କରିବା ଶ୍ରେୟ ହେବ ।"

Digitized by PPRACHIN, SOA

ଶୈବାଳଙ୍କ ଏହି ଉକ୍ତିରେ ବିଷ୍ଣୁଗୁପ୍ତ ମୌନ ରହିଲେ । ଶୈବାଳ କହି ଚାଲିଲେ, "ନିୟନ୍ତା ତୁମକୁ ଅପୂର୍ବ ପ୍ରତିଭା ପ୍ରଦାନ କରିଛନ୍ତି, ତେଣୁ ଏ ସକଳ ମାନାପମାନରୁ ଊର୍ଦ୍ଧ୍ବକୁ ଉଠି ଆପଣା ପ୍ରତିଭାର ବିକାଶ କରନ୍ତୁ ।"

"ମାନାପମାନର ଊର୍ଦ୍ଧ୍ବକୁ ଉଠିବା ସମ୍ଭବ ନୁହେଁ, ଆଚାର୍ଯ୍ୟ ଦେଖିପାରୁଛନ୍ତି ମୋର ମୁକ୍ତ ଶିଖା । ଇଏ ସେହି ଦିନ ବନ୍ଧାହେବ, ଯେଉଁଦିନ ମୁଁ ନନ୍ଦବଂଶର ବିନାଶ କରିବି ।" ପୁନର୍ବାର ସେ ଶୈବାଳଙ୍କର ଚରଣ ସ୍ପର୍ଶ କଲେ, "କିନ୍ତୁ ଜୀବନ ଏକ ଦୀର୍ଘଯାତ୍ରା ଅଟେ ! ମୁଁ ବଚନ ଦେଉଛି ଆପଣଙ୍କ ଆଦେଶ ପାଳନ କରିବି ।"

ଶୈବାଳ କିଛି ସମୟ ଚିନ୍ତାକରି କହିଲେ, "ବିଷ୍ଣୁଗୁପ୍ତ ମୁଁ ତୁମକୁ ସୂଚିତ କରିଦେବା ଉଚିତ ମନେକରୁଛି ଗ୍ରୀକ୍ ସମ୍ରାଟଙ୍କ ଅଭିଯାନ ସମ୍ପର୍କରେ । ଗ୍ରୀକ୍ ସମ୍ରାଟ ସିକନ୍ଦର ମଧ୍ୟ-ଏସିଆର ସମସ୍ତ ଦେଶକୁ ପଦାନତ କରି ପାରସ୍ୟ ଆଡ଼କୁ ଆଗେଇ ଆସୁଛି । ସୁଖ ଓ ଶାନ୍ତି ବ୍ୟବସ୍ଥା ଦୃଷ୍ଟିରୁ ପାରସ୍ୟର ସଂଘର୍ଷଶକ୍ତି ହ୍ରାସ ହୋଇ ଆସୁଛି, ଆଉ ପାରସ୍ୟ ଉପରେ ସିକନ୍ଦରର ବିଜୟ ନିଶ୍ଚିତ । ପାରସ୍ୟ ପରେ ରହିଛି ଅନେକ କ୍ଷୁଦ୍ର ଜନପଦ ତେଣୁ ସେ ମଗଧ ଆଡ଼କୁ ଅଗ୍ରସରି ହେବ ତୁମେ ପାରସ୍ୟକୁ ଯାଇ ନିର୍ଲିପ୍ତ ଭାବରେ ତାର ଗତିବିଧି ଅଧ୍ୟୟନ କର ଏବଂ ନିଜର ଜ୍ଞାନକୁ ପ୍ରଶସ୍ତ କର ।"

"ଆପଣଙ୍କ ଆଦେଶ ଶିରୋଧାର୍ଯ୍ୟ ।" ଫେରି ଆସିବା ପାଇଁ ବୁଲିପଡ଼ି ବିଷ୍ଣୁଗୁପ୍ତ ଆଗେଇ ଯାଉଥିଲେ ଶୈବାଳ ତତ୍‌କ୍ଷଣାତ କହିଲେ— "ନା ରୁହ ! ଆପଣା ଅହଂକୁ ପରିତ୍ୟାଗ କରିବା କାର୍ଯ୍ୟ ତୁମକୁ ଆଜି ଏବଂ ବର୍ତ୍ତମାନ ମାନିନେବାକୁ ହେବ । ଯାହା ଫଳରେ ତୁମର ଭବିଷ୍ୟତ ହେବ ନିର୍ବିଘ୍ନ । ଆଜି ଦିନଠାରୁ ତୁମର ବିଷ୍ଣୁଗୁପ୍ତ ନାମ ଲୁପ୍ତ ହେଲା, ତୁମେ କେବଳ ଚଣକପୁତ୍ର ଚାଣକ୍ୟ ନାମରେ ପରିଚିତ ହେବ । ଏଇଟି ତୁମକୁ ମୋର ଆଦେଶ ।"

ବିଷ୍ଣୁଗୁପ୍ତ ବିନୟ ସହକାରେ କହିଲେ—"ଆପଣଙ୍କ ଆଦେଶ ମୋର ଶିରୋଧାର୍ଯ୍ୟ । ଆଜିଠାରୁ ମୋର ପରିଚୟ ହେବ ଚଣକ-ପୁତ୍ର

Digitized by PPRACHIN, SOA

ଚାଣକ୍ୟ । ବିଷ୍ଣୁଗୁପ୍ତ ନାମ ଆପଣଙ୍କ ପ୍ରଦତ୍ତ ଆଲୋକରେ ସ୍ଥାୟୀ ସବୁଦିନ ଲୁପ୍ତହେଲା ।

ଶୈବାଳଙ୍କ କୁଟୀରରୁ ଚାଣକ୍ୟ ଫେରି ଆସିଲେ । ସେ ନିଜ ପୂର୍ବତନ ନାମର ପରିତ୍ୟାଗ ତଥା ନୂତନ ନାମ "ଚାଣକ୍ୟ" ଧାରଣ କରିବାର ସୂଚନା ଦେଲେ ଚନ୍ଦ୍ରିକାଙ୍କୁ ।

ଅଳ୍ପ ସମୟ ପରେ ଚନ୍ଦ୍ରଗୁପ୍ତ ସ୍ନାନ ସମାପନ କରି ଚାଣକ୍ୟଙ୍କ କୁଟୀରରେ ଆସି ଉପସ୍ଥିତ ହେଲ । ଚାଣକ୍ୟ କହିଲେ "କୁମାର ଚନ୍ଦ୍ରଗୁପ୍ତ ସୌଭାଗ୍ୟର କଥା ଯେ ଯୁଦ୍ଧବିଦ୍ୟା ସହିତ ତୁମକୁ ରାଜନୀତିଶାସ୍ତ୍ରର ଶିକ୍ଷା ଦେବାର ଅବସର ମୋତେ ପ୍ରାପ୍ତ ହୋଇଛି । ଗ୍ରୀକ୍ ସମ୍ରାଟ ସିକନ୍ଦର ପାରସ୍ୟ ଆଡ଼କୁ ଅଗ୍ରସର ହେଉଛି, ତେଣୁ ମୋପାଇଁ ପାରସ୍ୟ ଯାଇ ବସ୍ତୁସ୍ଥିତିର ଅଧ୍ୟୟନ କରିବା ଆବଶ୍ୟକ । ଏହି ପାରସ୍ୟ ଯାତ୍ରାରେ ମୁଁ ଏକାକୀ ଯିବିନାହିଁ, ତୁମକୁ ବି ମୋ ସହିତ ଯିବାକୁ ପଡ଼ିବ ।"

ଚନ୍ଦ୍ରିକା କହିଉଠିଲି " ଏହି ଯାତ୍ରାରେ କେବଳ ଆପଣ ଦୁହେଁ ଯିବେନ, ମୁଁ ବି ଆପଣଙ୍କ ସହିତ ଯିବି, ମୋ ସକାଶେ ଆପଣଙ୍କ ଅଗଣିତ ଅସୁବିଧା ଦୂର ହୋଇଯିବ ।"

ଚାଣକ୍ୟ ହସିଲେ—"ନାରୀ ସଦାସର୍ବଦା ପୁରୁଷର ସମ୍ବଳ । ନିର୍ଲିପ୍ତ ଭାବରେ ପୁରୁଷପାଇଁ ସବୁକିଛି ତ୍ୟାଗ କରିବାହିଁ ନାରୀର ଗୁଣ । ଖୁବ୍ ଭଲକଥା ଚନ୍ଦ୍ରିକା, ତୁ ବି ଆମ ସଙ୍ଗରେ ଯିବୁ ଆମ ହାତରେ ଦୁଇ ସପ୍ତାହ ସମୟ ରହିଛି, ପ୍ରସ୍ତୁତ କରନେ ।"

ଚନ୍ଦ୍ରଗୁପ୍ତ ଅନୁଭବ କରୁଥିଲ ଯେ ଚନ୍ଦ୍ରିକା ଭିତରେ ଏକ ତୁଙ୍ଗ ସୌନ୍ଦର୍ଯ୍ୟ ବିଦ୍ୟମାନ । ଗୁରୁପକ୍ଷେ ଏକ ପ୍ରକାରର କଠିଣ ଓ କଠୋର ନିୟନ୍ତ୍ରଣ କରୁ ସବୁକିଛି ଯେପରି ଅହଂଭାବହୀନ, ସମର୍ପଣର ଭାବନାରେ ସଂଯୁକ୍ତ । ଚନ୍ଦ୍ରଗୁପ୍ତ ଇଏବି ଅନୁଭବ କଲେଯେ ଚନ୍ଦ୍ରିକାର କଣ୍ଠରେ କେଉଁଠି ଭରିରହିଛି ସଙ୍ଗୀତର ଅପୂର୍ବ ମଧୁରତା ।

Digitized by PPRACHIN, SOA

ନିଜ ଅଜ୍ଞାତରେ ଚନ୍ଦ୍ରଗୁପ୍ତ ଚନ୍ଦ୍ରିକାର ନିକଟତର ହେବାକୁ ଚାହୁଁଥିଲି କିନ୍ତୁ ଅଗ୍ରସର ହୋଇ ପାରୁନଥିଲି । ଏମିତି ପ୍ରଥମ ପ୍ରେମର ଅନୁରାଗର ବର୍ଣ୍ଣନାରେ ସାହିତ୍ୟ ଭରପୂର କିନ୍ତୁ ଚନ୍ଦ୍ରଗୁପ୍ତନା ତାର ପ୍ରଥମ ପ୍ରେମର ପାଗଳପଣ ଅନୁଭବ କରୁଥିଲି, ନା ଅସଫଳ ପ୍ରେମର ନୈରାଶ୍ୟ ।

ଦୁଇ ସପ୍ତାହ ପରେ ଚାଣକ୍ୟ, ଚନ୍ଦ୍ରଗୁପ୍ତ ଓ ଚନ୍ଦ୍ରିକା ପାରସ୍ୟ ଅଭିମୁଖେ ଯାତ୍ରାକଲେ । ଯେତେବେଳେ ସେମାନେ ପାରସ୍ୟର ରାଜଧାନୀ ତେହେରାନରେ ପହଞ୍ଚିଲେ, ସିକନ୍ଦର ନଗର ଉପରେ ଅଧିକାର କରି ସାରିଥିଲି । ଗ୍ରୀକ୍ ସୈନ୍ୟଗଣ ନିଜର ଆତଙ୍କ ଅପ୍ରତିହତ ରଖିବାପାଇଁ ନଗରରେ ଅଗ୍ନିସଂଯୋଗ କରି ଦେଇଥିଲେ । ସମଗ୍ର ତେହେରାନ ଜଳୁଥିଲି ।

ସିକନ୍ଦର ତେହେରାନ ରାଜପ୍ରସାଦ ଅଧିକାର କରି ସେଠି ବିଶ୍ରାମ କରୁଥିଲି । ରାଜା ଦାରାଙ୍କ ପରିବାରବର୍ଗ ବନ୍ଦୀହୋଇ ପଡ଼ିଥିଲେ । ସିକନ୍ଦର ତେହେରାନରେ ଦୀର୍ଘ ଋତୁଣି କାଳ ମଧ୍ୟରେ ନିଜର ଛିନ୍ନ ବିଚ୍ଛିନ୍ନ ସେନାକୁ ସୁସଙ୍ଗଠିତ କରିବାପାଇଁ ତଥା ନୂତନ ସୈନ୍ୟ ଭର୍ତ୍ତି କରିବା ପ୍ରୟାସ ଆରମ୍ଭ କଲି । ଧୀରେ ଧୀରେ ତେହେରାନର ଜନ ଜୀବନ ବି ସୁବ୍ୟବସ୍ଥିତ ହେବାକୁ ଲାଗିଲା ।

ଚାଣକ୍ୟ ଏକ ସିଦ୍ଧ ମହାତ୍ମା ବେଶରେ ନଗରସୀମାରେ ବସବାସ ଆରମ୍ଭ କଲେ । ଚନ୍ଦ୍ରିକା ଏ ଚନ୍ଦ୍ରଗୁପ୍ତ ଥିଲେ ତାଙ୍କର ଶିଷ୍ୟ । ହିନ୍ଦୁସ୍ଥାନରୁ ଆଗତ ଏହି ମହାତ୍ମାଙ୍କର ଖବର ସିକନ୍ଦର ପାଖରେ ପହଞ୍ଚି ସାରିଥିଲି । ତେହେରାନ ଉପାନ୍ତରେ ଘନସବୁଜ ବୃକ୍ଷରାଜି ଅଭ୍ୟନ୍ତରରେ ଚାଣକ୍ୟ ନିର୍ମାଣ କରିଥିଲେ ନିଜର କୁଟୀର । ଚାଣକ୍ୟଙ୍କୁ ଆମନ୍ତ୍ରଣ କରିବା ପାଇଁ ସିକନ୍ଦର ଏକ ସ୍ୱତନ୍ତ୍ର ଦୂତ ପ୍ରେରଣ କଲେ । ଆପଣାର ପରିଚୟ ବୁଦ୍ଧିର ସାହାଯ୍ୟ ନେଲେ ଚାଣକ୍ୟ । ସେ ଦୂତକୁ କହିଲେ, "ଦୁନିଆଁର ସାଧୁସନ୍ଥ ଜଞ୍ଜାଳ ମୁକ୍ତ । ଆମେ ତ ଯାଯାବର ଯୋଗୀ, ଆଜି ଏଠି କାଲି ଅନ୍ୟ କେଉଁଠି । ସମ୍ରାଟ ସିକନ୍ଦର ଯଦି ମୋତେ ସାକ୍ଷାତ କରିବାକୁ ଚାହାଁନ୍ତି, ଏଠିକି ଆସନ୍ତୁ ।"

Digitized by PPRACHIN, SOA

ଚାଣକ୍ୟଙ୍କ ଏହି ଉତ୍ତରରେ ସିକନ୍ଦର ପ୍ରବଳଭାବେ ପ୍ରଭାବିତ ହେଲେ । ସେ ଭାରତର ସାଧୁସନ୍ଥଙ୍କ ସମ୍ପର୍କରେ ବହୁକଥା ଶୁଣିଥିଲେ । ସେଲ୍ୟୁକସ୍ ଆଉ ଫିଲ୍ପସ୍ ସହିତ ସେ ଚାଣକ୍ୟଙ୍କ କୁଟୀରରେ ଆସି ପହଞ୍ଚିଲେ । କେତେ ସ୍ୱଚ୍ଛ ଓ ସୁନ୍ଦର ଥିଲା ସେ କୁଟୀର, ଚନ୍ଦ୍ରିକା ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ କୁଟୀରର ସମସ୍ତ ବ୍ୟବସ୍ଥା କରିଥିଲା ।

ସିକନ୍ଦର ପାରସ୍ୟ ବିଜୟ କରି ସାରିଥିଲା । ବିଶ୍ୱବିଜୟ କ୍ଷମରେ ସେଠି ରହି ଶାସନ କରିବାର ଲିପ୍ସା ତାର ନଥିଲା । ଚାଣକ୍ୟ କୁଟୀରର ଦ୍ୱାରଦେଶକୁ ଆସି ସିକନ୍ଦରର ସ୍ୱାଗତ କଲେ ଏବଂ ଆସନ ପ୍ରଦାନ କରି କହିଲେ, "ସମ୍ରାଟ ! ଦରିଦ୍ରର ଏ କୁଟୀରକୁ ଆଗମନର କାରଣ ଜାଣିପାରେକି ?"

"ମୁଁ ଆପଣଙ୍କ ନିକଟକୁ ଜ୍ଞାନ ପ୍ରାପ୍ତି ଆଶାରେ ଆସିଛି । ମୋ ସମ୍ମୁଖରେ କେତୋଟି ପ୍ରଶ୍ନ ରହିଛି । ପ୍ରଥମ ପ୍ରଶ୍ନ—ମଣିଷର ଆଦି କେଉଁଠି ଓ ଅନ୍ତ କେଉଁଠି ?"

"ମନୁଷ୍ୟର ଆଦି ବ୍ରହ୍ମରେ ନିହିତ ଆଉ ତାର ଅନ୍ତବି ବ୍ରହ୍ମରେ । ବ୍ରହ୍ମ ସ୍ୱୟଂ ଅନାଦି ଓ ଅନନ୍ତ, ହେଲେ ମନୁଷ୍ୟ ବି ଅନାଦି ଓ ଅନନ୍ତ ଅଟେ ।"

"ତେବେ ମଣିଷର ଏହି ଜୀବନ ରହିଛି ?" —ପଚାରିଲେ ସିକନ୍ଦର ।

"ମୁଁ ଜାଣେନା । ଶରୀରର ସୀମାରେ ସୀମାବଦ୍ଧ ଆଦିଅନ୍ତ ମଧ୍ୟରେ ମୁଁ ଜାଣିବି ପାରିବି ନାହିଁ । କିନ୍ତୁ ବୁଦ୍ଧି ବି ଅସୀମିତ ଅଟେ, ଏହି ବୁଦ୍ଧି ଓ ଜ୍ଞାନ ବଳରେ କେବଳ ଅନୁମାନ କରାଯାଇପାରେ ଯେ ବର୍ତ୍ତମାନ ଜୀବନ-ପରେ ତାର କୌଣସି ଅନ୍ୟ ଅସ୍ତିତ୍ୱ ରହିବା ଉଚିତ ।"

"ତେବେ ଆପଣଙ୍କର ଅନୁମାନ କଣ ?"

"ଅନୁମାନ କରିବା ସାମର୍ଥ୍ୟ ମୋ ଭିତରେ ନାହିଁ । ଅନୁମାନ କେବଳ ସ୍ଥୂଳ ଦେଖାଯାଉଥିବା ବସ୍ତୁର ଆଧାର ଉପରେ ନିରୂପିତ କରାଯାଇପାରେ ।"

Digitized by PPRACHIN, SOA

ଚାଣକ୍ୟଙ୍କ ଜ୍ଞାନରେ ସିକନ୍ଦର ଖୁବ୍ ପ୍ରଭାବିତ ହେଲେ । ଚାଣକ୍ୟ ପୁନର୍ବାର କହିଲେ— "ଜୀବନକ୍ରମକୁ ନିୟତିର ସଂଜ୍ଞା ଦିଆଯାଇ ପାରେ । ଯେଉଁଠି ମାନବ କର୍ତ୍ତା ନହୋଇ କେବଳ ସାଧନ ମାତ୍ର ଅଟେ । କର୍ତ୍ତା ତ କେବଳ ସ୍ୱୟଂ ନିୟତିକୁ ହିଁ କୁହାଯାଇପାରେ । ମୁଁ ବେଳେବେଳେ ଚିନ୍ତା କରେ ଏଇ ବିଧାନର ସ୍ରଷ୍ଟା ସ୍ୱୟଂ ନିୟନ୍ତାରବ କୌଣସି ସତ୍ତା ରହିଛି ।"

ସିକନ୍ଦର ପରମ ଶ୍ରଦ୍ଧାରେ ଚାଣକ୍ୟଙ୍କୁ ପ୍ରଣାମ କଲେ, ମୁଁ ବି ଠିକ୍ ଏଇଆ ଭାବୁଥିଲି । ଆପଣତ ଭାରତର ଅଧିବାସୀ ଅଟନ୍ତି । କିନ୍ତୁ ଆପଣ ଦେଶ ଓ ବ୍ୟକ୍ତି ମୋହର ସଂପୂର୍ଣ୍ଣ ଉର୍ଦ୍ଧ୍ୱରେ । ମୁଁ ଭାରତର ମଗଧ-ସାମ୍ରାଜ୍ୟ ଉପରେ ବିଜୟ ଲାଭ କରିବା ପାଇଁ ଉତ୍ସୁକ । ଶୁଣିଛି ତାହା ଏକ ଶକ୍ତିଶାଳୀ ସାମ୍ରାଜ୍ୟ ଅଟେ ।"

"ଶକ୍ତିଶାଳୀ ବି ଆଉ ଦୁର୍ବଳ ବି । ମଗଧର ଅଭ୍ୟନ୍ତରରେ ଏକ ବ୍ୟତିକ୍ରମ ଚାଲିଛି । ବର୍ତ୍ତମାନ ତ ମଗଧରେ ରହିବାକୁ ବି ଇଚ୍ଛା ହେଉ ନାହିଁ । ସେଠୁ ଶ୍ୱାସରୁଦ୍ଧ ହୋଇ ମୁଁ ବିଶ୍ୱଭ୍ରମଣରେ ବାହାରି ପଡ଼ିଛି । କିନ୍ତୁ ଏହା ଏକ ଅତି ଧୀରଯାତ୍ରା ଆଉ କେବଳ ପାଦରେ । ଜୀବନତ ଏକ ସୀମାର ବନ୍ଧନରେ ଆବଦ୍ଧ । କେମିତି ଏକ ଅପରିସୀମ କ୍ଳାନ୍ତି ମୁଁ ଅନୁଭବ କରୁଛି ।"

ସିକନ୍ଦର ବିନୟ ସହକାରେ କହିଲେ "ଆପଣ ଯଦି ମୋ ସହିତ ମୋର ଏହି ବିଜୟ—ଯାତ୍ରାରେ ଯିବାର କୃପା କରନ୍ତେ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ରହନ୍ତି ।"

"ଆପଣଙ୍କ ସହ ମୁଁ ଯାତ୍ରା କରିବା ଉଚିତ ହେବନାହିଁ । ଆପଣଙ୍କ ସାହାଯ୍ୟ ସକାଶେ ମୁଁ ନିଜର ଏହି ଉଭୟ ଶିଷ୍ୟଙ୍କୁ ଆପଣଙ୍କ ସହ ପ୍ରେରଣ କରୁଛି । ସବୁ ରାସ୍ତା ଏମାନଙ୍କର ପରିଚିତ । ମୁଁ ଆପଣଙ୍କ ପଛରେ ଆସୁଛି ।"

ଚନ୍ଦ୍ରିକା ଏଥର ଚନ୍ଦ୍ରାବିତ ହୋଇଗଲା ।

ଚନ୍ଦ୍ରଗୁପ୍ତ ଓ ଚନ୍ଦ୍ରିକାକୁ ବିଦାୟ ଦେବା ପୂର୍ବରୁ ଚାଣକ୍ୟ ଚନ୍ଦ୍ରଗୁପ୍ତକୁ ଏକାନ୍ତରେ କହିଲେ, "କୁମାର ଚନ୍ଦ୍ରଗୁପ୍ତ ! ମୁଁ ତୁମକୁ

Digitized by PPRACHIN, SOA

ସିକନ୍ଦରର ଯଦି ମଗଧର ମାର୍ଗ ପ୍ରଦର୍ଶନ ପାଇଁ ଚେଠାଇଛନ୍ତି, ମଗଧର ଏକତ୍ରିତ ଶକ୍ତି ବିରୁଦ୍ଧରେ ସନ୍ଧି ସୂତ୍ର ବିରୋଧ କରିବା ବର୍ତ୍ତମାନ ତୁମ ପକ୍ଷରେ ଅସମ୍ଭବ । ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବ ସିକନ୍ଦର ମଗଧରେ ରହିବ ନାହିଁ । ବିଶ୍ୱବିଜୟ କରି ଗ୍ରୀକ୍‌କୁ ଫେରିଯିବା ହିଁ ତାର ଲକ୍ଷ୍ୟ ।"

ବୁଝିପାରିଲି ଆର୍ଯ୍ୟ ! ମୁଁ ନିଜ ଯୁଦ୍ଧ କୌଶଳରେ ସିକନ୍ଦରକୁ ଯେତିକି ସାହାଯ୍ୟ କରିପାରେ କରିବି ।"

ଚାଣକ୍ୟ ହସିଲେ, "ଏହିକଥା ମନାକରିବା ପାଇଁ ମୁଁ ତୁମକୁ ଡାକିଛି । ସିକନ୍ଦର ପାଟଳିପୁତ୍ର ପହଞ୍ଚିପାରିବ ଏ ବିଷୟରେ ମୋ ମନରେ ସନ୍ଦେହ ରହିଛି । ମାନବୀୟ ଶକ୍ତି ଓ କ୍ଷମତାର ବି ଗୋଟାଏ ସୀମା ରହିଛି । କୌଣସି ବ୍ୟକ୍ତି ଅସୀମ କ୍ଷମତାର ଅଧିକାରୀ ହୋଇପାରନ୍ତି, ମାତ୍ର ସେନା ଏକ ଗୋଷ୍ଠୀ । ତେଣୁ ତୁମେ ଯଦି ବର୍ତ୍ତମାନଠାରୁ ଯୁଦ୍ଧରେ ବ୍ୟାପୃତ ହୋଇପଡ଼ିବ ତେବେ ଅସଫଳତା ବ୍ୟତୀତ ତୁମ ସମ୍ମୁଖରେ ଆଉ କିଛି ରହିବ ନାହିଁ । ତୁମକୁ ଯାହାକିଛି କରିବାପାଇଁ ହେବ ତାହା ସିକନ୍ଦରର ବିଜୟ ଅଭିଯାନର ନିକଟ ଦର୍ଶକ ରୂପରେ । ତୁମେମାନେ ଚାଲ । ମୁଁ ତୁମର ଅନୁସରଣ କରୁଛି ।"

ଚନ୍ଦ୍ରଗୁପ୍ତ ଓ ଚନ୍ଦ୍ରିକାକୁ ସିକନ୍ଦର ସାଥିରେ ପ୍ରେରଣ କରି ଚାଣକ୍ୟ ଦ୍ରୁତଗତିରେ ତକ୍ଷଶିଳା ଆଡ଼କୁ ଅଗ୍ରସର ହେଲେ । ସେ ଅମ୍ଭି ରାଜାଙ୍କୁ ପରାମର୍ଶ ଦେବାପାଇଁ ଚାହୁଁଥିଲେ ଯେ ସାଗର ତରଙ୍ଗର ପ୍ରତିରୋଧ ସେ ନ କରନ୍ତୁ । ରାସ୍ତାରେ ପଡ଼ୁଥିଲା ପୁରୁ ଦେଶ । ମୁହୂର୍ତ୍ତକ ପାଇଁ ତାଙ୍କ ମନରେ ଚିନ୍ତା ଆସିଲା ଯେ ସେ ପୁରୁରାଜାଙ୍କୁ ସାବଧାନ କରିଦେବେ, କିନ୍ତୁ ସେ ଉତ୍ତମ ଭାବରେ ଜାଣିଥିଲେ ଯେ ପୁରୁରାଜା ସ୍ୱାଭିମାନୀ ଆଉ ବୀର, ଯୋଦ୍ଧା । ତାଙ୍କ ଉପରେ ଚାଣକ୍ୟଙ୍କ ପରାମର୍ଶର କୌଣସି ପ୍ରଭାବ ପଡ଼ିବ ଏହାର ସମ୍ଭାବନା ଅତି କ୍ଷୀଣ । ପୁନଶ୍ଚ ସିକନ୍ଦର ଅତି ଦ୍ରୁତଗତିରେ ଆଗେଇ ଚାଲିଥିଲା ।

ଅମ୍ଭି ନରେଶ ଚାଣକ୍ୟଙ୍କ ପରାମର୍ଶ ଗ୍ରହଣକରି ସିକନ୍ଦରର ପ୍ରତିରୋଧ କଲେ ନାହିଁ ।

Digitized by PPRACHIN, SOA

ଓଡ଼ହେରାନରୁ ମୂଳନ୍ଦରକୁ ପ୍ରସ୍ଥାନ କରିବା ପୂର୍ବରୁ ସିକନ୍ଦର ଦାରାଙ୍କ ଝିଅ ରୁକ୍ସାନାକୁ ପାରସ୍ୟର ସିଂହାସନରେ ଅଧିଷ୍ଠିତ କରି ଦେଲେ । ରୁକ୍ସାନା ଥିଲା ବାଇଶ ତେଇଶ ବର୍ଷର ଯୁବତୀ ଓ ଅତୀବ ସୁନ୍ଦରୀ । ତା ସମକକ୍ଷ ପାଣ୍ଡିତ୍ୟ ଦାରା ସେଯାବତ୍ ପାଇନଥିବାରୁ ସେ ଥିଲା ଅବିବାହିତ । ଦାରାଙ୍କ କୌଣସି ପୁତ୍ର ସନ୍ତାନ ନଥିଲେ । ରୁକ୍ସାନା ହିଁ ଥିଲା ପାରସ୍ୟ ରାଜ-ସିଂହାସନର ଉତ୍ତରାଧିକାରିଣୀ ।

ସିକନ୍ଦର ନିଜର ଏକ ବିଶ୍ୱସ୍ତ ସେନାପତି ରେମନକୁ ରୁକ୍ସାନାର ଦେଖାଶୁଣା ଓ ସାହାଯ୍ୟ କରିବାକୁ ତଥା ସୈନ୍ୟବାହିନୀରେ ବିଭିନ୍ନ ଦେଶରୁ ସୈନ୍ୟଭର୍ତ୍ତି କରିବା ଉଦ୍ଦେଶ୍ୟରେ ତେହେରାନରେ ଛାଡ଼ି ଦେଇଥିଲେ ।

ଇରାନର ସିଂହାସନରେ ରୁକ୍ସାନାକୁ ଶାସକ ରୂପରେ ଅଧିଷ୍ଠିତ କଲାପରେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲା, କାରଣ ସେ ପ୍ରଚଳିତ ପୁରାତନ ପରମ୍ପରା ସହିତ ପରିଚିତ ଥିଲା । ପରମ୍ପରା ଥିଲା ବିଜେତା ହିଁ ବିଜିତ ସାମ୍ରାଜ୍ୟର ସିଂହାସନରେ ସ୍ୱୟଂ ଅଧିଷ୍ଠିତ ହେଉଥିଲେ । ସେ ସିକନ୍ଦରଙ୍କର ଏହି ଉଦାରତାରେ ଏତେ ମାତ୍ରାରେ ପ୍ରଭାବିତ ହୋଇପଡ଼ିଲା ଯେ ତା ହୃଦୟରେ ସିକନ୍ଦର ପ୍ରତି ପ୍ରେମ ଭାବନା ଉତ୍ପନ୍ନ ହୋଇଗଲା । କିନ୍ତୁ ସିକନ୍ଦର ପ୍ରେମପ୍ରତି ଥିଲା ସମ୍ପୂର୍ଣ୍ଣ ଉଦାସୀନ ।

ସିକନ୍ଦରର ସେନାପତି ସେଲିଉକସର ଏକମାତ୍ର କନ୍ୟା ଥିଲା ହେଲେନ୍ । ହେଲେନ ଥିଲା ଅତୀବ ସୁନ୍ଦରୀ, କିନ୍ତୁ ଜନ୍ମକାଳରୁହିଁ ସେ ପୁରୁଷାତ୍ମକ ପ୍ରବୃତ୍ତିସମୂହ ପ୍ରାପ୍ତ ହୋଇଥିଲା । ସେଲିଉକ୍ସ ସିକଂଦର ସହ ପାରସ୍ୟରେ ପହଞ୍ଚିଲା ବେଳକୁ ହେଲେନ ଉଣେଇଶ ବର୍ଷ ପାରହୋଇ ସାରିଥିଲା । ସିକଂଦରର ବିଶ୍ୱସ୍ତ ସେନାପତିଙ୍କ ସହ ରହିବା ଫଳରେ ହେଲେନ୍ ସହ ଚନ୍ଦ୍ରଗୁପ୍ତର ପରିଚୟ ହୋଇଗଲା । ଉଭୟେ ନିଜର

Digitized by PPRACHIN, SOA

ଅନ୍ତର୍ଭାବନା ଫଳରେ ଜାଣି ନେଇଥିଲେ ଯେ ସେମାନେ ଉଭୟେ ପୁରୁଷ ବେଶୀ ନାରୀ ତେଣୁ ସ୍ୱାଭାବିକ ରୂପରେ ସେମାନଙ୍କର ମିତ୍ରତା ନିବିଡ଼ ହୋଇ ପଡ଼ିଲା ।

ହିନ୍ଦୁକୁଶ ପର୍ବତର ଏକ ସୁରମ୍ୟ ସ୍ଥାନରେ ପଡ଼ିଥାଏ ସିକନ୍ଦରର ଛାଉଣୀ । ସନ୍ଧ୍ୟା ସମାଗତ ପ୍ରାୟ । ପଶ୍ଚିମ ଆକାଶରେ ଲାଗିଛି ଅବିରର ଖେଳ । ଶରତକାଳର ତୂଳୀର ସ୍ପର୍ଶରେ ଉଦ୍ଭାସିତ ଏକ ଅଦ୍ଭୁତ ମନୋରମ ଚିତ୍ରପଟ୍ଟ ! ହେଲେନ୍ ଚନ୍ଦ୍ରିକା କଥାବାର୍ତ୍ତା କରୁକରୁ ବୃକ୍ଷଲତା ପରିବେଷ୍ଟିତ ଏକ ନିର୍ଜନ ସ୍ଥାନରେ ଆସି ପହଞ୍ଚିଲେ । ଅନେକ ପଥ ଚାଲିଆସିବା ଫଳରେ ଉଭୟେ କ୍ଳାନ୍ତ ହୋଇ ପଡ଼ିଥିଲେ ତେଣୁ ବିଶ୍ରାମ ନେବା ପାଇଁ ବସିପଡ଼ିଲେ । ଠିକ୍ ଏତିକବେଳେ ଦୁଇଜଣ ଗ୍ରୀକ୍ ସୈନ୍ୟଙ୍କର ଅକସ୍ମାତ ସେଠି ଆବିର୍ଭାବ ଘଟିଲା । ମଦ୍ୟ ପାନରେ ଉଭୟ ସୈନିକ ଥିଲେ ଉନ୍ମତ୍ତ । ସେମାନେ ଅନୁମାନ କରି ନେଇଥିଲେ ଯେ ଚନ୍ଦ୍ରିକା ଓ ହେଲେନ୍ ପୁରୁଷବେଶୀ ନାରୀ ତେଣୁ ସେମାନଙ୍କ ଉପରେ ସୈନିକ ଦୁହେଁ ଝାମ୍ପ ଦେଲେ । ଏହି ଅପ୍ରତ୍ୟାଶିତ ଘଟଣା ପାଇଁ ଚନ୍ଦ୍ରିକା କିମ୍ବା ହେଲେନ୍ କେହି ହେଲେ ପ୍ରସ୍ତୁତ ନଥିଲେ । ଭୟ ଆତଙ୍କ ଓ ଆଶଙ୍କାରେ ଉଭୟେ ଶିହରି ଉଠିଲେ ।

ଚନ୍ଦ୍ରଗୁପ୍ତ ଚନ୍ଦ୍ରିକାକୁ ଖୋଜିବା ପାଇଁ ବାହାରି ପଡ଼ିଥିଲା । ଦୂରରୁ ଚନ୍ଦ୍ରିକା ଓ ହେଲେନର ଚିତ୍କାର ଶୁଣି ତତ୍ପର ଗତିରେ ସେ ସେଠାରେ ଉପସ୍ଥିତ ହେଲା । ତରବାରି କୋଷମୁକ୍ତ କରି ସେ ଜଣେ ସୈନିକକୁ ଆକ୍ରମଣ କରି ହତ୍ୟାକଲା । ଅନ୍ୟ ସୈନିକଟି ନିଜ ଜୀବନ ବଞ୍ଚାଇବା ପାଇଁ ବିକଳରେ ସେ ସ୍ଥାନରୁ ପଳାୟନ କଲା ।

ଉଭୟେ ଯେମିତି ପ୍ରାଣ ଫେରି ପାଇଲେ । ଚନ୍ଦ୍ରଗୁପ୍ତ ଚନ୍ଦ୍ରିକାକୁ କହିଲା, "ତୁମକୁ ସଦାସର୍ବଦା ସତର୍କ ରହିବା ଉଚିତ । ଇଏ ସୈନିକଗଣ ସଦାସର୍ବଦା ହିଂସ୍ର ଓ କ୍ଷୁଧିତ ଶାର୍ଦ୍ଦୁଳ ସଦୃଶ । କିଏ ଜାଣେ କେତେବେଳେ କେଉଁଠି ଏମାନେ କାହା ଉପରେ ଆକ୍ରମଣ କରିବେ ।" ହେଲେନ୍ ନିଜର ତ୍ରାଣ କର୍ତ୍ତା ପୁରୁଷକୁ ବିସ୍ଫାରିତ ନେତ୍ରରେ ଚାହିଁ ରହିଥିଲା । ହେଲେନ୍ ଚନ୍ଦ୍ରଗୁପ୍ତ ଆଡ଼କୁ ଏମିତି ଭାବରେ ଚାହିଁ ରହିଥିବାର ଦେଖି ଚନ୍ଦ୍ରିକା ହସିଲା

Digitized by PPRACHIN, SOA

ଏବଂ ଉଭୟଙ୍କୁ ପରସ୍ପର ସହ ପରିଚୟ କରେଇଦେଲେ, "ଇଏ ହେଉଛନ୍ତି ମଗଧ ନରେଶଙ୍କ ଉତ୍ତରାଧିକାରୀ କୁମାର ଚନ୍ଦ୍ରଗୁପ୍ତ ଆଉ ଏ ହେଉଛନ୍ତି ଗ୍ରୀକ୍ ସେନାପତି ସେଲୁଉକ୍‌ସଙ୍କ କନ୍ୟା ହେଲେନ୍ ।"

ଉଭୟେ ପରସ୍ପରକୁ ଅଭିବାଦନ କଲେ । ଚନ୍ଦ୍ରଗୁପ୍ତର ମନେହେଲା ଯେମିତି ସୌନ୍ଦର୍ଯ୍ୟର ଏକ ଅପରୂପ ଜୀବନ୍ତ ପ୍ରତିମା ତା ସମ୍ମୁଖରେ ଦଣ୍ଡାୟମାନ ଆଉ ହେଲେନର ମନେହେଲା ସାକ୍ଷାତ ପୁରୁଷତ୍ୱ ତା ନିକଟରେ ସମାଗତ ।

ଉଭୟେ କିଛିସମୟ ପରସ୍ପରକୁ ଦେଖିବାକୁ ଲାଗିଲେ, ଠିକ୍ ସେତିକିବେଳେ ଚନ୍ଦ୍ରିକା ହସରେ ଫାଟିପଡ଼ି କହିଲା ବେଶ ମିଳିଗଲା ମଣିକାଞ୍ଚନ ସଂଯୋଗ । ତମ ଦୁହିଁଙ୍କୁ ଚନ୍ଦ୍ରିକାର ଆଶିର୍ବାଦ ରହିଲା, "ତୁମର ବାଧିବନ୍ଧ ବିବାହ ହେଉ ଆଉ ଉଭୟଙ୍କର ସମ୍ପର୍କ ଅମର ରହୁ ।"

ହେଲେନ୍ ଓ ଚନ୍ଦ୍ରଗୁପ୍ତର ମୁହଁ ଲଜ୍ଜାରେ ରକ୍ତିମ ହୋଇପଡ଼ିଲା । ଚନ୍ଦ୍ରଗୁପ୍ତ ସଙ୍କୋଚିତ ହୋଇ କହିଲା, "ମୁଁ କହିବାକୁ ଆସିଥିଲି ଯେ ତୁମେ ଦୁହେଁ ଯାଇ ବିଶ୍ରାମ କର । କାଲି ପ୍ରାତଃ କାଳରୁ ଆମକୁ ପୂର୍ବଦିଗରେ ଅଗ୍ରସର ହେବା ପାଇଁ ପଡ଼ିବ ।"

ହେଲେନ୍ ନିଜ ପିତାଙ୍କ ଶିବିର ଆଡ଼କୁ ଚାଲିଗଲା । ଚନ୍ଦ୍ରିକା ଚନ୍ଦ୍ରଗୁପ୍ତକୁ ସଙ୍ଗରେ ନେଇ ଆପଣା ଶିବିର ଆଡ଼କୁ ଅଗ୍ରସର ହେଲା । ହଠାତ୍ ଉଭୟେ ଚମକି ପଡ଼ିଲେ, ସେମାନଙ୍କ ସମ୍ମୁଖରେ ଠିଆ ହୋଇଥିଲେ ଚାଣକ୍ୟ ।

ଚାଣକ୍ୟ ଚନ୍ଦ୍ରଗୁପ୍ତକୁ କହିଲେ, "ବହୁ ଚିନ୍ତା କଲା ପରେ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ତୁମେ ଦୁହେଁ ତକ୍ଷଶିଳାକୁ ଫେରିଯାଅ । ଗ୍ରୀକ୍ ସୈନ୍ୟଙ୍କର ଏହି ତୋଫାନ ସହିତ ଆଗେଇବା ତମ ପକ୍ଷରେ ସମ୍ଭବ ନୁହେଁ । ବର୍ତ୍ତମାନ ଏଠିକି ଆସିବା ବେଳେ ମୁଁ ଦେଖିଲି ଯେ ଏଇ ସେନା ସହିତ ଗଲେ ଏମିତି ଅନେକ ପରିସ୍ଥିତି ଆସିପାରେ ଯହିଁରେ ତୁମର ଅନ୍ତର୍ନିହିତ ପୌରୁଷ ସକ୍ରିୟ ହୋଇ ଉଠିପାରେ ଏବଂ ମୋର ନନ୍ଦବଂଶକୁ ନିର୍ମୂଳ କରିବା କାର୍ଯ୍ୟକ୍ରମରେ ତୁମର ଏ ଅସମୟ ଶୌର୍ଯ୍ୟ ଦୁର୍ଦ୍ଦର୍ଶନ ବାଧା ସୃଷ୍ଟି କରିବ ।"

Digitized by PPRACHIN, SOA

ଯୌବନର ସ୍ୱପ୍ନରେ ଭରା ଚନ୍ଦ୍ରଗୁପ୍ତ ଏକଥା ଠିକ୍ ବୁଝିପାରିଲେ କି ନାହିଁ ବୁଝାଯାଇ ପାରେନା, ତେବେ ସେ ଚାଣକ୍ୟଙ୍କ ଆଦେଶକୁ ମାନି ନେଲେ । ଚନ୍ଦ୍ରିକା ସହିତ ଫେରିଗଲେ ତକ୍ଷଶିଳାକୁ ।

ଚାଣକ୍ୟ ସେଠାରୁ ଏକାକୀହିଁ ଅମ୍ଭିଦେଶରେ ଯାଇ ପହଞ୍ଚିଲେ । ସିକନ୍ଦର ଦ୍ରୁତଗତିରେ ଅମ୍ଭି ସାମ୍ରାଜ୍ୟ ଆଡ଼କୁ ଅଗ୍ରସର ହେଉଥିବାର ସମ୍ବାଦ ଆସି ପହଞ୍ଚିଥିଲା ଏବଂ ଅମ୍ଭିରାଜ ସିକନ୍ଦର ସହ ଯୁଦ୍ଧ କରିବା ପାଇଁ ଜୋରସୋର ପ୍ରସ୍ତୁତିରେ ଲାଗିପଡିଥିଲେ । ଚାଣକ୍ୟ ଅମ୍ଭି ନରେଶଙ୍କୁ ବାର୍ତ୍ତା ପ୍ରେରଣ କଲେ ଯେ, "ଚଣକପୁତ୍ର ଚାଣକ୍ୟ ଅମ୍ଭିରାଜାଙ୍କ ସହ ସାକ୍ଷାତ କରିବା ପାଇଁ ଚାହାଁନ୍ତି ।"

ସେ ତତ୍‌କ୍ଷଣାତ ତାଙ୍କୁ ଆମନ୍ତ୍ରଣ କଲେ । ବିନମ୍ର ଗଳାରେ ସେ ଚାଣକ୍ୟଙ୍କୁ ପଚାରିଲେ, "ଆଚାର୍ଯ୍ୟ ! ସ୍ୱୟଂ ଏଠିକି ଆଗମନ କରିବାର ଯେଉଁ କଷ୍ଟ ସ୍ୱୀକାର କଲେ ତାର କାରଣ ଜାଣିପାରେକି ?

ଚାଣକ୍ୟ କହିଲେ, "ରାଜନ ! ଆପଣ ବିଶ୍ୱ ବିଜୟୀ ସିକନ୍ଦର କଥା ନିଶ୍ଚୟ ଶୁଣି ସାରିଥିବେ ?"

ଆପଣ ନିଶ୍ଚିନ୍ତ ରହନ୍ତୁ ଆଚାର୍ଯ୍ୟ ! ମୁଁ ତା ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି । ସାମାନ୍ୟ ଉତ୍ତେଜିତ ହୋଇ କହିଲେ ଅମ୍ଭି ନରେଶ—"ଆପଣ ମୋତେ କ୍ଷତ୍ରିୟ ଧର୍ମରୁ ବିରତ କରିବାକୁ ଆସିଛନ୍ତି ।"

ଚାଣକ୍ୟ କହିଲେ "ଶାନ୍ତ ହୁଅନ୍ତୁ ରାଜନ୍ ! ମୁଁ ଆପଣଙ୍କୁ ଧର୍ମର ସ୍ୱରୂପ ଦେଖାଇବା ପାଇଁ ଆସିଛି । ଧର୍ମ ଅନ୍ଧ ନୁହେଁ ତାକୁ ଘୁଙ୍ଗ

Digitized by PPRACHIN, SOA

ବିଶେଷରେ ମାନ୍ତର ଅବଲମ୍ବନ କରିବାକୁ ପଡ଼େ । ଯେତେବେଳେ ଧର୍ମ ମାନ୍ତ ବିବର୍ଜିତ ହୋଇପଡ଼େ ସେତେବେଳେ ତାହା ସ୍ୱୟଂ ନଷ୍ଟ ହୋଇଯାଏ ।"

ଅମ୍ଭି ଆଶ୍ଚର୍ଯ୍ୟ ଭାବରେ ଚାଣକ୍ୟଙ୍କୁ ଚାହିଁଲେ । ଚାଣକ୍ୟ କହିବାକୁ ଲାଗିଲେ---"ଅନାଦି କାଳରୁ ଅଗଣିତ ଧର୍ମ ସୃଷ୍ଟି ହୋଇଛି ଏବଂ ବିନାଶ ବି ହୋଇସାରିଛି । ଧର୍ମ ମନୁଷ୍ୟ ସଦୃଶ ଜୀବନ ମରଣ ସୀମାରେ ସୀମିତ । ଆପଣା ରକ୍ତରେ ହିଁ ଆପଣା ମସ୍ତକରେ ତିଳକ ଧାରଣ କରିବା ପରମ୍ପରା ମଣିଷ ମଧ୍ୟରେ ବହୁ ପୂର୍ବରୁ ରହିଛି । ତେଣୁ ମୁଁ ଆପଣଙ୍କୁ ପରାମର୍ଶ ଦେବାକୁ ଆସିଛି ଯେ ଆପଣ ସିକନ୍ଦର ସହ ଯୁଦ୍ଧ କରନ୍ତୁନାହିଁ ।"

"ତେବେ ମୋର କର୍ତ୍ତବ୍ୟ କ'ଣ । ଏକଥା କୃପାକରି ସ୍ପଷ୍ଟ କରି ଦିଅନ୍ତୁ ଯେ ମୋ'ପାଇଁ ମାନ୍ତର ସ୍ୱରୂପ କ'ଣ ହେବା ଆବଶ୍ୟକ ?"

"ପ୍ରବଳ ବେଗରେ ପ୍ରବାହିତ ଝଡ଼ର ବିପରୀତ ପଥରେ ଅଗ୍ରସର ହେବା କିମ୍ବା ସେଠି ଠିଆହୋଇ ରହିବାର ଭୁଲ ଆପଣ କରନ୍ତୁନାହିଁ, ଆପଣ ଧରଣୀରେ ଶୋଇଯାଆନ୍ତୁ । ଝଡ଼ ଆସିବ ଓ ଚାଲିଯିବ । ଝଡ଼ର ଧର୍ମ ଆଗକୁ ବୋହିଯିବା, ଆପଣ ମୋ କଥା ମନେହୁଏ ବୁଝି ସାରିଥିବେ ?"

ଅମ୍ଭି ନରେଶ ଦଣ୍ଡାୟମାନ ହୋଇପଡ଼ି ଚାଣକ୍ୟଙ୍କ ଚରଣ ସ୍ପର୍ଶ କଲେ—"ଆଚାର୍ଯ୍ୟ ! ଆପଣ ମହାନ ଜ୍ଞାନୀ ଅଟନ୍ତି, ମୁଁ ଆପଣଙ୍କ ଶିଷ୍ୟତ୍ୱ ସ୍ୱୀକାର କରୁଛି ।"

ଚାଣକ୍ୟ ଅମ୍ଭି ନରେଶଙ୍କୁ ଆଲିଙ୍ଗନ କରି କହିଲେ, "ରାଜନ ! ମୁଁ ଧର୍ମ ପ୍ରବର୍ତ୍ତକ ନୁହେଁ, ଯୋଗୀ ବି ନୁହେଁ, ମୁଁ ତ କେବଳ ନୀତିଶାସ୍ତ୍ରର ପଣ୍ଡିତ ଅଟେ । ମୁଁ ଯାଉଛି, ଈଶ୍ୱର ତୁମର କଲ୍ୟାଣ କରନ୍ତୁ ।"

ଚାଣକ୍ୟ ସ୍ଥାନ ପରିତ୍ୟାଗ କରିବା ପୂର୍ବରୁ ଅମ୍ଭି ନରେଶ ଚାଣକ୍ୟଙ୍କୁ ପଚାରିଲେ, "ଆପଣ କଣ ମହାରାଜା ପୁରୁଙ୍କୁ ବି ସାକ୍ଷାତ କରିବେ ?"

Digitized by PPRACHIN, SOA

"ନା, ମୁଁ ପୁରୁରାଜାଙ୍କ ସମ୍ବନ୍ଧରେ ଯାହା କିଛି ଶୁଣିଛି ତହିଁରୁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ତାଙ୍କ ନିକଟରେ ଏକ ଶକ୍ତିଶାଳୀ ସେନା ରହିଛି ଏବଂ ଆପଣା ସୈନିକଶକ୍ତି ପାଇଁ ରହିଛି ସ୍ୱାଭାବିକ ଗର୍ବ। ସେ ସ୍ୱୟଂ ଜଣେ ବୀର ଓ ଅଭିମାନୀ ଶାସକ। ପୁନରାୟ ପୁରୁଙ୍କ ରାଜ୍ୟର ସୀମା ମଗଧକୁ ଲାଗିଛି। ମୁଁ ଚାହେଁନା ଯେ ମଗଧ ସମ୍ରାଟଙ୍କ ସହ ସିକନ୍ଦରର ଯୁଦ୍ଧ ହେଉ, ଯୁଦ୍ଧ ଆରମ୍ଭ ହେଲେ ମଗଧ-ସାମ୍ରାଜ୍ୟର କ୍ଷୟିଷ୍ଣୁ ଶକ୍ତି ପୁନରାୟ ଫେରିଆସିବ।" ଚାଣକ୍ୟ ବାର୍ତ୍ତାଳାପର ପୂର୍ଣ୍ଣଚ୍ଛେଦ ଟାଣି କହିଲେ, "ବର୍ତ୍ତମାନ ମୁଁ ଆସୁଛି, ଆପଣ ମୋ କଥା ମନେରଖିବେ ବୋଲି ବିଶ୍ୱାସ। ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଶାନ୍ତିପୂର୍ବକ ଚାଲୁଥାଉ, ସେଥିପାଇଁ ହିଁ ମୁଁ ଆସିଥିଲି। ଏଠୁ ମୁଁ ବର୍ତ୍ତମାନ ତକ୍ଷଶିଳା ଯିବି, ସେଠି କୌଣସି ପ୍ରକାର ଅବ୍ୟବସ୍ଥା ନ ହେଉ, କାରଣ ତାର ଉତ୍ତର ଦାୟିତ୍ୱ ମୋ ଉପରେ ନ୍ୟସ୍ତ ରହିଛି।

ଅମ୍ଭି ରାଜ୍ୟରୁ ଚାଣକ୍ୟ ସିଧାସଳଖ ତକ୍ଷଶିଳାରେ ଯାଇ ପହଞ୍ଚିଲେ।

ତକ୍ଷଶିଳାରେ ଏକ ପ୍ରକାର ଚହଳ ପଡ଼ିଯାଇଥିଲା, କେବଳ ରାଜକୁଳରୁ ଆଗତ ବିଦ୍ୟାର୍ଥୀ ସେଠାରେ ରହୁଥିଲେ। ସେମାନେ ସମସ୍ତେ ଥିଲେ କିଛିଟା ଶଙ୍କିତ ଓ ଅସ୍ତବ୍ୟସ୍ତ। ଚାଣକ୍ୟ ଆସିବା ମାତ୍ରକେ ସମସ୍ତ ରାଜପୁତ୍ର ତାଙ୍କୁ ଘେରି ଠିଆହୋଇଗଲେ।

ଉପକୁଳପତି ଶୈବାଳ ଅମ୍ଭି ଯୁଦ୍ଧରେ ସମ୍ମିଳିତ ହେବା ପାଇଁ ଉତ୍ସୁକ ରାଜକୁମାରମାନଙ୍କୁ ସେଯାଏ ଆଟକି କରି ରଖିଥିଲେ। ଚାଣକ୍ୟ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଶାନ୍ତିପୂର୍ବକ ଏଠି ରହି ଅଧ୍ୟୟନ କର, ଅମ୍ଭିରାଜ ସିକନ୍ଦର ସହ ଯୁଦ୍ଧ କରିବେନାହିଁ। ସେ ସିକନ୍ଦରକୁ ଆଗେଇଯିବା ପାଇଁ ଛାଡ଼ିଦେବେ।"

ଶୈବାଳ ଆଶ୍ଚର୍ଯ୍ୟ ଚକିତ ନେତ୍ରରେ ଚାଣକ୍ୟଙ୍କୁ ଦେଖିଲେ...
"ଏ ପରାମର୍ଶ ତୁମେ ଦେଇଛ ଅମ୍ଭି ନରେଶଙ୍କୁ ?"

ଶୈବାଳ ସମ୍ମୁଖରେ ମସ୍ତକ ଅବନତ କରି ଚାଣକ୍ୟ କହିଲେ—
"ହଁ ଆଚାର୍ଯ୍ୟ ! ମୁଁ କଣ ଭୁଲ କରିଛି ?"

Digitized by PPRACHIN, SOA

"ଭୂଲ୍" ଚାଣକ୍ୟଙ୍କ ମୁଖ ନିଃସୃତ ଶବ୍ଦକୁ ଶୈବାଳ ପୁନର୍ବାର ଉଚ୍ଚାରଣ କଲେ—"ମୁଁ କହିପାରିବ ନାହିଁ । ତୁମର ହେଉଁ ଗଣିତଶାସ୍ତ୍ର ରହିଛି ବୋଧହୁଏ ତାହା ହିଁ ଭବିଷ୍ୟତର ସତ୍ୟ । କିନ୍ତୁ ଯେଉଁ ଭବିଷ୍ୟତ ଭିତରେ କି କି ପଦାର୍ଥ ନିହିତ ରହିଛି, ତାହା କେହି ଜାଣନ୍ତି ନାହିଁ, ସେ ସମସ୍ତ ଦିନେ ନା ଦିନେ ସ୍ୱତଃ ପ୍ରକଟିତ ହେବ । ତେଣୁ ସେ ସମ୍ପର୍କରେ ଚିନ୍ତା କରିବା ବୃଥା । ବର୍ତ୍ତମାନ ସ୍ୱାଭାବିକ ଗତିରେ ହିଁ ଆଗେଇଯିବା ଉଚିତ । ବର୍ତ୍ତମାନ ତୁମର କାର୍ଯ୍ୟକ୍ରମ କଣ ?"

"ମୋର ବର୍ତ୍ତମାନ କାର୍ଯ୍ୟକ୍ରମ କେବଳ ପ୍ରତୀକ୍ଷା କରିବା" ଚାଣକ୍ୟ ଉତ୍ତର ଦେଲେ । ମୁଁ ଏଠି ତକ୍ଷଶିଳାରେ ଅବସ୍ଥାନ କରି ବିଦ୍ୟାର୍ଥୀମାନଙ୍କୁ ଯୁଦ୍ଧବିଦ୍ୟା ସହ ଗଣିତଶାସ୍ତ୍ରର ମଧ୍ୟ ଶିକ୍ଷା ଦେବି । ଅନ୍ୟ-ମାନଙ୍କୁ ଗଣିତଶାସ୍ତ୍ର ଦେବା ଛଳରେ ମୁଁ ନିଜର ଜ୍ଞାନକୁ ପରିମାର୍ଜିତ କରିନେବି ।"

ସିକନ୍ଦରର ସୈନ୍ୟଗଣ ଅମ୍ଭି ରାଜ୍ୟର ସୀମା ପାର ହୋଇ ପୁରୁ ପ୍ରଦେଶ ଆଡ଼କୁ ଅଗ୍ରସର ହେଉଥିଲେ । ଚାଣକ୍ୟଙ୍କୁ ଅମ୍ଭି ରାଜାଙ୍କ ବିଶେଷ ଦୂତ ସୂଚନା ଦେଲା ଯେ ସିକନ୍ଦର ଅମ୍ଭିକରେଙ୍କୁ ଅଭୟ ପ୍ରଦାନ କରି ସାରିଛନ୍ତି । ତକ୍ଷଶିଳା ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ନିରାପଦ ।

ଚାଣକ୍ୟ କହିଲେ, "ତକ୍ଷଶିଳା ବିଶ୍ୱବିଦ୍ୟାଳୟ ନିରାପଦ ରହିବ-ମୁଁ କେତେ ଖୁସି । ମୁଁ ଏହି ତକ୍ଷଶିଳାରେ ବସିରହି ସମସ୍ତ ନନ୍ଦ ବଂଶକୁ ଧ୍ୱଂସ କରିବି । ଏଥିରେ ସମୟ ଲାଗିବ, ବର୍ଷେ, ଦୁଇବର୍ଷ, ପାଞ୍ଚବର୍ଷ, କିନ୍ତୁ ମୋର ଏହି ଗୁରୁତର କାର୍ଯ୍ୟର ତୁଳନାରେ ଏ ସମୟ କିଛି ନୁହେଁ ।" ସେ ଦୂତ ହାତରେ ଚନ୍ଦ୍ରଗୁପ୍ତକୁ ଆସିବା ପାଇଁ ଖବର ଦେଲେ ।

ଚନ୍ଦ୍ରଗୁପ୍ତ ଆସିବା ପରେ ସେ କହିଲେ "ତୁମେ ସ୍ୱତନ୍ତ୍ର ଭାବରେ ନିକଟସ୍ଥ କ୍ଷୁଦ୍ର ରାଜ୍ୟମାନଙ୍କୁ ନିଜ ଅଧୀନକୁ ଆଣି ଶକ୍ତି ସଞ୍ଚୟ କର । ସିକନ୍ଦରର ସୈନ୍ୟଗଣ ଏହି ଦୀର୍ଘ ଯୁଦ୍ଧ ଅଭିଯାନ ଫଳରେ ଶ୍ରାନ୍ତ କ୍ଲାନ୍ତ, ମୋର ଅନୁମାନ ସେମାନେ ଆଗକୁ ଆଗେଇବା ପରିବର୍ତ୍ତେ ଗ୍ରୀସ୍ ଆଡ଼କୁ

Digitized by PPRACHIN, SOA

ଫେରିଯିବେ । କ୍ଳାନ୍ତ ସୈନ୍ୟମାନଙ୍କ ମନୋବଳ ଭାଙ୍ଗି ପଡ଼ୁଛି । ସିକନ୍ଦର ନିଜେ ଗ୍ରୀସ୍ ଫେରିଯିବ ଏଥିରେ ମୋର ସନ୍ଦେହ ରହୁଛି ।

ଚାଣକ୍ୟଙ୍କ ଅନୁମାନହିଁ ସତ୍ୟ ହେଲ, ଇତିହାସର ପୃଷ୍ଠାରେ ଏ ସତ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ସିକନ୍ଦରର ସୈନ୍ୟବାହିନୀ ଝେଲମ ନଦୀ ତଟରେ ପହଞ୍ଚିବା ବେଳକୁ, ମହାପଦ୍ମ ନନ୍ଦ ଆପଣାର ବିଶାଳ ସେନା ନେଇ ଝେଲମର ଅନ୍ୟ ତଟରେ ଅଗ୍ରସର ହେଉଥିଲେ । ସେନାବାହିନୀ ଭିତରେ ସିକନ୍ଦର ପ୍ରତି ବିତୃଷ୍ଣା ଓ ବିଦ୍ରୋହର ଭାବ କ୍ରମଶଃ ପ୍ରସାର ଲାଭ କରି ସାରିଥାଏ । ତେଣୁ ସମ୍ପୂର୍ଣ୍ଣ ଭାବରେ ଲକ୍ଷ୍ୟଭ୍ରଷ୍ଟ ସିକନ୍ଦର ସେଠାରୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲା ଯେଉଁ ରାସ୍ତାରେ ଆସିଥିଲା ସେହି ରାସ୍ତାରେ ନୁହେଁ — କାହିଁକନା ବିଜିତ ରାଜ୍ୟରେ ଅବସ୍ଥାପିତ ସେନାପତିଗଣ ନିଜର ସ୍ୱାଧୀନତା ଘୋଷଣା କରି ତା ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରି ସାରିଥିଲେ । ସେ ଝେଲମ ବାଟ ଦେଇ ସିନ୍ଧୁନଦୀ କୂଳେ କୂଳେ ଫେରି ଆସିଲା ।

ନିୟତିର ଗତି ଅତୀବ ବିଚିତ୍ର— ସିକନ୍ଦରର ଏହି ଅଭିଯାନରୁ ଚାଣକ୍ୟ ଏହା ଅନୁଭବ କଲେ । ଚାଣକ୍ୟଙ୍କ ପାଇଁ ଏହି ଅବସର ଥିଲା ଅପାର ଧୈର୍ଯ୍ୟ ଓ ଆତ୍ମସମର୍ପଣର । ସେ ସେହି ଅଦୃଶ୍ୟ ନିୟନ୍ତାଙ୍କ ଉଦ୍ଦେଶ୍ୟରେ ମସ୍ତକ ଅବନତକରି ସ୍ୱଗତୋକ୍ତି କଲେ, "ଚେଷ୍ଟା ଓ ପରିଶ୍ରମ କରିବା ମଣିଷର କରଗତ । ପରିଣାମକୁ ଅପେକ୍ଷା କରିବା ମନୁଷ୍ୟର ସବୁଠାରୁ ବଡ଼ ଦୁର୍ବଳତା । ବର୍ତ୍ତମାନ ମୋର ଲକ୍ଷ୍ୟ ଚନ୍ଦ୍ରଗୁପ୍ତର ଶକ୍ତିକୁ ନିରନ୍ତର ବୃଦ୍ଧି କରିବା । ମୁଁ ରାଣୀ ମୁରାଙ୍କୁ ବଚନ ଦେଇଛି ଯେ ତାଙ୍କର ପୁତ୍ର ଚନ୍ଦ୍ରଗୁପ୍ତ ମଗଧ-ସମ୍ରାଟ ରୂପରେ ହିଁ ମଗଧକୁ ଫେରିବ । ଆଉ ମୁଁ ମୋର ଶିଖା ଏହି ପ୍ରତିଜ୍ଞା କରି ଉନ୍ମୁକ୍ତ କରିଥିଲି ଯେ ଯେତେ ଦିନ ଯାଏ ମୁଁ ନନ୍ଦ ବଂଶକୁ ଧ୍ୱଂସ ନ କରିଛି ସେ ଯାଏ ଏ ଶିଖା ଉନ୍ମୁକ୍ତ ରହିବ । ବର୍ତ୍ତମାନ ଦ୍ରୁତ ଭାବରେ ମୋତେ ମୋର ସଂକଳ୍ପ ପୂର୍ଣ୍ଣ କରିବାକୁ ପଡ଼ିବ ।"

Digitized by PPRACHIN, SOA

ଗଡ଼ୱାଲର ଦକ୍ଷିଣ ଭାଗରେ ଛମ୍ବ ନାମକ ଏକ କ୍ଷୁଦ୍ର ରାଜ୍ୟ ଥିଲ । ଛମ୍ବର ଜନତା ଥିଲେ ସୁଖି ଓ ଧନଶାଳୀ । ଛମ୍ବ ରାଜାଙ୍କ ନିକଟରେ ଏତେ ସୈନ୍ୟବଳ ଥିଲା ଯେ ଆଖପାଖର କୌଣସି ରାଜ୍ୟ ତା ଉପରେ ଆକ୍ରମଣ କରି ତାଙ୍କୁ ନିଜ ରାଜ୍ୟର ଅନ୍ତର୍ଭୁକ୍ତ କରିପାରୁ-ନଥିଲେ । ଛମ୍ବର ରାଜା ରୁଦ୍ରେଶଙ୍କ ମୃତ୍ୟୁ ସମ୍ବାଦ ପାଇବା ମାତ୍ରକେ ମହାପଦ୍ମ ନନ୍ଦଙ୍କ ମନରେ ନିଜ ସାମ୍ରାଜ୍ୟର ଅଧିକ ବିସ୍ତାର କରିବା ଲିପସା ଜାଗି ଉଠିଲା ।

ରାଜା ରୁଦ୍ରେଶଙ୍କ ମନ୍ତ୍ରୀ ସମରେଶର ସର୍ବବ୍ୟାପୀ ପ୍ରଭବ ଥିଲା ଛମ୍ବ ରାଜ୍ୟରେ । ସମରେଶ ରୁଦ୍ରେଶଙ୍କ ରାଣୀଙ୍କ ନିକଟରେ ପ୍ରସ୍ତାବ କଲା ଯେ ନିଜ କନ୍ୟା ପୁଷ୍ପାବତୀର ବିବାହ ତା ସହିତ କରି ଦିଅନ୍ତୁ ଯାହା ଫଳରେ ସମରେଶ ବାସ୍ତବରୂପରେ ଛମ୍ବର ନରପତି ହୋଇଯିବ । ରାଜକୁଳ ନନ୍ଦିନୀ ରୁଦ୍ରେଶ ମହିଷୀଙ୍କୁ ସମରେଶର ଏହି ପ୍ରସ୍ତାବ ରୁଚି ସମ୍ମତ ମନେ ହେଲା ନାହିଁ ଏବଂ ସମରେଶର ଏହି ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିଦେଲେ ଏହାର ଅନ୍ୟ ଏକ କାରଣ ବି ରହିଥିଲା । ରୁଦ୍ରେଶଙ୍କ ରାଣୀ ଏକଦା ମଗଧ ସାମ୍ରାଜ୍ୟ ମୁରାଙ୍କର ସଙ୍ଗିନୀ ଥିଲେ ଏବଂ ସେ ରାଣୀ ମୁରାଙ୍କଠାରୁ ଚନ୍ଦ୍ରଗୁପ୍ତଙ୍କ ସହ ପୁଷ୍ପାବତୀର ବିବାହ ଦେବାର ସମ୍ମତି ନେଇ ସାରିଥିଲେ । ସେ ସମରେଷ ସହିତ ପୁଷ୍ପାର ବିବାହ ନଦେଲେ ଯେଉଁ ପରିସ୍ଥିତି ଉପୁଜିବ ତାହା ଜାଣିଥିଲେ, ସେ ରାଣୀ ମୁରାଙ୍କ ନିକଟକୁ ଖବର ଦେଲେ ଯେ ବର୍ତ୍ତମାନର ପରିସ୍ଥିତିରେ ବିବାହ ସମ୍ପନ୍ନ କରିବା ଅବସର ଆସିଯାଇଛି । ରାଣୀ ମୁରା ତତ୍‌କ୍ଷଣାତ ତକ୍ଷଶିଳାରେ ଅଧ୍ୟୟନରତ ଆପଣା ପୁତ୍ର ନିକଟକୁ ପ୍ରେରଣ କଲେ ।

ସନ୍ଦେଶ ବାହକକୁ ଆଚାର୍ଯ୍ୟ ଚାଣକ୍ୟଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା । ସେ ସବୁ କଥା ବୁଝି ଭଲ ଭାବରେ ଚିନ୍ତାକରି ଚନ୍ଦ୍ରଗୁପ୍ତ

Digitized by PPRACHIN, SOA

ଖବର ପଠେଇଲେ । ଚନ୍ଦ୍ରଗୁପ୍ତ ଆସିବା ପରେ ଗୁଣକ୍ୟ କହିଲେ---"କୁମାର ଚନ୍ଦ୍ରଗୁପ୍ତ ! ସ୍ୱତନ୍ତ୍ର ରୂପରେ ନିଜର ବିଜୟ ଅଭିଯାନ ଆରମ୍ଭ କରିବା ସମୟ ବର୍ତ୍ତମାନ ଉପଗତ ।"

"ମୁଁ ବୁଝିପାରିଲି ନାହିଁ ଆଚାର୍ଯ୍ୟ !" ଚକିତ ମୁଦ୍ରାରେ କହିଲେ ଚନ୍ଦ୍ରଗୁପ୍ତ ।

"ତୁମ ମାତାଙ୍କର ଦୂତ ସମ୍ମୁଖରେ ଉପସ୍ଥିତ । ତାଙ୍କ ସନ୍ଦେହ ରହିଛି ଯେ ଛମ୍ପ ନରପତି ରୁଦ୍ରେଶଙ୍କ ଦେହାବସାନ ଘଟିଛି । ତାଙ୍କର ଏକମାତ୍ର କନ୍ୟା ପୁଷ୍ପାବତୀ । ତେଣୁ ତୁମେ ତତ୍‌କ୍ଷଣାତ ଛମ୍ପ ଯାଇ ତାକୁ ବିବାହ କରିନିଅ । ତୁମର ମାତା ବାଲ୍ୟାବସ୍ଥାରୁହିଁ ପୁଷ୍ପାବତୀ ସହ ତମର ନିର୍ବନ୍ଧ କରି ସାରିଛନ୍ତି । ଛମ୍ପ ରାଜ୍ୟର ମନ୍ତ୍ରୀ ସମରେଶ ବଳାତ୍କାର ପୁଷ୍ପାବତୀ ସହ ପରିଣୟ କରିବା ପାଇଁ ଚାହେଁ; କିନ୍ତୁ ପୁଷ୍ପାବତୀ ତମର ବାକ୍‌ଦତ୍ତା ପତ୍ନୀ ହୋଇସାରିଛି ।"

"କିନ୍ତୁ ମୁଁ ତ ପୁଷ୍ପାବତୀକୁ କେବେହେଲେ ଥରକ ପାଇଁ ବି ଦେଖିନାହିଁ" ଉତ୍ତର ଦେଲେ ଚନ୍ଦ୍ରଗୁପ୍ତ । ଗୁଣକ୍ୟ କହିଲେ— "ପୁଷ୍ପାବତୀ ଅତୁଳନୀୟ ସୁନ୍ଦରୀ । ଲବର୍ଣ୍ଣ କୋମଳ, ଲଜ୍ଜାଶୀଳା ଯୁବତୀ । ତୁମେ ଛମ୍ପ ଯାଇ ତାକୁ ବିବାହ କରିନେବାକୁ ହେବ । ଛମ୍ପର ମହାରାଣୀ ତୁମର ପ୍ରତୀକ୍ଷମାଣା । ଏହା ହିଁ ତମ ମାତାଙ୍କର ଆଦେଶ ଓ ସନ୍ଦେଶ ।

"ହୁଁ" ଚନ୍ଦ୍ରଗୁପ୍ତ କହିଲେ—"ମୋତେ ଏଥିପାଇଁ ଏକ କ୍ଷୁଦ୍ର ସୈନ୍ୟଦଳ ଗଠନ କରିବା ପାଇଁ ପଡ଼ିବ ।"

"ତାର କୌଣସି ଆବଶ୍ୟକତା ନାହିଁ । ତୁମର ଏକାକୀ ଯିବା ହିଁ ଉଚିତ ହେବ । ତୁମେ ଆଜି ହିଁ ଏକ ଦ୍ରୁତଗାମୀ ଅଶ୍ୱ ନେଇ ଛମ୍ପ ଅଭିମୁଖେ ପ୍ରସ୍ଥାନ କର । ପଥରେ ଥିବା ଦସ୍ୟୁ ଓ ଲୁଣ୍ଠନକାରୀ ପଳାୟନ କରି ଇତସ୍ତତଃ ଛପି ଗଲେଣି । ସେମାନଙ୍କ ଠାରୁ କୌଣସି ବାଧାର ସମ୍ଭାବନା ନାହିଁ ।

ଏହି ବାର୍ତ୍ତାଳାପ ହୋଇଥିଲା ପ୍ରାତଃକାଳରେ । ଗୁଣକ୍ୟଙ୍କ ନିକଟରୁ ଚନ୍ଦ୍ରଗୁପ୍ତ ଫେରିଆସି ଚନ୍ଦ୍ରକାକୁ ସାକ୍ଷାତ କରି ନିଜର ଛମ୍ପ

Digitized by PPRACHIN, SOA

ଯାହାର ସୂଚନା ପ୍ରଦାନ କଲା । ତକ୍ଷଶିଳାର ସମସ୍ତ ଗତିବିଧିର ସୂଚନା ରହୁଥିଲା ତା ପାଖରେ ।

ଅଶ୍ୱାରୋହଣ କରି ଛମ୍ବ ପହଞ୍ଚିବାରେ ତାକୁ ପାଞ୍ଚଦିନ ଲାଗିଗଲା । ଷଷ୍ଠ ଦିବସରେ ସେ ଛମ୍ବନଗରୀରେ ପ୍ରବେଶ କଲା ।

ହିମାଳୟ ପର୍ବତମାଳାର କୋଳରେ ମେଣ୍ଟ କ୍ଷୁଦ୍ର ନଗରୀଟି ସ୍ୱର୍ଗର ଏକ ଅଂଶ ଭଳି ପ୍ରତୀୟମାନ ହେଉଥିଲା । ସେଠାକାର ପୁରୁଷଗଣ କୃଷି କର୍ମରେ ବ୍ୟସ୍ତ ଥିଲେ । ସ୍ତ୍ରୀ ଲୋକମାନେ ଗୃହସ୍ଥଳୀର ଯାବତୀୟ କାର୍ଯ୍ୟ ସମାପନ କଲାପରେ ଅବସର ସମୟରେ ପୁରୁଷ ମାନଙ୍କୁ ସାହାଯ୍ୟ କରୁଥିଲେ । ଯୁବକ ଯୁବତୀଗଣ ବିଦ୍ୟାଧ୍ୟୟନରେ ସମୟ ଅତିବାହିତ କରୁଥିଲେ ଏବଂ କିଶୋରୀ ଓ ଯୁବତୀ କନ୍ୟାମାନେ ରଙ୍ଗବେରଙ୍ଗ ପରିଚ୍ଛଦ ପରିଧାନ କରି ନୃତ୍ୟ ଗୀତରେ ମତ୍ତ ରହୁଥିଲେ । ରୁଦ୍ରେଶମହିଷୀ ଆତ୍ମରକ୍ଷା ପାଇଁ ଯୁବତୀମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେବାପାଇଁ ଆରମ୍ଭ କରି ଦେଇଥିଲେ । ଚନ୍ଦ୍ରଗୁପ୍ତ ଛମ୍ବ ପହଞ୍ଚିବା ବେଳକୁ ମଧ୍ୟାହ୍ନ ହୋଇ ସାରିଥିଲା । ଚନ୍ଦ୍ରଗୁପ୍ତ ଦେଖିଲା ଯେ ଏକ ସୁକୋମଳ ଅନୁଭବହୀନ ବାଳିକା ଏକାକିନୀ ଧନୁର ବାଣ ନେଇ ଲକ୍ଷ୍ୟଭେଦର ଅଭ୍ୟାସ କରୁଛି । ଶର ଲକ୍ଷ୍ୟଭ୍ରଷ୍ଟ ହୋଇ ଯେମିତି ଅନ୍ୟ କାହାକୁ ଆଘାତ ନକରେ, ଏହାକୁ ଧ୍ୟାନରେ ରଖି ଆଖପାଖର ସ୍ଥାନ ଖାଲି କରି ଦିଆଯାଇଛି ।

ଚନ୍ଦ୍ରଗୁପ୍ତକୁ ଏହି ସବୁ ଧନୁର୍ବିଦ୍ୟା ଅଭ୍ୟାସ ଅତୀବ ହାସ୍ୟାସ୍ପଦ ମନେହେଲା ସେ କୌତୁକ କଣ୍ଠରେ ହସି ହସି ସେହି ଅଭ୍ୟାସ ଉପରେ ନିଜର ବ୍ୟଙ୍ଗାତ୍ମକ ବକ୍ତବ୍ୟ ପ୍ରକାଶକଲା । ସେହି ବ୍ୟଙ୍ଗାତ୍ମକ ହସ ଯୁବତୀଙ୍କର ସ୍ୱାଭିମାନରେ ଗୁରୁତର ଆଘାତ କଲା । ସେ ଚନ୍ଦ୍ରଗୁପ୍ତ ନିକଟକୁ ଆସି କ୍ରୁଦ୍ଧିତ କଣ୍ଠରେ କହିଲା— "ମୋତେ ପରିହାସ କରି ଅପମାନ କରିବାକୁ ତୁମେ କିଏ ?

ମୋର ପରିଚୟରୁ କଣ ମିଳିବ ? ତେବେ ପରିଚୟର ଯଦି ପ୍ରୟୋଜନ ଅଛି ଏବେ ଶୁଣନ୍ତୁ—"ମୁଁ ଛମ୍ବ ମହାରାଣୀଙ୍କର ଅତିଥି ଏବଂ ମୋର ନାମ ଚନ୍ଦ୍ରଗୁପ୍ତ ।" ପଥଶ୍ରମ ଦୂର କରିବା ପାଇଁ ମୁଁ କିଛି ସମୟ ବିଶ୍ରାମ ନେଉଥିଲି ।

Digitized by PPRACHIN, SOA

ପୁଷ୍ପାବତୀର ମୁହଁ ଲଜ୍ଜାରେ ରକ୍ତିମ ହୋଇପଡ଼ିଲା । ମାତାଙ୍କ ଠାରୁ ଜାଣିଥିଲା ଯେ ସେ ଚନ୍ଦ୍ରଗୁପ୍ତଙ୍କର ବାକ୍‌ଦତ୍ତା । ପରିଚୟ ଶୁଣିବା ମାତ୍ରକେ ଚକିତ ବନ୍ୟହରିଣୀ ସଦୃଶ ସେ ଦୌଡ଼ି ପଳେଇଲା ।

ଯୁବତୀଟି ଥିଲା ଅତୀବ ସୁନ୍ଦରୀ । ଚନ୍ଦ୍ରଗୁପ୍ତଙ୍କୁ ଘେରି ପୁଷ୍ପାବତୀର ସହଚରୀଗଣ ଠିଆ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ପଚାରିଲା "ମହାଶୟ ! ଆପଣଙ୍କ ସଙ୍ଗୀନିଟିର ପରିଚୟ ପାଇଲେ ଧନ୍ୟ ହେବି । ମୋ ପାଇଁ ସାମାନ୍ୟ କଷ୍ଟ ସ୍ୱୀକାର କରିବା ପାଇଁ କୁଣ୍ଠା ପ୍ରକାଶ କରିବେ ନାହିଁ ବୋଲି ମନେକରେ ?"

"ଆରେ, ଜାଣିପାରୁଛୁ ଆପଣ ଏମ୍‌ପୁଷ୍ଟ ନବାଗତ ପରଦେଶୀ । ଇଏତ ଛଦ୍ମ ରାଜକୁମାରୀ ପୁଷ୍ପାବତୀ ।

"ହୁଁ" । ସ୍ୱାଗତୋକ୍ତି କଲା ଚନ୍ଦ୍ରଗୁପ୍ତ । ମା' ସତରେ ମୋର ଜୀବନ ସଙ୍ଗିନୀ ରୂପରେ ଏକ ଅପୂର୍ବ ସୁନ୍ଦରୀ କନ୍ୟାର ଚୟନ କରିଛନ୍ତି, ମୁଁ ସତରେ ଧନ୍ୟ ଯେଉଁ ଆଉ ମୁହୂର୍ତ୍ତେ ମାତ୍ର ନଷ୍ଟ କରିବାକୁ ଆଉ ଇଚ୍ଛା ହେଲନାହିଁ । କାଳବିଳମ୍ବ ନକରି ରାଜପ୍ରାସାଦ ଆଡ଼କୁ ଅଗ୍ରସର ହେଲା ଚନ୍ଦ୍ରଗୁପ୍ତ ।

ରାଜଭବନକୁ ସମ୍ପୂର୍ଣ୍ଣ ରୂପରେ ଘେରି ରହିଥିଲେ ସମରେଶର ଗୁପ୍ତଚର । ଜଣେ ଅନୁଚର ଆସି ସମରେଶଙ୍କୁ ଚନ୍ଦ୍ରଗୁପ୍ତର ଆଗମନ ସମ୍ବାଦ ଜଣାଇଦେଲା । ସମରେଶ ରାଜଭବନର ମୁଖ୍ୟ ଦ୍ୱାରକୁ ଆସି ନିଜ ଅନୁଚର ମାନଙ୍କୁ ଆଦେଶ ଦେଲା—"ଏହାକୁ ବନ୍ଦୀକର ।"

ଚନ୍ଦ୍ରଗୁପ୍ତ ନିଜ ଉପରେ ଆକ୍ରମଣ କରୁଥିବା ଉଭୟ ସୈନିକଙ୍କୁ ହତ୍ୟାକରି ସମରେଶ ଉପରେ ଲମ୍ଫ ପ୍ରଦାନ କଲା ତଡ଼ିତ୍‌ଗତିରେ । ସମରେଶ ବି ଆପଣାର ତରବାରି କୋଷମୁକ୍ତ କଲା; କିନ୍ତୁ ତା' ନିକଟରେ ନଥିଲା ଚନ୍ଦ୍ରଗୁପ୍ତର ସ୍ଫୁର୍ତ୍ତି, ନଥିଲା କୌଶଳ । କିଛିକ୍ଷଣ ମଧ୍ୟରେ ହିଁ ସମରେଶ ମୃତ୍ୟୁବରଣ କଲା ଚନ୍ଦ୍ରଗୁପ୍ତର ତରବାରି ଆଘାତରେ ।

ଚନ୍ଦ୍ରଗୁପ୍ତର ଛଦ୍ମ ଆଗମନ ସମ୍ବାଦ ରାଣୀ ପୁଷ୍ପାବତୀ ଶୁଣି ସାରିଥିଲେ । ହାତରେ ଆରତୀର ଥାଳି ସଜେଇ ବାହାରି ଆସିଲେ ପ୍ରାସାଦ

Digitized by PPRACHIN, SOA

ମୁଖ୍ୟଦ୍ୱାରକୁ । ବନ୍ଦନା କରି ପ୍ରାସାଦାଭ୍ୟନ୍ତରକୁ ଘେନିଗଲେ ନିଜ ସଙ୍ଗରେ ଚନ୍ଦ୍ରଗୁପ୍ତକୁ ।

ରାଜପୁରୋହିତ ଆସି ସୁଷ୍ମାବତୀର ବିବାହ ମୁହୂର୍ତ୍ତ ନିର୍ଣ୍ଣୟ କଲେ । ଶୁଭ ମୁହୂର୍ତ୍ତରେ ଚନ୍ଦ୍ରଗୁପ୍ତ ସହ ସୁଷ୍ମାବତୀର ବିବାହ ସମ୍ପନ୍ନ ହୋଇଗଲା । ଚନ୍ଦ୍ରଗୁପ୍ତ ଛମ୍ବର ସିଂହାସନ ଆରୋହଣ କଲା ।

ଛମ୍ବର ରାଜ୍ୟାଧିକାରୀ ଓ ସୈନିକଗଣ ଚନ୍ଦ୍ରଗୁପ୍ତର ଶୌର୍ଯ୍ୟ ଓ ବୀରତ୍ୱର ଗମ୍ଭୀର ଭାବରେ ପ୍ରଭାବିତ ହୋଇପଡ଼ି ଆପଣା ନୂତନ ରାଜାଙ୍କର ଜୟ-ଜୟକାରରେ ଗଗନ ପବନ ମୁଖରିତ କରି ତୋଳିଲେ ।

ରାଣୀ ମୁରା ଚନ୍ଦ୍ରଗୁପ୍ତ ନିକଟକୁ ବାର୍ତ୍ତା ପ୍ରେରଣା କରିବାର ଆଉ ଏକ ଉଦ୍ଦେଶ୍ୟ ମଧ୍ୟ ରହିଥିଲା ।

ନିର୍ବାପିତ ହେବା ପୂର୍ବରୁ ପ୍ରଦୀପ ଶିଖା ଯେପରି ଜାଜ୍ଜ୍ୱଲ୍ୟମାନ ହୋଇ ଉଠେ ସେହିପରି ମହାପଦ୍ମ ନନ୍ଦଙ୍କ ମଧ୍ୟରେ ଦୁଇଟି ପ୍ରବୃତ୍ତି ପ୍ରଖର ହୋଇ ପଡ଼ିଥିଲା । ନିଜ ସାମ୍ରାଜ୍ୟକୁ ଆହୁରି ବିସ୍ତାର କରିବା ଇଚ୍ଛା ତା ଭିତରେ ଥିଲା ଅତୀବ ବଳବତୀ । ଏକ ବିଶାଳ ସେନାବାହିନୀ ଛମ୍ବ ଅଧିକାର କରିବାକୁ ଆଗେଇ ଚାଲିଥିଲେ । ଆପଣାର ବୃଦ୍ଧାବସ୍ଥାରେ ଏହି ଷାର୍ଦ୍ଧି ଯୁଦ୍ଧ ଯାତ୍ରାର ଏକ ନିହିତ ଉଦ୍ଦେଶ୍ୟ ଥିଲା, ସୁଷ୍ମାବତୀକୁ ନିଜେ ବିବାହ କରିବାର ଉତ୍ସୁକତା କାରଣ ସୁଷ୍ମାବତୀର ଅପରୂପ ସୌନ୍ଦର୍ଯ୍ୟର ଖ୍ୟାତି ମହାରାଜା ନନ୍ଦ ବହୁପୂର୍ବରୁ ଶୁଣିଥିଲେ ।

ମଗଧ ସମ୍ରାଟ ସସୈନ୍ୟ ଛମ୍ବ ଆଡ଼କୁ ଅଗ୍ରସର ହେଉଥିବାର ସମ୍ବାଦ ଛମ୍ବରେ ଆସି ପହଞ୍ଚିବାକୁ ଲାଗିଲା ।

ରୁଦ୍ରେଶଙ୍କ ବିଧବା-ପତ୍ନୀ ଚନ୍ଦ୍ରଗୁପ୍ତକୁ ଡାକି କହିଲେ—"ବିପତ୍ତି ଏ ଆଡ଼କୁ ଆଗେଇ ଆସୁଛି । ଏହାର ସମାଧାନ କରିବାକୁ ପଡ଼ିବ ।"

ଅପାର ଶକ୍ତି, ସାହସ ଓ ଶୌର୍ଯ୍ୟର ଅଧିକାରୀ ହୋଇଥିଲେ ବି ଚନ୍ଦ୍ରଗୁପ୍ତ ଚିନ୍ତିତ ହୋଇ ପଡ଼ିଲା । ତାର ପିତାଙ୍କର ମନ୍ଦ ଓ ନୀଚ ପ୍ରବୃତ୍ତି ସମ୍ପର୍କରେ ସେ ଅବହିତ ହୋଇ ସାରିଥିଲା ।

Digitized by PPRACHIN, SOA

ଚିନ୍ତିତ ଭାବରେ ସେ ଚନ୍ଦ୍ରଗୁପ୍ତ ମହାରାଣୀଙ୍କୁ ପଚାରିଲା "ମୋ ପକ୍ଷରେ ବର୍ତ୍ତମାନ କଣ କରିବା ଆବଶ୍ୟକ ମୁଁ ଆଦୌ ବୁଝିପାରୁନାହିଁ । ମଗଧର ବିଶାଳ ସେନାର ସମ୍ମୁଖୀନ ହେବା ଅସମ୍ଭବ ଏବଂ ଯୁଦ୍ଧରେ ପରାଜୟ ସୁନିଶ୍ଚିତ ।"

ମହାରାଣୀ କିଛି ସମୟ ଚିନ୍ତାକରି କହିଲେ—"ମୋର ଉପଦେଶ ଯଦି ମାନିବ, ପୃଷ୍ପାବତୀଙ୍କୁ ସଙ୍ଗରେ ନେଇ ତକ୍ଷଶିଳା ଚାଲିଯାଅ । ନନ୍ଦ ପାଖରେ ନା ତକ୍ଷଶିଳା ଆକ୍ରମଣ କରିବାର କ୍ଷମତା ରହିଛି ନା ସାହସ ସେ ଛମ୍ମ ଉପରେ ଅଧିକାର ସାବ୍ୟସ୍ତ କରି ପାଟଳିପୁତ୍ର ଫେରିଯିବ । ନନ୍ଦ ଫେରିଯିବା ପରେ ତୁମେ ଏଠାରେ ନିଯୁକ୍ତ, ତା'ର ସେନାକୁ ନଷ୍ଟକରି ପୁନରାୟ ଛମ୍ମକୁ ସହଜରେ ଅଧିକାର କରି ନେଇ ପାରିବ । ଛମ୍ମର ଜନସାଧାରଣ ବୀର ଓ ରାଜଭକ୍ତ । ସେମାନେ ତୁମକୁ ସାହାଯ୍ୟ କରିବେ ।

ଚନ୍ଦ୍ରଗୁପ୍ତର ମନେହେଲା ମହାରାଣୀଙ୍କ ଉପଦେଶର ସାରବତ୍ତା ରହିଛି । ଠିକ୍ ସେତିକବେଳେ ଚାଣକ୍ୟଙ୍କ କଥା ତାର ମନେପଡ଼ିଲା ଏବଂ ପରଦିନ ପୃଷ୍ପାବତୀଙ୍କୁ ସଙ୍ଗରେ ନେଇ ସେ ତକ୍ଷଶିଳା ଅଭିମୁଖେ ଯାତ୍ରାକଲା ।

ଯେମିତି ଆଶା କରାଯାଉଥିଲା, ମହାପଦ୍ମ ନନ୍ଦ ନିଜ ସୈନ୍ୟବାହିନୀ ସହ ଛମ୍ମରେ ଆସି ପଦାର୍ପଣ କଲା ଏବଂ ଚନ୍ଦ୍ରଗୁପ୍ତର ଛମ୍ମ ଆଗମନର ବାର୍ତ୍ତା ସମ୍ପର୍କରେ ଅବହିତ ହେଲା । ଚନ୍ଦ୍ରଗୁପ୍ତର ବିବାହ, ସିଂହାସନ ପ୍ରାପ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଶୁଣିବାପରେ ସେ କ୍ରୋଧରେ ଜଳି ଉଠିଲା । ଅଧର ଦଂଶନକରି କହିଲା— "ସେହି ଶୁଦ୍ରାପୁତ୍ରର ଏତେ ସାହସ । ବର୍ତ୍ତମାନ ତାକୁ ଧ୍ୱଂସ କରିବା ମୋର ଏକମାତ୍ର କର୍ତ୍ତବ୍ୟ ।"

କିନ୍ତୁ ସେ ତ ବର୍ତ୍ତମାନ ତକ୍ଷଶିଳାରେ— ଉତ୍ତର ଦେଲେ ନନ୍ଦର ଜଣେ ମନ୍ତ୍ରୀ ।

ତକ୍ଷଶିଳା ! ଅଲଙ୍ଘ୍ୟ ହିନ୍ଦୁକୁଶ ପର୍ବତ ମଧ୍ୟରେ ଯେଉଁ କ୍ଷୁଦ୍ର ଅଞ୍ଚଳ । ତେବେ ସେ ସେଠି ଅବସ୍ଥାନ କରୁ । ସେନାପତିମାନଙ୍କୁ ମୋର ଆଦେଶ ଯେ ସେମାନେ ସତର୍କତା ସହ ସେହି ଅଞ୍ଚଳର

Digitized by PPRACHIN, SOA

ରକ୍ଷାକରନ୍ତୁ । ଯେତେଦିନ ଯାଏ ମୁଁ ଜୀବିତ ରହିଛି, ସେହି ଶୂଦ୍ରାର ସନ୍ତାନ ଛମ୍ବକୁ ପ୍ରବେଶ କରିବାକୁ ଦେବିନାହିଁ ।

ନିବର୍ଶୀରେ ନନ୍ଦ ଛମ୍ବରୁ ଫେରଆସିଲି ପାଟଳିପୁତ୍ରକୁ । ଫେରିବା ବେଳେ ସେ ଅନୁଭବ କଲି ଯେ ମଗଧର ବାହାରେ ଅବସ୍ଥିତ ପ୍ରଦେଶରେ ବିଦ୍ରୋହର ଭାବନା କ୍ରମେ ପ୍ରସାର ଲାଭ କରୁଛି ଓ ବ୍ୟତିକ୍ରମ ଗଢ଼ିଉଠୁଛି । ତା ଆଗରେ ନିଜ ଶାସନକୁ ସୁଦୃଢ଼ ରଖିବାର ସମସ୍ୟା ଦେଖାଦେଲା ।

ଚନ୍ଦ୍ରାବତୀଙ୍କୁ ସଙ୍ଗରେ ନେଇ ଚନ୍ଦ୍ରଗୁପ୍ତ ଚାଣକ୍ୟ ସମ୍ମୁଖରେ ଉପସ୍ଥିତ ହେଲି । ଉଭୟଙ୍କୁ ଚାଣକ୍ୟ ଆଶୀର୍ବାଦକରି କହିଲେ "ଭଲହେଲା ଯେ ତୁମେଦୁହେଁ ତକ୍ଷଶିଳାକୁ ଆସିଯାଇଛ । ଏପଟେ ଅଗ୍ରସର ହେବାର କ୍ଷମତା ବା ସାହସ ନନ୍ଦ ଭିତରେ ନାହିଁ । କିନ୍ତୁ ଛମ୍ବନରେ ଚନ୍ଦ୍ରଗୁପ୍ତ ପକ୍ଷରେ ଲେଉଟି ଯାଇ କେବଳ ଛମ୍ବରେ ନିଜକୁ ପ୍ରତିଷ୍ଠା କରିଦେଲେ ଯଥେଷ୍ଟ ହେବନାହିଁ । ଆପଣା ଶକ୍ତିର ବିସ୍ତାର କରିବା ପାଇଁ ପଡ଼ିବ । ଗାନ୍ଧାରର ପଶ୍ଚିମ ଦିଗରେ ଅବସ୍ଥିତ ହିମାଳୟ ପ୍ରଦେଶରେ ଅନେକ ସ୍ୱତନ୍ତ୍ର ଶକ୍ତି ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ିଛନ୍ତି । ସେମାନଙ୍କ ଉପରେ ବିଜୟଲାଭ କରି ସେମାନଙ୍କୁ ଗୋଟାଏ ସୂତ୍ରରେ ବାନ୍ଧିବାର ଏକ ବିସ୍ତୃତ କାର୍ଯ୍ୟକ୍ରମ ତୁମକୁ ହାତକୁ ନେବାକୁ ପଡ଼ିବ ହିମାଳୟର ପଶ୍ଚିମରେ ଅବସ୍ଥିତ କାଶ୍ମୀରର ସୁରମ୍ୟ ଓ ବିସ୍ତୃତ ଘାଟି । କାଶ୍ମୀର ଅଧିବାସୀ ଅତ୍ୟନ୍ତ ସରଳ ଓ ଶାନ୍ତିପ୍ରିୟ । ସେଠି ରହିଛି କେଶର ଏବଂ ସୁବର୍ଣ୍ଣର ଅସରନ୍ତି ଭଣ୍ଡାର । ତେଣୁ କାଶ୍ମୀରକୁ ପଦାନତ କରି ତୁମକୁ ଧନ ଓ ସାଧନ ସଂଗ୍ରହ କରିବାକୁ ହେବ ପ୍ରଚୁର । ତା ପରେ ତକ୍ଷଶିଳାକୁ ଫେରିଆସି ତୁମକୁ ନନ୍ଦ ବଂଶକୁ ନିର୍ମୂଳ କରିବାକୁ ତଥା ପାଟଳିପୁତ୍ରକୁ ଆପଣା ଧନ ବଳରେ ଅଧିକାର କରିବାର ଯୋଜନା ଏକାଗ୍ର ଚିତ୍ତରେ ପ୍ରସ୍ତୁତ କରିବାକୁ ପଡ଼ିବ ।

ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ସମ୍ମୁଖରେ ମସ୍ତକ ଅବନତ କରି କହିଲି— "ଆପଣଙ୍କର ଆଦେଶ ମୁଁ ପାଳନ କରିବି । କିନ୍ତୁ ଏ ସମସ୍ତ କାର୍ଯ୍ୟ ସମାପନ ପାଇଁ ବହୁ ସମୟ ଅତିବାହିତ ହୋଇଯିବ ।"

Digitized by PPRACHIN, SOA

ଓଠରେ ସ୍ମିତ ହସର ରେଖାଟାଣି ଚାଣକ୍ୟ କହିଲେ— "ଏତେ ବ୍ୟଗ୍ର ହେବାର କୌଣସି ଆବଶ୍ୟକତା ନାହିଁ । ସମୟର ଚିନ୍ତା ତୁମେ କରନାହିଁ, ସମୟ ନିଜେହିଁ ଆପଣାର ସୀମା ନିର୍ଦ୍ଧାରଣ କରିନେବ । ତମେ ତ ଏଇ ମାତ୍ର ଯୌବନାବସ୍ଥା ପାରି ହୋଇଛ କିନ୍ତୁ ଜୀବନ ଏକ ଅନନ୍ତ ସାଧନା, ଏ ବିଷୟପ୍ରତି ସଦାସର୍ବଦା ଧ୍ୟାନ ରଖିବା ଉଚିତ ।

କିଛି ସମୟ ପର୍ଯ୍ୟନ୍ତ ଆଖିବୁଜି ବସିରହିବା ପରେ ଆର୍ଯ୍ୟ ଚାଣକ୍ୟ ଆଖି ଖୋଲିଲେ, କହିଲେ— "କେହି କାହାକୁ ସୃଷ୍ଟି କରନ୍ତି ନାହିଁ, କେହି କାହାକୁ ଧ୍ୱଂସ ବି କରନ୍ତି ନାହିଁ । ନନ୍ଦ ବଂଶର ବିନାଶ ମୁଁ କରୁନାହିଁ, ତାର ବିନାଶ ସ୍ୱୟଂ ମହାପଦ୍ମ ନନ୍ଦ ଓ ତାଙ୍କର ପୁତ୍ରମାନଙ୍କ ଦ୍ୱାରା ହିଁ ସଂଘଟିତ ହେଉଛି । ମୁଁ କେତେବଡ଼ ମୂର୍ଖ, ଯିଏ ଭାବୁଛି ଯେ ନନ୍ଦବଂଶର ବିନାଶ ମୋ ହାତରେ ହେଉଛି ବା ହେବ ମଣିଷ କର୍ତ୍ତା ନୁହେଁ, କର୍ତ୍ତାର ଆବରଣରେ କେବଳ କର୍ମ ମାତ୍ର । କିନ୍ତୁ ମୋର ଏହି ଅହଂ ! ଅହଂକୁ ନେଇ ମୁଁ କଣ କରିବି ! କର୍ମ କରିବାର ପ୍ରେରଣା ଏବଂ ଏହି ଅହଂର ପରିତ୍ୟାଗ ମୋ ପକ୍ଷରେ ସମ୍ଭବ ନୁହେଁ । ବର୍ତ୍ତମାନ ତୁମେ ଯାଅ, ମୋର ସାଧନାର ସମୟ ସମାଗତ । ଏହା ପରେ ମୋ ସହିତ ସାକ୍ଷାତ କରିବାର ଆବଶ୍ୟକତା ତୁମେ ଏକ ସଂପୂର୍ଣ୍ଣ ସତ୍ତା । ସମୟ ଆସିଲେ ମୁଁ ତୁମକୁ ଖୋଜି ନେବି ।"

"ଆପଣଙ୍କର ଆଦେଶ ଶିରୋଧାର୍ଯ୍ୟ" ସେଠାରୁ ଚାଲି ଯାଉ ଯାଉ କହିଲେ ଚନ୍ଦ୍ରଗୁପ୍ତ ।

Digitized by PPRACHIN, SOA

କଣ କାରଣ ଥିଲା— କେହିବି ସ୍ପଷ୍ଟ ରୂପରେ ଜାଣିନଥିଲେ । ସ୍ୱୟଂ ନନ୍ଦଙ୍କର ପୁତ୍ରଗଣ ବି କହିବା ପାଇଁ ସକ୍ଷମ ନଥିଲେ କିନ୍ତୁ ବସ୍ତୁତଃ ସେମାନଙ୍କ ମନରେ ଏ ଧାରଣା ଦୃଢ଼ିଭୂତ ହୋଇ ଯାଇଥିଲା ଯେ ଚନ୍ଦ୍ରଗୁପ୍ତ ଜୀବିତ ଥିବା ପର୍ଯ୍ୟନ୍ତ ନନ୍ଦଙ୍କ ମୃତ୍ୟୁପରେ ମଗଧ ସାମ୍ରାଜ୍ୟର ଉତ୍ତରାଧିକାରୀ ଚନ୍ଦ୍ରଗୁପ୍ତକୁ ହିଁ ମିଳିବ । ତେଣୁ ଚନ୍ଦ୍ରଗୁପ୍ତକୁ ସମୂଳେ ବିନଷ୍ଟ କରିବା ସେମାନଙ୍କର ପରମ ଓ ପ୍ରଥମ କର୍ତ୍ତବ୍ୟ ଅଟେ । ଅସୀମ ବୁଦ୍ଧିମାନ ଓ କୌଶଳୀ ମହାମନ୍ତ୍ରୀ ରାକ୍ଷସକୁ ଏହାର ଆଭାସ ମିଳି ସାରିଥିଲା । ଚନ୍ଦ୍ରଗୁପ୍ତର ପ୍ରାଣ ନାଶକରିବାପାଇଁ ଅନେକ ଗୁପ୍ତ ଘାତକ ରାଜପୁତ୍ର ମାନଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ । ଏହିବ୍ୟବସାୟିକ ହତ୍ୟାକାରୀଙ୍କ ସହ ସମ୍ପର୍କ ରାକ୍ଷସକୁ ଅରୁଚିକର ବୋଧ ହେଉଥିଲା । ତେଣୁ ସେ ଆପଣା ଢଙ୍ଗରେ ଏମାନଙ୍କ ଉପରେ ଦୃଷ୍ଟି ରଖିଥିଲା ଏବଂ ସେହି ହତ୍ୟାକାରୀଙ୍କ ପ୍ରଚେଷ୍ଟାକୁ ବିଫଳ କରି ଦେଉଥିଲା ।

ନନ୍ଦଙ୍କର ପୁତ୍ରମାନଙ୍କ ମଧ୍ୟରେ ଉତ୍ତରାଧିକାର କାହାକୁ ପ୍ରାପ୍ତ ହେବ, ସେ ସଂପର୍କରେ କୌଣସି ମତଭେଦ ନଥିଲା । ଦେଶ ଓ କୌଳିକ ପରଂପରା ଅନୁସାରେ ଜ୍ୟେଷ୍ଠପୁତ୍ରର ହିଁ ସିଂହାସନ ଆରୋହଣର ସମ୍ଭାବନା ଥିଲା ସର୍ବାଧିକ; କିନ୍ତୁ ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ସଂଯୁକ୍ତ ପରିବାରର ଭାବନା ସମାଜ ମଧ୍ୟରେ ଦୃଢ଼ମୂଳ ହୋଇସାରିଥିଲା । ଅନ୍ୟ ରାଜକୁମାର ଗଣଙ୍କ ମଧ୍ୟରେ ଆପଣା ଆପଣା ଢଙ୍ଗରେ ମଗଧ-ରାଜଶକ୍ତିର ପ୍ରୟୋଗ କରି ନିଜ ବନ୍ଧୁତ୍ୱର ସ୍ଥିତିକୁ ବଜାୟ ରଖିବା ପ୍ରବୃତ୍ତି ରହିଥିଲା ।

ରାଜକୁମାରଙ୍କ ଦ୍ୱାରା ନିଯୁକ୍ତ ବ୍ୟବସାୟିକ ହତ୍ୟାକାରୀଗଣ କ୍ରମଶଃ ଲୋପ ପାଇଯାଉଥିବା କାରଣରୁ ଏକ ଗୁପ୍ତ ମନ୍ତ୍ରଣାରେ ଏହି ରାଜକୁମାରଗଣ ସ୍ଥିରକଲେ ଯେ ଯଦି ଚନ୍ଦ୍ରଗୁପ୍ତକୁ ହତ୍ୟା କରିବାର କାର୍ଯ୍ୟ ସେମାନେ ନିଜ ହାତକୁ ନିଅନ୍ତି ତହିଁରେ ସଫଳତା ଲାଭର ସମ୍ଭାବନା ସର୍ବାଧିକ

Digitized by PPRACHIN, SOA

ବିଦ୍ୟମାନ । ଏହି କାର୍ଯ୍ୟପାଇଁ ପ୍ରଥମେ ରାଜକୁମାର ଶ୍ୱେତ କମଳ ଓ ନୀଳକମଳ ବାହାରି ପଡ଼ିଲେ । ଦୁହେଁ ମହାମନ୍ତ୍ରୀ ରାକ୍ଷସ ନିକଟରେ କହିଲେ ମଗଧ-ସାମ୍ରାଜ୍ୟର ଅଧିକ ବିସ୍ତାର ସମ୍ଭାବନା ସମ୍ପର୍କରେ ଅଧ୍ୟୟନ କରିବାକୁ ସେମାନେ ତକ୍ଷଶିଳା ଯିବାକୁ ଚାହାଁନ୍ତି । ତାପରେ ଉଭୟେ ଯାତ୍ରାରମ୍ଭ କଲେ । ତକ୍ଷଶିଳା ସିଧାସଳଖ ଯାଇଥିବା ରାଜମାର୍ଗରେ ସଶକ୍ତ ରାଜ୍ୟ ଓ ଜନପଦ ରହିଥିବା ଦୃଷ୍ଟିରୁ ଉକ୍ତ ମାର୍ଗ ମୋଟେ ନିରାପଦ ନଥିଲା । ଗୁପ୍ତଚରଙ୍କ ଠାରୁ ସେମାନେ ଜାଣିପାରିଥିଲେ ଯେ ଗଡ଼ବାଲର ପଶ୍ଚିମରେ ଯେଉଁ ସବୁ ଶାନ୍ତିପ୍ରିୟ ରାଜ୍ୟ ଓ ଜନପଦ ରହିଛି ତା ଭିତର ଦେଇ ସହଜରେ ଯାତ୍ରା କରିହେବ ଓ ତକ୍ଷଶିଳାରେ ପହଞ୍ଚି ଅତି ସହଜରେ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରାଯାଇ ପାରିବ । ବହୁ ଭୌଗଳିକ ବାଧାରେ ସଂଯୁକ୍ତ ସେହି ପଥ ଆତତାୟୀ ଓ ଲୁଣ୍ଠନକାରୀଙ୍କ ଦୌରାତ୍ମ୍ୟରୁ ମୁକ୍ତ ରହିଥିଲା ।

ହିମାଞ୍ଚଳର ସୀମାନ୍ତରେ ଅବସ୍ଥିତ ଜାମ୍ମୁ ପର୍ଯ୍ୟନ୍ତ ସେମାନେ ପହଞ୍ଚିଲେ ପଦବ୍ରଜରେ । ସୀମାନ୍ତକୁ ଲାଗି ରହିଥିଲା ହିମାଚଳ ପର୍ବତମାଳା ଦ୍ୱାରା ପରିବେଷ୍ଟିତ କାଶ୍ମୀର ଅଞ୍ଚଳ, ଯେଉଁଠି ସ୍ଥାନେ ସ୍ଥାନେ ଅଲଂଘ୍ୟ ପର୍ବତମାଳା ଆପଣା ସୁଉଚ୍ଚ ଶିଖର ଆକାଶକୁ ସ୍ପର୍ଶକରି ଠିଆହୋଇଥିଲା । କିନ୍ତୁ ପ୍ରକୃତି ସହ ଅନବରତ ସଂଘର୍ଷରତ ମଣିଷ ଏହି ଅଲଂଘ୍ୟ ପର୍ବତମାଳାର ବୁକୁରେ ନିଜ ପଦ ଚିହ୍ନର ସ୍ମାରକସମ ପାଦଚଲା ମାର୍ଗଟିଏ ଆଙ୍କିଦେଇ ସାରିଥିଲା । କାଶ୍ମୀରର ବିସ୍ତୃତ ଓ ବର୍ଣ୍ଣମୟୀ ଉପତ୍ୟକାରେ ସେତେବେଳକୁ ଶାନ୍ତ ଓ ସଂଘର୍ଷହୀନ ଜୀବନ ବିକଶିତ ହୋଇ ସାରିଥିଲା । ସକଳ ପଦାର୍ଥ ଉପଲବ୍ଧ ଥିଲା ଏହି ଘାଟିରେ, ଏଠି ପୁଣି ରହିଥିଲା କେଶର ଓ ସୁବର୍ଣ୍ଣର ଭଣ୍ଡାର । ପଞ୍ଚ ନଦର ରାଓଲପିଣ୍ଡି ନଗରୀରୁ କାଶ୍ମୀରର ପଥ ଥିଲା ସୁଗମ ଓ ସୁରକ୍ଷିତ । ଏହି ମାର୍ଗଦେଇ ଭାରତସହ କାଶ୍ମୀରର ଥିଲା ବ୍ୟବସାୟିକ ସମ୍ପର୍କ । ଉତ୍ତର ପଶ୍ଚିମ ଦିଗରୁ କାଶ୍ମୀରକୁ ଗମନାଗମନ ଅସମ୍ଭବ ବୋଲି ମନେ କରାଯାଉଥିଲା ।

ହିମାଞ୍ଚଳ ପ୍ରଦେଶଦେଇ କାଶ୍ମୀରକୁ ଦୀର୍ଘ ଯାତ୍ରା ଉଭୟ ରାଜକୁମାରଙ୍କ ଶରୀର ଓ ମନକୁ କ୍ଲାନ୍ତ କରିଦେଇ ସାରିଥିଲା । କାଶ୍ମୀରରେ ପହଞ୍ଚିବାମାତ୍ରକେ

Digitized by PPRACHIN, SOA

ସେମାନେ ଅନୁଭବକଲେ ଯେ ଉଭୟେ କେବଳ ନୂତନ ଜୀବନ ଫେର ପାଇନାହାନ୍ତି, ସ୍ୱର୍ଗର କୌଣସି ଏକଅଂଶରେ ପଦାର୍ପଣ କରିଛନ୍ତି ।

କାଶ୍ମୀର ଅଧିବାସୀ ଯେପରି ତାଙ୍କର ମାଟି ଭଳି ଥିଲେ ଶାନ୍ତ ଓ ସୁନ୍ଦର । ହିମାଳୟର ଉତ୍ତରାଞ୍ଚଳରେ ଯେଉଁଠାରୁ କାଶ୍ମୀରର ମୁଖ୍ୟଘାଟି ଆରମ୍ଭ ହୋଇଛି ଠିକ୍ ସେହିଠାରେ ଅବସ୍ଥିତ ଶ୍ରୀନଗର ନାମକ ଏକ ମନୋରମ ଓ ଚିତ୍ତହାରୀ ନଗରୀ । ନଗରୀର ମଧ୍ୟଭାଗରେ ନୀଳନୀରଶୋଭିତ ଡାଲହ୍ରଦ । ହ୍ରଦର ଦୁଇ କ୍ରୋଶ ଦକ୍ଷିଣକୁ ଅବସ୍ଥିତ କାଶ୍ମୀର-ନରେଶଙ୍କ ସୁରମ୍ୟ ରାଜଭବନ ।

ମଗଧ-ରାଜକୁମାରଙ୍କ ଆଗମନ ସମ୍ବାଦ ମହାରାଜା ଅବନ୍ତୀଦେବଙ୍କ କାନରେ ପହଞ୍ଚିଲା । ଦୂତ ସମ୍ବାଦଦେଲା ଯେ ମଗଧ-ସମ୍ରାଟଙ୍କ ଦୁଇଜଣ ପୁତ୍ର ଭ୍ରମଣ ଉଦ୍ଦେଶ୍ୟରେ କାଶ୍ମୀରରେ ଆସି ଉପସ୍ଥିତ ହୋଇଛନ୍ତି । ରାଜା ଉଭୟ ରାଜପୁତ୍ରଙ୍କୁ ଆପଣା ରାଜଭବନରେ ଅତିଥିରୂପେ ଗ୍ରହଣ କରି ସେମାନଙ୍କ ସ୍ୱାଗତ-ସତ୍କାରର ଭାର କୂଳପରମ୍ପରା ଅନୁସାରେ ରାଜକନ୍ୟା ଶୋଭନା ଉପରେ ସମର୍ପଣ କଲେ ।

ଶୋଭନା ଥିଲା ଏକୋଇଶ ବାଇଶ ବର୍ଷର ଏକ ବର୍ଣ୍ଣମୟୀ ଯୁବତୀ, ଅନିନ୍ଦ୍ୟ ସୁନ୍ଦରୀ, ସୁଲକ୍ଷଣା ସର୍ବଗୁଣ ସମ୍ପନ୍ନା, ବିଦୁଷୀ । ସୁଯୋଗ୍ୟ ବରପାତ୍ରର ଅଭାବରୁ ସେ ଏଯାବତ୍ ଥିଲା କୁମାରୀ, ଅବିବାହିତ । ଶୋଭନାର ପିତୃବ୍ୟଙ୍କ କନ୍ୟା କାମନା ବି ଥିଲା ଶୋଭନାର ସମବୟସୀ ଅପେକ୍ଷାକୃତ ଚଞ୍ଚଳ ଓ ଚପଳ । ଶୋଭନାର ବିବାହ ଶେଷ ନହେବା ଯାଏ କାମନାର ବିବାହ ପ୍ରଶ୍ନ ଉଠୁନଥିଲା ।

ଦିନେ ଦ୍ୱିପ୍ରହର ସମୟରେ ଶ୍ୱେତକମଳ ଓ ନୀଳକମଳ ଶୋଭନା ଓ କାମନାକୁ ସଙ୍ଗରେ ନେଇ ଡାଲହ୍ରଦରେ ନୌକା ବିହାର ପାଇଁ ବାହାରିପଡ଼ିଲେ । ନୌକା ଚାଳନା କରୁ କରୁ ସେମାନେ ଡାଲହ୍ରଦ କୂଳରେ ଏକ ନିର୍ଜନ ସ୍ଥାନରେ ପହଞ୍ଚିଲେ । ଶୋଭନାର ହାତଧରି ଶ୍ୱେତକମଳ କୂଳ ଆଡ଼କୁ ଆଗେଇଗଲା ଏବଂ କାମନା ଆଗେଇଗଲା ନୀଳକମଳ ହାତଧରି । କାମନା ଚପଳତା ପ୍ରଦର୍ଶନ କରି ନୀଳକମଳର ହାତକୁ ଉତ୍ପୀଡ଼ିତ କଲା । ନୀଳକମଳର ଧମନୀରେ ଦ୍ରୁତ ହୋଇ ପଡ଼ିଲା ରକ୍ତସଞ୍ଚାର, ଏବଂ ସେ କାମନାକୁ ଦୃଢ଼ ବାହୁପାଶରେ ଆଲିଙ୍ଗନ କଲା ।

Digitized by PPRACHIN, SOA

ନୀଳକମଳର ଦେଖାଦେଖି ଶ୍ୱେତକମଳ ବି ଶୋଭନାକୁ ଦୃଢ଼ ବାହୁବନ୍ଧନରେ ଆବଦ୍ଧ କଲା— ଯେମିତି ସେ ଦୁହେଁ ନିଶାରେ ଉନ୍ମତ୍ତ ହୋଇ ପଡ଼ିଥିଲେ । ସେହି ମୁହୂର୍ତ୍ତରେ ସେମାନଙ୍କ ଅଜ୍ଞାତରେ କେଜାଣି କି ଅଘଟଣ ଘଟି ସାରିଥିଲା ।

ଉଭୟ ରାଜକୁମାର ଶୋଭନା ଓ କାମନାକୁ ନେଇ କାଶ୍ମୀରରେ ଆମୋଦ ପ୍ରମୋଦ ଓ ଭୋଗବିଳାସରେ ସମ୍ପୂର୍ଣ୍ଣ ବୁଡ଼ି ରହିଲେ । ଏ ସମ୍ବାଦ ଅବନ୍ତୀ ଦେବଙ୍କ ନିକଟରେ ପହଞ୍ଚିଲା । ଯାହା ଘଟିଥିଲା ତାହା ଥିଲା ଅନିବାର୍ଯ୍ୟ । ମଗଧ ରାଜକୁଳ ସହ କାଶ୍ମୀର ରାଜକୁଳର ସମ୍ବନ୍ଧ ଅବନ୍ତୀଦେବଙ୍କୁ ଅରୁଚିକର ମନେହେଲା ନାହିଁ ଏବଂ ସେ ଉଭୟଙ୍କୁ ବିବାହ କରିଦେଲେ ।

ନୀଳକମଳ ଓ ଶ୍ୱେତକମଳ ପାଟଳିପୁତ୍ର ପରିତ୍ୟାଗ କରିବାର ଏକ ବର୍ଷ ସମ୍ପୂର୍ଣ୍ଣ ହୋଇ ସାରିଥିଲା । ଗୁପ୍ତଚରମାନଙ୍କ ମୁଖରେ ରାଷ୍ଟ୍ର ସକଳ ସମ୍ବାଦ ପାଇବା ପରେ ମହାପଦ୍ମ ନନ୍ଦଙ୍କୁ ଅବଗତ କଲା । ମହାପଦ୍ମ ନନ୍ଦ ଆଦେଶ ଦେଲା ଯେ ଉଭୟ ରାଜକୁମାରଙ୍କୁ ସେମାନଙ୍କ ପତ୍ନୀଙ୍କ ସହ ପାଟଳିପୁତ୍ରକୁ ଡକାଇ ଅଣାଯାଉ ।

ସେପଟେ ଚାଣକ୍ୟଙ୍କ ପରାମର୍ଶରେ ଚନ୍ଦ୍ରଗୁପ୍ତ ଜମ୍ମୁ ଉପରେ ନିଜର ଆଧିପତ୍ୟ ପୁନରାୟ ସାବ୍ୟସ୍ତ କରି ନେଲା ଏବଂ ହିମାଞ୍ଚଳ ପ୍ରଦେଶର ପାର୍ବତ୍ୟ ଅଞ୍ଚଳରେ ଆପଣା ଶାସନ ଓ ଶକ୍ତିର ବିସ୍ତାର କରିବା ଆରମ୍ଭ କରିଦେଲା । ଚାଣକ୍ୟ ଯେମିତି ତାକୁ ପରାମର୍ଶ ପ୍ରଦାନ କରିଥିଲେ ତଦନୁସାରେ ସେ ହିମାଞ୍ଚଳପ୍ରଦେଶ ଅଧିକାର କରି ରାଓଲପିଣ୍ଡି ମାର୍ଗ ଦେଇ ସ୍ୱର୍ଣ୍ଣଭଣ୍ଡାର ପ୍ରାପ୍ତି ଆଶାରେ କାଶ୍ମୀର ଅଭିମୁଖେ ଅଗ୍ରସର ହେଲା । ସେଯାଏ ସେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ସାରିଥିଲା । ସେମାନେ ନନ୍ଦର ସୈନିକ ଓ ଗୁପ୍ତଚରମାନଙ୍କୁ ନଷ୍ଟ କରିବା ପାଇଁ ଲାଗିପଡ଼ିଲେ । ଶ୍ୱେତକମଳ ଓ ନୀଳକମଳଙ୍କୁ ଚନ୍ଦ୍ରଗୁପ୍ତର ତତ୍ପର ଗୁପ୍ତରେ ସଂଘଟିତ ବିଜୟ ଅଭିଯାନର କୌଣସି ସୂଚନା ହିଁ ନଥିଲା ।

ଶ୍ରୀନଗରର ତିନିକୋଶ ପୂର୍ବରୁ ବାରମୂଲା ନାମକ ଉପନଗରୀରେ ଚନ୍ଦ୍ରଗୁପ୍ତର ସୈନ୍ୟଗଣ ଉଭୟ ରାଜକୁମାର ଏବଂ ସେମାନଙ୍କ

Digitized by PPRACHIN, SOA

ମନ୍ତ୍ରୀଙ୍କୁ ବନ୍ଦୀ କରନେଲେ । ଚନ୍ଦ୍ରଗୁପ୍ତଙ୍କୁ ରାକ୍ଷସର ଗୁପ୍ତଚର ଜରିଆରେ ରାଜକୁମାର ଦ୍ୱୟଙ୍କ କାଶ୍ମୀର ଆଗମନର ସମ୍ବାଦ ପ୍ରାପ୍ତ ହୋଇ ସାରି ଥିଲା, ଇଏ ସମ୍ଭାବନା ବି ଥିଲା ଯେ ସେ ଦୁହେଁ ତାର ହତ୍ୟାର ପ୍ରଯତ୍ନ କରିପାରନ୍ତି, ତେଣୁ ତାଙ୍କୁ ମନ୍ତ୍ରୀ ରାକ୍ଷସ ସାବଧାନ କରି ଦେଇଥିଲେ । ଯେତେବେଳେ ଉଭୟ ରାଜକୁମାରଙ୍କୁ ସେମାନଙ୍କ ସହ ଚନ୍ଦ୍ରଗୁପ୍ତ ନିକଟରେ ଉପସ୍ଥିତ କରାହେଲା ସେମାନେ ଭୟରେ କମ୍ପିତ ହେବାକୁ ଲାଗିଲେ । ଚନ୍ଦ୍ରଗୁପ୍ତ ନିଜ ଆସନରୁ ଉଠିପଡ଼ି ସେମାନଙ୍କୁ ସ୍ୱାଗତ କରି କହିଲା, "ଭୟର କୌଣସି କାରଣନାହିଁ, ମୁଁ ନିଜର ଭାଇମାନଙ୍କୁ ହତ୍ୟା କରିବାପାଇଁ ବାହାରି ନାହିଁ, ଉତ୍ତର ପଶ୍ଚିମ ଅଞ୍ଚଳକୁ ପଦାନତ କରି ନିଜର ଅଧିନସ୍ଥ କରିବାକୁ ବାହାରିଛି । ମୁଁ ତୁମ ଉଭୟଙ୍କୁ ନିରାପଦରେ ମଗଧସୀମାରେ ପହଞ୍ଚେଇ ଦେବି ।" ପୁଣି ହସି ହସି କହିଲା, 'ଦେଖୁଛି ତୁମେ ଦୁହେଁ ବିବାହକରି ସାରିଛ । ମୁଁ ତୁମର ଜ୍ୟେଷ୍ଠ ଭ୍ରାତା । ତୁମମାନଙ୍କୁ ଆଶୀର୍ବାଦ କରୁଛି । ଉପହାର ସ୍ୱରୂପ ଏହି ରେଶମ ବସ୍ତ୍ର ଓ ପଶମ ଶାଲ ଭେଟି ଦେଉଛି ।"

ଲଜ୍ଜା ଓ ଗ୍ଳାନିରେ ଦୁଇଭାଇ ଓ ସେମାନଙ୍କର ବଧୂ ଚନ୍ଦ୍ରଗୁପ୍ତର ଚରଣ ସ୍ପର୍ଶ କଲେ । ଚନ୍ଦ୍ରଗୁପ୍ତ ଆପଣା ସୈନ୍ୟମାନଙ୍କ ସହ ସେମାନଙ୍କୁ ମଗଧ ସୀମାରେ ପହଞ୍ଚେଇ ଦେଲା ।

ନନ୍ଦ ଯେତେବେଳେ ଆପଣାର ପୁତ୍ର ଓ ପୁତ୍ରବଧୂମାନଙ୍କୁ ଦେଖିଲା ତାର ମସ୍ତକ ଲଜ୍ଜାରେ ଅବନତ ହୋଇ ପଡ଼ିଲା । ସେ ମଗଧର ରୀତିନୀତି ଓ ମାନ୍ୟତା ଅନୁସାରେ ପୁନର୍ବାର ସେ ଦୁହିଁଙ୍କର ବିବାହ ସମ୍ପନ୍ନ କରିଦେଲା ।

ଯେତେବେଳେ ଏହି ସମ୍ବାଦ କ୍ରମବଦ୍ଧ ରୂପରେ ଚାଣକ୍ୟ ନିକଟରେ ପହଞ୍ଚିଲା ସେ ଆପଣା କୁଟୀରରେ ପୁଷ୍ପାବତୀକୁ ନୀତିଶାସ୍ତ୍ର ଶିକ୍ଷାଦେବା ସହ ସ୍ୱୟଂ ଆପଣା ନୀତିଶାସ୍ତ୍ରର ଆଧାର ମୂଳ ତତ୍ତ୍ୱର ଅନୁଶୀଳନରେ ବ୍ୟସ୍ତ ଥିଲେ । ସମ୍ବାଦ ପ୍ରାପ୍ତି ମାତ୍ରକେ ସେ ଠିଆହୋଇ ପଡ଼ିଲେ ଏବଂ ପୁଷ୍ପାବତୀକୁ ବିଦାୟ ଦେଇ ଶୈବାଳଙ୍କ କୁଟୀର ଅଭିମୁଖେ ବାହାରି ପଡିଲେ । ଚନ୍ଦ୍ରଗୁପ୍ତର ଆପଣା ଭାଇମାନଙ୍କୁ ମୁକ୍ତିଦେବା କାର୍ଯ୍ୟ ତାଙ୍କ ମନ ଆଦୌ ସ୍ୱୀକାର କରି ପାରୁନଥିଲା ।

Digitized by PPRACHIN, SOA

ଅସମୟରେ ଗୃଣକ୍ୟଙ୍କୁ ନିଜର କୁଟୀରରେ ଉପସ୍ଥିତ ହେବାର ଦେଖି ଶୈବାଳ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ । ସେ ଗୃଣକ୍ୟଙ୍କୁ ପଚାରିଲେ, "ଅଶୁଭ ହତପ୍ରଭ ଦେଖାଯାଉଛ ଆଚାର୍ଯ୍ୟ ।"

"ହଁ, ଆଚାର୍ଯ୍ୟ ଶୈବାଳ ! ମୋତେ ସମ୍ବାଦ ମିଳିଛି ଯେ ଚନ୍ଦ୍ରଗୁପ୍ତ ଆପଣାର ଦୁଇଭାଇଙ୍କୁ, ଯେଉଁମାନେ ତାର ପ୍ରାଣନାଶପାଇଁ ଆତୁର ହୋଇ ଉଠିଥିଲେ, ବନ୍ଦୀକର ମୁକ୍ତ ଦେଇଛି । କେବଳ ସେତିକି ନୁହେଁ । ସେ ଦୁହେଁ କାଶ୍ମୀର ନରେଶଙ୍କ କନ୍ୟାଙ୍କୁ ବିବାହ କରି ନେଇଥିଲେ, ଆଉ ଚନ୍ଦ୍ରଗୁପ୍ତ ସେମାନଙ୍କୁ ବହୁମୂଲ୍ୟ ଉପହାର ଦେଇ ଆଶୀର୍ବାଦ କି କଲି ।"

"ଏହାହିଁ ମାନବ-ଧର୍ମ ଅଟେ । ସେ ମାନବ ଧର୍ମର ନିର୍ବାହ କରିଛି ମାତ୍ର ।" ଶୈବାଳ ଉତ୍ତର ଦେଲେ ।

"ମାନବ ଅନାଦିକାଳରୁ ହିଂସ୍ରପ୍ରାଣୀ ରୂପେ ବିଦିତ । ଆପଣ ଅହିଂସାକୁ ମାନବ ଧର୍ମ କହୁଛନ୍ତି କେମିତି ?" ପ୍ରଶ୍ନ କଲେ ଗୃଣକ୍ୟ ।

"ମାନବ ଆବଶ୍ୟକତାର ବଶବର୍ତ୍ତୀ ହୋଇ ହିଂସା ପ୍ରଦର୍ଶନ କରିଛି, ପ୍ରକୃତିରେ ସେ ହିଂସ୍ର ପ୍ରାଣୀ ନୁହେଁ ।" ଶୈବାଳ ଉତ୍ତର ଦେଲେ— "ସେ ପ୍ରବୃତ୍ତିବଶ ହିଂସ୍ର ପ୍ରାଣୀ ହୋଇଥିଲେ ସାମାଜିକ ପ୍ରାଣୀ ହୋଇପାରିନଥାନ୍ତା ।"

ଶୈବାଳ ଅନୁଭବ କଲେ ତାଙ୍କ ଉକ୍ତିରେ ଗୃଣକ୍ୟଙ୍କ ଶଙ୍କା ରହିଛି ତେଣୁ ସେ ନିଜର କଥନକୁ ସ୍ପଷ୍ଟ କରିଦେଇ କହିଲେ—"ହିଂସା ମଣିଷର ରକ୍ଷାତ୍ମକ ଓ ପ୍ରତିହିଂସାତ୍ମକ ପ୍ରବୃତ୍ତି ଅଟେ, ତାର ଆଧାର ମୂଳ ପ୍ରବୃତ୍ତି ନୁହେଁ । ଆପଣାର ମୂଳ ଅହିଂସା ପ୍ରବୃତ୍ତି ଫଳରେ ହିଁ ତାର ସାମାଜିକ ବିସ୍ତାର ଓ ପ୍ରସାର ହୋଇ ଆସିଛି ଏବଂ କ୍ରମାଗତ ହୋଇ ଚାଲିବ । ଭବିଷ୍ୟତ ଅଦୃଶ୍ୟ ଓ ଅଜ୍ଞାତ ଅଟେ, ତେଣୁ ଭବିଷ୍ୟତର ଚିନ୍ତା କରିବା ଅନପେକ୍ଷିତ ଓ ବ୍ୟର୍ଥ ଅଟେ ।"

କିଞ୍ଚିତ ଉତ୍ତେଜିତ କଣ୍ଠରେ ଗୃଣକ୍ୟ ପଚାରିଲେ "ତେବେ ମୋର ମତବାଦ— ଏହାକି କଣ ଅନପେକ୍ଷିତ ଓ ବ୍ୟର୍ଥଅଟେ ?"

Digitized by PPRACHIN, SOA

ଆମିଣାର ସ୍ୱାଭାବିକ ଗତିରେ ଦିନେ ଏହି ମାତୃବାଦ ଭବିଷ୍ୟତର ସତ୍ୟ ହେବ ସେତେବେଳଯାଏ, ଯେତେବେଳ ପର୍ଯ୍ୟନ୍ତ ମଣିଷ ଭିତରେ ଏକ ନୂତନ ସାମାଜିକ କ୍ରାନ୍ତିର ଅଭ୍ୟୁଦୟ ହୋଇନାହିଁ । କିନ୍ତୁ ବୌଦ୍ଧିକ ବିକାଶ କ୍ରମରେ ସେହି ସାମାଜିକ କ୍ରାନ୍ତି ପରେବି ମାତୃବାଦ ରହିବ, ଏହା ମୁଁ ସ୍ପଷ୍ଟ ଦେଖି ପାରୁଛି । ଆଗ୍ନାର ଉତ୍ତେଜନା ପରିତ୍ୟାଗକରି ତୁମେ ନିଜର ଏହି ମାତୃବାଦରେ ଲାଗି ରୁହ—ବୁଦ୍ଧିର କ୍ଷେତ୍ରରେ ତୁମେ ନିଶ୍ଚୟ ନୂତନ କୀର୍ତ୍ତିସ୍ତମ୍ଭ ସ୍ଥାପନକରିବ; ଆଉ ଇଏ ସେ ଯାଏ ଚାଲିବ ଯେଉଁପର୍ଯ୍ୟନ୍ତ ମଣିଷର ବୁଦ୍ଧି ତାର ଉପଲବ୍ଧିକୁ ସମୂଳେ ବିନଷ୍ଟ କରି ନ ଦେଇଛି । ମୁଁ ତୁମକୁ ଆଶୀର୍ବାଦ କରୁଛି ଚାଣକ୍ୟ—ତମର ବୁଦ୍ଧି ଅଜର, ଅମର ରହୁ ।”

ତକ୍ଷଶିଳାର ପୂର୍ବଦିଗରେ ପଞ୍ଚନଦ ପ୍ରଦେଶ । ଧାଙ୍କସ୍ୟା, ଅବଧ ଓ ଅବନ୍ତୀ ପ୍ରଦେଶ ପାରି ହୋଇ ଦୂରନ୍ତଦୂର ଉତ୍ତରରେ ଗଙ୍ଗାନଦୀ । ଦକ୍ଷିଣରେ ମାର୍ଗରହିତ, ସମସ୍ତ ସମୟରେ ସମ୍ପୂର୍ଣ୍ଣ ରୂପରେ ଜଳପ୍ଲାବିତ, ସ୍ଥାନେସ୍ଥାନେ ସଘନବନ ପରିପୂର୍ଣ୍ଣ ବନଜର ଭୂମି ଏବଂ ଗଙ୍ଗା ତଟରେ ପଶ୍ଚିମରୁ ପୂର୍ବ ପର୍ଯ୍ୟନ୍ତ ପ୍ରସାରିତ ସମତଳ ରମ୍ୟ ଓ ଉର୍ବର ଭୂମି । ତନ୍ମଧ୍ୟରେ ମାନବ ସଭ୍ୟତାର କେନ୍ଦ୍ରବିନ୍ଦୁ ସ୍ୱରୂପ ଅବସ୍ଥିତ ପାଟଳୀପୁତ୍ର ନଗରୀ ।

ତକ୍ଷଶିଳା ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ଦଣ୍ଡାୟମାନ ଚାଣକ୍ୟଙ୍କ ହାତରେ ରହିଥିଲା ତାଙ୍କର ଉନ୍ମୁକ୍ତ ଶିଖା ଦୃଷ୍ଟି ନିବଦ୍ଧ ଥିଲା ପାଟଳିପୁତ୍ରର ରାଜଭବନ ଉପରେ ଯେଉଁଠି ଅପମାନିତ ହୋଇ ସେ ଦିନେ ବ୍ରତ ଗ୍ରହଣ କରିଥିଲେ ଯେ ତାଙ୍କର ଉନ୍ମୁକ୍ତ ଶିଖା ସେହିଦିନ ବନ୍ଧନ ହେବ ଯେଉଁଦିନ ସେ ସମୂଳ ବିନଷ୍ଟ କରିବେ ନନ୍ଦବଂଶକୁ । ଚାଣକ୍ୟ ଚନ୍ଦ୍ରଗୁପ୍ତକୁ

Digitized by PPRACHIN, SOA

ବର୍ତ୍ତମାନ ମଗଧ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିବାକୁ ଆଦେଶ ଦେଲେ ଚନ୍ଦ୍ରଗୁପ୍ତର କ୍ଷୁଦ୍ର ସୈନ୍ୟ ବାହିନୀର ଅଗ୍ର ବାହାକ ରୂପେ ସ୍ୱୟଂ ଚାଣକ୍ୟ ଯିବେ ପାଟଳିପୁତ୍ର; ଚନ୍ଦ୍ରଗୁପ୍ତଙ୍କୁ ଆପଣାର ସେନା ସହିତ ତାଙ୍କର ପଶ୍ଚାତ୍ ଅନୁସରଣ କରିବାକୁ ପଡ଼ିବ ।

ତକ୍ଷଶିଳାକୁ ଅନ୍ତିମ ପ୍ରଣାମ ଜଣାଇ ଚାଣକ୍ୟ ମଗଧ ଅଭିମୁଖେ ବାହାରିପଡ଼ିଲେ । ହୃଷ୍ଟପୁଷ୍ଟ ବଳିଷ୍ଠ ଶରୀର, ହାତରେ ଯଷ୍ଟି, କଟିରେ ବନ୍ଧା-ହୋଇଥିବା କିଛି ସ୍ୱର୍ଣ୍ଣମୁଦ୍ରା, ଅସୀମିତ ମାନସିକ ବଳ ଓ ଅତୁଟ ସଙ୍କଳ୍ପ ମନରେ — ଏହା ଥିଲା ତାଙ୍କର ସମଗ୍ର ସଞ୍ଚିତ ମୂଳଧନ ।

ପଞ୍ଚନଦ ପ୍ରଦେଶକୁ ଲାଗିଥିବା ଭାରତର ପଶ୍ଚିମ ଭୂଭାଗ ଥିଲା ଅତ୍ୟନ୍ତ ଅରକ୍ଷିତ । ସେଠିଥିଲା ଆତତାୟୀ ଓ ଲୁଣ୍ଠନକାରୀମାନଙ୍କ ଶାସନ । କୃଷିକାର୍ଯ୍ୟରେ ବ୍ୟାପୃତ ସେଠାକାର ନିବାସୀ ଅବସର ସମୟରେ ଲୁଣ୍ଠନ ଓ ରେଶ୍ୱ ଡକାୟତିରେ ଲିପ୍ତ ରହୁଥିଲେ । ଏହି ଅଞ୍ଚଳ ମଗଧର ସୀମାକୁ ଲାଗିଥିବାରୁ ମଗଧସେନାର ଏକ ଶକ୍ତିଶାଳୀ ଅଂଶ ସେଠାରେ ନିଯୁକ୍ତଥିଲେ ।

ଚାଣକ୍ୟ ଉତ୍ତର ଭାରତର ଭୂଗୋଳକୁ ଖୁବ୍ ମନୋଯୋଗ ସହକାରେ ଅଧ୍ୟୟନ କରି ନେଇଥିଲେ; ଚନ୍ଦ୍ରଗୁପ୍ତର ସେନାଟି ବାହକ ହେବା ପୂର୍ବରୁ । ପଞ୍ଚନଦ ପ୍ରଦେଶର ଦକ୍ଷିଣ—ପୂର୍ବରେ ରହିଥିଲା 'ଥର'ର ଅତ୍ୟନ୍ତ ଜନହୀନ ମରୁଭୂମି । ଅତଃ ପଞ୍ଚନଦ ପ୍ରଦେଶରୁ ପୂର୍ବଭାଗକୁ ଅଗ୍ରସର ହେବାପାଇଁ ଅପେକ୍ଷାକୃତ ନିରାପଦ ମନେହେଲା ଚାଣକ୍ୟଙ୍କୁ ।

ଦକ୍ଷିଣରେ ସୌରାଷ୍ଟ୍ରରୁ ଆରମ୍ଭ ହୋଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିଥିଲା ଆରାବଳୀ ପର୍ବତମାଳା ଯାହାକୁ ଲଙ୍ଘନ କରିବା ଥିଲା ଅତି ସହଜ; କିନ୍ତୁ ସେ ଅଞ୍ଚଳ ଥିଲା ହିଂସ୍ର ବନ୍ୟପ୍ରାଣୀଙ୍କ ଦ୍ୱାରା ପରିପୂର୍ଣ୍ଣ ଏବଂ ସେଠି ନିରନ୍ତର ସଙ୍ଘର୍ଷ ଲାଗି ରହିଥିଲା ମଣିଷ ଓ ହିଂସ୍ର ପଶୁ ମଧ୍ୟରେ । ଆରାବଳୀ ପର୍ବତମାଳାର ଦକ୍ଷିଣରେ ଥିଲା 'ଭିଲ୍' ଜନ ଜାତିର ଆଧିପତ୍ୟ । ସମତଳ ଅଞ୍ଚଳରେ ବିଚରଣ କରୁଥିବା ହିଂସ୍ର ପଶୁଙ୍କୁ ହତ୍ୟା କରି ଭିଲ୍‌ଗଣ ସେହି ଅଞ୍ଚଳକୁ ସୁରକ୍ଷିତ କରି ନେଇଥିଲେ । ଛଳ କପଟ ଓ ପ୍ରପଞ୍ଚ ରହିତ ଥିଲେ ଏହି ଭିଲ୍ ଜନଜାତି—ଯେଉଁମାନଙ୍କୁ ବିଜୟ ଲାଭ କରିବା ଅତିବ ସହଜ । ତେଣୁ ଚାଣକ୍ୟ ପଞ୍ଚନଦ ପ୍ରଦେଶରୁ

Digitized by PPRACHIN, SOA

ମଗଧ ଅଭିମୁଖେ ଅଗ୍ରସର ହେବା ପାଇଁ ସେହି ଦକ୍ଷିଣମୁଖି ମାର୍ଗ ଗ୍ରହଣ କଲେ ।

ସୌରାଷ୍ଟ୍ରର ଉତ୍ତର ଦିଗରେ ଚାଣକ୍ୟଙ୍କ ପାଇଁ ଦକ୍ଷିଣ ମୁଖି ମାର୍ଗ ସମାପ୍ତ ହୋଇ ଯାଇଥିଲା କାହିଁକନା ତାହା ଗୁର୍ଜର ପ୍ରଦେଶ ଅଭ୍ୟନ୍ତର ଦେଇ ମହାରାଷ୍ଟ୍ର ଆଡକୁ ଚାଲି ଯାଇଥିଲା । ସମ୍ଭବତଃ ଚାଣକ୍ୟ ସେହିଠାରୁ ପୂର୍ବାଭିମୁଖୀ ମାର୍ଗ ଗ୍ରହଣ କରିନେଲେ । ଉକ୍ତ ପଥରେ ଆଗକୁ ଭିଲ୍‌ମାନଙ୍କ ବସ୍ତି ସମାପ୍ତ ହୋଇ ଆରମ୍ଭ ହୋଇ ଯାଇଥିଲା ମାଳବମାନଙ୍କ ଜନବସତି ଯାହାଙ୍କର ନିକଟ ସମ୍ପର୍କ ଥିଲା ବ୍ରଜଭୂମି ଏବଂ ତା’ର ଅଧିବାସୀମାନଙ୍କ ସହିତ ।

ଏହି ମାଳବ ପ୍ରଦେଶର ରାଜଧାନୀ ଥିଲା ଉଜ୍ଜୟିନୀ । କ୍ଷୁଦ୍ର ପର୍ବତମାଳାରେ ପରିବେଷ୍ଟିତ ଏହି ନଗରୀର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି ଭାରତୀୟ ଇତିହାସରେ । ଏହି ନଗରୀର ପଶ୍ଚିମରୁ ପୂର୍ବ ଦିଗକୁ କ୍ରୋଶ କ୍ରୋଶ ବ୍ୟାପୀ ପ୍ରସାରିତ ସମତଳ ଭୂମି ଅତୀବ ଉର୍ବର ଓ ହରିତ୍ । ଉଜ୍ଜୟିନୀ ନଗରୀର ଉତ୍ତର—ପଶ୍ଚିମରେ ଅବସ୍ଥିତ କୁରୁକ୍ଷେତ୍ର ଆଉ ମାଳବ ପ୍ରଦେଶକୁ ଲାଗି ମଗଧ ସାମ୍ରାଜ୍ୟର ସୀମା ।

ଚାଣକ୍ୟଙ୍କ ପଛେ ପଛେ ଯେତେବେଳେ ଚନ୍ଦ୍ରଗୁପ୍ତ ସୌରାଷ୍ଟ୍ରରୁ ମାଳବ ପ୍ରଦେଶ ଅଭିମୁଖେ ଅଗ୍ରସର ହେଲେ ପଥରେ ଭିଲ୍‌ମାନଙ୍କ ସହ ସେ ମୁହାଁମୁହିଁ ହୋଇଗଲେ । ଭିଲ୍‌ମାନଙ୍କ ରାଜା ଥିଲେ ଗିରିମଧ୍ୱଜ ଯିଏ ଆପଣାର ବୀରତ୍ୱ ଓ ଶୌର୍ଯ୍ୟ ପାଇଁ ଥିଲେ ପ୍ରଖ୍ୟାତ । ଗିରିମଧ୍ୱଜ ନିକଟରେ ଥିଲା ଏକ ଶକ୍ତିଶାଳୀ ସୈନ୍ୟବାହିନୀ କିନ୍ତୁ; ଅସ୍ତ୍ରଶସ୍ତ୍ର ଆଧୁନିକ ନଥିଲା ତେଣୁ ଯୁଦ୍ଧ ଆରମ୍ଭ ହେବା ମାତ୍ରକେ ଗିରିମଧ୍ୱଜ ଅନୁମାନ କରିନେଲେ ଯେ’ ଏହି ଯୁଦ୍ଧରେ ଭିଲ ଜାତିର ସମ୍ପୂର୍ଣ୍ଣ ଅହିତ ସାଧିତ ହେବ ।

ଚନ୍ଦ୍ରଗୁପ୍ତର ଉଦାରତା ଓ ସଦଭାବନା ପୂର୍ଣ୍ଣ ବ୍ୟବହାରରେ ଗିରିମଧ୍ୱଜ ଅତ୍ୟନ୍ତ ପ୍ରଭାବିତ ହୋଇ ପଡ଼ିଲେ । ସେ ହୃଦୟଙ୍ଗମ କଲେ ଯେ ଚନ୍ଦ୍ରଗୁପ୍ତ ଭିଲମାନଙ୍କୁ ଗୋଲାମ କରି ରଖିବ ନାହିଁ ବରଂ ତା’ର ଅଧ୍ୟକ୍ଷତାରେ ଭିଲମାନଙ୍କ ସ୍ୱତନ୍ତ୍ର ସତ୍ତା ପ୍ରତିଷ୍ଠିତ ରହିବ । ଗିରିମଧ୍ୱଜ ଚନ୍ଦ୍ରଗୁପ୍ତ ନିକଟରେ କେବଳ ଆତ୍ମ ସମର୍ପଣ କଲେନାହିଁ, ଆପଣାର ସେନାକୁ ସଙ୍ଗରେ ନେଇ ଚନ୍ଦ୍ରଗୁପ୍ତର ଏକ ସେନାପତି ହୋଇଗଲେ ।

Digitized by PPRACHIN, SOA

ଉଜ୍ଜୟିନୀ ନଗରୀରେ ବସିରହି ଚାଣକ୍ୟଙ୍କୁ ବର୍ତ୍ତମାନ ମଗଧରେ ପ୍ରବେଶ କରି ନନ୍ଦବଂଶକୁ ଧ୍ୱଂସ କରିବା ଥିଲା ମୂଳ ଉଦ୍ଦେଶ୍ୟ । ସେଥି ପାଇଁ ତାଙ୍କୁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ଅନୁଭୂତ ହେଲା । ଯେତେଦୂର ସୈନ୍ୟ ବଳର ପ୍ରଶ୍ନ ରହିଥିଲା, ମଗଧର ବିଶାଳ ସୈନ୍ୟ ବାହିନୀର ସମ୍ମୁଖୀନ ହେବା ଚନ୍ଦ୍ରଗୁପ୍ତ ପକ୍ଷରେ ସମ୍ଭବ ନଥିଲା । ବିନା ବାଧାରେ ମଗଧରେ କିଭଳି ପ୍ରବେଶ କରାଯାଇ ପାରେ ତାଙ୍କ ସମ୍ମୁଖରେ ଥିଲା ଏହି ପ୍ରଶ୍ନ ।

ଉଜ୍ଜୟିନୀର ପୂର୍ବରେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ମେଖଳାକାର ଅବସ୍ଥିତ ରହିଥିଲା ବିନ୍ଧ୍ୟପର୍ବତ । ଉତ୍ତର ପୂର୍ବରେ ମଗଧ ସାମ୍ରାଜ୍ୟର ସୀମାରେଖା । ସମ୍ଭବତଃ ଉଜ୍ଜୟିନୀର ପୂର୍ବ ଦିଗରୁହିଁ ବିନ୍ଧ୍ୟ ପର୍ବତମାଳାର ତରାଇ ଅଞ୍ଚଳରେ ଯମୁନା ନଦୀର ଦକ୍ଷିଣ ଦିଗରୁ ଯମୁନା ନଦୀ କୂଳେ କୂଳେ ଅଗ୍ରସର ହେବା ଥିଲା ଅପେକ୍ଷାକୃତ ସହଜ । ବିନ୍ଧ୍ୟ ପର୍ବତମାଳାର ତରାଇ ଅଞ୍ଚଳରେ ଭିଲମାନଙ୍କ ଜନବସତି । ଗିରିଧ୍ୱଜର ନିର୍ଦ୍ଦେଶରେ ଚନ୍ଦ୍ରଗୁପ୍ତର ସୈନ୍ୟବାହିନୀକୁ ବିନ୍ଧ୍ୟାଚଳର ତରାଇ ଅଞ୍ଚଳ ଦେଇ ପ୍ରୟାଗ ଅଭିମୁଖେ ଅଗ୍ରସର ହେବାର ପରିକଳ୍ପନା ଥିଲା ।

ସମ୍ପୂର୍ଣ୍ଣ ଏକବର୍ଷ କାଳ ଚାଣକ୍ୟଙ୍କୁ ଚନ୍ଦ୍ରଗୁପ୍ତ ତଥା ତାର ସୈନ୍ୟମାନଙ୍କୁ ଉଜ୍ଜୟିନୀରେ ରଖି ଆପଣା ଶକ୍ତିର ପ୍ରସାର ଓ ବିସ୍ତାର କରିବାକୁ ପଡ଼ିଲା । କାଶ୍ମୀରରୁ ନିୟମିତ ରୂପରେ ମିଳୁଥିବା ସ୍ୱର୍ଣ୍ଣ ଚନ୍ଦ୍ରଗୁପ୍ତକୁ ତାର ଅଭିଯାନରେ ଅତିବ ସହାୟକ ସିଦ୍ଧ ହେଲା । ମାଳବ ପ୍ରଦେଶର ଜନତାକୁ ଦମନ କରି ତଥା ସେମାନଙ୍କ ଠାରୁ କର ଆଦାୟ କରି ଧନ ଉପାର୍ଜନ କରିବା ପରିବର୍ତ୍ତେ କାଶ୍ମୀରରୁ ପ୍ରାପ୍ତ ସ୍ୱର୍ଣ୍ଣ ଚନ୍ଦ୍ରଗୁପ୍ତର ଲୋକପ୍ରିୟତା ସେହି ଅଞ୍ଚଳରେ ଅତ୍ୟଧିକ ବୃଦ୍ଧି କରି ଦେଇଥିଲା ।

ମଗଧର ମହାମନ୍ତ୍ରୀ ରାକ୍ଷସଙ୍କୁ ଗୁପ୍ତଚରମାନଙ୍କ ଦ୍ୱାରା ଚନ୍ଦ୍ରଗୁପ୍ତର ଶକ୍ତିର ପ୍ରସାର ଓ ବିସ୍ତାରର ସମାଚାର ନିରନ୍ତର ପ୍ରାପ୍ତ ହେଉଥିଲେହେଁ କାଶ୍ମୀରରୁ ଚନ୍ଦ୍ରଗୁପ୍ତ ନିକଟକୁ ଆସୁଥିବା ସୁବର୍ଣ୍ଣ ସମ୍ପର୍କରେ ତାର ଆଦୌ ଜ୍ଞାନ ନଥିଲା । ତେଣୁ ସେ ଖୁବ୍ ଗତିରେ ବଢ଼ି ଚାଲିଥିବା ଚନ୍ଦ୍ରଗୁପ୍ତର ଅଭିଯାନ ଦେଖି ଆଶ୍ଚର୍ଯ୍ୟ ହେଉଥିଲା । କିନ୍ତୁ ଏହି ଅଭିଯାନ ତା

Digitized by PPRACHIN, SOA

ଅଜ୍ଞାତରେ ତାର ଅନ୍ତରରେ ଭରି ଦେଉଥିଲା ଏକ ପ୍ରକାରର ସନ୍ତୋଷ, ଏକପ୍ରକାର ପ୍ରସନ୍ନତା ।

ସେତେବେଳର ମହାପଦ୍ମ ନନ୍ଦଙ୍କର ନଅପୁଅଙ୍କର ମତଭେଦର ପ୍ରଶ୍ନ, ତାହା ଥିଲା ଏକ ଆନ୍ତରିକ ପାରିବାରିକ ସମସ୍ୟା । ମହାମନ୍ତ୍ରୀ ରାକ୍ଷସ ସାମ୍ରାଜ୍ୟ ପରିଚାଳନା ଓ ବାହ୍ୟ ସଂଘର୍ଷରେ ଏତେ ମାତ୍ରାରେ ବ୍ୟସ୍ତ ଥିଲେ ଯେ ଏହି ଆନ୍ତରିକ ପ୍ରଶ୍ନ ଉପରେ ଧ୍ୟାନ ଦେବାର ଆବଶ୍ୟକତାହିଁ ଅନୁଭବ କରୁନଥିଲେ । ନଥିଲା ଏଥିପ୍ରତି ଦୃଷ୍ଟି ଦେବାର ଅବସର ବା ଅନୁକୂଳ ବାତାବରଣ ।

ଠିକ୍ ସେତିକବେଳେ ରାଜକୁଳର ଅନ୍ତଃକଳହ ସଂଘର୍ଷ ଓ ନନ୍ଦଙ୍କଠାରୁ ବଳି ନିଜ ତାଙ୍କର ନଅ ରାଜପୁଅଙ୍କୁ ସାମ୍ରାଜ୍ୟ ଉପରେ ଆରୋପଣକୁ ନେଇ ପାଟଳିପୁତ୍ରରେ ଏକ ଶକ୍ତିଶାଳୀ ଓ ଯୋଗ୍ୟ ବ୍ୟକ୍ତିତ୍ୱର ଉଦୟ ହେଲା । ଏହି ବ୍ୟକ୍ତିର ନାଁ ଥିଲା ଶକଟାର । ଶକଟାରହିଁ ମଗଧର ଇତିହାସରେ ଆପଣାର ସ୍ଥାନ ଚାଣକ୍ୟଙ୍କ ସମକକ୍ଷ କରି ନେଇ ପାରିଥିଲା ନିଜର ବିଚକ୍ଷଣ ବୁଦ୍ଧିବଳରେ ।

ଶକଟାର ଏବଂ ତାର ବଂଶ ପରମ୍ପରା ସଂପର୍କରେ ଇତିହାସ ପ୍ରାୟ ମୌନ । ଇତିହାସ ଲେଖନର ପରମ୍ପରା ଭାରତବର୍ଷରେ ଆଉନାହିଁ । ଏଠାକାର ଇତିହାସ ରହିଛି ପୌରାଣିକ ରୂପକଥାରେ ଯେଉଁଠି ଭରିରହିଛି ସତ୍ୟର ସମ୍ପୂର୍ଣ୍ଣ ବିପରୀତ ଅତିଶୟୋକ୍ତି । ତଥାପି କିଛି ବିକ୍ଷିପ୍ତ ସୂତ୍ରକୁ ଏକଜିତ କରି ଆମେ ଏହି ନିଷ୍ପତ୍ତିରେ ପହଞ୍ଚୁ ଯେ ଶକଟାରର ଜନ୍ମ ଏମିତି ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା ଯାହାକୁ ହୀନ ମନେ କରାଯାଉଥିଲା କାରଣ ଶକଟାରର ପିତା ଥିଲେ ଶାକ୍ତ ଧର୍ମାବଲମ୍ବୀ । ଶାକ୍ତ ପରିବାରରେ ମାଂସ ଭକ୍ଷଣ ଓ ମଦିରା ସେବନ ପ୍ରଚୁର ପରିମାଣରେ ପ୍ରଚଳିତ ଥିଲା । ଏହା ସହିତ ଥିଲା ସ୍ୱାଧ୍ୟାୟ ଓ ଆତ୍ମଚିନ୍ତନର ପରମ୍ପରା । ଶକଟାରର ପିତାଙ୍କ ଗଣନା ଉତ୍ତର ମଗଧର ପ୍ରକାଣ୍ଡ ପଣ୍ଡିତମାନଙ୍କ ମଧ୍ୟରେ ହେଉଥିଲା । ଶକଟାରର ପିତାଥିଲେ ଜଣେ ସ୍ୱାଭିମାନୀ ପଣ୍ଡିତ ଏବଂ ଆପଣାର ସ୍ୱାଭିମାନ କାରଣରୁ ସଦା ସର୍ବଦା ଆର୍ଥିକ କଷ୍ଟ ମଧ୍ୟରେ ଜୀବନ ନିର୍ବାହ କରୁଥିଲେ । ଆପଣାର ବ୍ରହ୍ମଚର୍ଯ୍ୟ ଜୀବନରେତ

Digitized by PPRACHIN, SOA

ଶକଟାରଙ୍କୁ ନିଜ ପରିବାରର ଏହି ଆର୍ଥିକ ସଙ୍କଟକଥା ଜଣାନଥିଲା କିନ୍ତୁ ଯେତେବେଳେ ତାର ବିବାହହେଲା ଏବଂ ପରିବାରର ଏହି ଆର୍ଥିକ ଭାର ତା ଉପରେ ପଡ଼ିଲା ସେତେବେଳେ ଶକଟାରଙ୍କୁ ଜୀବିକା ସନ୍ଧାନରେ ଘୁରିବାକୁ ପଡ଼ିଲା ଏବଂ ଜୀବିକାପାର୍ଜନର ସମାଧାନ ରହିଥିଲା କେବଳ ରାଜଦରବାର । କିମ୍ବା ରାଜପରିବାରରେ ଶକଟାର ମଧ୍ୟରେ ଥିଲା ପ୍ରବଳ ମହତ୍ତ୍ୱାକାଂକ୍ଷା, ଅଧିନସ୍ଥ ରହି କାମକରିବାର ପ୍ରବୃତ୍ତିହିଁ ତା ଭିତରେ ନଥିଲା ।

ରାଜଦରବାରରେ ବିଷୟ ପୂର୍ଣ୍ଣତଃ ସ୍ଥାପିତ ରହିଥିଲା । ରାଜପରିବାରରେ ନନ୍ଦଙ୍କର ନଅପୁତ୍ର ମଧ୍ୟରେ ବିଗ୍ରହ ନଥିଲେହେଁ ମତୈକ୍ୟ ମଧ୍ୟ ନଥିଲା । ଦିନେ ଶ୍ୱେତ କମଳ ଆପଣାର ପତ୍ନୀସହ ରାଜଭବନରୁ ଭ୍ରମଣରେ ବାହାରିବା କାଳରେ ଶକଟାର ସାହସ ପୂର୍ବକ ତାର ରଥର ଗତିରୋଧକରି ନିବେଦନକଲା—"ମୁଁ ଶକଟାର ନାମକ ଯୁବକ, କର୍ମକାଣ୍ଡୀ ଓ ପ୍ରକାଣ୍ଡ ପଣ୍ଡିତମାନଙ୍କର ବଂଶଧର, ସମ୍ଭବତଃ ମୁଁ କୁମାରମାନଙ୍କର ସହାୟକ ସିଦ୍ଧ ହୋଇପାରେ ।"

ଶକଟାର ଦ୍ୱାରା ଆପଣା ରଥର ଗତିରୋଧ କରିବା ସାହସରେ ଶ୍ୱେତକମଳ ଯେତେଟାହେଁ ତାର ପତ୍ନୀ ଚ୍ଛୋଭନା ତତୋଧିକ ପ୍ରଭାବିତ ହୋଇପଡ଼ିଲା । ସେ କହିଲା, "ଯଦି ତୁମେ ଆମର ଶୁଭଚିନ୍ତକ ହେବାର ଶପଥ ଗ୍ରହଣ କରିବ ତେବେ ତୁମକୁ ରାଜକୁଳର ପରାମର୍ଶଦାତା ନିଯୁକ୍ତ କରାଯାଇପାରେ ।"

ଶକଟାର ଦମ୍ଭର ସହିତ କହିଲା, "ମୋର ବଚନ ସବୁଠାରୁ ବଡ଼ ଶପଥ ସହ ସମାନ— ମୁଁ ଆପଣଙ୍କୁ ବଚନ ଦେଉଛି ।"

ଆଉ ସେଦିନଠାରୁ ଶକଟାର ରାଜକୁଳର ପରାମର୍ଶଦାତା ହୋଇଗଲା ।

Digitized by PPRACHIN, SOA

ଉଜ୍ଜୟିନୀରୁ ବିନ୍ଧ୍ୟପର୍ବତର ତରାଇ ଅଞ୍ଚଳ ଦେଇ ଚନ୍ଦ୍ରଗୁପ୍ତ ଆପଣା ସେନାସହିତ ପୂର୍ବଦିଗରେ ପ୍ରୟାଗ ଆଡ଼କୁ ଅଗ୍ରସର ହେଉଥିଲା । ଗିରିମଧ୍ୱଜ ହେତୁ ତରାଇରେ ବସବାସ କରୁଥିବା ଭିଲମାନଙ୍କ ସମର୍ଥନ ଓ ଶକ୍ତି ବି ତାକୁ ପ୍ରାପ୍ତ ହେଉଥିଲା ।

ଚନ୍ଦ୍ରଗୁପ୍ତର କ୍ରମବର୍ଦ୍ଧିଷ୍ଣୁ ଶକ୍ତିପ୍ରତି ଶକଟାର ସଦାସର୍ବଦା ସତର୍କ ରହୁଥିଲା । ଏହି ଶକ୍ତିର ସମ୍ମୁଖୀନ ଶୀଘ୍ର ହିଁ ମଗଧ ସମ୍ରାଟଙ୍କୁ କରିବାକୁ ପଡ଼ିବ— ଏ ବିଷୟରେ ଶକଟାର ଥିଲା ନିଃସନ୍ଦେହ । ମଗଧ ସମ୍ରାଟ ସ୍ୱୟଂ ଚନ୍ଦ୍ରଗୁପ୍ତର ଶକ୍ତି ପ୍ରସାର ଓ ବିସ୍ତାର ପ୍ରତି ମନେମନେ ଥିଲେ ଉଦାସୀନ । ଆସନ୍ନ ସଂଘର୍ଷ ନିର୍ଦ୍ଧାରିତ ଥିଲା ଚନ୍ଦ୍ରଗୁପ୍ତ ଏବଂ ମଗଧର ନଅ ରାଜପୁତ୍ରଙ୍କ ମଧ୍ୟରେ । ଏହି ନଅ ରାଜପୁତ୍ରଙ୍କୁ ମିଳିତ ଭାବରେ ଚନ୍ଦ୍ରଗୁପ୍ତ ବିରୁଦ୍ଧରେ ସଂଘିସ୍ଥ ରୂପରେ ଆପଣାର ଅଭିଯାନ କରିବାକୁ ପଡ଼ିବ--- ଶକଟାର ଏହି ନିର୍ଣ୍ଣୟରେ ପହଞ୍ଚି ସାରିଥିଲା ।

ଶକଟାର ବି ଗୁପ୍ତଚରମାନଙ୍କର ଏକ ଜାଲ ବିଛେଇଦେଲା । ରାକ୍ଷସ ଜାଣି ସାରିଥିଲା ଯେ ରାଜକୁଳର ପରାମର୍ଶଦାତା ରୂପରେ ଶକଟାର ନାମକ ଏକ ଯୁବକକୁ ନିଯୁକ୍ତ କରାଯାଇଛି ଏବଂ ଶକଟାର ଯେ ଅତ୍ୟନ୍ତ ବୁଦ୍ଧିମାନ ଓ ସଦାଗ୍ରତ ଏହି ତଥ୍ୟ ମଧ୍ୟ ତାର ଅଜ୍ଞାତ ନଥିଲା । ଶକଟାରର ଏହି ନିଯୁକ୍ତିକୁ ମହାମନ୍ତ୍ରୀ ରାକ୍ଷସ ମନେମନେ ସ୍ୱାଗତ ବି କରିଥିଲା ।

ଶକଟାର ଚନ୍ଦ୍ରଗୁପ୍ତର ମଗଧ ଆଡ଼କୁ ଦ୍ରୁତ ଅଗ୍ରସର ହେଉଥିବା ସମ୍ବାଦ ପାଇ ସେ ନଅ ରାଜପୁତ୍ରଙ୍କୁ ଏକ ବୈଠକକୁ ଆହ୍ୱାନ କଲା । ଏହି ବୈଠକରେ ସମସ୍ତ ରାଜକୁମାର ଉପସ୍ଥିତ ଥିଲେ ।

ବୈଠକ ଆରମ୍ଭ ହେବାପରେ ଶକଟାର କହିଲା, "ମଗଧ ସମ୍ରାଟ ମହାପଦ୍ମ ନନ୍ଦ ବର୍ତ୍ତମାନ ବୟୋବୃଦ୍ଧ ହେବାକୁ ବସିଲେଣି ।

Digitized by PPRACHIN, SOA

ବୃଦ୍ଧାବସ୍ଥା ହେତୁ ସ୍ୱାଭାବିକ ରୂପରେ ତାଙ୍କର ଶକ୍ତି ଓ ପ୍ରଭାବର ହ୍ରାସ ହୋଇପାରେ । ତାଙ୍କ ଶକ୍ତି ଯେମିତି ରହିଛି ସେହିଭଳି ଦୃଢ଼ରହୁ ତେଣୁ ତାଙ୍କର ବୈଧ ଉତ୍ତରାଧିକାରୀ ଘୋଷଣା କରି ଦିଆଯାଉ । ଏହି ଘୋଷଣା ନିତାନ୍ତ ଆବଶ୍ୟକ କାରଣ ଉତ୍ତରାଧିକାର ପ୍ରଶ୍ନକୁ ନେଇକି ଚନ୍ଦ୍ରଗୁପ୍ତ ଆଗକୁ ବଢ଼ୁଛି । ମଗଧ ସମ୍ରାଟଙ୍କ ବୈଧ ଉତ୍ତରାଧିକାରୀ ଘୋଷଣାରେ ଚନ୍ଦ୍ରଗୁପ୍ତର ଅଭିଯାନରେ ବାଧା ପଡ଼ିବ ।

ମୌନ ଭାବରେ ନଅ ରାଜକୁମାର ଶକଟାର କଥା ଶୁଣି ତାର ତଥ୍ୟ ଓ ସତ୍ୟକୁ ସ୍ୱୀକାର କଲେ । କେହି କିଛି କହିଲେ ନାହିଁ ।

କିଛି ସମୟ ରହିଯାଇ ଶକଟାର ପୁଣି କହିଲା, "ଆଜି ଆପଣମାନଙ୍କ ସମ୍ମୁଖରେ-ମଗଧ-ସମ୍ରାଟଙ୍କ ଉତ୍ତରାଧିକାରୀ ଚୟନର ପ୍ରଶ୍ନ ରହିଛି । ଆପଣମାନେ ସମସ୍ତେ ଏକମତ ହୋଇ ଚନ୍ଦ୍ରଗୁପ୍ତକୁ ଅସ୍ୱୀକାର କରି ଆସୁଛନ୍ତି, ବର୍ତ୍ତମାନ ଆପଣମାନେ କାହାକୁ ସ୍ୱୀକାର କରିବେ ନିର୍ଣ୍ଣୟ ନେବାକୁ ପଡ଼ିବ । ବିଧାନ ଓ ପରମ୍ପରା ଅନୁସାରେ ମଗଧ-ସମ୍ରାଟଙ୍କ ଜ୍ୟେଷ୍ଠପୁତ୍ର ପଦ୍ମକମଳ ଉତ୍ତରାଧିକାରୀ ହେବା ବିଧେୟ । ଯଦି ଆପଣମାନେ ସମସ୍ତେ ଏକମତ ହୋଇ ପଦ୍ମକମଳକୁ ସାମ୍ରାଜ୍ୟର ଉତ୍ତରାଧିକାରୀ ସ୍ୱୀକାର କରି ନଅନ୍ତି ତେବେ ବର୍ତ୍ତମାନ ଏଇଠି ତାଙ୍କର ରାଜତିଳକ କରି ଆପଣମାନେ ସମ୍ମିଳିତ ଘୋଷଣା କରିଦିଅନ୍ତୁ ।

ପ୍ରଥମଥର ପାଇଁ ରାଜକୁମାରଙ୍କ ଆଗରେ ଉତ୍ତରାଧିକାର ପ୍ରଶ୍ନ ଆସିଛି । ଶକଟାର ପ୍ରଶ୍ନସୂଚକ ଦୃଷ୍ଟିରେ ଚାହିଁଲା ପଦ୍ମକମଳକୁ ।

ପଦ୍ମକମଳ ଥିଲା ଶାନ୍ତ, ଧୀର ଓ ଗମ୍ଭୀର ପ୍ରକୃତିର ବ୍ୟକ୍ତି । ଚନ୍ଦ୍ରଗୁପ୍ତ ବିରୁଦ୍ଧରେ ଏହି ରାଜକୁମାରଙ୍କ ଷଡ଼ଯନ୍ତ୍ରରେ ସେ ସଦାସର୍ବଦା ତଟସ୍ଥ ରହୁଥିଲା । ସେ କହିଲା, "ମଗଧ-ସମ୍ରାଟଙ୍କ ଉତ୍ତରାଧିକାରୀ ହେବାପାଇଁ ମୋର ନା କୌଣସି ମୋହ, ନା ଏଭଳି କୌଣସି ଅଭିଳାଷ ରହିଛି । ମୋର ଭାଇମାନେ ଅନ୍ୟ କାହାକୁ ଚୟନ କରିପାରନ୍ତି ।

ମାତ୍ର ଅନ୍ୟ ରାଜକୁମାରଙ୍କ ମନରେ ଆପଣା ଆପଣାର ସ୍ୱପ୍ନ ରହିଥିଲା ସେମାନଙ୍କ ଭିତରେ ପରସ୍ପର ରହିଥିଲା ସଂଘର୍ଷଶୀଳ ମହତ୍ତ୍ୱାକାଂକ୍ଷା ।

Digitized by PPRACHIN, SOA

ସେମାନଙ୍କ ଭିତରେ ମଗଧର ଉତ୍ତରାଧିକାର ପ୍ରଶ୍ନ ଉପରେ ମତୈକ୍ୟ ରହିବା ସମ୍ଭବ ନଥିଲା । ସେମାନେ ସେହି ସମୟରେ ଏହି ପ୍ରଶ୍ନକୁ ଏଡ଼େଇ ଯିବାର ପ୍ରୟାସ କି କଲେ । କିନ୍ତୁ ଶକଟାର ସ୍ପଷ୍ଟ କରିଦେଲା ଯେ, "ଏଇ ପ୍ରଶ୍ନ ଏଡ଼େଇ ଦିଆଯାଇ ନପାରେ । ଏହି ପ୍ରଶ୍ନକୁ ଏଡେଇ ଗଲେସ୍ୱୟଂ ଆପଣମାନଙ୍କ କଲ୍ୟାଣ ହେବ ନେଣୁ ନିଷ୍ପତ୍ତିନେବା ଆବଶ୍ୟକ ।" ଶେଷରେ ବହୁ ବାଦବିବାଦ ପରେ ଏହି ନିଷ୍ପତ୍ତି ହେଲା ଯେ ପଦ୍ମ କମଳଙ୍କୁହିଁ ପରମ୍ପରା ଅନୁସାରେ ଉତ୍ତରାଧିକାରୀ କରି ଦିଆଯାଉ ।

ଏହି ନିଷ୍ପତ୍ତି ଅନୁସାରେ ତତ୍‌କ୍ଷଣାତ ଅନ୍ୟ ରାଜପୁତ୍ରଙ୍କ ଶପଥ ସହ ପଦ୍ମକମଳ ମସ୍ତକରେ ମଗଧ ସମ୍ରାଟଙ୍କ ଉତ୍ତରାଧିକାର ତିଳକ ଲଗାଇ ଦିଆହେଲା । ଅନ୍ୟ ରାଜକୁମାରଙ୍କ ମଧ୍ୟରେ ପ୍ରମୁଖ ମନ୍ତ୍ରୀପଦ ବିଭାଜିତ କରିବା ପରେ ଶକଟାରର ନିର୍ଦ୍ଦେଶାନୁସାରେ ପଦ୍ମକମଳ ନୂତନ ମନ୍ତ୍ରୀମଣ୍ଡଳ ବି ଗଠିତ ହୋଇଗଲା । ସମସ୍ତ କାର୍ଯ୍ୟକ୍ରମ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇଗଲା ।

ତା ପରେ ଶକଟାର ରାଜଭବନରେ ଅନୁଷ୍ଠିତ ରାଜକୁମାରମାନଙ୍କ ଏହି ବୈଠକର ବିବରଣୀ ନେଇ ମହାମନ୍ତ୍ରୀ ରାକ୍ଷସ ସମ୍ମୁଖରେ ଉପସ୍ଥିତ ହେଲା । ଉତ୍ତରାଧିକାର ପ୍ରଶ୍ନ କେବଳ ପାରିବାରିକ ନଥିଲା, କାରଣ ଏହା ସହିତ ଜଡ଼ିତ ଥିଲା ସାମ୍ରାଜ୍ୟର ସମ୍ବିଧାନ ।

ମହାମନ୍ତ୍ରୀ ରାକ୍ଷସ ଶକଟାର ସମ୍ବନ୍ଧରେ ଅବଶ୍ୟ ଅବଗତ ଥିଲା କିନ୍ତୁ ଶକଟାରକୁ କେବେ ଦେଖି ନଥିଲା । ବିବରଣୀ ସହ ଶକଟାରର କଥା ଶୁଣି ମହାମନ୍ତ୍ରୀ ରାକ୍ଷସ ମନେ ମନେ ତାର ବୁଦ୍ଧିର ପ୍ରଶଂସା କଲା । କିନ୍ତୁ ନିଜର ଚରିତ୍ର ଅନୁସାରେ ମହାମନ୍ତ୍ରୀ ରାକ୍ଷସ ଶକଟାରକୁ କଠୋର ଦୃଷ୍ଟିରେ ଚାହିଁ କହିଲା— "ଏହି ମୂର୍ଖ ରାଜକୁମାରଙ୍କ ପରାମର୍ଶଦାତା ରୂପେ ତୁମର କୌଣସି ଭୁଲ ତ ହୋଇନାହିଁ ?"

ଶକଟାର ଆଶ୍ଚର୍ଯ୍ୟ ଚକିତ ନୟନରେ ମହାମନ୍ତ୍ରୀଙ୍କୁ ଚାହିଁ ରହିଥିଲା ଆଉ ମହାମନ୍ତ୍ରୀ ରାକ୍ଷସ କହି ଯାଉଥିଲା—"ମଗଧ-ସାମ୍ରାଜ୍ୟର ବାସ୍ତବିକ ଉତ୍ତରାଧିକାରୀ ଅଟେ ଚନ୍ଦ୍ରଗୁପ୍ତ । ଧନଲୋଭଗ୍ରସ୍ତ ରାଜପୁରୋହିତଗଣ ବିଧାନ ଦେଇଛନ୍ତି ଯେ ଶୁଦ୍ରା ମୁରାର ପୁତ୍ର ହେତୁ ଚନ୍ଦ୍ରଗୁପ୍ତ ଶୁଦ୍ର ଅଟେ ଏବଂ ଏହି

Digitized by PPRACHIN, SOA

ବିଧାନ ସର୍ବଥା ନ୍ୟାୟର ବିରୁଦ୍ଧ ଓ ଅସଙ୍ଗତ ଅଟେ । ମୁରା ସହ ନନ୍ଦଙ୍କର ବିବାହ ଅନୁଲୋମ ବିବାହ ଅଟେ ଏବଂ ଅନୁଲୋମ ବିବାହର ସନ୍ତାନ କ୍ଷତ୍ରିୟ ଅଟେ । ମୋର ଅଭିମତ ଏହି ଯେ— ଚନ୍ଦ୍ରଗୁପ୍ତ ବୀର ଓ ବୁଦ୍ଧିମାନ ଆଉ ସବୁଠାରୁ ବଡ଼ କଥା ଯେ ତାର ପଥପ୍ରଦର୍ଶକ ଅଛନ୍ତି ଚାଣକ୍ୟ, ତେଣୁ ସେ ତାର ଅଧିକାର ସ୍ୱୟଂ ହାସଲ କରିନେବ ।

ଏହା କହୁ କହୁ ରାକ୍ଷସର ସ୍ୱର ସ୍ୱୟଂ କଥନରେ ପରିଣତ ହୋଇଗଲା, ସେହି ଚାଣକ୍ୟ, ମୁଁ ଯେଉଁ ବ୍ୟକ୍ତିକୁ ବୁଝିହିଁ ପାରିନାହିଁ । ଅଲୌକିକ ପ୍ରତିଭାଯୁକ୍ତ କିନ୍ତୁ ଭୟାନକ ରୂପରେ ହଠୀ ଓ କ୍ରୋଧୀ । କଣ ଏହି ହଠହିଁ କର୍ମର ପ୍ରେରକ ଶକ୍ତି ? ମୋତେତ ଏମିତି ଦେଖାଯାଉଛି ଯେ ଏହାଙ୍କ ନାମ ନିଶ୍ଚିତ ଇତିହାସରେ ଅମର ରହିବ ।

ହତପ୍ରଭ ସଦୃଶ ଶକଟାର ରାକ୍ଷସ ନିକଟରୁ ଚାଲିଗଲା । ରାକ୍ଷସ ସମ୍ମୁଖରେ ଥିଲା ମହାପଦ୍ମନନ୍ଦର ସତ୍ତାକୁ ଅକ୍ଷୁର୍ଣ୍ଣ ରଖିବାର ପ୍ରଶ୍ନ । ଯମୁନାନଦୀର ପୂର୍ବ ଓ ଉତ୍ତରରେ ପ୍ରସାରିତ ମଗଧ ସାମ୍ରାଜ୍ୟ, ରାକ୍ଷସ ସେହି ସାମ୍ରାଜ୍ୟର ଆଭ୍ୟନ୍ତରିଣ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେଇ ତାକୁ ଆହୁରି ଅଧିକ ସୁରକ୍ଷିତ ଓ ଶକ୍ତିଶାଳୀ କରିବା ଆରମ୍ଭ କରିଦେଲା । ମଗଧ-ସାମ୍ରାଜ୍ୟର ବାହାରେ କଣ ଘଟୁଛି; ସେଥିରେ ଯେମିତି ତାର କୌଣସି ପ୍ରୟୋଜନ ହିଁ ନଥିଲା ।

ମଗଧର ଆଭ୍ୟନ୍ତରିଣ ବ୍ୟବସ୍ଥା ନିରନ୍ତର ଅଧିକରୁ ଅଧିକ ସୁଦୃଢ଼ ହୋଇଥିବା ସମ୍ବାଦ ଚାଣକ୍ୟଙ୍କୁ ପ୍ରାପ୍ତ ହୋଇଥିଲା । କିନ୍ତୁ ସେ ଶାନ୍ତ ଓ ଅବିଚଳିତ ଭାବରେ ନିଜସ୍ୱ ଯୋଜନାର କାର୍ଯ୍ୟମାନ କରି ଯାଉଥିଲେ ।

ବସନ୍ତ ଋତୁ ଅର୍ଦ୍ଧାଧିକ ବିତି ସାରିଥିଲା । ବର୍ଷାଋତୁ ଆସିବାକୁ ଆହୁରି ଦୁଇ ତିନି ମାସ ବାକି । ଚାଣକ୍ୟ ଚନ୍ଦ୍ରଗୁପ୍ତକୁ ନିଜ ଅଭିଯାନ ଆରମ୍ଭ କରିବାକୁ ଆଦେଶ ଦେଇଦେଲେ । ସେ ବିନ୍ଧ୍ୟାଚଳ ତରାଇର ଉତ୍ତର ଅଞ୍ଚଳର ଦକ୍ଷିଣ ପୂର୍ବ ପଥକୁ ବାଛିନେଲେ ଏବଂ ଉଜ୍ଜୟିନୀ ପରିତ୍ୟାଗ କରି ମଥୁରାନ ଗରୀରେ ଛାଉଣି ପକେଇଲେ ।

Digitized by PPRACHIN, SOA

ମଥୁରା ମହାଭାରତ କାଳ ଠାରୁ ବି ଅଧିକ ପ୍ରାଚୀନ ନଗରୀ । ଯେତେବେଳେ ଭାରତର ପଞ୍ଚନଦ ପ୍ରଦେଶରେ ସଭ୍ୟତାର କୌଣସି ଚିହ୍ନବର୍ଣ୍ଣ ସୁଦୂର ଅତୀତ କାଳରୁ ଗଙ୍ଗାର ସମତଳ ଅଞ୍ଚଳ ସହ ମଧ୍ୟ ଏସିଆର ସମ୍ପର୍କ ସେତୁ ଥିଲା ମଥୁରା । ବହୁକାଳ ପରେ ଏହି ନଗରୀ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ରୂପେ ଏକ ଧାର୍ମିକ ଅଞ୍ଚଳର ଖ୍ୟାତି ଅର୍ଜନ କରିଥିଲା । ମଥୁରା ଥିଲା ତତ୍କାଳୀନ ଭାରତର ସବୁଠାରୁ ବଡ଼ ବ୍ୟବସାୟିକ କେନ୍ଦ୍ର । ମଥୁରାକୁ କେନ୍ଦ୍ର କରି ହିଁ ବ୍ରଜଭୂମିର ବିସ୍ତାର ଘଟିଥିଲା । ଚାଣକ୍ୟ ମଥୁରାରେ ପହଞ୍ଚି ତାହାଙ୍କ ସନ୍ତୋଷ ଲାଭକଲେ । ମଥୁରାର ପୂର୍ବ ଦିଗରେ, ଯମୁନା ନଦୀ ପାରହେବା ମାତ୍ରକେ ମଗଧର ସୀମା ଆରମ୍ଭ ହୋଇ ଯାଉଥିଲା ଚାଣକ୍ୟଙ୍କ ପକ୍ଷରେ ପୂର୍ବ ଦିଗକୁ ଅଗ୍ରସର ହେବା ଅସମ୍ଭବ ଥିଲା । ଯଦି କୌଣସି ସମ୍ଭାବନା ରହିଥିଲା ତାହା ଥିଲା ମଥୁରାର ଦକ୍ଷିଣରେ ଯମୁନାର ଦକ୍ଷିଣତଟ ଯେଉଁଠି ରହିଥିଲା ଭିଲମାନଙ୍କର ଜନବସତି । ଗିରିମଧ୍ୱଜର ଅଧ୍ୟକ୍ଷତାରେ ହେଲେ ଦକ୍ଷିଣ ଅଞ୍ଚଳରେ ଅଗ୍ରସର ହେବାଥିଲାଅଧିକ ନିରାପଦ ଏବଂ ମଥୁରାରୁ ଅଗ୍ରସର ହେବା ପାଇଁ ଚାଣକ୍ୟ ଏହି ଦକ୍ଷିଣପଥ ହିଁ ନିର୍ବାଚନ କଲେ । ମଥୁରାର ଆଗକୁ ଅବସ୍ଥିତ ରହିଥିଲା ପ୍ରୟାଗ ।

- ଗଙ୍ଗା ଯମୁନାର ସଙ୍ଗମସ୍ଥଳ ହୋଇଥିବାରୁ ପ୍ରୟାଗନଗରୀ ଧାର୍ମିକ ମହତ୍ତ୍ୱ ଲାଭ କରିଥିଲା । ପ୍ରୟାଗରେ ଜନସଂଖ୍ୟା ଥିଲା ଅତୀବ ନଗଣ୍ୟ । କେବଳ ପର୍ବପର୍ବାଣି ଅବସରରେ ସେଠି ଜନ ସମାଗମ ଦୃଷ୍ଟ ହୋଉଥିଲା ଏହି ସଙ୍ଗମ ପରେହିଁ ଲୁପ୍ତହୋଇ ପଡ଼ିଥିଲା ଯମୁନା । ପୂର୍ବକୁ ପ୍ରବାହିତ ଗଙ୍ଗା ନଦୀର ଦକ୍ଷିଣ ଅଂଶ ଅନେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଓ ଜନପଦରେ ବିଭକ୍ତ ହୋଇ ପଡ଼ିଥିଲା । ଯହିଁରେ ଅଧିକାଂଶ ଜନବସତି ଥିଲା ଭିଲ ଜନଜାତିର । ଚାଣକ୍ୟ ଗିରିମଧ୍ୱଜକୁ ଅଗ୍ରଭାଗରେ ରଖି ଯମୁନାର ଦକ୍ଷିଣ ମାର୍ଗରେ ମଗଧ ଆଡ଼କୁ ପ୍ରସ୍ଥାନ କଲେ ।

Digitized by PPRACHIN, SOA

ଏକ ଅନ୍ୟର ସମ୍ବନ୍ଧ ଏକ ଅନ୍ୟଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ଏବଂ ଅନ୍ୟଠାରୁ ସମ୍ପୂର୍ଣ୍ଣ ବିପରୀତ ଅଗଣିତ ପୌରାଣିକ କଥା ଓ ଆଖ୍ୟାନ, ଯହିଁରେ ପାଠକ ଓ ଶ୍ରୋତା ନିଜକୁ ପୂରାପୂରି ପାଶୋରି ଯାଆନ୍ତି ସେହି ଚମତ୍କାର ଚିତ୍ତହାରିଣୀ କଥା ଓ ଆଖ୍ୟାନ ଘେରି କାଶୀ ନଗରୀ ଗଙ୍ଗା ତଟରେ ଗଢିଉଠି ବେଳେବେଳେ ଇତିହାସକୁ ବି ଆହ୍ୱାନ ଦେଉଥିଲା । ବୈଷ୍ଣବ, ଶାକ୍ତ ଓ ଶୈବ — ଭାରତର ଏହି ତିନୋଟି ଧାର୍ମିକ ମତର ଏକ ଅଦ୍‌ଭୁତ ସଙ୍ଗମ ସ୍ଥଳ ଥିଲା ଏହି ନଗରୀ । ଅତଏବ 'କାଶୀ ଭାରତ ଇତିହାସରେ ଏକ ପ୍ରବଚନ ସ୍ୱରୂପ ବିଦ୍ୟମାନ । ଏହି ନଗରୀରେ ଯୌନ ଉପାସନା ରୂପରେ ଉତ୍ତର ପୂର୍ବରୁ ଆଗତ ଶାକ୍ତମତ, ଲିଙ୍ଗ ଉପାସନା ରୂପରେ ଦକ୍ଷିଣରୁ ଆସିଥିବା ଶୈବମତ ଆଉ ଗାଙ୍ଗେୟ ଉପତ୍ୟକାର ପଶ୍ଚିମରୁ ଆଗତ ବୈଦିକ ପରମ୍ପରା ଯୁକ୍ତ ବୈଷ୍ଣବମତର ବିକାଶଲାଭ ଘଟିଥିଲା ବ୍ରଜଭୂମିରେ ।

ଅତି ସ୍ୱାଭାବିକ ଢଙ୍ଗରେ ଏହି ମତସବୁ ବିକଶିତ ହୋଇଛି । ପ୍ରତ୍ୟେକ ମତରେ ମଣିଷର ସୀମା ଅନୁସାରେ କରାଯାଇଛି ସ୍ରଷ୍ଟାଙ୍କ ଉପାସନା । ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଏହି ତ୍ରିମୂର୍ତ୍ତିର ପରିକଳ୍ପନା ମାନବ ସଭ୍ୟତାର ବୈଦିକ ବିକାଶ ରୂପରେ ସଙ୍ଗଠିତ ହୋଇଛି । ବହୁ କାଳପରେ ଏବଂ ସେତେବେଳେହିଁ ବିଭିନ୍ନ ମତର ସମନ୍ୱୟରେ ସାଧାରଣ ଜନତା ପାଇଁ ଏମିତି ଏକ ମତର ବିକାଶ କରାଯାଇଛି ଯହିଁରେ ବିଭିନ୍ନ ମତବାଦର ପରସ୍ପର ସଂଘର୍ଷ ଆଦୌ ନରହେ । ମଣିଷର ଜନ୍ମ, ମଣିଷର ଭରଣ ପୋଷଣ, ମଣିଷର ମୃତ୍ୟୁ—ଓ ସବୁର ପ୍ରତୀକ ଅଟନ୍ତି ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର । ଏହି ତ୍ରିମୂର୍ତ୍ତିରେ ଶକ୍ତିର ବିଧାନ ନାହିଁ । ତେଣୁ ଶକ୍ତିକୁ ଏକ ଭିନ୍ନ ସତ୍ତା ରୂପେ ମାନି ନିଆଯାଇଛି ।

Digitized by PPRACHIN, SOA

କାଶୀ ବହୁକାଳରୁ ଏହି ଧାର୍ମିକ ସମନ୍ୱୟର କେନ୍ଦ୍ର ହୋଇ ଆସିଥିଲା ଏବଂ କାଶୀର ଏହି ସ୍ୱତନ୍ତ୍ର ସତ୍ତା ଯେପରି ବଜାୟ ରହେ, ସେଥିପାଇଁ ଏହାକୁ ତ୍ରୈଲୋକ୍ୟନାଥଙ୍କ ପୁରୀ ମାନିନେଇ କୌଣସି ବାହ୍ୟ ନରେଶ ବା ସମ୍ରାଟ ଏହି ନଗରୀ ଉପରେ ଆପଣାର ଆଧିପତ୍ୟ ବିସ୍ତାର କରି ନାହାନ୍ତି । କେବେ କେମିତି ଅବଶ୍ୟ ଏହି ଜନପଦର ସୁବିଧା ସକାଶେ ଜଣେ ଦୁ, ଜଣ ରାଜା ରହିଛନ୍ତି, ସତ୍ୟ ହରିଶ୍ଚନ୍ଦ୍ର କଥା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଅଟେ । କିନ୍ତୁ ପୁରୁଷାନୁକ୍ରମେ କୌଣସି ରାଜବଂଶ ରାଜ୍ୟଶାସନ କରିବାର ନିୟମ ନାହିଁ । ଏଭଳି ଦୃଷ୍ଟାନ୍ତ ନିୟମର ପ୍ରତିକୂଳ ଉଦାହରଣ ମାତ୍ର । ତେଣୁ ଚାଣକ୍ୟ ବାହ୍ୟ ଆକ୍ରମଣମୁକ୍ତ କାଶୀକୁ ଆପଣା ଭବିଷ୍ୟତ କାର୍ଯ୍ୟକ୍ରମର ବିସ୍ତାର ପାଇଁ ଉପଯୁକ୍ତ ସ୍ଥାନ ରୂପେ ବାଛିନେଲେ ।

ଚନ୍ଦ୍ରଗୁପ୍ତ ଆପଣା ସେନାକୁ କାଶୀ ଜନପଦର ଦକ୍ଷିଣରେ ଛାଡ଼ି-ଦେଇ ଚାଣକ୍ୟ ସହ ପରାମର୍ଶ କରିବାପାଇଁ କାଶୀନଗରୀକୁ ଚାଲିଆସିଲା । କାଶୀରେ ଚନ୍ଦ୍ରଗୁପ୍ତର ଉପସ୍ଥିତି ସଂପର୍କରେ ମହାମନ୍ତ୍ରୀ ରାକ୍ଷସ ଜାଣିଥିଲା; କିନ୍ତୁ କାଶୀ ନଗରୀର ପ୍ରଭୁସତ୍ତାରେ ହସ୍ତକ୍ଷେପ କରିବା ବିଷୟର କିମ୍ବା ବାସନା ତାର ଆଦୌ ନଥିଲା । ମଗଧ ସମ୍ରାଟଙ୍କ ତୁଳନାରେ ଚନ୍ଦ୍ରଗୁପ୍ତର ସୈନ୍ୟବଳ ଥିଲା ଅତ୍ୟନ୍ତ ନଗଣ୍ୟ । ତେଣୁ ସେ କାଶୀରରୁ ପ୍ରାପ୍ତ ସ୍ୱର୍ଣ୍ଣ ବଳରେ ଖାଣ୍ଡବଗଡରେ ଆପଣାର ଶକ୍ତିବୃଦ୍ଧି କରିବାରେ ଲାଗିଥିଲା ।

ମହାମନ୍ତ୍ରୀ ରାକ୍ଷସ ତ ତଟସ୍ଥ ଭାବରେ ଚନ୍ଦ୍ରଗୁପ୍ତର ଗତିବିଧିକୁ ଲକ୍ଷ୍ୟ କରୁଥିଲା କିନ୍ତୁ ଶକଟାର ଆଖି ଆଗରେ ଝୁଲୁଥିଲା ସଂକଟର ତରବାରୀ ।

ଗଙ୍ଗାର ଉତ୍ତରକୁ କିଛି ଦୂରରେ ଗଙ୍ଗା ସହ ମିଳିତ ହୋଇଥିବା ଦୁଇଟି ଶ୍ରେଷ୍ଠ ଶ୍ରେଷ୍ଠ ନଦୀ-କରୁଣା ଓ ଅସି ପ୍ରବାହିତ ହେଉଥିଲା । ତାର ତଟରେ ଅବସ୍ଥିତ ଜନବସତି ବାରାଣସୀ ନାମରେ ପରିଚିତ ଥିଲା ଏବଂ ସେହି ଅଞ୍ଚଳରେ ରହିଥିଲା କାଶୀନଗରୀ । ବାରାଣସୀହିଁ ଅପଭ୍ରଂଶ ହୋଇ କାଳାନ୍ତରରେ ବନାରସ ହୋଇ ପଡ଼ିଥିଲା । ବାରାଣସୀ ଥିଲା କାଶୀ ରାଜ୍ୟର ରାଜଧାନୀ ଏବଂ ଏଠାରେହିଁ କେନ୍ଦ୍ରୀଭୂତ ହୋଇ ରହିଥିଲା କାଶୀର ଗତିବିଧି ।

Digitized by PPRACHIN, SOA

ଶକଟାର ପରାମର୍ଶକୁ ସ୍ୱୀକାର କରି ପଦ୍ମକମଳ ଲକ୍ଷ୍ୟକଲା ଯେ ମହାମନ୍ତ୍ରୀ ରାକ୍ଷସର ଅନ୍ତରରେ ଚନ୍ଦ୍ରଗୁପ୍ତ ପ୍ରତି ପକ୍ଷପାତ ଓ ଉଦାର ଭାବନା ନିହିତ ରହିଛି ତେଣୁ ମଗଧର ଶାସନ ଓ ମଗଧର ବାହାରେ ଚନ୍ଦ୍ରଗୁପ୍ତର ଗତିବିଧି ପ୍ରତି ସେ ସମ୍ପୂର୍ଣ୍ଣ ଉଦାସୀନ ଏବଂ ଏହି ହେତୁରୁ କିଛି ସମୟ ପାଇଁ କାଶୀ ଉପରେ ଆଧିପତ୍ୟ ବିସ୍ତାର କରିନେବା ସମୁଚିତ ହେବ । ପଦ୍ମକମଳ କାଶୀ ଆକ୍ରମଣ କରିବାକୁ ମହାପଦ୍ମନନ୍ଦଙ୍କ ସମ୍ମତି ହାସଲ କରିନେଲା ।

କାଶୀ ଉପରେ ମଗଧ ସେନା ଆକ୍ରମଣ କରିବେ ଏହି ସମ୍ବାଦ ତକ୍ଷଶିଳ ଛଦ୍ମନାମରେ ପାଟଳୀପୁତ୍ରରେ ବସବାସ କରୁଥିବା ଚାଣକ୍ୟଙ୍କୁ ମିଳିଗଲା । ମଗଧର ବିଶାଳ ସେନା କାଶୀ ଆକ୍ରମଣ କଲେ ଚନ୍ଦ୍ରଗୁପ୍ତଙ୍କୁ ଅନିବାର୍ଯ୍ୟ ରୂପେ ଯୁଦ୍ଧ କରିବାକୁ ପଡ଼ିବ ଏବଂ ଚନ୍ଦ୍ରଗୁପ୍ତ ନିଶ୍ଚିତ ଭାବରେ ବିପଦର ସମ୍ମୁଖୀନ ହେବ । ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ଚାଣକ୍ୟ ଗିରିମଧ୍ୱଜ ସହ ପରାମର୍ଶ କଲେ—ସେ ହୁଏତ ଏତେବେଳେ ସହାୟକ ହୋଇପାରେ ।

ପ୍ରଭୁତ୍ୱ ପ୍ରାପ୍ତି ପରେ ଗିରିମଧ୍ୱଜ ବିନ୍ଧ୍ୟାଚଳ ପର୍ବତର ପୂର୍ବାଞ୍ଚଳରେ ଆପଣାର ସତ୍ତାକୁ ଅତ୍ୟଧିକ ବୃଦ୍ଧି କରି ସାରିଥିଲା । ଯେଉଁଠି ବିନ୍ଧ୍ୟାଚଳ ପର୍ବତର ପୂର୍ବାଞ୍ଚଳ ସମାପ୍ତ ହୋଇଥିଲା ସେଇଠି ଛୋଟ ଛୋଟ ପାହାଡ଼ ପରିପୃଷ୍ଠ ସମତଳ ଭୂମିର ଏକ ବିସ୍ତୃତ ଅଞ୍ଚଳ ଉତ୍କଳ ପ୍ରଦେଶର ସମୁଦ୍ରତଟସ୍ଥିତ ଜଗନ୍ନାଥ ପୁରୀ ଯାଏ ଚାଲୁଥିଲା ରହିଥିଲା । ଏ ଅଞ୍ଚଳର ଆରମ୍ଭରେ ଥିଲା ଏକ କ୍ଷୁଦ୍ର ଜନପଦ ଯେଉଁଠି ଥିଲା ଭିଲମାନଙ୍କ ସହ କୋହ୍ଲ ଜନଜାତିର ବସତି । ଏହି ବସ୍ତିର ନାଁ ଥିଲା ବରାଞ୍ଚି । ଯାହା କାଳକ୍ରମେ ଛୋଟ ହୋଇ ରାଞ୍ଚି ନାମରେ ପରିଚିତ ହୋଇଗଲା । ଗିରିମଧ୍ୱଜ ବରାଞ୍ଚିରେ ନିଜର ଶିବିର ସ୍ଥାପନ କରି ମଗଧ ରାଜ୍ୟକୁ ଦକ୍ଷିଣ ଦିଗରୁ ଘେରାଉ କରିନେଲା । ଭିଲ ଓ କୋହ୍ଲମାନଙ୍କ ନିକଟରେ ଆଧୁନିକ ଅସ୍ତ୍ର ଶସ୍ତ୍ର ଅଭାବ ରହିଥିଲା । ତେଣୁ ଧନୁ ଓ ବାଣ ବଳରେ ଅସ୍ତିତ୍ୱ ବଜାୟ ରଖିବା ଛଡ଼ା ସେମାନଙ୍କର ଅନ୍ୟ କୌଣସି ଉପାୟ ନିଜର ନଥିଲା ।

Digitized by PPRACHIN, SOA

ମଗଧର ସେନା କାଶୀ ଉପରେ ଆକ୍ରମଣ କରିଦେଲେ । କାଶୀ ଜନପଦର ଥିଲା ଏକ କ୍ଷୁଦ୍ର ସେନା ବାହିନୀ । କିନ୍ତୁ ଇତ୍ୟବସରରେ ଚନ୍ଦ୍ରଗୁପ୍ତ ଏକ ବିଶାଳ ସୈନ୍ୟବାହିନୀ ଗଠନ କରିନେଇ ସାରିଥିଲେ । ଚନ୍ଦ୍ରଗୁପ୍ତର ବାହିନୀ ଓ ମଗଧ ସେନା ମଧ୍ୟରେ ଦିନବ୍ୟାପୀ ଭୟଙ୍କର ଯୁଦ୍ଧ ହେଲା । ମଗଧ ସେନାର ସେହି କ୍ଷୁଦ୍ର ବାହିନୀଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ଯେଉଁ ସୈନ୍ୟମାନେ ବଞ୍ଚିଗଲେ ସେମାନେ ଜୀବନ ବିକଳରେ ପଳାୟନ କରି ମଗଧ ସୀମାରେ ଆଶ୍ରୟ ଗ୍ରହଣ କଲେ ।

ଏହି ଯୁଦ୍ଧରେ ଚନ୍ଦ୍ରଗୁପ୍ତର ସୈନ୍ୟବାହାନୀ ବି ପୁରାପୁରି ନଷ୍ଟ ହୋଇ ଗଲା । ଏହି ଯୁଦ୍ଧର ଅବସରରେ ଚାଣକ୍ୟ କାଶୀ ପହଞ୍ଚି ସାରିଥିଲେ । ମଗଧ ସୈନ୍ୟ ପୁନର୍ବାର ସୁସଂଗଠିତ ହୋଇ କାଶୀ ଉପରେ ଆକ୍ରମଣ କରିବେ ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ସେ ଚନ୍ଦ୍ରଗୁପ୍ତକୁ ପରାମର୍ଶ ଦେଲେ ଯେ କାଶୀର ପଶ୍ଚିମରେ ଅବସ୍ଥିତ ପ୍ରୟାଗକୁ ଯାଇ ସେ ପୁଣି ଆପଣା ସୈନ୍ୟବାହିନୀର ପୁନର୍ଗଠନ କରୁ । ଚାଣକ୍ୟଙ୍କ ନିର୍ଦ୍ଦେଶାନୁସାରେ ଚନ୍ଦ୍ରଗୁପ୍ତ ଗିରିମଧ୍ୱଜ ସହ ପ୍ରୟାଗରେ ପହଞ୍ଚି ନିଜ ସୈନ୍ୟବାହିନୀ ପୁନର୍ଗଠନ ଆରମ୍ଭ କରିଦେଲା ।

ଗିରିମଧ୍ୱଜ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଯେ ଏକ ସାଧନହୀନ ଯୁବକ କେମିତି ଭାବରେ ନିଜର ଶକ୍ତି ସଞ୍ଚୟ କରି ଯାଉଛି । ଚନ୍ଦ୍ରଗୁପ୍ତ ନିକଟକୁ କାଶୀରରୁ ଆସୁଥିବା ସ୍ୱର୍ଣ୍ଣର ମହତ୍ତ୍ୱ ସେ ବୁଝି ପାରୁନଥିଲା । ଭିଲ ଓ କୋହ୍ଲମାନେ ସୁବର୍ଣ୍ଣର ମହତ୍ତ୍ୱ ସମ୍ପର୍କରେହିଁ ଅବହିତ ନଥିଲେ କିନ୍ତୁ ନିରନ୍ତର ଆଦାନ ପ୍ରଦାନ ହେଉଥିବା ମଗଧ ଅଞ୍ଚଳରେ ଯାହା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଥିଲା ତାହା ହେଉଛି ସ୍ୱର୍ଣ୍ଣ । ବର୍ତ୍ତମାନ ଗିରିମଧ୍ୱଜ ବି ଧିରେ ଧିରେ ଦକ୍ଷିଣରେ ବିନ୍ଧ୍ୟାଚଳର ତଳାଇରେ ସ୍ୱର୍ଣ୍ଣର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆରମ୍ଭକରି ଦେଲା ।

ପ୍ରୟାଗ ନଗରୀର ଠିକ୍ ଉତ୍ତରାଞ୍ଚଳରେ, ଯେଉଁଠି ଝୁଁସିମାନଙ୍କ ଜନବସତି ଅବସ୍ଥିତ ସେଠି ଚାଣକ୍ୟ ଚନ୍ଦ୍ରଗୁପ୍ତର ଛାଉଣିପାଇଁ ଏକ ଉପନଗରୀ ସ୍ଥାପନର ଆୟୋଜନ କରିଦେଇ ପୁନର୍ବାର ଚଞ୍ଚରିକ ଛଦ୍ମ-

Digitized by PPRACHIN, SOA

ନାମରେ ପାଟଳିପୁତ୍ରକୁ ଫେରଗଲେ । ପାଟଳିପୁତ୍ରରେ ପହଞ୍ଚିବା ମାତ୍ରେକ ବ୍ରାହ୍ମଣ ଓ ପଣ୍ଡିତମାନଙ୍କର ବିସ୍ତୃତ ସମାଜରେ ତାଙ୍କର ବ୍ୟକ୍ତିସତ୍ତା ବିଲୀନ ହୋଇଗଲା । ସେ ଜାଣିଥିଲେ ଯେ ମଗଧର ମହାମନ୍ତ୍ରୀ ରାକ୍ଷସର ସତର୍କତା ସକାଶେ ମଗଧକୁ ବାହାରୁ ଭାଙ୍ଗିଦେବା ସମ୍ଭବ ନୁହେଁ, ମଗଧରେ ରହି ତାର ଅଭ୍ୟନ୍ତରରୁହିଁ ଶାସନ ବ୍ୟବସ୍ଥାକୁ ନଷ୍ଟ କରାଯାଇ ପାରେ । ଚାଣକ୍ୟ ମଗଧର ସେହି ଅଞ୍ଚଳରେ ସୁରକ୍ଷିତ ଥିଲେ କାରଣ ଉକ୍ତ ଅଞ୍ଚଳର ରାଜ କର୍ମଚାରୀଗଣ ଥିଲେ ମାତ୍ରାତିରିକ୍ତ ଅସାବଧାନ ।

ଗାଙ୍ଗେୟ ଉପତ୍ୟକା ଦେଇ ଗୁପ୍ତ ରୂପରେ ମଗଧକୁ ଆସୁଥିବା ସ୍ୱର୍ଣ୍ଣର ଆମଦାନୀ ଏକ ପ୍ରକାର ବନ୍ଦ ହୋଇ ଯାଇଥିଲା, ସ୍ୱର୍ଣ୍ଣର ଅନେକଅଂଶ ରାଜକର୍ମଚାରୀଙ୍କ ହାତରେହିଁ ପଡ଼ୁଥିଲା ଏବଂ ସ୍ୱର୍ଣ୍ଣ ଲୋଭଗ୍ରସ୍ତ କର୍ମଚାରୀଗଣ ତାକୁ ଆପଣା ମଧ୍ୟରେହିଁ ବାଣ୍ଟି ନେଉଥିଲେ । ମହାମନ୍ତ୍ରୀ ରାକ୍ଷସଙ୍କୁ ଏହି ତସ୍କର ବୃତ୍ତିର କୌଣସି ସୂଚନାହିଁ ମିଳିପାରୁ ନଥିଲା । ଚନ୍ଦ୍ରଗୁପ୍ତଙ୍କୁ ଗୌଣରୂପରେ ଏହି ଲାଭ ମିଳୁଥିଲା କାରଣ ସ୍ୱର୍ଣ୍ଣ ଲୋଭରେ ରାଜକର୍ମଚାରୀଙ୍କ ମଧ୍ୟରେ ଭ୍ରଷ୍ଟାଚାର ପ୍ରସାର ଲାଭ କରିଥିଲା ଯାହାଥିଲା ମଗଧ ରାଜଶକ୍ତି ବିନଷ୍ଟ ହେବାର ସ୍ପଷ୍ଟ ସଙ୍କେତ । ନିୟତିର ଏହି ଶୃଙ୍ଖଳାରେ ଚାଣକ୍ୟ ଚକିତ ଥିଲେହେଁ, ନିଶ୍ଚିନ୍ତ ନଥିଲେ ।

ସେହି ନିୟତି ! ଚାଣକ୍ୟ ସ୍ୱୟଂ ଥିଲେ ସେହି ନିୟତିର ଏକ ଅଂଶ । ନିଜର ସମସ୍ତ ଜୀବନ ଥିଲା ତାଙ୍କ ସମ୍ମୁଖରେ — ପାଟଳିପୁତ୍ରର ବିଶାଳ ରାଜ ସଭାରେ ମହାପଦ୍ମ ନନ୍ଦଙ୍କ ଦ୍ୱାରା ତାଙ୍କର ଅପମାନ । ଆଉ ସେହି ଅପମାନର ଫଳସ୍ୱରୂପ ତାଙ୍କର ସେହି ପ୍ରତିଜ୍ଞା —ଉନ୍ମୁକ୍ତ ଶିଖା ବନ୍ଧନ ହେବ ଯେଉଁଦିନ ସେ ନନ୍ଦବଂଶକୁ ସମୂଳେ ଧ୍ୱଂସ କରିଦେବେ —ଏହା କଣ ନିୟତି ନଥିଲା ।

ଆଉ ତାଙ୍କର ଶିଖାବନ୍ଧନ ଅବଶ୍ୟ ହେବ—ଏହା ତାଙ୍କ ଅନ୍ତରର ଅତୁଟ ବିଶ୍ୱାସ । କଣ ଏହା ବି ନଥିଲା ସେହି ନିୟତିର ପରିହାସ ।

କାଶୀରୁ ପାଟଳିପୁତ୍ର ଆସି ସେଠାରେ ସ୍ଥାୟୀ ଭାବରେ ବସବାସ କରୁଥିବା ପ୍ରକାଣ୍ଡ କର୍ମକାଣ୍ଡୀ ବ୍ରାହ୍ମଣ ଚଞ୍ଚରିକର ଖ୍ୟାତି ପାଟଳିପୁତ୍ରର ଜନସାଧାରଣଙ୍କ ମଧ୍ୟରେ ଦ୍ରୁତଗତିରେ ପ୍ରସାର ଲାଭ କରିବାକୁ ଲାଗିଲା ।

Digitized by PPRACHIN, SOA

ଦିନରେ କେବଳ ଥରେମାତ୍ର ପ୍ରାତଃକାଳରେ ରାଜଦରବାର ପାଇଁ ଚନ୍ଦ୍ରଗୁପ୍ତଙ୍କର ଦର୍ଶନ ପ୍ରାପ୍ତ ହେଉଥିଲା । ସ୍ୱୟଂ ଚାଣକ୍ୟଙ୍କ ଗୁପ୍ତଚର ବିଭାଗରେ ଏମିତି ଚାରିଜଣ ବ୍ୟକ୍ତି ଥିଲେ । ଯେଉଁମାନଙ୍କର ଚାଣକ୍ୟଙ୍କ ସହ ସିଧାସଳଖ ସମ୍ପର୍କ ଥିଲା ଏବଂ ସେହି ଗୁପ୍ତଚରମାନଙ୍କ ଜରିଆରେ ସେ ଗଙ୍ଗାର ଉତ୍ତର ତଟରେ ଅପେକ୍ଷାରତ ଚନ୍ଦ୍ରଗୁପ୍ତଙ୍କୁ ଆଦେଶ ପ୍ରଦାନ କରୁଥିଲେ । ତାଙ୍କରତ ପାଟଳିପୁତ୍ରରେ ରହିବାର ଆବଶ୍ୟକ ଥିଲା କାହିଁକନା ସେ ଜାଣିଥିଲେ ଯେ ମହାପଦ୍ମ ନନ୍ଦର ଶକ୍ତି ପାଟଳିପୁତ୍ର ନଗରର ଅଭ୍ୟନ୍ତରରୁ ହିଁ ନଷ୍ଟ କରାଯାଇପାରେ ।

ପାଟଳିପୁତ୍ର ଆସି ନିଜର ନାମ ଚନ୍ଦ୍ରଗୁପ୍ତ ରଖିବା ସମୟରେ ଚାଣକ୍ୟ ସାମାନ୍ୟ ହସିଥିଲେ । ଚାଣକ୍ୟ-ଚନ୍ଦ୍ରଗୁପ୍ତ ଚନ୍ଦ୍ରଗୁପ୍ତ । କଣ ଏହି 'ଚ' ତାଙ୍କର ନିୟତିସହ ଜଡ଼ିତ ଅକ୍ଷର ନୁହେଁ ? ଭ୍ରାନ୍ତିର ଏହି ସ୍ଥିତି ସହ ମାନବ ସମାଜ ତଥା ତାର ସଞ୍ଚାଳନ ସଦା ସର୍ବଦା ଏକ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କର ସୂତ୍ରରେ ଗ୍ରଥିତ ।

ପାଟଳିପୁତ୍ରର ସାଧାରଣ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ସହିତ ଚାଣକ୍ୟ ଆପଣାର ସହଜ ସମ୍ପର୍କ ସ୍ଥାପନ କରି ନେଇଥିଲେ କିନ୍ତୁ କିଛି ଦୂରରେ ଅବସ୍ଥିତ ନାଳନ୍ଦା ବିଶ୍ୱବିଦ୍ୟାଳୟରୁ ସେ ଅତି ସତର୍କତା ସହ ଦୂରେଇ ରହିଥିଲେ । କାରଣ ସେଠାକାର ଛାତ୍ର ଓ ଅଧ୍ୟାପକ ଥିଲେ ଅତି ପରିଚିତ ।

ପାଟଳିପୁତ୍ରର ରାଜବଂଶ ଥିଲା ଅତ୍ୟନ୍ତ ସୁରକ୍ଷିତ ଯେମିତି ତାର ଚାରି ପାଖରେ ଘେରି ରହିଥିଲା ଅଭେଦ୍ୟ ଲୌହପ୍ରାଚୀର । କିନ୍ତୁ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ପୂଜିତ ଚନ୍ଦ୍ରଗୁପ୍ତ ଆପଣାର ବିଶେଷ ଗୁପ୍ତଚର ସହାୟତାରେ ଅତି ସୂକ୍ଷ୍ମଭାବରେ ମଗଧ ରାଜବଂଶ ସମ୍ପର୍କରେ ଅଧ୍ୟୟନ କରୁଥିଲେ ।

ଚାଣକ୍ୟଙ୍କର ଅକସ୍ମାତ ଅର୍ନ୍ତଦ୍ଧ୍ୟାନ ଫଳରେ ମଗଧ ରାଜକୁମାରମାନଙ୍କ ପରାମର୍ଶଦାତା ଶକଟାର ମନେମନେ ଭୟଭୀତ ଓ ଚିନ୍ତିତ ହୋଇ ପଡ଼ିଥିଲା—କ'ଣ ଚାଣକ୍ୟ କାଶୀର ଦକ୍ଷିଣ ଦିଗକୁ ଚାଲି ଯାଇଛନ୍ତି କିମ୍ବା ପଶ୍ଚିମ ଦିଗରେ ପ୍ରୟାଗକୁ ପ୍ରସ୍ଥାନ କରିଛନ୍ତି ? ମଗଧର

Digitized by PPRACHIN, SOA

ଗୁପ୍ତଚରମାନଙ୍କ ଦ୍ୱାରା ଏ ବିଷୟରେ କୌଣସି ସମାଚାର ମଗଧ ଶାସନ ନିକଟରେ ପହଞ୍ଚିନଥିଲା । ଏଥିପାଇଁ ଶକଟାର ବିବ୍ରତ ହୋଇ ପଡ଼ିଥିଲେ । ଚାଣକ୍ୟ ଯେ ପାଟଳିପୁତ୍ରର ସୀମାଭିତରେ ଆଇପାରନ୍ତି ଏହା ସେ କଳ୍ପନା ସୁଦ୍ଧା କରିପାରି ନଥିଲେ । ଉତ୍ତରରେ ଶ୍ରାବସ୍ତି, ଦକ୍ଷିଣରେ ଶ୍ରୀବତ୍ସ, ମଧ୍ୟରେ ଅବଧ, ଉତ୍ତର ପଶ୍ଚିମରେ ସାଂକାସ୍ୟ ଏବଂ ଦକ୍ଷିଣ-ପଶ୍ଚିମରେ ବ୍ରଜ--ସବୁ ଦିଗରୁ ମଗଧର ଶାସନ ଥିଲା ଅତ୍ୟନ୍ତ ଦୃଢ଼ । ମହାପଦ୍ମନନ୍ଦ, ତାର ନଅ ରାଜପୁତ୍ର ଏବଂ ଏପରିକି ମହାମନ୍ତ୍ରୀ ରାକ୍ଷସଙ୍କ ଏଥିପାଇଁ ଆଶ୍ୱସ୍ତ ଥିଲେ । ଦକ୍ଷିଣ ଦିଗରେ ଗିରିମଧ୍ୱଜର ଅଧିକାରରେ, ମଗଧ ସୀମାର ଆରପଟେ ମଗଧ ପାଇଁ ଯେଉଁ ଆହ୍ୱାନ ମୁଣ୍ଡଟେକି ଉଠିଥିଲା ତାକୁ ରାକ୍ଷସ ସୈନ୍ୟ-ବଳ ପ୍ରୟୋଗରେ ସମ୍ପୂର୍ଣ୍ଣ ନଷ୍ଟକରି ଦେଇଥିଲେ ।

ଉପରକୁ ପ୍ରକାଶ ନ ପାଇଲେ ବି ମହାପଦ୍ମନନ୍ଦଙ୍କର ନ'ଅ ରାଜକୁମାରଙ୍କ ଅନ୍ତରରେ ଉତ୍ତରାଧିକାର ଆକାଂକ୍ଷା ଓ ରାଜସିଂହାସନର ଲାଳସା ଅଙ୍କୁରିତ ହୋଇ କ୍ରମଶଃ ବୃଦ୍ଧି ଲାଭ କରିବାରେ ଲାଗିଥିଲା ଏବଂ ଚତୁର ଓ ବୁଦ୍ଧିମାନ ଶକଟାର ନିକଟରେ ଏହି ବସ୍ତୁସ୍ଥିତି ଅଜ୍ଞାତ ନଥିଲା । ଏହି ଆକାଂକ୍ଷାକୁ ସମାପ୍ତ କରିବା ପାଇଁ ହିଁ ଶକଟାର ରାଜପୁତ୍ରମାନଙ୍କୁ ଏକ ସୂତ୍ରରେ ବନ୍ଧା ହୋଇ ରହିବା ପାଇଁ ପରାମର୍ଶ ଦେଉଥିଲେ ଏବଂ ଏହାର ଆବଶ୍ୟକତା ଉପରେ ସବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । କୁଳ ଓ ପରମ୍ପରା ଅନୁସାରେ ଜ୍ୟେଷ୍ଠ ପୁତ୍ରହିଁ ରାଜ ସିଂହାସନର ଉତ୍ତରାଧିକାର ପ୍ରାପ୍ତ ହୁଏ, ଏହା ସ୍ପଷ୍ଟ କରିଦେଇ ସମସ୍ତ ରାଜପୁତ୍ରଙ୍କ ସ୍ୱୀକୃତି ଅନୁସାରେ ଜ୍ୟେଷ୍ଠପୁତ୍ର ପଦ୍ମକମଳକୁ ମଗଧର ଯୁବରାଜରୂପେ ଅଭିଷେକକରି ତାକୁ ମହାପଦ୍ମନନ୍ଦଙ୍କର ଉତ୍ତରାଧିକାରୀ ଘୋଷଣା କରିଦେଲେ ।

କିନ୍ତୁ ମୁଖ୍ୟ ପ୍ରଶ୍ନଟି ଥିଲା ଅତି କଠିନ ଓ ଜଟିଳ ପ୍ରଶ୍ନ । ଚନ୍ଦ୍ରଗୁପ୍ତକୁ ଉତ୍ତରାଧିକାରରୁ ବଞ୍ଚିତକରି ରଖିବା ସାମର୍ଥ୍ୟ ରହିଥିଲା କେବଳ ମହାପଦ୍ମନନ୍ଦଙ୍କ ଭିତରେ । ତାହା ଏହି ସାଧାରଣ ବୁଦ୍ଧି ରହିତ ରାଜକୁମାରମାନଙ୍କର ସାମର୍ଥ୍ୟ ଭିତରେ ନଥିଲା ।

ଏହି ସାଧାରଣ ଜ୍ଞାନ ରହିତ ରାଜକୁମାରମାନଙ୍କ ମନ ଭିତରେ ବି ନିଜ ନିଜର ମହତ୍ତ୍ୱାକାଂକ୍ଷା ମୁଣ୍ଡଟେକି ଉଠିଥିଲା, ପ୍ରଜ୍ୱଳିତ ହୋଇ

Digitized by PPRACHIN, SOA

ଉଠିଥିଲା ଲାଳସା ଓ ଲୋଭର ଅଗ୍ନିଶିଖା ଏବଂ ଏହାଠାରୁ ଆହୁରି ଲେଲିହାନ ଶିଖା ବିସ୍ତାର କରି ଜଳୁଥିଲା ସେମାନଙ୍କ ମଧ୍ୟରେ ବିଦ୍ୟମାନ ଯୌନସମ୍ବନ୍ଧ ଓ ଶାରୀରିକ କ୍ଷୁଧା । ଏହି କ୍ଷୁଧାକୁ ଶାନ୍ତ କରିବା ପାଇଁ ତତ୍ପର ହୋଇ ପଡ଼ୁଥିଲେ ଏକାଧିକ ବାରାଙ୍ଗନା କିନ୍ତୁ ବାରାଙ୍ଗନାମାନଙ୍କଦ୍ୱାରା ଏହି ଶାରୀରିକ କ୍ଷୁଧା ଶାନ୍ତ କରିବା କାର୍ଯ୍ୟକ୍ରମ ଚାଲିବା ଅସଙ୍ଗତ ଥିବାରୁ ସମ୍ଭବ ନଥିଲା ।

ଶ୍ୱେତକମଳ ଓ ନୀଳକମଳରୁ ବିବାହିତ କାଶ୍ମୀରରେ ମହାପଦ୍ମନନ୍ଦଙ୍କ ଅନୁମତି ବିନା ସମ୍ପନ୍ନ ହୋଇସାରିଥିଲା ଏବଂ ସେ ଦୁହେଁ ସୁଖୀ ପାରିବାରିକ ଜୀବନ ଯାପନ କରୁଥିଲେ ନିଜ ନିଜ ପତ୍ନୀ ଓ ସନ୍ତାନ ସନ୍ତତି ସହ । ମହାପଦ୍ମନନ୍ଦଙ୍କ ସମକ୍ଷରେ ବର୍ତ୍ତମାନ ପ୍ରଶ୍ନଥିଲା ଜ୍ୟେଷ୍ଠ ପୁତ୍ର ପଦ୍ମକମଳର ବିବାହ ।

ମଗଧର ଉତ୍ତର ଦିଗରେ ରହିଥିଲା ନେପାଳର ଶକ୍ତିଶାଳୀ ରାଜ୍ୟ ଯେଉଁଠି ହିମାଳୟ ଅଞ୍ଚଳରେ ଆର୍ଯ୍ୟ ଓ ମଙ୍ଗୋଳମାନଙ୍କ ସଙ୍ଗମ ସଙ୍ଘଟିତ ହୋଇଥିଲା । ନେପାଳ ନରେଶଙ୍କ ପୁତ୍ରୀ ମଧୂଳିକା ଥିଲା ଅତ୍ୟନ୍ତ ରୂପବତୀ । ମହାପଦ୍ମନନ୍ଦ ପଦ୍ମକମଳର ବିବାହ ମଧୂଳିକା ସହ ସମ୍ପନ୍ନ କରିଦେଲେ । ଆର୍ଯ୍ୟ ରକ୍ତ ମିଶ୍ରିତ ମଙ୍ଗୋଳବଂଶଜା ମଧୂଳିକାର ଶରୀରରେ ଅତ୍ୟନ୍ତ ଆକର୍ଷକ ସୌନ୍ଦର୍ଯ୍ୟ ସହିତ ଜଡ଼ିତ ରହିଥିଲା ଏକ ଅସମାହିତ ବିଚିତ୍ର ମନୋବିଜ୍ଞାନ । ଚଞ୍ଚଳ କୁରଙ୍ଗୀ ଭଳି ତାର ଦୁଇ ନୟନରେ ଥିଲା ଏକ ଅତ୍ୟନ୍ତ ଆକର୍ଷଣ ଚମକ । କେବେ କେବେ ସେ ଅତ୍ୟନ୍ତ ଶାନ୍ତ ଓ ସ୍ନିଗ୍ଧ ମନେ ହେଉଥିଲା ତ କେତେ କେତେବେଳେ ଭୟାନକ ଜ୍ୱଳନ୍ତ ଅଗ୍ନିଶିଖା । ମଧୂଳିକା ଥିଲା ନେପାଳ ନରେଶଙ୍କ ଏକମାତ୍ର ପୁତ୍ରୀ । ନେପାଳ ରାଜ୍ୟର ଉତ୍ତରାଧିକାରିଣୀ ରୂପେ ସେ ଥିଲା ସମ୍ପୂର୍ଣ୍ଣ ରୂପରେ ସ୍ୱତନ୍ତ୍ର । ଏହି ସ୍ୱତନ୍ତ୍ରତା ଓ ଯୌବନର ଆବେଗରେ ସେ ନିଜ ଆଖପାଖରେ ଥିବା ସୁସ୍ଥ ଓ ସୁନ୍ଦର ଯୁବକମାନଙ୍କ ସଂସର୍ଗରେ ହିଁ ନିଜର କୁମାରୀ ଜୀବନ ଅତିବାହିତ କରି ଆସିଥିଲା । ପଦ୍ମକମଳ ସହ ବିବାହ ହୋଇଯିବା ପରେ ଯେତେବେଳେ ମଗଧ ରାଜପୁରୀରେ ପଦାର୍ପଣ କଲା,

Digitized by PPRACHIN, SOA

ତା'ର ବିକୃତ ଯୁକ୍ତ ଜୀବନରେ ଅନୁଭବ କଲି ସାମାନ୍ୟ ବନ୍ଧନ । କିନ୍ତୁ ଦିନ ପର୍ଯ୍ୟନ୍ତ ସେ ମଗଧର ଯୁବ ସାମ୍ରାଜ୍ଞୀ ଓ ପଦ୍ମକମଳର ଏକନିଷ୍ଠ ପତ୍ନୀରୂପେ ଜୀବନ ଯାପନ କଲି; କିନ୍ତୁ ହଠାତ୍ ତାର ସଂଯମ ସକଳ ବନ୍ଧନକୁ ଛିନ୍ନଭିନ୍ନ କରିଦେଲା । ଏକ ସ୍ୱୈରିଣୀ ନଦୀ ଭଳି କୂଳର ସକଳ ବାଧାକୁ ଅତିକ୍ରମ କରିଗଲା । ପଦ୍ମକମଳର ଦ୍ୱିତୀୟ ଓ ଚତୁର୍ଥଭ୍ରାତା ଉପରେ ଅତି କୃଶଳତା ସହକାରେ ସେ ନିଜର ଅଧିକାର ସାବ୍ୟସ୍ତ କରିନେଲା ।

ମହାପଦ୍ମ ନନ୍ଦଙ୍କୁ ନିଜ ଅନ୍ତଃପୁରରେ ଚାଲିଥିବା ନାଟକ ସମ୍ପର୍କରେ କୌଣସି ଖବର ନଥିଲା— କୌଣସି ବିଗତ୍ ଏହି ନାଟକ ବିରୁଦ୍ଧରେ ସ୍ୱର ମୁଖରିତହିଁ ହେଲା ନାହିଁ; କିନ୍ତୁ ପରିବାର ମଧ୍ୟରେ ଚାଲିଥିବା ଏହି ଯୌନ ସମ୍ପୃକ୍ତି ନାଟକର ପ୍ରଭାବରେ ରାଜକୁମାରଙ୍କ ମଧ୍ୟରେ ଗଭୀର କାପୁରୁଷତାର ବୀଜ ବପନ ହୋଇଗଲା । ଯୌନ ବିକୃତି ଯୁକ୍ତ ପରିବାର ଓ ସମାଜର୍ ବୀରତ୍ୱ ଲୋପ ହୋଇଯାଏ, ଏହା ଅକାଟ୍ୟ ମନୋବୈଜ୍ଞାନିକ ସତ୍ୟ ଏବଂ ଭାରତର ପରବର୍ତ୍ତୀ ଇତିହାସ ଏହାର ମୂକ ସାକ୍ଷୀ । ବାମମାର୍ଗ, ସଖି ସମ୍ପ୍ରଦାୟ ତଥା ଏହିଭଳି ଅନେକ ମତର କାରଣରୁ ଭାରତକୁ ଏକ ଦୀର୍ଘଗୁଲାମୀର ବୋଝ ଯେ ବୋହିବାକୁ ପଡ଼ିଛି— ଏହି ସତ୍ୟକୁ ଅସ୍ୱୀକାର କରିବା ଅସମ୍ଭବ ।

କେବଳ ଏକମାତ୍ର ନାରୀ—ମଧୁଲିକାର କାରଣରୁ ନନ୍ଦବଂଶର ସକଳ ଗାରିମା ନଷ୍ଟ ହୋଇ ଯାଇଥିଲା । ଏହି ନାଟକର ନୀରବ ଦର୍ଶକ ଥିଲେ ଅନ୍ତଃପୁରର ଦାସଦାସୀ । ଏହି ଦାସ ଦାସୀଙ୍କ ଦ୍ୱାରା ଏହି ନାଟକର ସମାଚାର ଅତି ଅସ୍ପଷ୍ଟ ଭାବରେ, ଗୋପନରେ ରାଣୀହଂସପୁରରୁ ବାହାରକୁ ପହଞ୍ଚୁଥିଲା ।

ଏହି ସମ୍ବାଦଠାରୁ ଆହୁରି ମହତ୍ତ୍ୱପୂର୍ଣ୍ଣ ସମ୍ବାଦ ଥିଲା ମହାପଣ୍ଡିତ ଓ କର୍ମକାଣ୍ଡୀ ବ୍ରାହ୍ମଣ ଚଣକଙ୍କର ପାଟଳିପୁତ୍ର ଆଗମନ ସମ୍ବାଦ ଏହି ଆଗମନ ସମ୍ବାଦ ଯଦି ନାଳନ୍ଦା ବିଶ୍ୱବିଦ୍ୟାଳୟରେ ପହଞ୍ଚି ନଥାନ୍ତା ତେବେ ଆଶ୍ଚର୍ଯ୍ୟ ଲାଗନ୍ତା ନିଶ୍ଚୟ । ଆପଣାର ନାମ ଓ ଗୁଣାନୁସାରେ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କ

Digitized by PPRACHIN, SOA

ଶିଷ୍ୟ ନିରୁପକ ଧର୍ମରକ୍ଷିତଙ୍କୁ ସୂଚନା ନଦେଇ ବିଲକ୍ଷଣ ମହାପଣ୍ଡିତଙ୍କୁ ଦର୍ଶନ କରିବା ତଥା ବାର୍ତ୍ତାଳାପ କରିବା ପାଇଁ ବାହାରି ପଡ଼ିଲା ।

ଚନ୍ଦ୍ରଗୁପ୍ତଙ୍କୁ ଦେଖିବାମାତ୍ରକେ ନିରୁପକ ଚମକି ପଡ଼ିଲା ସେ ଯେମିତି ତାର ଚକ୍ଷୁକୁ ବିଶ୍ୱାସ କରିପାରୁ ନଥିଲା । ତେବେ ଚାଣକ୍ୟଙ୍କ ଛଦ୍ମରୂପରେ ଚାଣକ୍ୟ ପାଟଳିପୁତ୍ରକୁ ଆସି ସାରିଛନ୍ତି ! ଚାଣକ୍ୟବି ନିରୁପକକୁ ଚିହ୍ନି ପକେଇଲେ । ସଙ୍କେତରେ ତାକୁ ଅପେକ୍ଷା କରିବା ପାଇଁ କହି ଏକାନ୍ତରେ ତା ସହିତ ନାଳନ୍ଦା ବିଶ୍ୱବିଦ୍ୟାଳୟ ସମ୍ପର୍କରେ କଥାବାର୍ତ୍ତା କଲେ । ନିରୁପକ ସହିତ ଏହିଭଳି ଭାବରେ ଆପଣାର ଆତ୍ମୀୟତା ସ୍ଥାପନ କରି ତା କାନ୍ଧରେ ହାତରଖି ଚାଣକ୍ୟ କହିଲେ "ପାଟଳିପୁତ୍ରରେ ମୋର ଉପସ୍ଥିତି ସମ୍ପର୍କରେ ସୂଚନା ତୁମେ ଯେପରି ଆଚାର୍ଯ୍ୟ ଧର୍ମ-ରକ୍ଷିତଙ୍କୁ ନଦିଅ--ତୁମ ସହଯୋଗୀମାନଙ୍କ କଥାତ ଦୂରେ ଥାଉ—ଏହା ବଚନ ମୋତେ ଦେବାକୁ ପଡ଼ିବ ।"

ଆତ୍ମୀୟତାରେ ସଂଯୁକ୍ତ ଅଧିକାରର ଯେଉଁ ଭାବନା ଚାଣକ୍ୟଙ୍କ କଣ୍ଠସ୍ୱରରେ ରହିଥିଲା । ନିରୁପକ ତହିଁରେ ଦ୍ରବିଭୂତ ହୋଇପଡ଼ିଲା । ସେ ଚାଣକ୍ୟଙ୍କ ଚରଣ ସ୍ପର୍ଶକରି କହିଲା "ଆଚାର୍ଯ୍ୟଙ୍କ ଆଦେଶ ଶିରୋଧାର୍ଯ୍ୟ ଅଟେ ।"

ଆପଣା କୁତୁହଳରେ ସହଜଭାବରେ ଅନ୍ୟକୁ ସମ୍ମିଳିତ କରିନେବାର ଯେଉଁ ମାନବୀୟ ପ୍ରବୃତ୍ତି ରହିଛି ସେହି ପ୍ରବୃତ୍ତି ଉପରେ କିନ୍ତୁ ନିରୁପକ ବିଜୟ ପ୍ରାପ୍ତ କରିପାରିଲା ନାହିଁ । ସେ ଆଚାର୍ଯ୍ୟ ଧର୍ମରକ୍ଷିତଙ୍କୁ ପାଟଳିପୁତ୍ରରେ ଚାଣକ୍ୟଙ୍କ ଉପସ୍ଥିତିର ସମ୍ବାଦ ଦେଇଦେଲା ।

ନନ୍ଦଙ୍କ ଅନ୍ତପୁରରେ ମଧୁଳିକା ହାରା ପରିବ୍ୟାପ୍ତ ଯୌନ ବ୍ୟଭିଚାରର ସମ୍ବାଦ ଯେ ମହାପଦ୍ମନନ୍ଦଙ୍କ କାନକୁ ପହଞ୍ଚି ନଥିଲା ଏମିତି ନୁହେଁ କିନ୍ତୁ ସେ ଆପଣାକୁ ଅତ୍ୟନ୍ତ ବିବଶ ଅନୁଭବ କରୁଥିଲେ । ମହାମନ୍ତ୍ରୀ ରାକ୍ଷସର ଆତ୍ମବିଶ୍ୱାସ ବି ତୀବ୍ର ଭାବରେ ହ୍ରାସ ହୋଇ ଆସୁଥିଲା । ତା ହାତରେ ପାଟଳିପୁତ୍ରର ବାହ୍ୟ ବ୍ୟବସ୍ଥା ଉପରେ କେବଳ ନଜର ରଖିବାର କ୍ଷମତା ସମର୍ପଣ କରାଯାଇଥିଲା । ସେ ନିଯୁକ୍ତିକୁ ସ୍ୱୀକାର

Digitized by PPRACHIN, SOA

କରିନେଇ ନିଜ କାର୍ଯ୍ୟରେ ଲାଗି ଚାଲିଥିଲା । ରାକ୍ଷସ କାଶୀରୁ ଆପଣା ସୈନ୍ୟ ପ୍ରତ୍ୟାହାର କରିନେଲା ଏବଂ ଏହିଭଳି ଭାବରେ କାଶୀର ସ୍ୱତନ୍ତ୍ର ସତ୍ତା ଓ ପରିବର୍ତ୍ତା ପୁନରାୟ ସ୍ଥାପିତ ହୋଇଗଲା । ରାକ୍ଷସକୁ ବିଶ୍ୱସ୍ତ ସୂତ୍ରରୁ ସମ୍ବାଦ ମିଳିସାରିଥିଲା ଯେ ଗିରିମଧ୍ୱଜର ଅଧକ୍ଷତାରେ ଚନ୍ଦ୍ରଗୁପ୍ତର ଅଭିଯାନ ଦକ୍ଷିଣରେ ବିନ୍ଧ୍ୟ ପର୍ବତର ତଳେଇ ଅଞ୍ଚଳରେ ବୃଦ୍ଧିଲାଭ କରିବାରେ ଲାଗିଛି । ମହାମନ୍ତ୍ରୀ ରାକ୍ଷସମନ ନା ଥିଲା ଚନ୍ଦ୍ରଗୁପ୍ତ ପ୍ରତି କୌଣସି ରୁଚି,ନା ଥିଲା ତାପ୍ରତି କୌଣସି ପ୍ରକାର ବିତୃଷ୍ଣା । ଏମିତିହିଁ ତାମନରେ ଚନ୍ଦ୍ରଗୁପ୍ତ ପ୍ରତି ଏକ ପ୍ରକାର ସହାନୁଭୂତି ରହିଥିଲା । ସେ ମନେ ମନେ ଚନ୍ଦ୍ରଗୁପ୍ତକୁ ମଗଧ ସାମ୍ରାଜ୍ୟର ଉତ୍ତରାଧିକାରୀ ସ୍ୱୀକାର କରି ସାରିଥିଲା । କାଶୀରୁ ସୈନ୍ୟ ପ୍ରତ୍ୟାହାରରେ ତାର ଏହି ଉଦ୍ଦେଶ୍ୟ ଥିଲା ଯେ ଚନ୍ଦ୍ରଗୁପ୍ତ କାଶୀକୁ ପ୍ରତ୍ୟାବର୍ତ୍ତନ କରି ପୁନରାୟ ଆପଣାର ସତ୍ତା ସ୍ଥାପନ କରୁ ଏବଂ ତାର ଅନୁମାନ ସତ୍ୟ ସିଦ୍ଧ ହେଲା । ଚନ୍ଦ୍ରଗୁପ୍ତ କାଶୀରେ ନିଜର ଗ୍ଲାଉଣୀ ପକେଇ ଦେଲା ।

ପାଟଳିପୁତ୍ରରେ ବସି ଚାଣକ୍ୟ ପ୍ରତୀକ୍ଷା କରୁଥିଲେ । ଏହି ପ୍ରତୀକ୍ଷା !!! ମଣିଷର ଅଧିକାଂଶ ଜୀବନ ଏହି ପ୍ରତୀକ୍ଷାର ଜୀବନ ଏବଂ ଏହି ପ୍ରତୀକ୍ଷାରହିଁ ଅନ୍ୟନାମ ଅକର୍ମଣ୍ୟତା ।

ଏହି ଅକର୍ମଣ୍ୟତାକୁ ଦୂର କରିବାପାଇଁ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କର୍ମବାଦର ସିଦ୍ଧାନ୍ତ ପ୍ରତିପାଦିତ କରିଛନ୍ତି । ଏହିଭଳି ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ ଗୀତାର ଉପଦେଶ—ମୋହ ଓ ମୋହଜନିତ ଭ୍ରାନ୍ତିରୁ ମୁକ୍ତିର ମାର୍ଗ ଦର୍ଶନ ବୋଲି ଧରି ନିଆଯାଇପାରେ । କିନ୍ତୁ ଏହା କେବଳ ବାହ୍ୟରୂପ । ଅଭ୍ୟନ୍ତରରୁ ଅତି ସୂକ୍ଷ୍ମ ରୂପରେ ଦେଖିଲେ ଏହି ମୋହଜନିତ ଭ୍ରମର ମୁଖ୍ୟ ଅଙ୍ଗହିଁ ପ୍ରତୀକ୍ଷା ।

Digitized by PPRACHIN, SOA

ପ୍ରଶ୍ନୋତ୍ତର ମଣିଷର ବିବଶ ସ୍ଥିତିରହିଁ ପରିଣାମ କିନ୍ତୁ ପ୍ରଶ୍ନୋତ୍ତରରେ ବିବଶତାର ଫଳ ସ୍ୱରୂପ ସ୍ୱାସରୋଧକାରୀ ନିରାଶା ସ୍ଥାନରେ ଆଶାର ଜୀବନ ଦାପ୍ତିମା ଉଲ୍ଲାସ ବିଦ୍ୟମାନ । ଚିନ୍ତାଶୀଳ ବିବଶତାର କୁହେଳିକା ଦୂରକରିବା ପାଇଁ ତଥା ନିଜର ସମସ୍ତ ଅନ୍ତବାହୁଳ କରିବାପାଇଁ ଜ୍ୟୋତିଷ କର୍ମ ପ୍ରାରମ୍ଭ କରି ଦେଇଥିଲେ ।

ଜ୍ୟୋତିଷର ଦୁଇଟି ଅଙ୍ଗ ରହିଛି, ଗଣିତ ଓ ଫଳିତ । ଗଣିତ ଜ୍ୟୋତିଷ ଶାସ୍ତ୍ର ଅଟେ । ଅନାଦିକାଳରୁ ମଣିଷ ଆକାଶରେ ଗ୍ରହନକ୍ଷତ୍ର ସହ ଜଡ଼ିତ କିନ୍ତୁ ଫଳିତଜ୍ୟୋତିଷ ମଣିଷ ଉପରେ ଗ୍ରହମାନଙ୍କର ପ୍ରଭାବ ବିସ୍ତାର ଶାସ୍ତ୍ରସହ ସମ୍ବନ୍ଧ କାରଣରୁ ଏକ ଧନ୍ଦାରେ ରୂପାନ୍ତରିତ ହୋଇ ପଡ଼ିଥିଲା ଏବଂ କାଳାନ୍ତରରେ ଏହି ଫଳିତ ଜ୍ୟୋତିଷ ଛନ୍ଦକପଟ ଓ ପ୍ରତାରଣାପୂର୍ଣ୍ଣ ଧନ୍ଦା ହୋଇହିଁ ରହିଗଲା । ଆକାଶ ଆଡ଼କୁ ନିରୀକ୍ଷଣ କରିବାର ସ୍ୱଭାବିକ ପ୍ରବୃତ୍ତି ମଣିଷ ଭିତରେ ଆବହମାନ କାଳରୁ ବିଦ୍ୟମାନ ତାହାର ପାଦତଳେ ତ ରହିଛି କଠିଣ ପୃଥିବୀ ଏବଂ ମସ୍ତକ ଉପରେ ଅନନ୍ତ ଓ ନିଃସୀମ ଆକାଶ, ଏହିଁ ଆକାଶ । ଏହି ଆକାଶ ସହିତ ମାନବର ରହିଛି ଆଦିକାଳର ସମ୍ପର୍କ । ଆକାଶରେ ବିଛି ହୋଇରହିଛି ଗ୍ରହ ଉପଗ୍ରହର ଅସୀମଜାଲ ଏବଂ ମାନବ ଆପଣାର ଗଣନା ପ୍ରକ୍ରିୟା ଓ ରହସ୍ୟ ଉଦ୍‌ଘାଟନରେ ସତତ ବ୍ୟସ୍ତ ।

ମାନବ ସମାଜ ଯେତିକି ବିକଶିତ ହେଉଛି ତାର ବିଚାର ଓ କର୍ମର ପ୍ରକ୍ରିୟା କ୍ରମଶଃ ସେହି ପରିମାଣରେ ଜଟିଳ ହୋଇଯାଉଛି । ବିଚାର ଓ କର୍ମର ଏହି ପ୍ରକ୍ରିୟାରେ ମଣିଷର ବିକୃତିର ସ୍ୱାଭାବିକ ରୂପରେ ପ୍ରବିଷ୍ଟ ହୋଇ ଆସୁଛି ଏବଂ ଏହି ବିକୃତିର ପ୍ରସାରର ଏକ ଜ୍ୱଳନ୍ତରୂପ ଫଳିତ ଜ୍ୟୋତିଷର ପ୍ରସାର । ଅନାଦି କାଳରୁ ପ୍ରତାରଣା ଓ ଛଳନା ମଣିଷ ପ୍ରକୃତିର ଅଙ୍ଗ ହୋଇଯାଇଛି । ତେଣୁ ଆପଣାର ବିବଶତାଜନିତ ଅକର୍ମଣ୍ୟତାକୁ ଦୂରକରିବାପାଇଁ ଚିନ୍ତାଶୀଳ ନିଜର ଛଥାକଥିତ ପାଣ୍ଡିତ୍ୟ ଉପରେ ଫଳିତ ଜ୍ୟୋତିଷର ରଙ୍ଗୀନ ଆବରଣ ପ୍ରଦାନ କରିଥିଲେ ।

ଯାହାକୁ ଇଂରାଜୀରେ ଆମେ "ଲ ଅଫ୍ ଏଭରେଜେସ୍‌ର ସିଦ୍ଧାନ୍ତ କହୁ, ଏହା ଏହି ଫଳିତ ଜ୍ୟୋତିଷର ସିଦ୍ଧାନ୍ତର ଆଧାରମୂଳତତ୍ତ୍ୱ ଅଟେ ।

Digitized by PPRACHIN, SOA

ଆମେ ଯାହା କିଛି ଅନୁମାନ ବା ଚିନ୍ତା କରୁ ତାର ଶତକଡ଼ା ପଚାଶ ଭାଗ ସତ ହୋଇଯାଏ ଏବଂ ଅନ୍ୟ ପଚାଶଭାଗଟି ଭୁଲ ବା ମିଥ୍ୟା ହୁଏ । ଭୁଲକୁ ଚପେଇ ଦେଇ ଠିକକୁ ପ୍ରକୃତିର ଗୁଣରେ ପ୍ରକ୍ରିୟାରେ ସର୍ବବ୍ୟାପକ କରିଦିଆ ଯାଏ । ଚାଣକ୍ୟ ମଣିଷ ମନୋବିଜ୍ଞାନର ଏହି ପ୍ରକ୍ରିୟାର ଆଶ୍ରୟ ଗ୍ରହଣ କଲେ । ପଞ୍ଚାଙ୍ଗର ଅଗଣିତ ମୁହୂର୍ତ୍ତକୁ ବ୍ୟର୍ଥ କରିବାପାଇଁ ଏହାଥିଲା ସବୁଠାରୁ ଉପଯୁକ୍ତ ପନ୍ଥା ଓ ସାଧନ । ଜ୍ୟୋତିଷୀ ଉପରେ ଚାଣକ୍ୟର ଖ୍ୟାତି ବୃଦ୍ଧି ଲାଭ କରି ହେନେ ମହାପଦ୍ମନନ୍ଦର ଅନ୍ତଃପୁରରେ ଯାଇ ପହଞ୍ଚିଲା ।

ମଧୁଲିକା ଯୁବରାଜ ପଦ୍ମକମଳର ଜୀବନରେ ବରଦାନ ପରିବର୍ତ୍ତେ ଅଭିଶାପ ହୋଇ ଆସିଥିଲା । ନିଜ ଜୀବନରୁ ମଧୁଲିକାକୁ ଦୂରକରିବାପାଇଁ ପଦ୍ମକମଳକୁ ଏକ ଉପାୟ ଦେଖାଗଲା-ନିଜେ ଦ୍ୱିତୀୟ ବିବାହ କରି ସେ ମଧୁଲିକାକୁ ପରିତ୍ୟାଗ କରିଦେବ । ମଗଧ ରାଜ୍ୟର ଉତ୍ତରାଧିକାରୀ ସହ ନିଜ ନିଜର କନ୍ୟାକୁ ବିବାହ କରିବା ପାଇଁ ଆଖ ପାଖର ବହୁ ଶ୍ରେଷ୍ଠ ଶ୍ରେଷ୍ଠ ନରେଶ ଉତ୍ସୁକଥିଲେ ।

ଭାରତର ଉତ୍ତରପୂର୍ବ • ଅଞ୍ଚଳ ଯାହା କାମରୂପ ନାମରେ ପରିଚିତ ଥିଲା ନାରୀମାନଙ୍କ ସୌନ୍ଦର୍ଯ୍ୟ ଏବଂ ସୌନ୍ଦର୍ଯ୍ୟ ଜନିତ ମୋହିନୀ ସକାଶେ ପ୍ରସିଦ୍ଧି ଲାଭ କରିଥିଲା । କିଛି ସମୟ ପୂର୍ବ ପର୍ଯ୍ୟନ୍ତ ଏହି କିମ୍ବଦନ୍ତୀ ପ୍ରଚଳିତ ଥିଲାଯେ କାମରୂପ ଯାଉଥିବା ଭାରତୀୟମାନଙ୍କୁ ସେଠାକାର ସ୍ତ୍ରୀ ଲୋକମାନେ ଆପଣା ମୋହିନୀ ବଶୀକରଣରେ ମେଣ୍ଢା କରି ବନ୍ଦୀ କରି ନେଉଥିଲେ । ବାସ୍ତବରେ କିନ୍ତୁ ସେଠି ପୁରୁଷମାନଙ୍କ ସଂଖ୍ୟା ଥିଲା ନଗଣ୍ୟ ଏବଂ ଯେଉଁ ପୁରୁଷମାନେ ସେଠିଥିଲେ ସେମାନେଥିଲେ ଅକର୍ମଣ୍ୟ ଓ ପୌରୁଷହୀନ, ବିଳାସରେ ଜୀବନ ଅତିବାହିତ କରିବା ଥିଲା ସେମାନଙ୍କର ଏକମାତ୍ର ଧ୍ୟେୟ ।

କାମରୂପ ନରେଶଙ୍କ ନିକଟରେ ଯେତେବେଳେ ପଦ୍ମକମଳ ବିବାହ ପ୍ରସ୍ତାବ ଆସି ପହଞ୍ଚିଲା ସେ ତତ୍କାଳ ତାକୁ ସ୍ୱୀକାର କରିନେଲେ । ତାଙ୍କ ପୁତ୍ରୀ ସହ ପଦ୍ମକମଳଙ୍କ ବିବାହ ନିଶ୍ଚିତ ହୋଇଗଲା ।

Digitized by PPRACHIN, SOA

ମଗୋଳବଂଶଜ ମଧୂଳିକା ନିକଟରେ ଯେତେବେଳେ ଏହି ଖବର ପହଞ୍ଚିଲା ସେ ଭୟଭୀତ ହୋଇପଡ଼ିଲା । ସ୍ୱୟଂ ମୋଗଳବଂଶୀୟା ହୋଇଥିବାରୁ ସେ ସେଠାକାର ସ୍ତ୍ରୀମାନଙ୍କର କୁଟିଳ ବୁଦ୍ଧି ତଥା ମନୋବୃତ୍ତିକୁ ଖୁବ୍ ଉତ୍ତମ ରୂପରେ ଜାଣିଥିଲା । ଏହି ବିବାହ ଫଳରେ ମଗଧ ନରେଶଙ୍କ ଅନ୍ତଃପୁରରୁ ତାର ଏକଚ୍ଛତ୍ର ଶାସନ ଶେଷ ହୋଇଯିବ— ଏହି ଆଶଙ୍କାରେ ସେ ଚକିତ ହୋଇ ଉଠିଲା ।

ଭାରତରେ ସେତେବେଳେ ବହୁ ବିବାହ ପ୍ରଥା ପ୍ରଚଳିତ ଥିଲା । ମଧୂଳିକା ଜାଣିଥିଲା ଯେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ତ୍ରୀଲୋକ ଆପଣାର ପତିମାନଙ୍କ ଉପରେ ସେମାନଙ୍କର ପ୍ରଭାବ ସାଧାରଣତଃ ହରେଇ ବସିଥାନ୍ତି ଏବଂ ବୟସରେ କମ ସ୍ତ୍ରୀ ଲୋକେ ସେମାନଙ୍କର ସ୍ଥାନ ଅଧିକାର କରିନିଅନ୍ତି । ସେ ଏହି ଆଶଙ୍କାରେ ଆତଙ୍କିତ ହୋଇ ପଡ଼ିଲା ଯେ ପଦ୍ମକମଳର ବିବାହ ପରେ ତାକୁ ଅଦରକାରୀ ପଦାର୍ଥ ସଦୃଶ ପଦ୍ମକମଳର ଜୀବନରୁ ବାହାରକୁ ଫିଙ୍ଗି ଦିଆଯାଇପାରେ । ଆପଣାର ଚତୁର— ହୀନତାରେ ସିଏ ନନ୍ଦର ଅନ୍ତଃପୁରରେ ସ୍ୱୟଂ ନିଜ ପାଇଁ ଏହି ସ୍ଥିତି ଉପଲବ୍ଧ କରିନେଇଥିଲା ।

ମଧୂଳିକାର ଏକ ଦାସୀ ଥିଲା ଯାହାର ନାଁ ଥିଲା ବଥିକା । ବଥିକା ନେପାଳରୁହିଁ ମଧୂଳିକା ସହିତ ଆସିଥିଲା ଏବଂ ସେ କେବଳ ମଧୂଳିକାର ଦାସୀ ନଥିଲା ଥିଲା ଏକାନ୍ତ ସହଚରୀ । ଏହାକୁ କହିବା କଠିଣ ଯେ ସିଏ ମଧୂଳିକାଠାରୁ ଥିଲା କମ ରୂପବତୀ । ମଧୂଳିକାର ସମବୟସୀ ହୋଇଥିବାରୁ ସେ ଉଭୟଙ୍କ ମଧ୍ୟରେ କନିଷ୍ଠା ବିଚିତ୍ର ସାମଞ୍ଜସ୍ୟ ବି ରହିଥିଲା ।

ଦାସୀ ହୋଇଥିବାରୁ ମଗଧ ଅନ୍ତଃପୁରର ବାହାର ଜଗତ ସହ ବଥିକାର ସମ୍ପର୍କ ଥିଲା । ଚଞ୍ଚରିକ ନାମକ ଜ୍ୟୋତିଷୀର ସମ୍ବାଦ ସେ ପାଇ ସାରିଥିଲା । ମଧୂଳିକାର ହିତହିଁ ଥିଲା ବଥିକାର ହିତ । ବଥିକା ଚଞ୍ଚରିକର ଅଦ୍ଭୁତ ଶକ୍ତିର ବ୍ୟାଖ୍ୟାନ କଲା ମଧୂଳିକା ନିକଟରେ ଏବଂ ଗୋପନରେ ଉଭୟେ ପରାମର୍ଶ କରି ଚଞ୍ଚରିକ କୁଟୀରରେ ପହଞ୍ଚିଲେ । ତାଙ୍କ କୁଟୀରକୁ ମଧୂଳିକା ଓ ବଥିକା ଆସିବା ସମ୍ବାଦ ପାଇ ଚଞ୍ଚରିକ ଆଶ୍ଚର୍ଯ୍ୟ ହେଲେ ନାହିଁ, ସମ୍ଭବତଃ ମଧୂଳିକା ସହ ସମ୍ପର୍କ ସ୍ଥାପନ କରିବାପାଇଁ ହିଁ ଚଞ୍ଚରିକ

Digitized by PPRACHIN, SOA

ଏ ଜ୍ୟୋତିଷୀ ଖେଳ ଆରମ୍ଭ କରିଥିଲେ । ମଧୁଳିକାର ଆଗମନ ସମ୍ବାଦ ପାଇ ସେ ନିଜର କୁଟୀର ଖାଲି କରିଦେଇ ମଧୁଳିକା ସହ ଏକାନ୍ତରେ ସାକ୍ଷାତ କଲେ ।

ଗମ୍ଭୀର କଣ୍ଠରେ ଚନ୍ଦ୍ରଶେଖର କହିଲେ, ମଗଧର ଭାବି ସାମ୍ରାଜ୍ଞୀ ଏହି ଅକିଞ୍ଚନକୁ ଦର୍ଶନ କରିବାର କଷ୍ଟ ସ୍ୱୀକାର କରିଛନ୍ତି । ଏହି ସୌଭାଗ୍ୟରେ ଚନ୍ଦ୍ରଶେଖର ଆପଣଙ୍କୁ ଧନ୍ୟ ମନେ କରୁଛି । କାରଣ ଜାଣିବାରେ କୌତୂହଳ ଓ ଉଦ୍ଧତତାକୁ ଆପଣ କ୍ଷମା କରିବେ ।

ଉତ୍ତର ଦେବାକୁ ମଧୁଳିକା ବିଳମ୍ବ କଲା, "ମଗଧର ଭାବି ସାମ୍ରାଜ୍ଞୀଙ୍କ ସ୍ଥିତି ସଙ୍କଟରେ ରହିଛି । ମଗଧର ଯୁବରାଜ ଅର୍ଥାତ ଭାବି ସମ୍ରାଟ ଆପଣାର ଦ୍ୱିତୀୟ ବିବାହ କରୁଛନ୍ତି । ଭାବି ସାମ୍ରାଜ୍ଞୀ ଆପଣଙ୍କ ନିକଟରୁ ଜାଣିବାକୁ ଚାହାନ୍ତି ଯେ ଏହି ବିବାହ କଣ ସୁନିଶ୍ଚିତ ? କିମ୍ବା ଏହାକୁ ବନ୍ଦ କରିବାର ଉପାୟ ରହିଛି ?"

ମଧୁଳିକା ଚନ୍ଦ୍ରଶେଖର ଉପରେ ଆପଣା ଦୃଷ୍ଟି ନିବଦ୍ଧ କରି ମୌନ ଭାବରେ ଠିଆହୋଇଥିଲା । କିନ୍ତୁ ଚନ୍ଦ୍ରଶେଖର ଅନୁଭବ କଲେ ଯେ ମଧୁଳିକାର ଆଖିରେ ରହିଛି ତୀବ୍ର ଚମକ, ଯେମିତି ସିଏ ଜଳୁଛି ।

ଶାନ୍ତଭାବରେ ଚନ୍ଦ୍ରଶେଖର ଜ୍ୟୋତିଷୀର ଗାମ୍ଭୀର୍ଯ୍ୟପୂର୍ଣ୍ଣ ଗଳାରେ ଉତ୍ତର ଦେଲେ, "ବିଶ୍ୱରେ ଯାହାକିଛି ସଂଗଠିତ ହେଉଛି ସେ ସମସ୍ତ ଅନିଶ୍ଚିତ ଅଟେ । ନିଶ୍ଚିତ କେବଳ ନିୟତିର ବିଧାନ, ଯାହାର କେବଳ ସଙ୍କେତମାତ୍ର ରହିଛି ଜ୍ୟୋତିଷ ଶାସ୍ତ୍ରରେ, ନିଶ୍ଚିତରୂପରେ କିଛିନାହିଁ ।

ଚନ୍ଦ୍ରଶେଖର ଲକ୍ଷ କଲେ ଯେ, ମଧୁଳିକାର ମୁହଁର ଭାବ ସାମାନ୍ୟ ପରିବର୍ତ୍ତିତ ହୋଇପଡ଼ିଲା । ଅଳ୍ପ ସମୟ ରହି ଚନ୍ଦ୍ରଶେଖର ମଧୁଳିକାକୁ ସମ୍ବୋଧନ କଲେ, "ମଗଧର ଭାବି ସାମ୍ରାଜ୍ଞୀ । ଆପଣ ନିଜର ମାନସିକ ଉଦ୍‌ବେଗ ଓ ଭାରସାମ୍ୟକୁ ପରିତ୍ୟାଗ କରି ନିଜକଥା ମୋତେ ସ୍ୱୟଂ କହନ୍ତୁ—ଆପଣଙ୍କୁ ସମାଧାନ ମିଳିଯିବ ।

Digitized by PPRACHIN, SOA

ଅନୁଶାସନରେ ନିଜର ସ୍ୱାଭାବିକ କଠୋର କଣ୍ଠ ସ୍ୱରକୁ ସାମାନ୍ୟ କୋମଳ କରି ମଧୁଲିକା କହିଲା, "କାମରୂପର ସେହି ରାଜକୁମାରୀ ଯାହା ସହିତ ମୋର ସ୍ୱାମୀଙ୍କ ବିବାହ ସ୍ଥିର ହେଉଛି, ମୋର ଭୟ ହେଉଛି, ମଗଧ ଅନ୍ତଃପୁରକୁ ପ୍ରବେଶ କଲା ମାତ୍ରକେ ସିଏ ନିଜର ଏକାଧିକାର ବିସ୍ତାର କରିନେବ ।"

"ଭୟର ଏଭଳି କୌଣସି କାରଣ ନରହିବା ଉଚିତ । ଆପଣ ଅନ୍ତଃପୁରରେ ଆପଣ ପାଟରାଣୀ ହୋଇ ରହିବେ । ଏହାର ଉଲ୍ଲେଖ ରାମକଥା; କୃଷ୍ଣ କଥା ଏବଂ ଅନ୍ୟ ମହତ୍ତ୍ୱପୂର୍ଣ୍ଣ ପୌରାଣିକ ଉପାଖ୍ୟାନରେ ରହିଛି, ଯାହା ସହିତ ଆପଣ ନିଶ୍ଚିତ ଭାବରେ ପରିଚିତ ।"

"ଏ ସବୁ କଥା ମନଗଢ଼ା—ସ୍ତ୍ରୀମାନଙ୍କୁ ପ୍ରତାରିତ କରିବା ପାଇଁ ହିଁ ଏ ସମସ୍ତ କାହାଣୀର ଅବତାରଣା କରା ଯାଇଛି ।" ଶିଥିଳା କହିଲା; "ମୁଁ ଜାଣେ ପୁରୁଷ ପ୍ରଧାନ ଆର୍ଯ୍ୟ---ସମାଜରେ ସ୍ତ୍ରୀର ସ୍ଥାନ ଅତ୍ୟନ୍ତ ଦୟନୀୟ ଅଟେ ।"

କଞ୍ଚିତ କଠୋର କଣ୍ଠରେ ଚାଣକ୍ୟ କହିଲେ, "ମୁଁ ମଗଧର ଭାବି ସମ୍ରାଜ୍ଞୀଙ୍କ ସହ ବାର୍ତ୍ତାଳାପ କରୁଛି ତାଙ୍କ ଦାସୀ ସହିତ ନୁହେଁ ।"

ମଧୁଲିକାର ଓଠରେ ପଡ଼ିଗଲା ସ୍ମିତହାସର କୁଟିଳ ରେଖାଟିଏ —"ଦାସୀ···ଦାସୀ···ଦାସୀ, ସ୍ତ୍ରୀ ପୁରୁଷର କେବଳ ଦାସୀ ମାତ୍ର ଅଟେ ତାକୁ ଶାସନ କରାଯାଇ ପାରେ, ଭର୍ତ୍ସନା କରାଯାଇ ପାରେ ଏବଂ ସମୟ ସମୟରେ ପ୍ରତାଡ଼ିତ କରା ଯାଇପାରେ—ଏହାହିଁ ନା ଆର୍ଯ୍ୟଙ୍କର ପୁରୁଷ ସମାଜ ଜ୍ୟୋତିଷୀ ମହାଶୟ ! ମୁଁ ଆପଣଙ୍କ ପାଖକୁ ଆସିଛି ପୁରୁଷର ଦାସୀ, ଅଥବା ସ୍ତ୍ରୀ ରୂପରେ ନୁହେଁ —ମଗଧର ଭାବି ସାମ୍ରାଜ୍ଞୀ ରୂପରେ ମୋତେ ଦେଖା ଯାଉଛି ଯେ ଆପଣଙ୍କ ନିକଟରୁ କୌଣସି ନିଦାନ ପ୍ରାପ୍ତ ହେବ ନାହିଁ, ତେଣୁ ଆମେ ଚାଲିଯାଉଛୁ ।" ଏବଂ ମଧୁଲିକା ଶିଥିଳା ସହ ସେଠାରୁ ପ୍ରସ୍ଥାନ କରିବା ପାଇଁ ଉଦ୍ୟତ ହେଲା ।

ଚାଣକ୍ୟ ଅନୁଭବ କଲେ ଯେ ତାଙ୍କ ଅନ୍ତରରେ ଥିବା ବୌଦ୍ଧିକ ପ୍ରାଣୀଟିର କିଛି ଅସାବଧାନ ପଦକ୍ଷେପ ହୋଇ ଯାଇଛି ତେଣୁ ସେ

Digitized by PPRACHIN, SOA

ପ୍ରସ୍ତାବୋଦ୍ୟତ ମଧୂଳିକାର ପଥରୋଧ କରି କହିଲେ "ମଗଧ ସାମ୍ରାଜ୍ଞୀଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ । ଅସାବଧାନ ପ୍ରବୃତ୍ତ ମୋର ଏହି ଅଭଦ୍ରତା ପ୍ରତି ଆପଣ ଧ୍ୟାନ ଦିଅନ୍ତୁ ନାହିଁ, ସ୍ତ୍ରୀମାନଙ୍କ ପ୍ରତି ଏ ଅଭଦ୍ରତା ତ ଆର୍ଯ୍ୟ ଜାତିର ସ୍ୱଭାବ ଅଟେ ଆପଣ ସ୍ୱୟଂ ଏହା ପ୍ରକାଶ କରି ସାରିଛନ୍ତି । ଜ୍ୟୋତିଷୀ ରୂପରେ ଆପଣଙ୍କର ସମସ୍ୟାର ସମାଧାନ କରିବାକୁ ମୁଁ ପ୍ରସ୍ତୁତ ଅଛି ।"

ମଧୂଳିକା ଦ୍ୱାରଦେଶରୁ ପ୍ରତ୍ୟାବର୍ତ୍ତନ କଲେ । ଚଞ୍ଚରିକର ମନଭିତରର ପ୍ରୀତି ଓ ମନୋବାଞ୍ଛାନରେ ପହଞ୍ଚିଥିବା ପାଣ୍ଡିତ୍ୟତା ଯେମିତି ସହସା ଜାଗ୍ରତ ହୋଇଉଠିଲା । ସେ ଜାଣିଗଲେ ଯେ ପଦ୍ମକମଳର ବୃଦ୍ଧାଶ୍ରୟ ବିବାହ ଯେପରି ହୋଇନପାରେ, ମଧୂଳିକା ସେଥି ପାଇଁ କୃତ-ସଙ୍କଳ୍ପ ଏବଂ ଏତେ ଅଳ୍ପ ସମୟରେ ସିଏ ଏହା ବି ଅନୁଭବ କରି ନେଲେ ଯେ ପୃଥିବୀରେ ଏମିତି କିଛି ନାହିଁ ଯାହା ମଧୂଳିକା କରି ନପାରେ—ମିଥ୍ୟା ଜାଲିୟାତି ଠାରୁ ନର ହତ୍ୟା ପର୍ଯ୍ୟନ୍ତ ।

ଆପଣା ଆଙ୍ଗୁଳିରେ ହାତ ବୁଲେଇ ଗଣନାର ଅଭିନୟ କରି କହିଲେ ଚଞ୍ଚରିକ, "ଗ୍ରହ ନକ୍ଷତ୍ରର ବର୍ତ୍ତମାନ ସ୍ଥିତିରୁ ମୋତେ ଏହି ନିର୍ଣ୍ଣୟରେ ପହଞ୍ଚିବା ପାଇଁ ପଡୁଛି ଯେ ଯୁବରାଜ ପଦ୍ମକମଳର ବୃଦ୍ଧାଶ୍ରୟ ବିବାହ ହୋଇ ପାରିବ ନାହିଁ ।

ଚଞ୍ଚରିକର ଏହି ଧାରଣାଦୃଢ଼ ହୋଇ ଯାଇଥିଲା ଯେ ମଧୂଳିକା ଭିତରେ ଭୟଙ୍କରରୁ ଭୟଙ୍କର ଅପରାଧ ପ୍ରବୃତ୍ତି ବିଦ୍ୟମାନ ଏବଂ ତା'ର ଏହି ପ୍ରବୃତ୍ତି ତାକୁ ଯେକୌଣସି କାର୍ଯ୍ୟ କରିବା ପାଇଁ ପ୍ରେରଣା ଓ ସାହାସ ଦେଇପାରେ । ସେ ମଧୂଳିକାକୁ ଉତ୍ତର ଦେବାର ସମୟ ନଦେଇ ନିଜର ବକ୍ତବ୍ୟକୁ ଆଗେଇନେଇ କହିଲେ, "ଯୁବରାଜ ପଦ୍ମକମଳ ମଧ୍ୟରେ ମହାପଦ୍ମ ନନ୍ଦର ଦୃଢ଼ତା ଓ ସଙ୍କଳ୍ପ ବିଦ୍ୟମାନ । ଯେତେଦୂର ପର୍ଯ୍ୟନ୍ତ ଚରିତ୍ର ଅଧ୍ୟୟନର ପ୍ରଶ୍ନ ରହିଛି, ଜ୍ୟୋତିଷଶାସ୍ତ୍ର ଏ ସମ୍ପର୍କରେ ସମ୍ପୂର୍ଣ୍ଣ ମୌନ, ତେଣୁ ଏ ବୃଦ୍ଧାଶ୍ରୟ ବିବାହ କିପରି ଭାବରେ ବନ୍ଦହେବ କୁହାଯାଇ ନପାରିଲେ ବି ଏହା ଅବଶ୍ୟ ହେବନାହିଁ ।"

Digitized by PPRACHIN, SOA

ଦାନ୍ତରେ ଦାନ୍ତ ଘୃପି ମଧୂଳିକା କହିଲା, "ତାର ମୃତ୍ୟୁରେ ବନ୍ଧ ହେବ।" ନିଜର ଉତ୍ତେଜନାରେ ମଧୂଳିକା ପୂର୍ଣ୍ଣରୂପରେ ଅସାବଧାନ ହୋଇ ପଡିଥିଲା।

ଚଞ୍ଚରକ ଆପଣା ହୃଦୟରେ ଏକ ଅଦ୍‌ଭୁତ ରକମର ସନ୍ତୋଷ ଅନୁଭବ କଲେଯେ ମାନବ ମନୋବିଜ୍ଞାନର ଏକ ନୂତନସୂତ୍ର ତାଙ୍କ ହାତକୁ ଆସିଯାଇଛି। ଏହି ମାନବ ମନୋବିଜ୍ଞାନ ଅତଳ ଗଭୀର ଅଟେ। ଆପଣାର ସକଳ ବୌଦ୍ଧିକତାରେ ସଂଯୁକ୍ତ ହୋଇବ ସେ ଏହି ମାନବ ମନୋବିଜ୍ଞାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅନଭିଜ୍ଞ।

ଚଞ୍ଚରକ ଉଠିପଡ଼ି ନିଜ ଆସନ ସମ୍ମୁଖରେ ଆଉ ଏକ ଆସନ ପାଡିଦେଲେ ଏବଂ ଆପଣା କଣ୍ଠସ୍ୱରରେ ବିନୟ ଓ କୋମଳତା ଭରି କହିଲେ; "କାହିଁକି ଜାଣେନା ମୋ ଅନ୍ତରରେ ସାମ୍ରାଜ୍ଞୀଙ୍କ ପ୍ରତି ଏକ ଆତ୍ମୀୟତା ଜାଗ୍ରତ ହୋଇ ଉଠିଛି, ଆପଣ ଆସନ ଗ୍ରହଣ କରନ୍ତୁ, ଆମ ଉଭୟଙ୍କ ବାର୍ତ୍ତାଳାପ ଯେପରି କୌଣସି ତୃତୀୟ ବ୍ୟକ୍ତିର କର୍ଣ୍ଣଗୋଚର ହୋଇ ନପାରେ ମୁଁ ଆପଣାର ଯଜ୍ଞୋପବିତ ହାତରେ ନେଇ ଆପଣଙ୍କୁ ଚଞ୍ଚନ ଦେଉଛି ଆପଣଙ୍କ ଦାସୀ ବୀଥିକା ଏହି ବାର୍ତ୍ତାଳାପରେ ହେବ ତୃତୀୟ ବ୍ୟକ୍ତି—ସିଏ ଆପଣଙ୍କର ଯେତେ ବିଶ୍ୱସ୍ତ ଓ ଏକାନ୍ତ ସହଚରୀ ହେଲେବି ଏହି ବାର୍ତ୍ତାଳାପ କାଳରେ ଏହିଠାରେ ଉପସ୍ଥିତ ରହିବକନାହିଁ ସେ ନିର୍ଣ୍ଣୟ ଆପଣ ସ୍ୱୟଂ ନିଅନ୍ତୁ।

ମଧୂଳିକା ଅନ୍ତରର ଉଦ୍‌ବେଳିତ ଉଦ୍‌ବିଗ୍ନତା ଚମକି ଉଠୁଥିବା ସୂର୍ଯ୍ୟସମକ୍ଷରେ ହିମଖଣ୍ଡ ଭଳି ତରଳିଗଲା। ସେ କହିଲା, "ବୀଥିକା ମୋର ଛାୟା ସଦୃଶ ସଦାସର୍ବଦା ମୋ ସାଥିରେ ରହେ କିନ୍ତୁ ଏମିତି ବି ଏକ ଆଲୋକ ପ୍ରକାଶ ପାଏ ଯେଉଁଠି ଛାୟା ପର୍ଯ୍ୟନ୍ତ ବି ଲୁପ୍ତହୋଇ ଯାଏ, ସେହିଭଳି କିଛି ଆଲୋକର ଦୀପ୍ତି ମୁଁ ଆପଣଙ୍କ ଭିତରେ ଦେଖୁଛି। ପୁନରାୟ ସେ ବୀଥିକାକୁ କହିଲା, ତୁ କୁଟୀର ସମ୍ମୁଖରେ ଅପେକ୍ଷା କର ସାମାନ୍ୟ ଦୂରତ୍ୱରେ ଯେଉଁଠି ଆମ ଉଭୟଙ୍କ କଥାବାର୍ତ୍ତାର ସାମାନ୍ୟତମ ସୂଚନା ନମିଳେ।"

Digitized by PPRACHIN, SOA

ଏବଂ ବର୍ତ୍ତମାନ ମଧୁଳିକା ଯେମିତି ଚଞ୍ଚରିକ ସମ୍ମୁଖରେ ନଗ୍ନ ହୋଇପଡ଼ିଲା, ଊପରୁଚରିକତାର ଯେତେକ ବସ୍ତ୍ରରେ ସେ ଆବୃତ ହୋଇଥିଲା ସେ ଆପଣାଉପରୁ ଓହ୍ଲାଇ ଫିଙ୍ଗିଦେଲା । ମଧୁଳିକା ବେଶ୍ ଦୃଢ ରୂପରେ ଆପଣା ଆସନ ଗ୍ରହଣ କଲା ।

ବଥିକା ବାହାରକୁ ଚାଲିଯିବାପରେ ଚଞ୍ଚରିକ କହିଲେ, "ପଦ୍ମକମଳର ମୃତ୍ୟୁପରେ ତାର ଅନୁଜ ଚନ୍ଦ୍ରକମଳ ମଗଧ-ସାମ୍ରାଜ୍ୟର ଉତ୍ତରାଧିକାରୀ ହେବ । ତାର ପତ୍ନୀ ହେବ ମଗଧର ସାମ୍ରାଜ୍ଞୀ । ସେତେବେଳେ ଆପଣଙ୍କ ସ୍ଥିତି କଣ ହେବ ? ଆପଣ କଣ ଏ ବିଷୟରେ ଧ୍ୟାନ ଦେଇଛନ୍ତି ?"

"ଚନ୍ଦ୍ରକମଳର ବିବାହ ହେବ ନାହିଁ । ସେ ସମ୍ପୂର୍ଣ୍ଣ ରୂପରେ ମୋର ହାତ ମୁଠାରେ ।" ମଧୁଳିକାର ଓଠରେ ଚହଲିଗଲା ଏକ କୁଟୀଳ ହାସ୍ୟରେଖା ।

ମଧୁଳିକାର ଏହି ବକ୍ତବ୍ୟରେ ନିହିତ ତା'ର ଅତ୍ୟନ୍ତ ଘୃଣିତ ଓ କ୍ରୁର ମନୋଭାବରେ ଚଞ୍ଚରିକର ଆପାଦମସ୍ତକ ଶିହରି ଉଠିଲା । କିନ୍ତୁ ଚଞ୍ଚରିକାର ପ୍ରତିହିଂସା ଜାଣିବାରେ ମଧୁଳିକା ଥିଲା ସମ୍ପୂର୍ଣ୍ଣ ଉଦାସୀନ । ସେ ବିସ୍ତାରିତ ରୂପରେ ନିଜକଥା କହିବାକୁ ଲାଗିଲା । ଛଳନା ପ୍ରବଞ୍ଚନା ମିଥ୍ୟା— ନାରୀ ମଧ୍ୟରେ ଏହି ଗୁଣ ବା ଅବଗୁଣ ରକ୍ଷାତ୍ମକ ପ୍ରବୃତ୍ତି ରୂପରେ ତା ମଧ୍ୟରେ ରହିଛି, ପୁରୁଷ ଏହାର ଅନୁଭବ ବି କରିପାରେନା, କାହିଁକି ନା ସିଏ ସକ୍ଷମ ଓ ସମର୍ଥ । ନିଜ ଅବୈଧ ସନ୍ତାନର ଗଳାଚିପି ତାକୁ ହତ୍ୟାକରିବା, ଅବୈଧ ପ୍ରେମିକର ମୋହରେ ଆପଣାର ବୈଧ ପତିକୁ ହତ୍ୟାକରିଦେବା—ଅନାଦି କାଳରୁ ଚାଲିଆସୁଛି, ଏବଂ ଅନନ୍ତ କାଳଯାଏଁ ଚାଲିବ ଓ ଚାଲିଥିବ ।

ଚଞ୍ଚରିକ ଉତ୍ତରଦେଲେ, ଏହା ନିୟମ ନହୋଇ ଅପବାଦର ଉଦାହରଣ ମାତ୍ର ନିୟମିତ ଏହା କହୁଛି ଯେ ନାରୀ ମୁଖ୍ୟ ରୂପରେ ମାତା, ଜନନୀ-ଅସୀମ ତ୍ୟାଗ ଓ ବଳିଦାନର ପ୍ରତିମୂର୍ତ୍ତି । କେବଳ ମାନବ ସମାଜରେ ନୁହେଁ ପଶୁ ପକ୍ଷୀ, କୀଟପତଙ୍ଗମାନଙ୍କ ମଧ୍ୟରେ ବି ନାରୀ ସୃଷ୍ଟିର

Digitized by PPRACHIN, SOA

ଏହି ନିୟମ ବିଦ୍ୟମାନ । ନାରୀବିନା ସୃଷ୍ଟି ଅସମ୍ଭବ । ଆପଣଙ୍କୁ ମୋର ଅନୁରୋଧ ସୃଷ୍ଟିର ଗୁଣକୁ ଆପଣାର କରି ନିଜର ବିକୃତିକୁ ପରିତ୍ୟାଗ କରନ୍ତୁ ।

କେବଳ ଏକ କଠୋର କାଠିଣ୍ୟ ଚାଣକ୍ୟ ଦେଖିବାକୁ ପାଇଲେ ମଧୁଳିକାର ମୁଖମଣ୍ଡଳରେ । ଯେଉଁ ଆବରଣ ସେ ନିଜର ବ୍ୟକ୍ତିତ୍ୱ ଉପରୁ ଓହ୍ଲାଇ ଫିଙ୍ଗି ଦେଇଥିଲା ତାହା ପୁଣି ଆବୃତ କରିନେଲା ନିଜ ଉପରେ । ସେ ସହସା ପ୍ରସ୍ଥାନ କରିବା ମୁଦ୍ରାରେ ଉଠି ଠିଆହେଲା ।

ଚାଣକ୍ୟ ବି ଦଣ୍ଡାୟମାନ ହେଲେ । ମଧୁଳିକାର ପଛେ ପଛେ ସେ କୁଟୀରଦ୍ୱାର ପର୍ଯ୍ୟନ୍ତ ଆସିଲେ ଏବଂ ଚାଲି ଯାଉଥିବା ମଧୁଳିକା ଦୃଷ୍ଟି ସୀମାରୁ ଅଦୃଶ୍ୟ ହୋଇ ନଯିବା ଯାଏ ଦେଖିବାକୁ ଲାଗିଲେ ।

ଏବଂ ଆପଣା ଦୃଷ୍ଟି ପଥରୁ ମଧୁଳିକା ଅଦୃଶ୍ୟ ହୋଇଯିବା ପରେ ସେ ଅନୁଭବ କଲେ ଯେ ତାଙ୍କ ପାଖକୁ ଏକ ପିଶାଚୀ ଆସିଥିଲା ଏବଂ ସେହି ପିଶାଚୀର ନିଷ୍ଠୁର ତାର ଭୂମିକା ସମାହିତ କରିବ । ମଣିଷର ଶରୀର ଧାରଣକରି କେଜାଣି କେତେ ପିଶାଚ ପିଶାଚୀର ଆତ୍ମା ଏହି ବିଶ୍ୱକୁ ଦୂଷିତ କରି ବୁଲୁଛନ୍ତି ।

କେଉଁଠି କଣ ଘଟୁଛି କେମିତି ଭାବରେ ଘଟୁଛି-ମହାମନ୍ତ୍ରୀ ରାକ୍ଷସଙ୍କୁ ଏସବୁ ଖବର ଜଣାଥିଲା, କିନ୍ତୁ ଏସବୁ କାହିଁକି ଘଟୁଛି ଜଣାନଥିଲା, । ମାନବ ମନୋବିଜ୍ଞାନ ସମ୍ପର୍କରେ ରାକ୍ଷସର ପ୍ରଭୁତ ଜ୍ଞାନଥିଲା, କିନ୍ତୁ ସେ ଆପଣା କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ରହୁଥିଲା । ବିଶାଳ ମଗଧ ସାମ୍ରାଜ୍ୟର ରାଜକାର୍ଯ୍ୟକୁ ସେ ଏକାକୀ ସମ୍ଭାଳୁଥିଲା କହିଲେ ଅତ୍ୟୁକ୍ତି

Digitized by PPRACHIN, SOA

ହେବନାହିଁ । ରାକ୍ଷସର ଏହି ବିଲକ୍ଷଣ ପ୍ରତିଭା ଚାଣକ୍ୟଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା । ସେ ଅନୁଭବ କରୁଥିଲେଯେ ନନ୍ଦବଂଶର ବିନାଶ ପ୍ରଶ୍ନଉପରେ ତାଙ୍କର ସଂଘର୍ଷ ମହାମନ୍ତ୍ରୀ ରାକ୍ଷସ ସହିତ ହିଁ ସମ୍ଭାବ୍ୟ । ତା ସହିତ ଯେତେଟା ସଂଘର୍ଷ ସେତେଟା ମହାପଦ୍ମ ନନ୍ଦ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ସହ ନୁହେଁ ।

ନନ୍ଦବଂଶକୁ ଧ୍ୱଂସକରି ଆପଣାର ଉନ୍ମୁକ୍ତ ଶିଖା ବନ୍ଧନ କରିବାର ଯେଉଁ ପ୍ରତିଜ୍ଞା—ଏହା କଣ କ୍ଷଣିକ ଆବେଗର ଘଟଣା ନୁହେଁ ? କିମ୍ବା ଏହି ପ୍ରତିଜ୍ଞା କଲା ସମୟରେ କ'ଣ ଆଦ୍ୟରୂପ ଶକ୍ତିର ପ୍ରେରଣା ତାଙ୍କ ବାଣୀରେ ମୁଖର ହୋଇ ଉଠିନଥିଲା ?

ନିୟତି ! ବ୍ରହ୍ମା, ବିଷ୍ଣୁ, ମହେଶ—ଏସବୁ ଦେବତା କେବଳ ନିୟତିର ବିଭିନ୍ନ ରୂପମାତ୍ର । ନିୟତି ସ୍ୱୟଂ ମାନବ କଳ୍ପନାର ସମ୍ପୂର୍ଣ୍ଣ ବାହାରେ । ସ୍ଥୂଳମାନବ, ଆପଣାର ସୂକ୍ଷ୍ମ ବୁଦ୍ଧିଦ୍ୱାରା କଳ୍ପନାର ଆଶ୍ରୟ ନେଇ କର୍ମରତ ।

ଚାଣକ୍ୟ କେଉଁଠି ଲୁପ୍ତ ହୋଇଗଲା କେମିତି ଲୁପ୍ତ ହେଲା, ସରଳ ବୁଦ୍ଧି ରାକ୍ଷସ ଏସମ୍ପର୍କରେ ନା କୌଣସି ଚିନ୍ତାକଲା, ନା ଚିନ୍ତା କରିବାର ତାର କୌଣସି ଇଚ୍ଛା ଥିଲା; କିନ୍ତୁ ସେ ଏହା ଅବଶ୍ୟ ଅନୁଭବ କରୁଥିଲା ଯେ ତକ୍ଷଶୀଳାରୁ ଆଗତ ସେହି କ୍ରୋଧି ଓ ହଠୀ ବ୍ରାହ୍ମଣ ମଧ୍ୟରେ ରହିଥିଲା କୌଣସି ଅଲୌକିକ ପ୍ରତିଭା ଓ କ୍ଷମତା । ସେହି ପ୍ରତିଭା ଓ କ୍ଷମତାକୁ ମନନ କରିବା ପାଇଁ ତା ପାଖରେ ସମୟ ନଥିଲା । ନିରନ୍ତର କର୍ମରତ ବ୍ୟକ୍ତିର ମାର୍ଗରେ ଏହି ମନନ ଚିନ୍ତନ ପ୍ରତିଫଳ ଉତ୍ପନ୍ନ ହେଉଥିବା ଓ ଦୂର ହେଉଥିବା ବାଧା ମାତ୍ର ଅଟେ । ଏହାହିଁ ଭଗବାନ ଶ୍ରୀକୃଷ୍ଣଙ୍କ କର୍ମବାଦର ମୂଳତତ୍ତ୍ୱ ।

ମଣିଷର ଶାରୀରିକ କ୍ଷୁଧାର ସମାନାନ୍ତର ଶବ୍ଦହିଁ ଇନ୍‌ଷ୍ଟିଙ୍କ୍ଟ । ହିନ୍ଦୀରେ ଏହାଙ୍କ ପର୍ଯ୍ୟାୟବାଚୀ ଶବ୍ଦର ଅନୁପସ୍ଥିତିରେ ଏହାକୁ ସହଜବୁଦ୍ଧି ଓ ଅନ୍ତଃପ୍ରେରଣା କୁହାଯାଇପାରେ । ଏହା ମଣିଷର ଅବିଚ୍ଛେଦ୍ୟ ଅଙ୍ଗରୂପେ କାର୍ଯ୍ୟ କରୁଛି । ମହାମନ୍ତ୍ରୀ ରାକ୍ଷସ ମଧ୍ୟରେ ଏହି

Digitized by PPRACHIN, SOA

ଅନ୍ତଃପ୍ରେରଣା ସନ୍ନିହିତ ରହିଥିଲା । ଏବଂ ଏହି ଅନ୍ତଃପ୍ରେରଣା ଯେ କୌଣସି ସମୟରେ ସୂଚିତ କରି ଦେଉଥିଲା ଯେ ଚାଣକ୍ୟ ସହ ବୌଦ୍ଧିକ ସଂଘର୍ଷରେ ସେ ଅନ୍ତତୋଗତ୍ୱା ପରାଜିତ ହେବ । କିନ୍ତୁ କର୍ମବାଦ ଉପରେ ତାର ଅତୁଟ ବିଶ୍ୱାସକୁ ନେଇହିଁ ମହାମନ୍ତ୍ରୀ ରାକ୍ଷସ ଦୃଢ଼ ଓ ଅବିଚଳିତ ରହିଥିଲା ।

ଯେତେଦୂର ପର୍ଯ୍ୟନ୍ତ ନନ୍ଦବଂଶର ଆନ୍ତରିକ ସଂଘର୍ଷର ପ୍ରଶ୍ନଥିଲା ତା'ର ଆଭାସ ମହାମନ୍ତ୍ରୀ ରାକ୍ଷସକୁ ମିଳି ସାରିଥିଲା ଏବଂ ଏହି କାରଣରୁ ପାଟଳିପୁତ୍ରରେ ହଠାତ୍ ଆବିର୍ଭୂତ ପଣ୍ଡିତ ଓ ଜ୍ୟୋତିଷ ଚଞ୍ଚରିକ ପ୍ରତି ସେ ସତର୍କ ହୋଇ ପଡ଼ିଥିଲା । ରାକ୍ଷସର ଗୁପ୍ତଚରଗଣ ଚଞ୍ଚରିକର ଅଜ୍ଞାତରେ ତାର କୁଟୀର ଚାରିପାଖରେ ଜାଲ ବିଛେଇ ଦେଇଥିଲେ । ଚଞ୍ଚରିକର କୁଟୀରରେ ବିଥିକା ସହ ମଧୁଳିକାର ଆଗମନ ସମ୍ବାଦ ସେ ପାଇ ସାରିଥିଲା; କିନ୍ତୁ ଯେଉଁ ପ୍ରେରଣାରେ ମଧୁଳିକା ଚଞ୍ଚରିକର କୁଟୀରକୁ ଯାଇଥିଲା, ସେ ବିଷୟରେ ତାର ଜ୍ଞାନ ନଥିଲା । ସେ ବିଷୟରେ କେବଳ ଅନୁମାନ କରିବା ସମ୍ଭବ ଥିଲା, ତାପକ୍ଷରେ କିନ୍ତୁ କେବଳ ଅନୁମାନରେ ବିବ୍ରତ ହେବାର ପାତ୍ର ମହାମନ୍ତ୍ରୀ ରାକ୍ଷସର ଜୀବନକ୍ରମ ନଥିଲା ।

ଚଞ୍ଚରିକ ଅନୁଭବ କରୁଥିଲା ଯେ ନିୟତି ଏକ ଅଜ୍ଞାତ ଓ ବିଚିତ୍ର ଢଙ୍ଗରେ ତାଙ୍କୁ ସାହାଯ୍ୟ କରି ଚାଲିଛି । ନନ୍ଦବଂଶ ଧ୍ୱଂସ କରିବାରେ ସେ ସ୍ୱୟଂ ନିୟତିର ଏକ ଅଂଶ ନୁହନ୍ତି ତ ? ଠିକ୍ ଏହି ସମୟରେ ତାଙ୍କୁ ନନ୍ଦର ଅନ୍ତଃପୁରରୁ ସମ୍ବାଦ ମିଳିଲା ଯେ ପଦ୍ମକମଳ ଜ୍ୱରାକ୍ରାନ୍ତ । କୁଶଳୀ ବୈଦ୍ୟମାନଙ୍କ ଦ୍ୱାରା ତାର ଉପଚାର ବ୍ୟବସ୍ଥା ବି ଯଥାରୀତି କରି ଦିଆଯାଇ ସାରିଛି । କିନ୍ତୁ ଆଶ୍ଚର୍ଯ୍ୟ କଥା ଜ୍ୱର ସାମାନ୍ୟ କମିଯାଉଥିଲେହେଁ ସମ୍ପୂର୍ଣ୍ଣ ରୂପେ ବିଦାୟ ନେଉଁନାହିଁ । ଏହି କାରଣରୁ ସମଗ୍ର ଅନ୍ତଃପୁରରେ ଏକ ଚିନ୍ତାର ବାତାବରଣ ସୃଷ୍ଟି କରିଥିଲା । ମଧୁଳିକାର ସେହି କଥା ଚଞ୍ଚରିକର ସ୍ମୃତିରେ ଉଦ୍ଭାସିତ ହୋଇ ଉଠିଲା— "ପଦ୍ମକମଳର ବିବାହ କୌଣସି ପ୍ରକାରେ ହୋଇ ପାରିବ ନାହିଁ ।"

Digitized by PPRACHIN, SOA

ରାଜବୈଦ୍ୟର ଉପଗ୍ଭର ଫଳରେ ଉପରେ ଉପରେ ପଦ୍ମକମଳ କ୍ଷତମୁକ୍ତ ମନେ ହେଉଥିଲେ ହେଁ, ପଦ୍ମକମଳ ଏତେ ଦୁର୍ବଳ ହୋଇ- ପଡ଼ିଥିଲା ଯେ, ସେ ସୁସ୍ଥ ନ ହେବା ପର୍ଯ୍ୟନ୍ତ ତାର ଦ୍ୱିତୀୟ ବିବାହ ସମ୍ଭବ ନ ଥିଲା ! ଅନ୍ୟ ପକ୍ଷରେ ଚନ୍ଦ୍ରଗୁପ୍ତ ପ୍ରୟାଗରେ ବସିରହି ନିଜ ସେନାର ପୁନର୍ଗଠନ କରି ସାରିଥିଲା । ପ୍ରୟାଗରୁ ଆପଣାର ସେନାବାହିନୀ ନେଇ ଚନ୍ଦ୍ରଗୁପ୍ତ ଗଙ୍ଗାର ତିନି ଗୁରିକୋଶ ଦୂରରେ ଅବସ୍ଥିତ କାଶୀର ଦକ୍ଷିଣ ଅଞ୍ଚଳରେ ଆସି ପହଞ୍ଚି ସାରିଥିଲା ।

କାଶୀର ଉତ୍ତର ଦିଗରେ ଶ୍ରାବନ୍ତୀ ପ୍ରଦେଶ ହିମାଳୟ ପର୍ବତ- ମାଳାର ତରାଇ ପର୍ଯ୍ୟନ୍ତ ବ୍ୟାପି ରହିଥିଲା । ଏହି ଶ୍ରାବନ୍ତୀ ପ୍ରଦେଶରେ ହିଁ ଅବସ୍ଥାନ କରି ଭଗବାନ ବୁଦ୍ଧ ଓ ଭଗବାନ ମହାବୀର ନିଜ ନିଜ ମତର ପ୍ରଗ୍ଭର କରିଥିଲେ । କାଶୀର ପଶ୍ଚିମରେ ତ ଆର୍ଯ୍ୟକାଳୀନ ଯଜ୍ଞ ଓ ପଶୁବଳୀ ପ୍ରଥାରେ ସଂଯୁକ୍ତ ବୈଦିକଧର୍ମ ନିଜର ମୂଳକୁ ଦୃଢ଼ିଭୂତ କରି ରହିଥିଲା । ଅହିଂସାକୁ ଆଧାର କରି ନବୀନ ମତର ପ୍ରଗ୍ଭର ଓ ପ୍ରସାର ଦକ୍ଷିଣ ପୂର୍ବରେ ହିଁ ସମ୍ଭବ ଥିଲା । ମଗଧର ଉତ୍ତର ଦିଗରେ ଥିଲା ମିଥିଳା ଯାହା ମିଳିତ ହୋଇଥିଲା ହିମାଳୟର ସମତଳ ତରାଇ ଅଞ୍ଚଳ ସହିତ । ଏହି ପ୍ରଦେଶ ଥିଲା ଅତ୍ୟନ୍ତ ଉର୍ବର ଓ ସମ୍ପନ୍ନ, ଯେଉଁଠାରେ ଶାକ୍ତମତ ସହ ବୈଦିକମତର ସମିଶ୍ରଣ ହୋଇ ନିଜର ଏକ ସ୍ୱତନ୍ତ୍ର ପରମ୍ପରା ସ୍ଥାପିତ କରି ନେଇଥିଲା । ପୁନଶ୍ଚ ଏହା ଉତ୍ତର ଓ ପୂର୍ବ ଅଞ୍ଚଳରେ ପ୍ରବୁଦ୍ଧ ଆର୍ଯ୍ୟମାନଙ୍କ ସହ ମିଳିତ ହେବା ଫଳରେ ଥିଲା ଅଶେଷ ଶକ୍ତିସମ୍ପନ୍ନ ଏବଂ ଏହି ପ୍ରଦେଶମାନଙ୍କ ବଳରେ ମଗଧର ଶାସନ ଥିଲା ଦୃଢ଼ ଓ ସ୍ଥିର । ଏହି ପ୍ରଦେଶ ମାନଙ୍କରେ ହିଁ ବିଦ୍ରୋହ ଓ ଅସ୍ଥିରତାର ବୀଜବପନ କରି ମଗଧର ଶକ୍ତି ହ୍ରାସ କରିବା ସମ୍ଭବ ଥିଲା, ଏହା ଚାଣକ୍ୟ ଅନୁଭବ କଲେ । ସେ ଚନ୍ଦ୍ରଗୁପ୍ତ ନିକଟକୁ ବାର୍ତ୍ତା ପ୍ରେରଣ କରି ନିର୍ଦ୍ଦେଶ ଦେଲେ ଯେ ସେ ଛଦ୍ମ ବେଶରେ ଶ୍ରାବନ୍ତୀ ଯାଇ ମଗଧ ଅଭ୍ୟନ୍ତରରୁ ବିଦ୍ରୋହର ସମ୍ଭାବନା ସମ୍ପର୍କରେ ଖବର ସଂଗ୍ରହ କରୁ ।

ସେହି ଏକାକୀ ମାନବ—ଚାଣକ୍ୟ, ଆଜି ଏକ ଶକ୍ତିହୀନ ଓ ସାଧନହୀନ ଚନ୍ଦ୍ରଗୁପ୍ତ ନାମକ ଯୁବକକୁ ନେଇ ବିଶାଳ ଶକ୍ତିସମ୍ପନ୍ନ ମଗଧ

Digitized by PPRACHIN, SOA

ସାମ୍ରାଜ୍ୟସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ମଣିଷ ଇତିହାସର ସୃଷ୍ଟିକର୍ତ୍ତା, ଏହି କ୍ରମରେ ଚାଣକ୍ୟ ଇତିହାସ ସୃଷ୍ଟି କରୁଥିଲେ । ଚନ୍ଦ୍ରଗୁପ୍ତଙ୍କୁ ଶ୍ରାବନ୍ତୀରୁ ନିରାଶ ଓ ଅସଫଳ ହୋଇ ଫେରିବାକୁ ପଡ଼ିଲା । ରାଜ୍ୟର ସୁବ୍ୟବସ୍ଥା ଫଳରେ କେଉଁଠି ବି ତାଙ୍କୁ ବିଦ୍ରୋହର ସମ୍ଭାବନା ଦୃଶ୍ୟ ହେଲାନାହିଁ ଏବଂ ଚାଣକ୍ୟଙ୍କୁ ପରାଜିତ ହୋଇ ଶେଷରେ ଗିରିମଧ୍ୱଜର ସହାୟତାରେ ଦକ୍ଷିଣ ପୂର୍ବ ପଥ ଦେଇ ମଗଧରେ ପ୍ରବେଶ କରିବାର କଠିଣ କାର୍ଯ୍ୟକ୍ରମ ହାତକୁ ବାଧ୍ୟ ହୋଇ ନେବାକୁ ପଡ଼ିଲା ।

ମଣିଷର ଆନ୍ତରିକ ଅବସ୍ଥା କଣ ତାର ବାହ୍ୟ ପରିବେଶକୁ ପ୍ରଭାବିତ କରିପାରେ ? ମାନ୍ତ ଶାସ୍ତ୍ରର ଏହା ଏକ ମହତ୍ତ୍ୱପୂର୍ଣ୍ଣ ସମସ୍ୟା ଅଟେ । ଚାଣକ୍ୟ ମାନ୍ତଶାସ୍ତ୍ରର ପ୍ରଣେତା ହୋଇଥିବାରୁ ଏହାର ଅଧ୍ୟୟନ କରୁଥିଲେ ।

ପଦ୍ମକମଳର ଅସୁସ୍ଥତା ଜନମାନସରେ ଯେଉଁ ପରିମାଣରେ ବିଶୃଙ୍ଖଳା ସୃଷ୍ଟି କରିଥିଲା ଅନ୍ତଃପୁରରେ ତାର କୌଣସି ପ୍ରଭାବ ନଥିଲା । ମଗଧ ସିଂହାସନର ଉତ୍ତରାଧିକାରୀ, ଭାବିସମ୍ରାଟ ବ୍ୟାଧିଗ୍ରସ୍ତ, ଜନତା ଚିନ୍ତିତ ।

ଦୀର୍ଘ ତିନିମାସବ୍ୟାପୀ ରୋଗାକ୍ରାନ୍ତ ପଦ୍ମକମଳ ହଠାତ୍ ଦିନେ ପ୍ରାତଃକାଳରୁ ଶଯ୍ୟା ତ୍ୟାଗ କଲା । ସେଦିନ ତାର ମନ ଥିଲା ଅତ୍ୟନ୍ତ ହାଲୁକା, ମୁଖମଣ୍ଡଳ ଦେଖା ଯାଉଥିଲା ଅତ୍ୟନ୍ତ ପ୍ରସନ୍ନ । ସେ ସ୍ୱୟଂ ମହାରାଜା ମହାପଦ୍ମନନ୍ଦଙ୍କୁ ତା ନିକଟକୁ ଆସିବା ପାଇଁ ବାର୍ତ୍ତା ପ୍ରେରଣ କରି ଆପଣା ରାଜକର୍ମଚାରୀମାନଙ୍କୁ ଏକତ୍ରିତ କଲା । ଅନ୍ତଃପୁରର ସମସ୍ତ ସଦସ୍ୟ-ପୁରୁଷ ଓ ନାରୀ ସେଠାରେ ଦଣ୍ଡାୟମାନ ଥିଲେ । ସମସ୍ତେ ଏକତ୍ରିତ ହେବାପରେ ସେ କହିଲା, "ମୋର ଅନ୍ତିମ ସମୟ ସମାଗତ । ବାବା ! ମୋତେ ଆପଣ ଏକ ପିଶାଚିନୀ ସହ ଆପଣଙ୍କ ଅଜ୍ଞାତରେ ବିବାହ କରି ମୋର ମୃତ୍ୟୁରେ ସହଯୋଗ କରିଛନ୍ତି । ମୁଁ ସ୍ୱାଭାବିକ ରୂପରେ ମୃତ୍ୟୁ ବରଣ କରୁନାହିଁ, ମୋତେ ମୋର ପତ୍ନୀ ମଧୁଲିକା ଦ୍ୱାରା ହତ୍ୟା କରାଯାଉଛି ।

Digitized by PPRACHIN, SOA

ମଧୂଳିକା ଚିତ୍କାର କରି ପ୍ରତିବାଦ କଲା, କହିଲା—"ଏ ସମସ୍ତ କପୋଳକଳ୍ପିତ, ମିଥ୍ୟା ।"

ପଦ୍ମକମଳ ଭିତରେ ଯେମିତି ସହସା ଅସୀମ ବଳର ସଞ୍ଚାର ଘଟିଛି, ସେ କହି ଉଠିଲା,—"ଛଳ କପଟ ମିଥ୍ୟାର ପ୍ରତିମୂର୍ତ୍ତି ଏହି ଦୂରାଚାରିଣୀ ହିଁ ମୋତେ ହତ୍ୟାକରିଛି । ମୃତ୍ୟୁ ପୂର୍ବରୁ ଏହି ଦୂରାଚାରିଣୀକୁ ମଗଧର ଯୁବରାଜ ଦଣ୍ଡଦେବ ।" ସ୍ତବ୍ଧ ଭାବରେ ସମସ୍ତେ ମଧୂଳିକାକୁ ନିରୀକ୍ଷଣ କରୁଥିଲେ । ସେ ସେଠାରୁ ପଳାୟନ କରିବା ଉପକ୍ରମରେ ରହିଥିଲା । ପଦ୍ମକମଳ କହିଲା,—"ଏହି ପିଶାଚିନୀ ଯେମିତି ପଳାୟନ କରିନପାରେ ମୁଁ ଏହି ଆଦେଶ ପ୍ରଦାନ କରୁଛି । ତାକୁ ଧରି ମୋ ସମ୍ମୁଖରେ ଉପସ୍ଥିତ କରାଯାଉ ।"

ସେଠାରେ ଉପସ୍ଥିତ ରାଜକର୍ମଚାରୀଗଣ ମଧୂଳିକାକୁ ଆୟତ୍ତ କରିନେଲେ । ସେ ଚିତ୍କାର କରୁଥିଲା ପୁଣି କଣ ହେଲା କେଜାଣି ନିର୍ଭୟରେ ପଦ୍ମକମଳ ଆଗରେ ସଗର୍ବରେ ଠିଆ ହୋଇପଡ଼ିଲା, "ମୋତେ ହତ୍ୟାକରି ତୁମେ ମୋତେ ଦଣ୍ଡିତ କରିବ; କିନ୍ତୁ ମୋର ପ୍ରେତାତ୍ମା ତୁମର ପ୍ରେତାତ୍ମାକୁ ଚିରଦିନ ପ୍ରତାରିତ କରୁଥିବ ।"

ସେହି ସମୟରେ ପଦ୍ମକମଳ ଆପଣା ତରବାରୀରେ, ଯାହା ସର୍ବଦା ତା ନିକଟରେହିଁ ରହୁଥିଲା, ମଧୂଳିକାର ଗଳାରେ ସମସ୍ତ ଶକ୍ତି ଦେଇ ପ୍ରହାର କଲା । ମଧୂଳିକାର ଶିର କଟିଯାଇ ଭୂମିରେ ଲୋଟିପଡ଼ିଲା ।

ପୁନରାୟ ପଦ୍ମକମଳ ଶାନ୍ତ କଣ୍ଠରେ କହିଲା; "ପ୍ରେତାତ୍ମା । ପିଶାଚମାନଙ୍କ ପ୍ରେତାତ୍ମା ସଦାସର୍ବଦା ଘୂରିବୁଲୁଥାଏ, ମୋର ଅହିତ ସେ କେବେହେଲେ କରି ପାରିବନାହିଁ ।"

ପଦ୍ମକମଳ ନଇଁପଡ଼ି ଆଉଥରେ ମହାପଦ୍ମନନ୍ଦଙ୍କୁ ପ୍ରଣାମ କଲା ଏବଂ ଏହି ଅନ୍ତିମ ପ୍ରଣାମ ପରେ ମାଟିରେ ଲୋଟିପଡ଼ିଲା ।

ତତକ୍ଷଣାତ୍ ରାଜବୈଦ୍ୟ ତାର ନାଡ଼ି ପରୀକ୍ଷା କରି ଘୋଷଣା କରିଦେଲେ ଯେ ଯୁବରାଜଙ୍କ ପରମଗତି ପ୍ରାପ୍ତ ହୋଇଯାଇଛି । ଏବେ

Digitized by PPRACHIN, SOA

ବେଳଯାଏଁ ବଥିକା ସମସ୍ତଙ୍କ ଅଜ୍ଞାତରେ ସଙ୍କୁଚିତ ହୋଇ ଏ ସମସ୍ତ ଘଟଣା ଦେଖୁଥିଲା । ତା ପ୍ରତି କାହାରି ଧ୍ୟାନ ନଥିଲା । ଏକ ଲୋମହର୍ଷକ ନାଟକର ଦୁଃଖାନ୍ତ ପରିଣତି କାଳରେ ବଥିକାକୁ ନଜର ଦେବାର ଆବଶ୍ୟକତା କେହି ଅନୁଭବ କରୁନଥିଲେ ।

ପଦ୍ମକମଳର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହେବା ପୂର୍ବରୁ ତା'ର ପ୍ରଥମ ଭ୍ରାତା ଚନ୍ଦ୍ରକମଳକୁ ଯୁବରାଜ ପଦରେ ଅଭିଷିକ୍ତକରି ମହାପଦ୍ମନନ୍ଦ ଆପଣା କକ୍ଷକୁ ଫେରିଗଲେ ଏବଂ ଆପଣା ଶଯ୍ୟାଉପରେ ଅଚେତ ହୋଇ ଲୋଟିପଡ଼ିଲେ ।

ମଗଧର ମହାମନ୍ତ୍ରୀ ରାକ୍ଷସବି, ଯିଏ ସେଠାରେ ଉପସ୍ଥିତ ରହିଥିଲା ମନ୍ଥର ଗତିରେ ଆପଣା କାର୍ଯ୍ୟାଳୟକୁ ବାହୁଡ଼ିଗଲା । ଫେରିବା ମାତ୍ରକେ ସେ ପାଟଳିପୁତ୍ରର ସମସ୍ତ ରାଜ୍ୟ କାର୍ଯ୍ୟାଳୟକୁ ନଅଦିନ ପାଇଁ ବନ୍ଦରଖିବା ଓ ଶୋକପାଳନ କରିବାପାଇଁ ଆଦେଶ ପ୍ରଦାନ କରିଦେଲା ।

ବଥିକା ସହସା ଅନୁଭବ କଲା ଯେ, ସେ ବର୍ତ୍ତମାନ ଏକ ବିରାଟ ସଙ୍କଟର ସମ୍ମୁଖୀନ ! ଭୟାନକ ଓ ଲୋମହର୍ଷକ ନାଟକର ଅବସରରେତ ତା ପ୍ରତି କାହାରି ଧ୍ୟାନ ନଥିଲା; କିନ୍ତୁ ମଧୂଳିକାର ଅନ୍ତିମ ଶଯ୍ୟା ରୂପରେ ସ୍ଥିର ରହିଥିବା ବଥିକା ଉପରେ ଯେ କୌଣସି ମୁହୂର୍ତ୍ତରେ ପ୍ରତିଶୋଧର ବଜ୍ରପାତ ହୋଇପାରେ, ଏ ସମ୍ପର୍କରେ ସେ ଶଙ୍କିତ ହୋଇପଡ଼ିଲା । ହୁଏତ କିଏଜାଣେ କେବେ ସେ ରାଜବଂଶର କୋପଭାଜନ ହୋଇ-ଯାଇପାରେ ।

ବଥିକା ତେଣୁ ନିଜର ସକଳ ଆଭୂଷଣକୁ ଏକତ୍ରିତ କରି ଗୋଟାଏ ଥଳିରେ ଭର୍ତ୍ତି କରି ଥଳିଟିକୁ ନିଜଗଳାରେ ବାନ୍ଧି ନେଲା । ନିଜପାଖରେ ଥିବ ସ୍ୱର୍ଣ୍ଣ ମୁଦ୍ରାତକ ଅଣ୍ଟାରେ ଖୋସି ଏକାସଙ୍ଗରେ ଦୁଇଟି ଶାଢ଼ୀକୁ ଏକତ୍ରିତ କରି ପିନ୍ଧିଲା ଏବଂ ସମସ୍ତଙ୍କ ଦୃଷ୍ଟି ଚତୁରତାର ସହ ଆଡ଼େଇ-ଦେଇ ସେ ରାଜଭବନରୁ ବାହାରି ପଡ଼ିଲା ।

ସେ କେଉଁଠିକି ଯିବ ବୁଝି ପାରୁନଥିଲା । ନେପାଳ ଯିବାର ରାସ୍ତା ଥିଲା ଅଜ୍ଞାତ ଦୀର୍ଘ ଓ ଅରକ୍ଷିତ । ମଧୂଳିକାର ବ୍ୟକ୍ତିତ୍ୱରେ ନିଜର

Digitized by PPRACHIN, SOA

ବ୍ୟକ୍ତିତ୍ୱକୁ ଲୁପ୍ତ କରି ନା ସେ ଅନ୍ୟକାହାକୁ ଆପଣାର କରି ପାରିଥିଲା ନା ସିଏ ଅନ୍ୟକାହାର ହୋଇ ପାରିଥିଲା । ତାର ନା କୌଣସି ହିତୈଷୀ ଥିଲେ ନା କୌଣସି ସହାୟକ । ତା ଦୃଷ୍ଟିରେ କେବଳ ଏଭଳି ଜଣେ ମାତ୍ର ବ୍ୟକ୍ତିଥିଲା ଯାହାର ସାହାଯ୍ୟ ସେ ନେଇ ପାରେ ଏବଂ ସେ ବ୍ୟକ୍ତିଟି ଥିଲା ଚାଣକ୍ୟ । ଚାଣକ୍ୟର ଗମ୍ଭୀରତା ଓ ତାର ବ୍ୟକ୍ତିତ୍ୱରେ ସେ ଗଭୀର ଭାବରେ ପ୍ରଭାବିତ ହୋଇ ପଡ଼ିଥିଲା । ମନେମନେ ସେ ଚାଣକ୍ୟର ହୋଇ ସାରିଥିଲା । ତେଣୁ ସେ ଚାଣକ୍ୟର କୁଟୀରକୁ ଚାଲିଆସିଲା ।

ରାଜଭବନରେ ପଦ୍ମକମଳର ମୃତ୍ୟୁ ସମ୍ପର୍କରେ ଯାହାସବୁ ଘଟି-ଯାଇଥିଲା ସେ ବିସ୍ତାରିତ ରୂପରେ ଚାଣକ୍ୟଙ୍କୁ କହିଲା । ସବୁ ଶୁଣିସାରି ଚାଣକ୍ୟ ସ୍ତବଧ ହୋଇପଡ଼ିଲେ । ମଧୂଳିକା ଅନ୍ୟ କାହାକୁ ହତ୍ୟା କରି ପାରେ ଏହାର କଳ୍ପନା ବି ସେ କରିପାରନ୍ତି, କିନ୍ତୁ ଅନ୍ୟ କାହାଦ୍ୱାରା ମଧୂଳିକାର ହତ୍ୟା ବି ହୋଇପାରେ ତାହା ତାଙ୍କ ଅନୁମାନର ସମ୍ପୂର୍ଣ୍ଣ ବହିର୍ଭୂତ ଥିଲା । ଶାନ୍ତ କଣ୍ଠରେ ଆପଣାର ସକଳ ଉତ୍ତେଜନାକୁ ଦମନକରି ଚାଣକ୍ୟ କହିଲେ, "ପଦ୍ମକମଳର ମୃତ୍ୟୁ ଯେ ସୁନିଶ୍ଚିତ, ଏହା ମୁଁ ଜାଣିଥିଲି, ମଧୂଳିକାର ମୃତ୍ୟୁ ସମ୍ବାଦ ଶୁଣି ମୁଁ ଯେତିକି ଆଶ୍ଚର୍ଯ୍ୟ ସେତିକି ସନ୍ତୁଷ୍ଟ କାରଣ ଏକ କଳୁଷିତ ଆତ୍ମା ସଂସାରରୁ ବିଦାୟ ନେଇଗଲା । ତୁମେ ମୋର ଶରଣାପନ୍ନ, ମୁଁ ତୁମକୁ କିଭଳି ସାହାଯ୍ୟ କରିପାରେ ? ତେଣୁ ନେପାଳରେ ଆପଣାର ପିତାଳୟ ବା ମାତୃଳୟକୁ ଯିବାପାଇଁ ଇଚ୍ଛୁକ କି ?"

କାନ୍ଦି କାନ୍ଦି ବଧିକା କହିଲା,—"ମୁଁ ଦାସୀ, ଦାସୀର ନା କେହି ମାତା ହୁଅନ୍ତି ନା ପିତା । ନେପାଳରେ ମୋତେ ଦେଶାନ୍ତର ଭାବରେ ବୁଲିବାକୁ ପଡ଼ିବ । ମୁଁ କେବଳ ଆପଣଙ୍କ ଆଶ୍ରୟ ଆଶାରେ ଆସିଛି—ଏହି ଆଭୂଷଣ ଓ ସ୍ୱର୍ଣ୍ଣ ମୁଦ୍ରା ସହ ମୁଁ ସ୍ୱୟଂ ଆପଣଙ୍କ ଚରଣରେ ସମର୍ପିତା ।" ଏତିକି କହି ସେ ଚାଣକ୍ୟର ପାଦତଳେ ପଡ଼ିଗଲା ।

ଚାଣକ୍ୟ ବାତ୍ସଲ୍ୟ ଭାବରେ ବଧିକାକୁ ପାଦତଳୁ ଉଠେଇ ନେଲେ । ତାର ମସ୍ତକରେ ଆପଣାର ବରଦହସ୍ତ ରଖି ସେ କହିଲେ, "ମୁଁ ତୁମକୁ ମୋର ଦାସୀରୂପେ ସ୍ୱୀକାର କରୁଛି । ଆପଣାର ଆଭୂଷଣ ଓ ଧନ ତୁମେ

Digitized by PPRACHIN, SOA

ନିଜ ପାଖରେ ରଖ । ଦାସୀ ରୂପରେ ମୁଁ ତୁମକୁ ସ୍ୱୀକାର କରି ସ୍ୱତନ୍ତ୍ରତା ପ୍ରଦାନ କରୁଛି ଯେ ତୁମେ ଯେତେବେଳେ ଯେଉଁଠିକି ଚାହଁ ଯାଇପାର— ତୁମେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ ।”

ବିଥିକା ମୁଣ୍ଡ ନୁଆଇଁ କହିଲା—“ବନ୍ଧନହିଁ ନାରୀର ଗତି, ବନ୍ଧନ-ହୀନତା ନାରୀର ମୃତ୍ୟୁ ।” ସେ ଚଞ୍ଚରିକର କକ୍ଷରୁ ବାହାରି କୁଟୀରର ଅନ୍ୟ ଏକ କକ୍ଷକୁ ଚାଲିଗଲା । ଚାଣକ୍ୟ ଜାଣିଥିଲେ ଯେ ବିଥିକା ତାଙ୍କ କୁଟୀରରେ ଆଶ୍ରୟ ନେଇଥିବା ସମ୍ବାଦ କିଛି ସମୟ ମଧ୍ୟରେ ମହାମନ୍ତ୍ରୀ ରାକ୍ଷସ ପାଖରେ ପହଞ୍ଚିଯିବ । ବିଥିକାର ସାହାଯ୍ୟରେ ସେ ନିଜର ପଦାର୍ଥ ଏକତ୍ରିତ କରି ଆପଣା ଉପରୁ ଚଞ୍ଚରିକର ଛଦ୍ମ ଆବରଣକୁ ଓହ୍ଲାଇ ଫିଙ୍ଗିଦେଲେ ଏବଂ ବିଥିକାକୁ ସଙ୍ଗରେ ନେଇ ପାଟଳିପୁତ୍ରର ବିଶାଳ ଜନସମୁଦ୍ରରେ ବିଲୀନ ହୋଇଗଲେ ।

ଗୂଢ଼ ଯୁଦ୍ଧର ବାତାବରଣ—ନନ୍ଦବଂଶ ସ୍ୱୟଂ ବିନଷ୍ଟ ହୋଇ ଯାଉଥିଲା । ଏହି ବିନାଶ, ଏହି ନିର୍ମାଣ, ଏହାର କୌଣସି ସ୍ପଷ୍ଟ ବିଧାନ ନାହିଁ—ଅନ୍ତତଃ ମଣିଷର ସୀମିତ ବୁଦ୍ଧିରେ । ଚାଣକ୍ୟ ଚକିତ ହୋଇ ପଡ଼ିଥିଲେ ।

ଯୁବରାଜ ଚନ୍ଦ୍ରକମଳଙ୍କର ବିବାହ ସମ୍ପନ୍ନ ହେଲା, କିନ୍ତୁ ମୃତ୍ୟୁ ପୂର୍ବରୁ ମଧୂଳିକା ସତ୍ୟହିଁ ପ୍ରକାଶ କରିଥିଲା । ମଧୂଳିକା ବ୍ୟତୀତ ଅନ୍ୟ କୌଣସି ସ୍ତ୍ରୀ ପାଇଁ ଚନ୍ଦ୍ରକମଳ ନପୁଂସକ ହୋଇ ସାରିଥିଲା । ବିବାହିତା ହୋଇବି ନିଜର ସମସ୍ତ ବ୍ୟଥା ସହି ଚନ୍ଦ୍ରକମଳଙ୍କର ପତ୍ନୀ ବୈଧବ୍ୟର ଭାର ବହନକରି ବଞ୍ଚି ରହିଥିଲା ।

Digitized by PPRACHIN, SOA

ଚକ୍ରକମଳର ବିବାହ ମଧ୍ୟର ଏକ ପ୍ରମୁଖ ଶକ୍ତିଶାଳୀ ସାମନ୍ତ ବିରୁଦେଶ୍ୱରର କନ୍ୟା ସହିତ ହୋଇଥିଲା—ତା'ର ନାମ ଥିଲା ପୂର୍ଣ୍ଣିମା । ପୂର୍ଣ୍ଣିମା ଥିଲା ଅକପଟ, ସରଳ ପ୍ରକୃତିର ଯୁବତୀ । ଯଦିଓ ପିତା ମାତାଙ୍କର ସମସ୍ତ ଆଦର ସ୍ନେହ ତାକୁ ପ୍ରାପ୍ତ ହୋଇଥିଲା ତଥାପି ସେ ଥିଲା ଏକପ୍ରକାର ବ୍ୟକ୍ତିତ୍ୱ ବିହୀନ ଏବଂ ଏହି ବ୍ୟକ୍ତିତ୍ୱହୀନ ପୂର୍ଣ୍ଣିମା କୌଣସି ପ୍ରକାରେ ନିଜର ଦିନ ଅତିବାହିତ କରୁଥିଲା । ସତ କହିବାକୁ ଗଲେ ଏହି ଦୁନିଆଁ ବିଚିତ୍ର ପ୍ରକାର ବିବଶତା ସହିତ ଜଡ଼ିତ ।

ବିଥିକା ଦ୍ୱାରା ଚାଣକ୍ୟଙ୍କୁ ମଗଧ ରାଜଭବନର ପ୍ରତ୍ୟେକ ଗତିବିଧିର ସମ୍ବାଦ ପ୍ରାପ୍ତ ହେଉଥିଲା । ରାଜଭବନରେ କେହି କେବେ ବିଥିକା କିମ୍ବା ତାର ଭୂମିକା ଉପରେ ଧ୍ୟାନହିଁ ଦେଇ ନଥିଲେ । ମଧୂଳିକା ଲୁପ୍ତ ହେବା ମାତ୍ରକେ ବିଥିକା ବି ରାଜଭବନରୁ ଲୁପ୍ତ ହୋଇଗଲା । ରାଜଭବନର ଗତିବିଧିରେ ସ୍ୱୟଂ ବିଥିକାର ଆଉ କୌଣସି ରୁଚି ନଥିଲା । ସିଏ ଯାହା କିଛି ବି କରୁଥିଲା, ଚାଣକ୍ୟର ଦାସୀ ରୂପରେ, ଚାଣକ୍ୟର ଇଙ୍ଗିତରେ ।

ପାଟଳିପୁତ୍ର ନଗରୀର ସଘନ ଜନବସ୍ତିର ଏକ ପରିତ୍ୟକ୍ତ ଗୃହରେ ଚାଣକ୍ୟ ନିଜର ନିବାସ ସ୍ଥଳ ନିର୍ମାଣ କଲେ । ଏହି ଗୃହକୁ ଗୃହ-ସ୍ୱାମୀର ମୃତ୍ୟୁପରେ ତାର ନିଃସନ୍ତାନ ବିଧବା ପରିତ୍ୟାଗ କରି ଦେଇଥିଲା ଏବଂ ସେ ପାଟଳିପୁତ୍ର ପରିତ୍ୟାଗ କରି ଆପଣାର ପିତ୍ରାଳୟକୁ ଚାଲି ଯାଇଥିଲା । ଚାଣକ୍ୟ ସେହି ଗୃହର ମରାମତି କରି ତାକୁ ବାସପୋଯୋଗି କରି ନେଇଥିଲେ । ସେହି ଗୃହକୁ ପ୍ରବେଶ କରିବା ମାତ୍ରକେ ଚାଣକ୍ୟ ଛଦ୍ମବେଶ ଓ ଛଦ୍ମନାମ ଓହ୍ଲାଇ ଫିଙ୍ଗିଦେଲେ । ନଗରୀର ଏହି ସାଧାରଣ ଅଂଶରେ ଲୋକେ ନା ଚାଣକ୍ୟଙ୍କ ନାମ ଅଥବା ଚାଣକ୍ୟଙ୍କ ଜ୍ଞାନ ସହିତ ପରିଚିତଥିଲେ ।

ଆଉ ମହାମନ୍ତ୍ରୀ ରାକ୍ଷସ ଅତ୍ୟନ୍ତ କ୍ଳାନ୍ତ, ନିଜ ଭିତରେ ପ୍ରାୟ ଭାଙ୍ଗିପଡ଼ି ମୌନ ଏବଂ ବିବଶ ଜୀବନଯାପନ କରୁଥିଲା ।

Digitized by PPRACHIN, SOA

ଆପଣାର କ୍ଷୁଦ୍ର ସେନାବାହିନୀ ସହିତ ଚନ୍ଦ୍ରଗୁପ୍ତ ଗିରିମଧ୍ୟକର ସହାୟତାରେ ମଗଧର ଦକ୍ଷିଣ ଅଞ୍ଚଳକୁ ଆସି ଅପେକ୍ଷା କରି ରହିଥିଲେ । ସେଠାରୁ ସେ ପାଟଳିପୁତ୍ରରେ ପ୍ରବେଶ କରି ନିଜକୁ ସ୍ଥାପିତ କରିବାରେ ଥିଲେ ଅତ୍ୟନ୍ତ ଆତୁର, କିନ୍ତୁ ଭାଙ୍ଗି ପଡ଼ିଥିବା ବୃଦ୍ଧ ମହାମନ୍ତ୍ରୀ ବର୍ତ୍ତମାନବି ଏତେ ସଚେତନ ଓ ସଜାଗ ଥିଲେ ଯେ ସମ୍ରାଟ ମହାପଦ୍ମ ନନ୍ଦ ଉପରେ କୌଣସି ରକମର ବିପତ୍ତି ପଡ଼ିବାର ସମ୍ଭାବନା ନଥିଲା । ଏପରିକି ଚାଣକ୍ୟ ଜାଣିଥିଲେ ଯେ ଚନ୍ଦ୍ରଗୁପ୍ତ ପାଟଳିପୁତ୍ରରେ ପହଞ୍ଚିବା ପରେ ମହାପଦ୍ମ ନନ୍ଦ ସ୍ୱୟଂ ତାର ସ୍ୱାଗତ କରି ସାମ୍ରାଜ୍ୟର ଉତ୍ତରାଧିକାର ତାକୁ ସମର୍ପଣ କରି-ଦେବ କିନ୍ତୁ ଏହା ଚାଣକ୍ୟଙ୍କ ହିତରେ ନଥିଲା । ସେହି କ୍ରୋଧି ଓ ହଠୀ ବ୍ରାହ୍ମଣ ଆପଣାର ଉନ୍ମୁକ୍ତ ଶିଖାକୁ ହାତରେ ନେଇ ନନ୍ଦବଂଶକୁ ସମୂଳେ ବିନଷ୍ଟ କରିବା ସଙ୍କଳ୍ପରେ ଅଡ଼ି ରହିଥିଲେ । ଏ ପ୍ରତିଜ୍ଞାରେ ସେଥିଲେ ଦୃଢ଼ ଓ ଅଲଙ୍ଘନୀୟ । ମଗଧ ରାଜକୂଳରେ ପ୍ରତିଦ୍ୱନ୍ଦ୍ୱିତା ବର୍ତ୍ତମାନ ଶ୍ୱେତକମଳ ଓ ନୀଳକମଳ ମଧ୍ୟରେ ଲାଗି ଯାଇଥିଲା । ଉଭୟ ରାଜକୁମାର ଏତେବେଳ ପର୍ଯ୍ୟନ୍ତ ନିଜ ନିଜର ପାରିବାରିକ ଜୀବନରେ ଅନ୍ତଃଶ୍ୱାସୀ ହୋଇ ପଡ଼ିଥିଲେ ଏବଂ ମଗଧସମ୍ରାଟ ହେବାର ଅଭିଳାଷର ଅଙ୍କୁରୋଦ୍‌ଗମ ଦୁହିଙ୍କ ହୃଦୟରେ ହୋଇ ସାରିଥିଲା । ଉଭୟେ ବର୍ତ୍ତମାନ ତଥାକଥିତ ହିତୈଷୀ-ମାନଙ୍କ ପ୍ରେରଣାରେ ଉନ୍ମୁକ୍ତ ଗୃହ ଯୁଦ୍ଧର ପ୍ରଣେତା ହୋଇ ପଡ଼ିଥିଲେ । ମହାମନ୍ତ୍ରୀ ରାକ୍ଷସ ଏହି ଉଭୟ ରାଜକୁମାରଙ୍କ ସହ ସାକ୍ଷାତ କରି ସେମାନଙ୍କୁ ବୁଝାବୁଝି କରି ମହାପଦ୍ମ ନନ୍ଦର ଜୀବନକାଳରେ ଏହି ଗୃହଯୁଦ୍ଧକୁ ସ୍ଥଗିତ ରଖିବାର ପ୍ରଯତ୍ନ କଲା କିନ୍ତୁ ଅସଫଳତା ହିଁ ଥିଲା ତାର ନିୟତି ।

ମହାମନ୍ତ୍ରୀ ରାକ୍ଷସ ଯେତେବେଳେ ଏଥି ଉଭୟ ରାଜକୁମାରଙ୍କ ସହ କଥାବାର୍ତ୍ତା ସାରି ଉଠିଲା ସେତେବେଳେ ରାତିର ଅର୍ଦ୍ଧାଧିକ ବିତି ସାରିଥିଲା । ସେ ନିଜ ଶଯ୍ୟାରେ ଲେଟି ପଡ଼ିବା ମାତ୍ରକେ ଶରୀରରେ କମ୍ପନ ଅନୁଭବ କଲା ଏବଂ ତାର ମନେ ହେଲା ଯେ ସେ ପ୍ରବଳ ଜ୍ୱରରେ ଆକ୍ରାନ୍ତ । ଏହି ଜ୍ୱରର ପ୍ରକୋପରେ ସଂଜ୍ଞାହୀନ ହୋଇଯିବାରୁ କୌଣସି ବୈଦ୍ୟଙ୍କୁ ଡ଼ାକି ପାରିଲା ନାହିଁ । ରାତ୍ରୀ ଅତ୍ୟନ୍ତ ଅସ୍ୱସ୍ତି ଭିତରେ ବିତିଗଲା । ପ୍ରାତଃକାଳରେ ରାଜବୈଦ୍ୟଙ୍କୁ ଡ଼ାକି ତାର ଉପଚାରର ବ୍ୟବସ୍ଥା କରାଗଲା ।

Digitized by PPRACHIN, SOA

ରାକ୍ଷସର ଅସୁସ୍ଥତାର ସମ୍ବାଦ ତତ୍‌କ୍ଷଣାତ ଚାଣକ୍ୟଙ୍କୁ ପ୍ରାପ୍ତହେଲା ।

ବର୍ତ୍ତମାନ ଅନୁକୂଳ ସମୟ ଆସି ଯାଇଥିଲା । ରାକ୍ଷସର ଅସୁସ୍ଥତାର ସମ୍ବାଦ ପାଇବା ମାତ୍ରକେ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ଆଦେଶ ପ୍ରେରଣ କଲେ ଯେ ସେ କାଳବିଳମ୍ବ ନକରି ମଗଧ ଉପରେ ଆକ୍ରମଣ କରି ପାଟଳିପୁତ୍ର ଅଧିକାର କରିନେଉ ।

ସେ ଦିନଥିଲା ବସନ୍ତ—ପଞ୍ଚମିର ପାବନ ପର୍ବ, ଋତୁ ଥିଲା ଅତ୍ୟନ୍ତ ମନୋରମ ଓ ଉଲ୍ଲାସମୟ । ସ୍ଥାନେ ସ୍ଥାନେ ଉତ୍ସବର ଆୟୋଜନ କରା-ଯାଇଥିଲା । ପୀତବସ୍ତ୍ର ପରିଧାନ କରି ସ୍ତ୍ରୀ ଓ ବାଳକଗଣ ଗୃହରୁ ବାହାରିପଡ଼ିଥିଲେ ଏବଂ ଠିକ୍ ସେହି ମୁହୂର୍ତ୍ତରେ ଦୂରରୁ ଭାସି ଆସୁଥିବା ଏବଂ ପ୍ରତିଫଳ ବୃଦ୍ଧି ଲାଭ କରୁଥିବା କୋଳାହଳ ସେମାନଙ୍କର ଶ୍ରୁତିଗୋଚର ହେଲା । ଆତଙ୍କରେ ଚତୁର୍ଦ୍ଦିଗରୁ ପଳାୟନ କରୁଥିବା ଜନତାଙ୍କୁ ସେମାନେ ଦେଖି-ବାକୁ ପାଇଲେ ଏହି ଶବ୍ଦ ଭାସି ଆସୁଥିଲା ଯେ ପାଟଳିପୁତ୍ର ଉପରେ ଆକ୍ରମଣ ହୋଇଯାଇଛି, ନଗରରେ ଯୁଦ୍ଧ ଚାଲିଛି ଏବଂ ନିମିଷକରେ ସେହି ଉତ୍ସବଭୂମି ଯୁଦ୍ଧଭୂମିରେ ପରିଣତ ହୋଇଗଲା ।

ପାଟଳିପୁତ୍ର ଉପରେ ଆକ୍ରମଣର ଅଧିନାୟକ ଚନ୍ଦ୍ରଗୁପ୍ତ ନଥିଲା । ସେହି ଯୁଦ୍ଧର ଅଧିନାୟକ ଥିଲେ ଯୁଦ୍ଧବିଦ୍ୟାର ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ଚାଣକ୍ୟ । ଏହି ଚାଣକ୍ୟ ଯେମିତି ପ୍ରତିହିଂସାରେ ପାଗଳ ଆଉ ଏକ ଚାଣକ୍ୟ । ସେହି ରୁଦ୍ର ରୂପକୁ ଦେଖି ସ୍ୱୟଂ ଚନ୍ଦ୍ରଗୁପ୍ତ ଭୟଭୀତ ହୋଇ ପଡ଼ିଲା । ଚନ୍ଦ୍ରଗୁପ୍ତ ଆଜୀବନ ଚାଣକ୍ୟଙ୍କ ଶିଷ୍ୟ ଓ ଅନୁଗାମୀ ହୋଇ ରହିଥିଲା ତାଙ୍କର ଦାସ ସ୍ୱରୂପ-ଶାରୀରିକ ରୂପରେ ନୁହେଁ ମାନସିକ ରୂପରେ ।

ପୀଡ଼ିତ ଶଯ୍ୟାଶାୟୀ ରାକ୍ଷସ ନିଜ ଶୟନ କକ୍ଷରୁହିଁ ଏହି ଯୁଦ୍ଧର ପରିଚାଳନା କରୁଥିଲା ।

ଚାଣକ୍ୟଙ୍କ ଗଣନା ଓ ଅନୁମାନ ଅନୁସାରେହିଁ ଚନ୍ଦ୍ରଗୁପ୍ତର କ୍ଷୁଦ୍ର ସେନାବାହିନୀ ବର୍ତ୍ତମାନ ବୃହତ ଆକାର ଧାରଣ କରି ସାରିଥିଲା । ମଗଧ ରାଜକୁମାରଙ୍କ ଅନ୍ତର୍କଳହ ଓ ଆନ୍ତରିକ ସଙ୍ଘର୍ଷରେ ଶ୍ୱାସରୁଦ୍ଧ ମଗଧର

Digitized by PPRACHIN, SOA

ସୈନିକଗଣ ବି ଜଣକପରେ ଜଣେ ଚନ୍ଦ୍ରଗୁପ୍ତର ସେନାରେ ସମ୍ମିଳିତ ହେଉଥିଲେ ଏବଂ ମଗଧର ରାଜକୀୟ ସେନା ଅସ୍ଥିର ହୋଇ ପଡ଼ୁଥିଲା ।

ଯୁଦ୍ଧର ସମାଚାର ମହାପଦ୍ମ ନନ୍ଦଙ୍କୁ ବି ପ୍ରାପ୍ତ ହେଉଥିଲା । କିନ୍ତୁ ତାର ଅନ୍ତରରେ ଏହି ଯୁଦ୍ଧ ପ୍ରତି ଥିଲା ଏକ ପ୍ରକାରର ଗମ୍ଭୀର ଉଦାସୀନତା ମଗଧର ବାସ୍ତବ ଉତ୍ତରାଧିକାରୀ ନୁହଁ ଥିଲା ଚନ୍ଦ୍ରଗୁପ୍ତ ଓ ଚନ୍ଦ୍ରଗୁପ୍ତ ପ୍ରତି ସଦା ସର୍ବଦା ତା ମନରେ ଭରି ରହିଥିଲା ଅଦ୍ଭୁତ ମମତା ।

ମହାପଦ୍ମ ନନ୍ଦର ରାଜକୁମାରଗଣଙ୍କ ସଂଯୁକ୍ତ ପରାମର୍ଶଦାତା ଶକଟାର ମର୍ମାହତ ଓ ଶ୍ରାହତ ସଦୃଶ ଏ ସମସ୍ତ ନିରୀକ୍ଷଣ କରୁଥିଲା । ସେ ଜାଣିଥିଲା ଯେ ଚନ୍ଦ୍ରଗୁପ୍ତର ବିଜୟର ଦୁଃଖପରିଣାମ ମହାପଦ୍ମ ନନ୍ଦର ଅବଶିଷ୍ଟ ଆଠ ରାଜକୁମାରଙ୍କୁ ଭୋଗିବାକୁ ପଡ଼ିବ । ସାମାନ୍ୟ ଅନିଶ୍ଚିତ ଓ ଶଙ୍କିତ ଅବସ୍ଥାରେ ସେ ମହାପଦ୍ମନନ୍ଦ ସହିତ ସାକ୍ଷାତ କରିବାକୁ ସ୍ୱୟଂ ପହଞ୍ଚିଲା । ମହାପଦ୍ମ ନନ୍ଦ ସହିତ ଶକଟାରର ସାକ୍ଷାତ ଏତଦ୍ ପୂର୍ବରୁ କେବେ ଘଟିନଥିଲା, କିନ୍ତୁ ମହାପଦ୍ମ ନନ୍ଦକୁ ଏହା ଜଣାଥିଲା ଯେ ତାର ରାଜକୁମାରମାନେ ଶକଟାରକୁ ସଂଯୁକ୍ତ ରୂପରେ ଆପଣା ପରାମର୍ଶଦାତା ରୂପେ ନିଯୁକ୍ତ କରିଛନ୍ତି । ସେ ଶକଟାରକୁ ନିଜ ସମ୍ମୁଖରେ ଉପସ୍ଥିତ ହେବାପାଇଁ ଆଦେଶ ପ୍ରଦାନ କଲା । ଆପଣା ସମ୍ମୁଖକୁ ଶକଟାର ଆସିବା ମାତ୍ରକେ ମହାପଦ୍ମ ନନ୍ଦ ପ୍ରଶ୍ନକଲା, "ଏମିତି କେଉଁ ବିଶେଷ କାରଣ ରହିଛି ଯାହା ସକାଶେ ତୁମକୁ ମୋପାଖକୁ ଆସିବାକୁପଡ଼ିଲା, ଏହାପୂର୍ବରୁ ତ ତମେ ମୋ ପାଖକୁ କେବେ ଆସିନାହଁ ?"

ହାତଯୋଡ଼ି ଶକଟାର କହିଲା, "ଚନ୍ଦ୍ରଗୁପ୍ତ ପାଟଳିପୁତ୍ର ସୀମାରେ ପ୍ରବେଶକରି ସାରିଛି ଏବଂ ତାର ସେନା ସହିତ ମଗଧ ସେନାର ଯୁଦ୍ଧ ହେଉଛି । ମଗଧର ଅଧିକାଂଶ ସୈନ୍ୟ ଏଠାକାର ଗୃହଯୁଦ୍ଧ କାରଣରୁ ମଗଧ ସେନା ବାହିନୀ ତ୍ୟାଗକରି ଚନ୍ଦ୍ରଗୁପ୍ତର ସେନା-ବାହିନୀରେ ପ୍ରବିଷ୍ଟ କରୁଛନ୍ତି ।"

ମହାପଦ୍ମନନ୍ଦ କହିଲା, "ଏ ସମ୍ବାଦ ମୋତେବି ମିଳିସାରିଛି କିନ୍ତୁ ବ୍ୟକ୍ତିଗତ ରୂପରେ ଏ ସମ୍ବାଦର କୌଣସି ପ୍ରଭାବ ମୋ ଉପରେ ପଡ଼ିନାହିଁ ।

Digitized by PPRACHIN, SOA

ମଗଧର ବାସ୍ତବିକ ଉତ୍ତରାଧିକାରୀ ତ ଚନ୍ଦ୍ରଗୁପ୍ତହିଁ ଅଟେ, ତାର ବିଜୟରେ ମୁଁ ସନ୍ତୋଷଲାଭହିଁ କରିବି ।" ଭିତରେ ଶକଟାର ଏକ ନିରାଶା ଅନୁଭବ କଲା । ତନ ପାଣ୍ଡୁର ସେ ସାହସ ସଞ୍ଚୟ କରି କହିଲା, "କଣ ମହାରାଜଙ୍କୁ ଏହି ସତ୍ୟର ଜ୍ଞାନ ରହିଛି ଯେ ଆପଣଙ୍କର ଏହି ରାଜକୁମାରଗଣ ମିଳିତ ଭାବରେ ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବାପାଇଁ ଅନେକ ପ୍ରଯନ୍ନ କରିଛନ୍ତି !"

ଏଥର ମହାପଦ୍ମନନ୍ଦର ଚମକି ପଡ଼ିବାର ପାଳି—"ଏସବୁ କଣ ଘଟିସାରିଛି ? ଆଶ୍ଚର୍ଯ୍ୟର କଥା ଯେ ମୋତେ ଏହାର ସୂଚନା ପର୍ଯ୍ୟନ୍ତ କେବେ ମିଳିନାହିଁ । ମୁଁ ଜାଣିବାକୁ ଚାହେଁ କେଉଁ ଆଧାର ଉପରେ ଭିତ୍ତି-କରି ତୁମେ ମୋ ପୁତ୍ରମାନଙ୍କ ଉପରେ ଏହି ଆରୋପ ଲଗାଉଛ ।"

"ନିଜ ଷଡ଼ଯନ୍ତ୍ରରେ ସେମାନେ ମୋତେ ବି ନିଜ ପରାମର୍ଶଦାତା ରୂପରେ ସମ୍ମିଳିତ କରି ନେଇଥିଲେ । ମୁଁ ଶପଥ କରି କହୁଛି ତାଙ୍କ ପ୍ରଯନ୍ନରେ ମୁଁ କେବେ ସହାୟକ ହୋଇନାହିଁ ବରଂ ସମୟ ସମୟରେ ମୁଁ ସେମାନଙ୍କୁ ନିରୁତ୍ସାହିତହିଁ କରିଛି । କୁମାର ଚନ୍ଦ୍ରଗୁପ୍ତଙ୍କୁ ଏସବୁ କଥାର ଜ୍ଞାନ ରହିଛି—ସେ ଏହି କୁମାରମାନଙ୍କ ଉପରେ ପ୍ରତିଶୋଧ ନେବ—ଏହା ମୋର ଅଭ୍ରାନ୍ତ ଅନୁମାନ ।

ମହାପଦ୍ମନନ୍ଦ କିଛି ସମୟ ପର୍ଯ୍ୟନ୍ତ ଧ୍ୟାନମଗ୍ନ ହୋଇପଡ଼ିଲା ପୁଣି ତା ଓଠରେ ଫୁଟି ଉଠିଲା ଏକ ସ୍ମିତହାସର ରେଖା-"ଆଜି ମୋର ଅନୁମାନ ଯେ ଚନ୍ଦ୍ରଗୁପ୍ତ ଆପଣା ଅନୁଜମାନଙ୍କୁ ଏହି ମୀଠତା ପାଇଁ କ୍ଷମା କରିଦେବ କାରଣ ସେ ଅତିଶୟ ଉଦାର ଓ ସହୃଦୟ । ତା ସମ୍ବନ୍ଧରେ ମୁଁ ଆଶ୍ୱସ୍ତ ।"

ଏଥର ବି ସେ ପରାସ୍ତ ହୋଇଗଲା । ଶକଟାର ବର୍ତ୍ତମାନ ନିଜର ଅନ୍ତିମ ଏବଂ ଅବ୍ୟର୍ଥ ଶର ନିକ୍ଷେପ କଲା, "ମହାରାଜାଙ୍କୁ ସମ୍ଭବତଃ ଏହି ବିଷୟର ଜ୍ଞାନ ନାହିଁ ଯେ କୁମାର ଚନ୍ଦ୍ରଗୁପ୍ତ ଅନ୍ୟ ଏକ ବ୍ୟକ୍ତି ଦ୍ୱାରା ସଂଚାଳିତ ଶକ୍ତିରୂପେ ଯୁଦ୍ଧ କରୁଛନ୍ତି ଏବଂ ସେହି ବିଖ୍ୟାତ ବ୍ୟକ୍ତିଟି ହେଉଛନ୍ତି ଚାଣକ୍ୟ । ନିଜର ଉନ୍ମୁକ୍ତ ଶିଖା, ଆପଣାର ରକ୍ତବର୍ଣ୍ଣ ଚକ୍ଷୁ ନେଇ ଆଚାର୍ଯ୍ୟ ବିଷ୍ଣୁଗୁପ୍ତ ଚାଣକ୍ୟ ଏହି ଯୁଦ୍ଧର ସଞ୍ଚାଳନ ସ୍ୱୟଂ ନିଜ

Digitized by PPRACHIN, SOA

ହାତରେ ନେଇଛନ୍ତି । ଆଚାର୍ଯ୍ୟ ବିଷ୍ଣୁଗୁପ୍ତଙ୍କୁ ଆପଣଙ୍କ ବିଶାଳ ରାଜସଭାରେ ଆପଣଙ୍କ ଦ୍ୱାରାହିଁ ଅପମାନିତ କରାଯାଇଥିଲା । କୁହାଯାଇଥିଲା ଯେ ତାର କେଶାକର୍ଷଣ କରି ତାକୁ ରାଜସଭାରୁ ନିଷ୍କାସିତ କରି ଦିଆଯାଉ, ଆଉ ସେ ସ୍ୱୟଂ ଆପଣାର ଶିଖା ଉନ୍ମୁକ୍ତ କରି ଏହି ପ୍ରତିଜ୍ଞା କରିଥିଲେ ଯେ ଯେତେଦିନ ପର୍ଯ୍ୟନ୍ତ ଆପଣଙ୍କ ବଂଶକୁ ସମ୍ପୂର୍ଣ୍ଣ ଧ୍ୱଂସ ନକରିଛନ୍ତି ସେହି ଶିଖା ବନ୍ଧନ ହେବନାହିଁ । ତେଣୁ ଆପଣଙ୍କ ବଂଶକୁ ନିର୍ମୂଳ କରିବାପାଇଁ ତକ୍ଷଶିଳାର ସେହି ସୁବିବିଦ୍ୟାର ଆଚାର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କୁ ସମ୍ମୁଖରେ ରଖି ସ୍ୱୟଂ ଆପଣଙ୍କ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି ।”

ସହସା ମହାପଦ୍ମନନ୍ଦର ସ୍ମୃତି ସଜାଗ ହୋଇଉଠିଲା । ସେହି କ୍ରୋଧି ଓ ହଠୀ ବ୍ରାହ୍ମଣ ଆପଣାର ଅହଂମନ୍ୟତାର ଭାବନା ନେଇ ତାର ଏତେ ନିକଟକୁ ପହଞ୍ଚି ସାରିଛି ଏବଂ ସ୍ୱୟଂ ତାର ଶକ୍ତି କ୍ଷୀଣ ହୋଇସାରିଛି । ନିମିଷକରେ ସେ ଦଣ୍ଡାୟମାନ ହୋଇପଡ଼ିଲା । ଶକଟାରକୁ କହିଲା, ‘‘ତୁମେ ସେତେବେଳେ ମୋତେ ସଚେତ କରିଛ ଯେତେବେଳେ ବହୁ ବିଳମ୍ବ ହୋଇସାରିଛି । ତଥାପି ତୁମେ ମୋତେ ସଚେତନ କରିଛ— ତୁମପ୍ରତି ମୁଁ କୃତଜ୍ଞ । କିନ୍ତୁ ଏହା ସଫଳ ହୋଇ ପାରିବନାହିଁ, ମହାପଦ୍ମନନ୍ଦ ସ୍ୱୟଂ ଏହାର ସମ୍ମୁଖୀନ ହେବ । ବର୍ତ୍ତମାନ ତୁମେ ଯାଇପାର ।”

ପାଟଳିପୁତ୍ରରେ ତଡ଼ିତ ଗତିରେ ଏହି ସମ୍ବାଦ ପ୍ରସାରିତ ହୋଇଗଲା ଯେ ଆପଣା ରାଜଭବନରୁ ବାହାରି ସମ୍ରାଟ ମହାପଦ୍ମ ନନ୍ଦ ଚନ୍ଦ୍ରଗୁପ୍ତ ବିରୁଦ୍ଧରେ ଯୁଦ୍ଧ ସଞ୍ଚାଳନର ଭାର ସ୍ୱୟଂ ନିଜ ହାତରେ ନେଇଛନ୍ତି । ମଗଧ ସେନାର ଯେମିତି **ନବୀନ** ପ୍ରାଣସଞ୍ଚାର ହୋଇଗଲା । ବିକ୍ଷିପ୍ତ ହୋଇ ପଡ଼ିଥିବା ସେନା ପୁଣି ଏକତ୍ରିତ ହେବାକୁ ଲାଗିଲେ ଏବଂ ଚନ୍ଦ୍ରଗୁପ୍ତର ସେନା ଦ୍ରୁତଗତିରେ ହ୍ରାସ ପାଇବାକୁ ଲାଗିଲା । ମହାପଦ୍ମନନ୍ଦ ସ୍ୱୟଂ ଯୁଦ୍ଧ ଭାର ହାତକୁ ନେବା ଫଳରେ ଚନ୍ଦ୍ରଗୁପ୍ତ ଦ୍ୱିଧାରେ ପଡ଼ିଗଲା ଏବଂ ଏହି ସ୍ଥିତି ନନ୍ଦ ପକ୍ଷରେ ଆହୁରି ଅନୁକୂଳ ହୋଇପଡ଼ିଲା ।

ବର୍ତ୍ତମାନ ଏହି ଯୁଦ୍ଧ ସ୍ପଷ୍ଟ ରୂପରେ ମହାପଦ୍ମନନ୍ଦ ଓ ଚାଣକ୍ୟଙ୍କ ମଧ୍ୟରେ ସଙ୍ଗଠିତ ହୋଇଗଲା । ଦ୍ୱିଧା ବିଭକ୍ତ ଚନ୍ଦ୍ରଗୁପ୍ତଙ୍କୁ ଚାଣକ୍ୟ ପଶ୍ଚାତ୍ ଭାଗକୁ ଅପସାରଣ କରିଦେଲେ ।

Digitized by PPRACHIN, SOA

ମହାପଦ୍ମ ନନ୍ଦ ସ୍ୱୟଂ ଆଗେଇ ଆସିବା ଫଳରେ ସ୍ଥିତି ଗମ୍ଭୀର ହୋଇ ପଡ଼ିଥିବା କଥା ଅନୁଭବ କଲେ ଚାଣକ୍ୟ । ଆପଣାରୁ ସମସ୍ତ ଶକ୍ତିକୁ ଏକତ୍ରିତ କରିବି ସିଏ କଣ ମଗଧ-ସମ୍ରାଟଙ୍କୁ ପରାସ୍ତ କରିପାରିବେ ! ବର୍ତ୍ତମାନ ଏହା ଉପରେ ତାଙ୍କ ଶଙ୍କା ଜାତ ହେବାକୁ ଲାଗିଲା । ଅତି କ୍ଷିପ୍ରତା ସହକାରେ ଏହି ଯୁଦ୍ଧର ପ୍ରତ୍ୟେକ ଦିଗ ଉପରେ ସେ ଚିନ୍ତା କରୁଥିଲେ ଏବଂ ଠିକ୍ ସେତିକବେଳେ ବାରମ୍ବାରେ ଘୁରଣି ପକେଇ ଅପେକ୍ଷା କରି ରହିଥିବା ଗିରିମଧ୍ୱଜ କଥା ତାଙ୍କର ସ୍ମରଣ ହେଲା ।

କାଶ୍ମୀରରୁ ଆଗତ ସ୍ୱର୍ଣ୍ଣର ଏକ ବୃହତ ଭଣ୍ଡାର ସେ ଗିରିମଧ୍ୱଜ ନିକଟରେ ଗଚ୍ଛିତ କରି ରଖିଥିଲେ । ଚାଣକ୍ୟଙ୍କ ଭିତରେ ଯେମିତି ଏକ ନୂତନ ବ୍ୟକ୍ତିତ୍ୱ ଜାଗ୍ରତ ହୋଇ ପଡ଼ିଲା, ତାଙ୍କର ମନେ ହେଲା ମଣିଷର ଜ୍ଞାତ ବା ଅଜ୍ଞାତସାରରେ ତାର ଜୀବନରେ ଅର୍ଥର ଏକ ବାହୁତ ବଡ଼ ସ୍ଥାନ ରହିଛି । ଅର୍ଥ ଶବ୍ଦ ସ୍ୱୟଂହି ଧନର ହି ଦ୍ୟୋତକ ଅଟେ ।

ନୀତି ଶାସ୍ତ୍ରର ପ୍ରଣେତା ଚାଣକ୍ୟଙ୍କ ସମ୍ମୁଖରେ ଯେମିତି ହଠାତ୍ ଅର୍ଥର ମହତ୍ତ୍ୱ ପ୍ରତୀତ ହେବାକୁ ଲାଗିଲା । ଜୀବନରେ ଅର୍ଥର ମହତ୍ତ୍ୱ ଧର୍ମର ସମକକ୍ଷ ସ୍ଥାନହିଁ ଲାଭ କରିଛି । ମଣିଷର ସ୍ୱାଭାବିକ ଓ ଅପରାଜିତ ବୃତ୍ତିମାନଙ୍କ ମଧ୍ୟରେ କାମ, କ୍ରୋଧ, ଲୋଭ, ମୋହ ପ୍ରମୁଖ ଅଟେ ଏବଂ ଅର୍ଥ ସହିତ ଲୋଭର ଅବିଚ୍ଛେଦ୍ୟ ଓ ଉତ୍ତମ ସମ୍ପର୍କ ବିଦ୍ୟମାନ । ଅର୍ଥ ସମ୍ପନ୍ନତାର ଦ୍ୟୋତକ ଅଟେ, ସମ୍ପନ୍ନତା ମଣିଷର ଜୀବନରେ ତାର ପ୍ରବଞ୍ଚନା ଏକ ବିପଥ ଗମନକୁ ବନ୍ଦ କରିବାର ଏକମାତ୍ର ସାଧନ ଅଟେ । ମଣିଷ ନିକଟରେ ଆଜୀବିକା ଥିବା ପର୍ଯ୍ୟନ୍ତ ଜୀବନ ସମ୍ଭବ ଏବଂ ଏହି ଆଜୀବିକା ବର୍ତ୍ତମାନର ବିକଶିତ ସମାଜରେ ଅର୍ଥ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଧର୍ମ, ଅର୍ଥ, କାମ ମୋକ୍ଷ—ପ୍ରାଚୀନକାଳର ଜୀବନର ଏହି କଷଟୀ ଯେତେ ବିରଳ ଦୃଶ୍ୟ ହେଲେ ବି ବନ୍ଧନହୀନ ଓ ମୁକ୍ତ ଜୀବନର ମୂଳ ସତ୍ୟଅଟେ । ଜୀବନରେ ଧର୍ମ ଅଟେ କର୍ତ୍ତବ୍ୟନିଷ୍ଠାର ଦ୍ୟୋତକ । କାମ ମାନବ ସମାଜରେ ପ୍ରଜନନର ଦ୍ୟୋତକ, ଅର୍ଥ ଆଜୀବିକାର ଏବଂ ମୋକ୍ଷ ସ୍ଥିତିର ଦ୍ୟୋତକ, ଯେଉଁଠି ଜୀବନରେ ରହିଛି ସନ୍ତୁଷ୍ଟି—ଶାନ୍ତି ଓ ସ୍ନିଗ୍ଧ ।

Digitized by PPRACHIN, SOA

ମହାପଦ୍ମ ନନ୍ଦର ସୈନ୍ୟ ବାହିନୀର ଶକ୍ତି ଏହି ସ୍ୱର୍ଣ୍ଣ ଲୁଣ୍ଠନ କାରଣରୁ ହ୍ରାସ ହୋଇ ପଡ଼ିଲା । କିନ୍ତୁ ଅତ୍ୟନ୍ତ ପ୍ରଭୁଭକ୍ତ ସୈନିକଙ୍କୁ ତା ସହିତ ରହିଗଲେ ଚାଣକ୍ୟଙ୍କ ସୈନ୍ୟବାହିନୀ ମହାପଦ୍ମନନ୍ଦଙ୍କୁ ତାର ଅବଶିଷ୍ଟ ସୈନ୍ୟ ସହ ଘେରାଉ କରିନେଲେ ।

କ୍ଳାନ୍ତ ଓ ପରାଜିତ ନନ୍ଦ ଚାଣକ୍ୟଙ୍କ ନିକଟରେ ଆତ୍ମସମର୍ପଣ କରିଦେଲା ଏବଂ ତାର ସୈନିକମାନଙ୍କୁ ବନ୍ଦୀ କରି ନିଆହେଲା । ସେତେବେଳେ ଚାଣକ୍ୟ ଅନାୟାସ ଅନୁଭବ କଲେ ଯେ ତାଙ୍କ ଅନ୍ତରର ସୁପ୍ତ ପ୍ରତିହିଂସାର ଭାବନା ଭୟଙ୍କର ସକ୍ରିୟ ହିଂସାର ରୂପ ଧାରଣ କରି ଜାଗ୍ରତ ହୋଇ ଉଠିଛି । ତାଙ୍କର ସ୍ଥିତି ଶିକାର ପ୍ରାପ୍ତି ପରେ କ୍ଷୁଧିତ ସିଂହ ସଦୃଶ ହୋଇ ପଡ଼ିଲା । ଆପଣାର ଉନ୍ମୁକ୍ତ ଶିଖା ବନ୍ଧନ କରିବାର ସମୟ ସମୁପଗତ ଏବଂ ଏହି ଶିଖା ନନ୍ଦବଂଶକୁ ନିର୍ମୂଳ କରିବା ପରେହିଁ ବନ୍ଧା ହେବ ତା ପୂର୍ବରୁ ନୁହେଁ ।

ସମସ୍ତ ପାଟଳିପୁତ୍ର ଯେମିତି ସ୍ତମ୍ଭିତ । ସାଧାରଣ ଜନତାର ନିତ୍ୟନୈମିତ୍ତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଶିଥିଳ ପଡ଼ି ଯାଇଛି । ନଗର ଓ ତାର ଜନତାର ଗତି ଯେମିତି ଦୋଦୁଲ୍ୟମାନ ହୋଇ ପଡ଼ିଛି । ରାଜ୍ୟର ସମସ୍ତ ପ୍ରଶାସକୀୟ ଓ ରାଜକୀୟ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏପରିକି ଚୋରିଆଡ଼େ ଲୁଣ୍ଠନକାରୀ ରୂପରେ ରହିଥିବା ସମାଜ ବିରୋଧି ସକ୍ରିୟ ହୋଇ ପଡ଼ିଛନ୍ତି ।

ନନ୍ଦ ସହିତ ତାର ସେନାକୁ ବନ୍ଦୀକରି ଚାଣକ୍ୟ ମଗଧର ରାଜଭବନ ଉପରେ ନିଜର ଅଧିକାର ସାବ୍ୟସ୍ତ କରିନେଇଥିଲେ । ସବୁ ସ୍ଥାନରେ ଖେଳଣାର ଗୋଟି ସଦୃଶ ଚାଣକ୍ୟ ଚନ୍ଦ୍ରଗୁପ୍ତକୁ ସମ୍ମୁଖରେ ରଖି ସକଳ କାର୍ଯ୍ୟ କରିସାରିଥିଲେ । ମଗଧ ରାଜଭବନ ଉପରେ ନିଜର ଅଧିକାର ପରେ ଚାଣକ୍ୟ ପ୍ରଥମେ ଚନ୍ଦ୍ରଗୁପ୍ତକୁ ସଙ୍ଗରେ ନେଇ ରାଣୀ ମୁରାଙ୍କ କକ୍ଷରେ ଉପସ୍ଥିତ ହେଲେ । ନନ୍ଦ ସହ ଚନ୍ଦ୍ରଗୁପ୍ତର ଯୁଦ୍ଧ ସମାଚାର ରାଣୀ ମୁରା ଦାସ ଦାସୀଙ୍କଠାରୁ ଅତି ଉତ୍ସୁକତା ସହକାରେ ଶୁଣୁଥିଲେ ଏବଂ ଚନ୍ଦ୍ରଗୁପ୍ତର ଆଗମନର ପ୍ରତୀକ୍ଷା କରି ରହିଥିଲେ ।

Digitized by PPRACHIN, SOA

ଚନ୍ଦ୍ରଗୁପ୍ତଙ୍କୁ ଚାଣକ୍ୟସହ ରାଜଭବନରେ ପ୍ରବେଶ କରିବା ସମ୍ବାଦ ପାଇବା ମାତ୍ରକେ ସେ ଆତୁର ହୋଇ ଆପଣା କକ୍ଷରୁ ବାହାରି ଆସିଲେ— ରାଜଭବନର ଅନ୍ୟ ସମସ୍ତ ଅନ୍ତେବାସୀ ନିଜ ନିଜ କକ୍ଷରେ ଦରଜା ବନ୍ଦକରି ବସି ରହିଥିଲେ ।

ରାଜଭବନର ପ୍ରବେଶ ଦ୍ୱାରକୁ ଆସି ମୁରା ଚାଣକ୍ୟଙ୍କ ପାଦତଳେ ଲୋଟିପଡ଼ିଲେ—"ଆପଣ ଆପଣଙ୍କର ପ୍ରତିଜ୍ଞା ପୂର୍ଣ୍ଣ କରିଛନ୍ତି ଦେବ ! ମୁଁ ଆଜି ମୋର ପୁତ୍ରକୁ ମଗଧର ସମ୍ରାଟ ରୂପରେ ଦେଖୁଛି ।" ପୁଣି ଚାଣକ୍ୟଙ୍କ ଚରଣତଳେ ଉଠିପଡ଼ି ସେ ଚନ୍ଦ୍ରଗୁପ୍ତଙ୍କୁ କୋଳାଗତ କରି କହିଲେ, "ଆମ୍ଭମାନଙ୍କ ମସ୍ତକ ଉପରେ ଆପଣଙ୍କ ବରଦହସ୍ତ ସଦାସର୍ବଦା ରହିଥାଉ ଏହା ମୋର ନିବେଦନ ।" ରାଣୀ ମୁରାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଝରି ପଡ଼ୁଥିଲା ।

ନିଷ୍ପୃହ ଓ ତଟସ୍ଥ ଭାବରେ ଚାଣକ୍ୟ କହିଲେ, "ମଗଧ ସାମ୍ରାଜ୍ୟର ରାଜମାତା ! ଆପଣ ନିଜପୁତ୍ରର ସ୍ୱାଗତ ସତ୍କାର କରନ୍ତୁ । ମୋର ଆହୁରି ବହୁକିଛି କରିବାର ଅବଶେଷ ରହିଛି···ବହୁତ କିଛି କରିବାର ରହିଛି ।"

ସେ ସମୟରେ ଚାଣକ୍ୟଙ୍କ ହାତରେ ତାଙ୍କର ଉନ୍ମୁକ୍ତ ଶିଖା ରହିଥିଲା ।

ନନ୍ଦବଂଶକୁ ସମୂଳେ ବିନଷ୍ଟ କରିବା—ଏହାର ଅର୍ଥ ଥିଲା ସମୂହ ହତ୍ୟାକାଣ୍ଡ । ଅବୋଧ ଶିଶୁ ନିରୀହ ସ୍ତ୍ରୀ ନିରପରାଧ ପୁରୁଷ ଏ ସମସ୍ତଙ୍କର ନିଧନ ଏବଂ କ୍ରୋଧର ଭୟାନକ ଆବେଶରେ ଚାଣକ୍ୟ ଏହି ସାମୂହିକ ହତ୍ୟାକାଣ୍ଡର ବ୍ରତନେଇ ସାରିଥିଲେ । ତାଙ୍କ ଜୀବନର ଏକ ଦୀର୍ଘସମୟ ଆପଣା ସଂକଳ୍ପ ପୂର୍ତ୍ତିର ଉପାୟରେ ବିତ ଯାଇଥିଲା । ତାଙ୍କ ସମଗ୍ର ଜୀବନଟି ଏହି ପ୍ରତିଶୋଧର ଭାବନାରେ ଆଧାରିତ ହୋଇ ପଡ଼ିଥିଲା ।

ମାନବ ମଧ୍ୟରେ ଆବେଶ ଏବଂ ଆବେଶରେ ବଶୀଭୂତ ହୋଇ ସାମୂହିକ ହତ୍ୟାକାଣ୍ଡର ପରମ୍ପରା ଅତ୍ୟନ୍ତ ଆଦିକାଳୀନ ଅଟେ । ଆଦିକାଳରେ ଗୋଟାଏ ଦଳ ଆଉ ଗୋଟାଏ ଦଳକୁ ହତ୍ୟାକରି

Digitized by PPRACHIN, SOA

ଦେଉଥିଲେ । ଦୁଇଟି ଗ୍ରାମ ମଧ୍ୟରେ ଶତ୍ରୁତାର ଭାବନାରେ ଗାଁକୁ ଗାଁ ନଷ୍ଟ କରି ଦିଆଯାଉଥିଲା । ଯେଉଁଠି ମଣିଷ ମଧ୍ୟରେ ଦୟା ନାମକ ପ୍ରବଳ ଭାବନା ରହିଛି ସେଠାରେ ତା ଭିତରେ କରୁଣା ନାମକ ଏକ ପ୍ରତିହିଂସାତ୍ମକ ଭାବନାବି ବିଦ୍ୟମାନ । ହିଂସ୍ର ପଶୁମାନଙ୍କ ମଧ୍ୟରେ ଅନ୍ୟ ପଶୁକୁ ହତ୍ୟା କରିବା କ୍ଷୁଧାରେ ପ୍ରେରିତ କିନ୍ତୁ ମଣିଷ ଭିତରେ ଅନ୍ୟ ମଣିଷକୁ ହତ୍ୟା କରିବା ମାତ୍ର ଆତ୍ମତୃପ୍ତିର ପ୍ରେରଣା, କ୍ଷୁଧା ସହିତ ଏହାର କୌଣସି ସମ୍ପର୍କ ନାହିଁ ।

ପ୍ରତିଶୋଧ, ପ୍ରତିହିଂସା ଏକ ଅଜଣା ପାଗଳାମୀର ଅବସ୍ଥା, ଯାହା ଉପରେ ବିଜୟ ପ୍ରାପ୍ତ କରିବା କିମ୍ବା ଯାହାକୁ ବଶୀଭୂତ କରିବା ମଣିଷ ହାତରେ ନାହିଁ । ଏହାଉପରେ ବିଜୟ ଲାଭକରିବା ଅବସ୍ଥା ସିଦ୍ଧିର ଅବସ୍ଥା ଅଟେ, ଯାହାର କଳ୍ପନା କେବଳ ମାତ୍ର ମଣିଷ କରିପାରେ । ଏହି ଅବସ୍ଥା କେବଳମାତ୍ର ଆଦର୍ଶ ଅଟେ ଯାହାକୁ ପାଇବା ଅର୍ଥ ଜୀବନମୁକ୍ତ ହୋଇଯିବା, ଜୀବନରେତ ଏହି ଅବସ୍ଥା ସମ୍ଭବ ନୁହେଁ ।

ନିଜ ସମ୍ମୁଖରେ ସମସ୍ତ ନନ୍ଦବଂଶର ହତ୍ୟା ଚାଣକ୍ୟ ଅବିଚଳିତ ଭାବରେ ସମାହିତ କରିନେଲେ । କେଉଁଠି ବି କୌଣସି ପ୍ରକାର ଦୟା କିମ୍ବା କରୁଣାର ଭାବନା ଜାଗ୍ରତ ହେଲନାହିଁ । ଆଜକାର ଯୁଗରେ ବୌଦ୍ଧିକ ଭାବନାଯୁକ୍ତ ବ୍ୟକ୍ତିପାଇଁ ଏହା କଳ୍ପନାତୀତ କିନ୍ତୁ ଆଜିର ଏହି ବିକଶିତ ସମାଜରେ ବି ଏହି ଭାବନାତ୍ମକ ପାଗଳପଣର ବିଭିନ୍ନ ରୂପ ଦୃଷ୍ଟିରେ ପଡ଼େ ।

ସ୍ତ୍ରୀ ମାନଙ୍କ ରୋଦନ, ଶିଶୁମାନଙ୍କ ଚିତ୍କାର ଏସବୁ ପ୍ରତି କର୍ଣ୍ଣପାତ ନକରି ଚାଣକ୍ୟ ନନ୍ଦବଂଶର ହତ୍ୟାକୁ ସ୍ୱଚକ୍ଷୁରେ ଦେଖିଲା ପରେ ଆପଣାର ଶିଖାକୁ ବନ୍ଧନ କରି ନେଲେ । ତା'ପରେ ଆପଣା କୁଟୀରକୁ ଆସି ସେ ନିଜ ଶଯ୍ୟାରେ ଅଚେତ ହୋଇ ପଡ଼ିଗଲେ । ଶଙ୍କିତ ବାଥିକା ତାଙ୍କ ସେବାରେ ଲାଗିପଡ଼ିଲା । ଏହି ସାମୂହିକ ହତ୍ୟା କାଣ୍ଡ ବାଥିକାବି ଦେଖିଥିଲା, କେବଳ ତଟସ୍ଥ ଦର୍ଶିକା ରୂପରେ, କିନ୍ତୁ ଏସବୁ ଦେଖି ସେ ଏକ ପ୍ରକାରର ତୃପ୍ତି ଲାଭ କରିଥିଲା ।

Digitized by PPRACHIN, SOA

ଯେତେବେଳେ ଚେତନା ଫେରିଆସିଲା ଗୃଣାକ୍ୟ ଦେଖିଲେ ଯେ ତାଙ୍କର ମୁଣ୍ଡକୁ ନିଜ କୋଳରେ ରଖି ବର୍ତ୍ତିକା ବସି ରହିଛି । ସେ ଶକ୍ତିଶଞ୍ଚୟ କରି ଉଠିବସି ବର୍ତ୍ତିକାକୁ ପଚାରିଲେ, "ତୁମେ ! ମୋର କଣ ହୋଇଥିଲା ?"

ଆପଣଙ୍କ ଚେତନା ଚାଲି ଯାଇଥିଲା ଆର୍ଯ୍ୟ । ଦୁଇଦିନ ପର୍ଯ୍ୟନ୍ତ ଆପଣ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ । ଆପଣଙ୍କ ସେବାସୁଶ୍ରୁଷା କରିବା ଭିତରେ ମୋର ଅବସର ନଥିଲା କୌଣସି ବୈଦ୍ୟକୁ ଡାକି ଆପଣଙ୍କ ଉପଚାର କରିବାପାଇଁ ।

ଭଲ ହୋଇଛି ଯେ ତୁମେ କୌଣସି ବୈଦ୍ୟକୁ ଡାକିନାହିଁ । ମୋର ଏହି ମୂର୍ଚ୍ଛା ଥିଲା ଉପଚାରର ବାହାରେ । ତାପରେ ସେ ବର୍ତ୍ତିକାକୁ ଏକ ଦୃଷ୍ଟିରେ ଚାହିଁ ରହି କହିଲେ, "ତାହାହେଲେ ତୁମେ ଦୁଇଦିନ ଦୁଇ ରାତି ଶୋଇନାହଁ ?"

ସହଜ ଭାବରେ ସାମାନ୍ୟ ସଙ୍କୋଚ ସହିତ ବର୍ତ୍ତିକା କହିଲା, "ଯେତେବେଳେ ମୋର ପ୍ରାଣଦେବତାଙ୍କ ଏହି ଦୁର୍ଦ୍ଦଶା ସେତେବେଳେ ମୋର ବିଶ୍ରାମ ଓ ଶୟନର ପ୍ରଶ୍ନହିଁ ନଥିଲା ।"

ଘୃଣା ଓ କ୍ରୋଧର ପାଗଳାମୀ ସୂର୍ଯ୍ୟଙ୍କୁ ଢାଙ୍କି ରହିଥିବା ମେଘ ସଦୃଶ ଗୃଣାକ୍ୟଙ୍କ ମନ ଉପରୁ ଅପସାରିତ ହୋଇଗଲା । ଜୀବନକୁ ନେଇ ଏକ ଉଜ୍ଜ୍ୱଳ ସୂର୍ଯ୍ୟମୟ ପ୍ରକାଶ । ଯାହା କିଛି ସଙ୍ଘଟିତ ହୋଇଗଲା ଯାହା କିଛି ସେ କରିଥିଲେ ସେହିକର୍ମର କ୍ରମରେ ତାଙ୍କର ଅଚେତାବସ୍ଥାରେ ସେ ସମସ୍ତ ଲୁପ୍ତ ହୋଇ ସାରିଥିଲା । ଚେତନ ଅବସ୍ଥାକୁ ଫେରି ଆସିବାପରେ ଗୃଣାକ୍ୟଙ୍କ ଥିଲା କେବଳ ବର୍ତ୍ତମାନ । ଯାହା ଅତୀତ ତାର କୌଣସି ଅସ୍ତିତ୍ୱ ନାହିଁ, ଯାହା ଭବିଷ୍ୟତ ତାହା ଅଦୃଷ୍ଟ ଓ ଅଜ୍ଞାତ । ମଣିଷର ଅସ୍ତିତ୍ୱ କେବଳ ବର୍ତ୍ତମାନ ଅଟେ ଏବଂ ଏହି ବର୍ତ୍ତମାନ ସମୟ ପ୍ରବାହର ଏକ ଅଂଶମାତ୍ର ଅଟେ—ସେ ନିଜର ସହଜ ଗତିରେ ପ୍ରବାହମାନ । ଅତ୍ୟନ୍ତ କ୍ଳାନ୍ତ ଓ ଚିନ୍ତାଗ୍ରସ୍ତ ବର୍ତ୍ତିକାକୁ ଦେଖି ତାଙ୍କୁ ଲାଗିଲା ଯେ ତା ସମ୍ମୁଖରେ ଜଣେ ଦାସୀ ନୁହେଁ, ଏକ ଦେବୀ ସମାସୀନ । ଅତି ପବିତ୍ର ।

Digitized by PPRACHIN, SOA

ସେ ଅପଲକ ଦୃଷ୍ଟି ସମସ୍ତ ପର୍ଯ୍ୟନ୍ତ ହଥିକାଙ୍କୁ ଚାହିଁ ରହିଲେ । ତାଙ୍କର ଅନାସ୍ୱାଦ ଅନୁଭବ ହେଲା ଯେ ତାଙ୍କ ଜୀବନ ଅପୂର୍ଣ୍ଣ । କ୍ରୋଧ ଓ ପ୍ରତି-ହିଂସାରେ ତାଙ୍କର ଜୀବନ ଅପୂର୍ଣ୍ଣ ରହିଗଲା ।

କେଜାଣି କେଉଁ ଏକ ଅନଭିପ୍ରେତ ପ୍ରେରଣାରେ ସେ ଅକସ୍ମାତ ହଥିକାଙ୍କୁ ନିବିଡ ଭାବରେ ଚୁମ୍ବନ କଲେ । ହଥିକା ସେହି ଚୁମ୍ବନର ମାଦକତାରେ ବିଭୋର ହୋଇ ପଡ଼ି ତତ୍‌କ୍ଷଣାତ ଚାଣକ୍ୟଙ୍କ ଚରଣତଳେ ଲୋଟିପଡ଼ିଲେ । ପ୍ରାଣର ଦେବତା ମୋର ମୁଁ ଅପବିତ୍ର ଓ କୁଳଟା ନାରୀ । ଚାଣକ୍ୟଙ୍କ ପାଦଦ୍ୱୟ ତାର ଅଶ୍ରୁରେ ଧୋଇ ହୋଇଗଲା । ଚାଣକ୍ୟ ତାକୁ ନିଜ ଚରଣତଳୁ ଉଠେଇ ନେଇ ନେଇ କହିଲେ ତୁମର ଆତ୍ମା କଳୁଷହୀନ ଓ ପବିତ୍ର ଅଟେ ଯଦିଓ ଶରୀର ବିବଶତାର ବନ୍ଧନରେ ଜଡ଼ିତ । ମୁଁ ଯେ ଏ ପର୍ଯ୍ୟନ୍ତ ବିବାହ କରିନାହିଁ ଏହା ମୋର ଧାରଣା ନଥିଲା । ପତ୍ନୀହୀନ ଜୀବନ ସମ୍ପୂର୍ଣ୍ଣ ରୂପେ ଅପୂର୍ଣ୍ଣ । ତୁମକୁ ମୁଁ ବିଧିବଦ୍ଧ ପତ୍ନୀରୂପେ ଗ୍ରହଣ କରିବାକୁ ଚାହେଁ । ମୋର ପତ୍ନୀତ୍ୱ ତମେ କଣ ସ୍ୱୀକାର କରିବ ? ମୋର ବୟସ ବୃଦ୍ଧାବସ୍ଥା ଆଡ଼କୁ ଆସିଯାଇଛି । ତୁମେ ବୟସରେ ମୋଠାରୁ ଖୁବ୍ ଛୋଟ । ଉତ୍ତର ଦିଅ ।

ହଥିକା ସ୍ୱୟଂ ଆପଣାକୁ ଚାଣକ୍ୟଙ୍କ କୋଳରେ ବିଲୀନ କରିଦେଲା । ପ୍ରାଣଦେବତା କେବେ କେଉଁ ପୁଣ୍ୟ କରିଥିଲି ଯେ ମୋତେ ଏ ବରଦାନ ମିଳୁଛି । ମନପ୍ରାଣରେ ମୁଁ ଆପଣଙ୍କର—ହେ ଭଗବାନ । ଏ ସବୁ ଘଟିଯାଉଛି । କିଛିକ୍ଷଣ ନୀରବ ରହି ହଥିକା ପୁଣି କହିଲା, "ମୋର ଭଗବାନ ତ ଆପଣ—ଏ ଅପବିତ୍ର ଦାସୀକୁ ପତ୍ନୀ ହେବାର ସବିନତା ! ଏତେ ବୋଝ ମୁଁ କେମିତି ବୋହିପାରିବ ।"

ଚାଣକ୍ୟ ତତ୍‌କ୍ଷଣାତ ରାଜପୁରୋହିତଙ୍କୁ ଡକେଇ ହଥିକା ସହ ନିଜର ବିବାହ ସମ୍ପନ୍ନ କରିନେଲେ । ଏହି ବିବାହରେ ସେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ସପରିବାର ଆମନ୍ତ୍ରଣ କରିଥିଲେ । ସମସ୍ତ ରାଜ୍ୟାଧିକାରୀ ଏହି ବିବାହରେ ସମ୍ମିଳିତ ହୋଇଥିଲେ । କିଛି ବ୍ରାହ୍ମଣ ଓ ପଣ୍ଡିତ ଚାଣକ୍ୟଙ୍କର ଏହି ବିବାହର ଔଚିତ୍ୟ ସମ୍ପର୍କରେ ସାମାନ୍ୟ ଶଙ୍କା ବି ବ୍ୟକ୍ତ କରିଥିଲେ । କିନ୍ତୁ ଏହି ବିବାହ ଥିଲା ଅନୁଲୋମ, ବିରୋଧ ତେଣୁ ଚପି ରହିଗଲା ।

Digitized by PPRACHIN, SOA

ମହାମନ୍ତ୍ରୀ ରାକ୍ଷସ ଏହି ବିବାହରେ ତାର ଅସୁସ୍ଥତା ଯୋଗୁଁ ସମ୍ମିଳିତ ହୋଇପାରି ନ ଥିଲେ । ବୃଦ୍ଧାବସ୍ଥା ଫଳରେ ସେ ଅତ୍ୟନ୍ତ ଶିଥିଳ ହୋଇ ପଡ଼ିଥିଲେ ଏବଂ କାର୍ଯ୍ୟ ଭାରରୁ ମୁକ୍ତ ହୋଇ ଅବକାଶ ଗ୍ରହଣ କରିବାପାଇଁ ଚାହୁଁଥିଲେ । ଚାଣକ୍ୟଙ୍କ ନିକଟରେ ଯେତେବେଳେ ମହାମନ୍ତ୍ରୀ ରାକ୍ଷସର ଅସୁସ୍ଥତାର ସମ୍ବାଦ ଆସି ପହଞ୍ଚିଲା, ସେ ଚିନ୍ତିତ ହୋଇ ଉଠିଲେ । ମହାମନ୍ତ୍ରୀ ରାକ୍ଷସ ସହ ତାଙ୍କର କୌଣସି ସମ୍ପର୍କ ନଥିଲା କହିଲେ ଚଳେ । କିନ୍ତୁ ମନେ ମନେ ତାଙ୍କ ଅନ୍ତରରେ ମହାମନ୍ତ୍ରୀ ରାକ୍ଷସ ପ୍ରତି ଗଭୀର ଆଦରର ଭାବ ରହିଥିଲା ।

ଚାଣକ୍ୟଙ୍କ ସମ୍ମୁଖରେ ଥିଲା ତାଙ୍କର ଭବିଷ୍ୟତ । ଏହି ଲୌକିକ ମୋହଜାଲରୁ ତାଙ୍କର ମୁକ୍ତ ହେବାର ସମୟ ଆସି ଯାଇଥିଲା । ସେ ବିବାହ କରି ଆପଣାର ଜୀବନକୁ ସମ୍ପୂର୍ଣ୍ଣ କରି ସାରିଥିଲେ । ବର୍ତ୍ତମାନ ତାଙ୍କୁ ଚନ୍ଦ୍ରଗୁପ୍ତର ଶାସନର ସୁଚାରୁ ରୂପରେ ପରିଚାଳନାର ଅନ୍ତିମ ବ୍ୟବସ୍ଥା କରିବାର ବାକି ରହିଥିଲା । ଏଣେ ସେ ଏକାକୀ ମହାମନ୍ତ୍ରୀ ରାକ୍ଷସ ନିକଟରେ ଯାଇ ପହଞ୍ଚିଲେ ।

ରାକ୍ଷସଙ୍କୁ ଯେତେବେଳେ ଚାଣକ୍ୟଙ୍କ ଆଗମନର ସୂଚନା ମିଳିଲା, ସେ ଆପଣା ସେବକମାନଙ୍କ ସହାୟତାରେ ଦ୍ୱାରଦେଶରେ ପହଞ୍ଚି ସ୍ୱୟଂ ତାଙ୍କର ସ୍ୱାଗତ କଲେ । ଆପଣା କକ୍ଷରେ ପହଞ୍ଚି ରାକ୍ଷସ କହିଲେ—"ଆପଣ, ମଗଧ ସାମ୍ରାଜ୍ୟର ଅଧିପତିଙ୍କଠାରୁ ବି ମହାନ୍ ଓ ଶକ୍ତିଶାଳୀ ଅଟନ୍ତି । ଏହି ଅକିଞ୍ଚନର ଗୃହରେ ପଦାର୍ପଣ କରି ଆପଣ ମୋତେ ଧନ୍ୟ ଓ କୃତାର୍ଥ କରିଛନ୍ତି । ଆଦେଶ ପ୍ରଦାନ କରନ୍ତୁ ।"

"ମୋତେ ସମ୍ବାଦ ପ୍ରାପ୍ତ ହୋଇଛି ଯେ ଆପଣ ନିଜ କାର୍ଯ୍ୟ-ଭାରରୁ ମୁକ୍ତ ହେବାପାଇଁ ଚାହାଁନ୍ତି । ଏହା କଣ ସତ୍ୟ ।" ପଚାରିଲେ ଚାଣକ୍ୟ ।

ରାକ୍ଷସ ଉତ୍ତର ଦେଲେ—"ମୁଁ ବୃଦ୍ଧ ଓ ଦୁର୍ବଳ ହୋଇ ପଡ଼ିଲିଣି । ଅସୁସ୍ଥ ବି ରହୁଛି, ପୁଣି ଆପଣଙ୍କ ଭଳି କୁଶଳ ରାଜମନ୍ତ୍ରୀ ପାଇ ଚନ୍ଦ୍ରଗୁପ୍ତ ବି ଧନ୍ୟ ।"

Digitized by PPRACHIN, SOA

ଚାଣକ୍ୟଙ୍କ ଓଠରେ ସ୍ମିତହସର ରେଖାଟିଏ ଚହଲିଗଲା, "ମୁଁ ଆଉ ରାଜ୍ୟମନ୍ତ୍ରୀର ପଦ ? କ୍ଷମା କରିବେ···ମୁଁ ନିର୍ବନ୍ଧ ଅଟେ । ଯାହା କରୁଛି ମୁଁ କରୁଛି ଆପଣାର ଅହଂ ତୁଷ୍ଟି ପାଇ ହିଁ କରୁଛି । ଆପଣାର ଅହଂ ତୁଷ୍ଟି ଓ ହଠର ପୂର୍ତ୍ତି ପରେ ବର୍ତ୍ତମାନ ମୁଁ ଆପଣା ଭିତରୁ ସ୍ୱତନ୍ତ୍ର ହୋଇ ସାରିଛି । ଏହି ବୈଭବ ଓ ସମ୍ପନ୍ନତାରୁ ମୁକ୍ତହୋଇ ସାରିଛି ମହାମନ୍ତ୍ରୀ ! ମୁଁ ଆପଣଙ୍କୁ ବିନୟ ସହକାରେ ଅନୁରୋଧ କରିବାକୁ ଆସିଛି ଯେ ଆପଣ ଏହି ପଦ ତ୍ୟାଗ କରିବାର ବିଚାର ପରିତ୍ୟାଗ କରନ୍ତୁ । ଏହା ଆପଣଙ୍କର ମଗଧ ସାମ୍ରାଜ୍ୟ ଓ ଚନ୍ଦ୍ରଗୁପ୍ତ ଉପରେ କେବଳ ନୁହେଁ, ମୋ ପ୍ରତି ବି ବହୁତ ବଡ଼ ଉପକାର ହେବ ।"

"କିନ୍ତୁ ଏ ବିଶାଳ—ସାମ୍ରାଜ୍ୟ ସମ୍ଭାଳିବାର ଭାର ? ମୁଁ ଏ ଭାର ବହନ କରିବାରେ ଅସମର୍ଥ ଅଟେ ଆର୍ଯ୍ୟ ! ମୁଁ ତ ଆପଣଙ୍କୁ କହି ସାରିଛି ଯେ ମୁଁ ସମ୍ପୂର୍ଣ୍ଣରୂପେ ଭାଙ୍ଗି ପଡ଼ିଲିଣି ।"

ଚାଣକ୍ୟ କହିଲେ, "ଆପଣ ଭାଙ୍ଗି ପଡ଼ି ନାହାଁନ୍ତି । ପରାଜିତ ଅନୁଭବ କରୁଛନ୍ତି । ଗୋଟାଏ ପ୍ରଶ୍ନ ମୁଁ ଆପଣଙ୍କୁ ପଚାରୁଛି —ଆପଣ ଯେ ନନ୍ଦଙ୍କୁ ବଞ୍ଚେଇ ପାରିଲେ ନାହିଁ, ଏହି ଭାବନା କଣ ଆପଣଙ୍କ ମନରେ ରହିରହି ଉଠନାହିଁ । ଧର୍ମକୁ ସାକ୍ଷୀରଖି ଉତ୍ତର ଦିଅନ୍ତୁ ।"

କମ୍ପିତ ଗମ୍ଭୀର ଗଳାରେ ରାକ୍ଷସ ଉତ୍ତର ଦେଲା, "ଆପଣ ଠିକ୍ କହୁଛନ୍ତି ।" "ଆଉ ଏହି ମହାପଦ୍ମନନ୍ଦ ବ୍ୟକ୍ତି ନଥିଲା, ସେ ଥିଲା ନିରଙ୍କୁଶତା ଓ ଦମ୍ଭର ପ୍ରତୀକ । ମୋର ଅପମାନ ଏବଂ ନିର୍ବାଦର ନନ୍ଦ କରି ନଥିଲା, କରିଥିଲା ତାର ଦମ୍ଭ ଓ ଅହଙ୍କାର" ଚାଣକ୍ୟ କହିଲେ, "ଆପଣଙ୍କର ସମ୍ପର୍କ ପ୍ରକୃତରେ ଥିଲା ଦମ୍ଭ ସହିତ, ଅହଙ୍କାର ସହିତ ଆପଣ ଏହାକୁ ସ୍ୱୀକାର କରି ନିଅନ୍ତୁ ।"

କମ୍ପିତ କରୁଣ କଣ୍ଠରେ ରାକ୍ଷସ ଉତ୍ତର ଦେଲା, "ମୁଁ ମଣିଷକୁ ତା'ର ଗୁଣ ଓ ଅବଗୁଣରୁ ଅଲଗା କରି ଦେଖିପାରେନା । ମଣିଷର ଗୁଣ ଅଥବା ଅବଗୁଣ ତାର ଅବିଚ୍ଛିନ୍ନ ଅଙ୍ଗ ଅଟେ ।"

"ଏହା କେବଳ ଆପଣଙ୍କର ନୁହେଁ, ମାନବ— ସମାଜର ସବୁଠାରୁ ବଡ଼ ଭୁଲ । ମୋର ଅନୁଭବ ମୋତେ ଏହି ଶିକ୍ଷା ଦେଇଛି ଯେ ମାତ୍ର ଓ

Digitized by PPRACHIN, SOA

ଅମାତ୍ୟର ଚେଉ଼ଦଣ୍ଡ ମଣିଷକୁ ବୁଝିବାକୁ ପଡ଼ିବ । ମହାମନ୍ତ୍ରୀ ! ଆପଣଙ୍କ ସମ୍ବନ୍ଧ ମହାପଦ୍ମନନ୍ଦ ସାଥିରେ ନହୋଇ ତାର ବଂଶ ସହିତ ହେବା ଉଚିତ । ଆପଣ ଚନ୍ଦ୍ରଗୁପ୍ତ ମଧ୍ୟରେ କୌଣସି ଦୋଷ ଦେଖୁଛନ୍ତି ? ସତ୍ୟ ପ୍ରକାଶ କରନ୍ତୁ ।"

ରାକ୍ଷସର ସ୍ୱର କମ୍ପିତ ହୋଇ ପଡ଼ିଲା, "ମୁଁ ସଦାସର୍ବଦା ଏହା ଅନୁଭବ କରିଛି ଯେ ଚନ୍ଦ୍ରଗୁପ୍ତ ସହ ଅନ୍ୟାୟ କରାଯାଉଛି । ମୋ ମନରେ ଚନ୍ଦ୍ରଗୁପ୍ତ ପ୍ରତି ସବୁ ବେଳେ ମମତାର ଭାବ ରହିଛି । କେବଳ ବ୍ରାହ୍ମଣଗଣ ତା ବିରୁଦ୍ଧରେ ବ୍ୟବସ୍ଥା ପ୍ରଦାନ କରି ଅନ୍ୟାୟ କରିଥିଲେ ।" ଚାଣକ୍ୟ ଆସନ ପରିତ୍ୟାଗ କରି ଠିଆ ହୋଇ ପଡ଼ି କହିଲେ, "ମୁଁ ଯାହା କହୁଛି କହିବାକୁ ଆସିଥିଲି କହି ସାରିଛି । ମହାମନ୍ତ୍ରୀ ଯେତେବେଳ ପର୍ଯ୍ୟନ୍ତ ଆପଣ ଜୀବିତ ଅଛନ୍ତି, ଚନ୍ଦ୍ରଗୁପ୍ତର ମସ୍ତକରେ ଆପଣଙ୍କର ବରଦହସ୍ତ ରହୁ ।"

ରାକ୍ଷସ ବି ଆସନ ପରିତ୍ୟାଗ କରି ଦଣ୍ଡାୟମାନ ହେଲେ, "ଆଚାର୍ଯ୍ୟ । ମୋତେ ଆପଣ ମୋର ମାର୍ଗ ପରିଦର୍ଶନ କରି ଦେଇଗଲେ । କିନ୍ତୁ ମୁଁ ତ ଆପଣଙ୍କୁ ପ୍ରଥମରୁହିଁ କହୁଛି ଯେ ମୁଁ ଅଶକ୍ତ ହୋଇ ପଡ଼ିଛି, ରୋଗଗ୍ରସ୍ତ ବି—କଣ କରିବି ?"

"ଆପଣ ଆପଣଙ୍କର ଉପଚାର କରନ୍ତୁ, ରୋଗମୁକ୍ତ ହୋଇଯିବେ । ଆଉ ଅଶକ୍ତ ହେଉଛି ଆପଣଙ୍କର ଶରୀର ବୁଦ୍ଧି ନୁହେଁ ଆପଣ ଆପଣଙ୍କ କୌଣସି ଯୋଗ୍ୟ ସହାୟକ ନେଇ ନଅନ୍ତୁ ।"

ଯୋଗ୍ୟ ସହାୟକ ପାଇବା ଅତୀବ ଦୁଷ୍କର । ଆପଣହିଁ ମୋତେ ଏମିତି କୌଣସି ବ୍ୟକ୍ତିର ସନ୍ଧାନ ଦେବାର କୃପା କରନ୍ତୁ ଯିଏ ମୋର ସହାୟତା କରିପାରେ !"

ସହସା ତଡ଼ିତ ପ୍ରବାହ ଖେଳିଗଲା ଚାଣକ୍ୟଙ୍କ ମସ୍ତିଷ୍କରେ । ସେ କହିଲେ —"ଏକ ବ୍ୟକ୍ତି ଥିଲା···ଏକ ବ୍ୟକ୍ତି ଜାଣେନା ସେ କାହିଁ ବିଲୀନ ହୋଇଗଲା । ଶକଟାର··· ଶକଟାର ନାମକ ଏକ ବ୍ୟକ୍ତିଥିଲା ଯିଏ ଥିଲା ନନ୍ଦର ନଅ ରାଜ କୁମାରଙ୍କ ବ୍ୟକ୍ତିଗତ ପରାମର୍ଶଦାତା । ସେ କେବେହେଲେ

Digitized by PPRACHIN, SOA

ତାଙ୍କୁ ଭୁଲ ପରାମର୍ଶ ଦେଇନାହିଁ । ଯଦି ସେହି ମୂର୍ଖ ରାଜକୁମାରଗଣ ତାର ପରାମର୍ଶ ମାନିଥାନ୍ତେ ତେବେ ଏମିତି ଭାବରେ ସେମାନଙ୍କର ବିନାଶ ହୋଇ ନଥାନ୍ତା ।”

“ଶକଟାର !” ରାକ୍ଷସ କିଛି ସମୟ ଚିନ୍ତା କରି କହିଲେ, “ଶକଟାରର ନାମହିଁ ମୋ ମନରେ ଆସିଥିଲା— ବାସ୍ତବରେ ସେଥିଲା ସୁଯୋଗ୍ୟ ଓ ବିଶ୍ୱସ୍ତବ୍ୟକ୍ତି । ସେ କାହିଁ—ସେ କିଏ, ସେ କେଉଁଠି ରହିଛି । ଯଦି ତା’ର ସନ୍ଧାନ ମିଳି ପାରନ୍ତା !”

ଦୃଢ଼ତା ସହକାରେ ଚାଣକ୍ୟ କହିଲେ, “ମୁଁ ତାର ସନ୍ଧାନ କରିବି । ଯଦି ସେ ଜୀବିତ ରହିଛି, ହତ୍ୟାକାଣ୍ଡର ଏହି କ୍ରମରେ ଯଦି ସେ ଜୀବିତ ରହିଛି ତେବେ ସପ୍ତାହକ ମଧ୍ୟରେହିଁ ମୁଁ ତାକୁ ଆପଣଙ୍କ ନିକଟକୁ ପ୍ରେରଣ କରିବି । ଆପଣ ନିଶ୍ଚିନ୍ତ ରହି ଆପଣଙ୍କର କାମ ଚଳେଇ ନିଅନ୍ତୁ ।”

ଆପଣା ଗୃହକୁ ଫେରିଆସି ଚାଣକ୍ୟ ବିଥିକାକୁ କହିଲେ, “ଶକଟାର ନାମକ ଏକ ବ୍ୟକ୍ତିକୁ ତୁମେ ଜାଣିଥିବ ନିଶ୍ଚୟ— ରାଜଭବନରେ ତା’ର ପ୍ରବେଶ ରହିଥିଲା ।

ବିଥିକା ଉତ୍ତର ଦେଲା, “ହଁ ମୁଁ ତାଙ୍କୁ ଜାଣେ ଲୋକଟା ବିଲକ୍ଷଣ ପ୍ରତିଭାର ଅଧିକାରୀ, ଅତି ଉଦାର ଉଦାତ୍ତ ଭାବନାରେ ସଂଯୁକ୍ତ—ତା ସହିତ ମୋର ପୂର୍ଣ୍ଣ ସହାନୁଭୂତି ରହିଛି !”

“ତା’ର ସନ୍ଧାନକରି ପାରିବ ? ମଗଧ ସାମ୍ରାଜ୍ୟକୁ ତାର ଆବଶ୍ୟକତା ରହିଛି । ରାଜନୀତି ପରିତ୍ୟାଗ କରିବା ପୂର୍ବରୁ ମୁଁ ଏହି ଅନ୍ତିମ କାର୍ଯ୍ୟ କରିନେବାକୁ ଚାହେଁ ।” ଏହା ଶୁଣି ବିଥିକା କହିଲା, ‘ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ଏହି ଭାଗ୍ୟହୀନ ବ୍ୟକ୍ତିକୁ କେହି ଜଣେତ ମନେରଖିଛି । ସେ ସତରେ କେତେ ନିଷ୍ଠାବାନ, ଚରିତ୍ରବାନ ଓ ସଦ୍ବୁଦ୍ଧିଯୁକ୍ତ ଥିଲା । ମୁଁ ତାର ବାସସ୍ଥାନ ଜାଣେ । ଅତ୍ୟନ୍ତ ଅଭାବଗ୍ରସ୍ତ କିନ୍ତୁ···କିନ୍ତୁ ଏମିତି ମନେହେଉଛି ଯେ ସେ ତାର ମାନସିକ ଭାରସାମ୍ୟ ହରାଇ ସାରିଥିବ । ଭିକ୍ଷା ରୂପରେ କୌଣସି ବ୍ୟକ୍ତିର ସହାୟତା ନେବା

Digitized by PPRACHIN, SOA

ସେ କେବେ ଜାଣିନାହିଁ । ଯଦି ମୋର ଦେବତାଙ୍କର ଆଦେଶ ହୁଏ ତେବେ ମୁଁ କାଲି ବା ପରଦିନ ପର୍ଯ୍ୟନ୍ତ ତାଙ୍କୁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ କରିଦେବି ।

ଶକଟାର ସେ ଅତ୍ୟନ୍ତ ଆଦର ଓ ସଦ୍‌ଭାବନାର ପାତ୍ର ଏହା ଜାଣିପାରି ଗୃଣକ୍ୟ ସନ୍ତୋଷ ଲାଭ କଲେ । ସେ ବଥିକାଙ୍କୁ କହିଲେ, "ମୁଁ ବି ବ୍ୟକ୍ତିଗତ ଭାବରେ ତା'ସହିତ ସାକ୍ଷାତ କରି ବାର୍ତ୍ତାଳାପ କରିବାକୁ ଇଚ୍ଛୁକ, ମନେହେଉଛି ସେ ଅତ୍ୟନ୍ତ ଧର୍ମବାନ ବ୍ୟକ୍ତି ।"

ତା ପରଦିନ ପ୍ରାତଃରେହିଁ ବଥିକା ଶକଟାରର ଗୃହରେ ଉପସ୍ଥିତ ହେଲା । ସେତେବେଳେ ସେ ସ୍ନାନ ଓ ପୂଜନ ସମାପନ କରି ଆପଣା କକ୍ଷରେ ନୀରବରେ ବସିରହି କିଛି ଚିନ୍ତା କରୁଥିଲା । ବଥିକାର ଆଗମନ ସମ୍ବାଦ ପାଇ ସେ ତାଙ୍କୁ ଆପଣା କକ୍ଷକୁ ଡକେଇ ନେଲା । ସ୍ମିତହସି ସେ ବଥିକାଙ୍କୁ କହିଲା, "ମୁଁ ତୁମକୁ ଅଭିନନ୍ଦନ ଜ୍ଞାପନ କରୁଛି ଯେ ତୁମେ ଦାସୀ ସ୍ଥାନରେ ପତ୍ନୀ ହୋଇଗଲ ଏବଂ ପତ୍ନୀବି ଏମିତି ଏକ ମହାନ୍ ବ୍ୟକ୍ତିର ଯିଏ ସମ୍ଭବତଃ ଭବିଷ୍ୟତରେ ଇତିହାସ ପୁରୁଷ ହୋଇଯାଇ ପାରନ୍ତି । ତମର ବିବାହ ନିମନ୍ତ୍ରଣ ମୋତେ ମିଳନାହିଁ, ନଚେତ୍ ମୁଁ ନିଶ୍ଚିନ୍ତ ସେହି ଉତ୍ସବରେ ସମ୍ମିଳିତ ହୋଇଥାନ୍ତି, ତୁମେ ସୁଖୀତ ?"

ମୋତେ ସ୍ୱୟଂ ଆପଣା ଭାଗ୍ୟଉପରେ ଆଶ୍ଚର୍ଯ୍ୟ ହେଉଛି ଯେ ମୋତେ ଏ ଅସୀମ ସୁଖ ପ୍ରାପ୍ତ ହେଲା କେମିତି ? ନିମନ୍ତ୍ରଣପତ୍ର ଆଚାର୍ଯ୍ୟ ପ୍ରଦାନ କରିଥିଲେ, ମୁଁ ନୁହେଁ । ମୁଁ ଆଚାର୍ଯ୍ୟଙ୍କ ଆଦେଶରେ ତୁମ ନିକଟକୁ ଆସିଛି । ସେ ତୁମକୁ ସ୍ମରଣ କରିଛନ୍ତି । "ହେ ଦୈବ ! ମୋତେ ଆଉ କଣ ପ୍ରତ୍ୟକ୍ଷ କରିବାପାଇଁ ପଡ଼ିବ ?" ସେ ଆକାଶ ଆଡ଼କୁ ହାତ ଯୋଡ଼ି କହିଲା, ଆଚାର୍ଯ୍ୟ ମୋ ଉପରେ କୁପିତ ନୁହଁନ୍ତି ତ ?"

ବଥିକା ହସିଲା; କହିଲା "ମୋ ସଦୃଶ ତମର ଭାଗ୍ୟ ବି ପରିବର୍ତ୍ତନ ହେବ ବୋଲି ମୋର ଅନୁମାନ । ମୋ ସହିତ ବର୍ତ୍ତମାନ ଆଗମନ କରନ୍ତୁ, ଆଚାର୍ଯ୍ୟ ଆପଣଙ୍କର ପ୍ରତୀକ୍ଷାରେ ରହିଛନ୍ତି ।

Digitized by PPRACHIN, SOA

ଶକଟାର ଅନୁଭବ କଲା ଯେ ତା ସମ୍ମୁଖରେ ଥିବା କୁହେଳିକା କ୍ରମଶଃ ଅପସରି ଯିବାରେ ଲାଗିଛି । ସେ ଉଠୁ ଉଠୁ କହିଲା, "ଚାଲ ଦେଖେ ଏହି ନାଟ୍ୟଶୃଙ୍ଖଳର ଅନ୍ତରରେ ବର୍ତ୍ତମାନ କେଉଁ ଦୃଶ୍ୟ ରହିଛି । ବାଧିକା ସହ ଚାଣକ୍ୟଙ୍କ ସମ୍ମୁଖରେ ଶକଟାର ଉପସ୍ଥିତ ହେଲା । ଚାଣକ୍ୟ ଓ ଶକଟାରଙ୍କୁ ଏକାନ୍ତରେ ବାର୍ତ୍ତାଳାପ କରିବାପାଇଁ ଛାଡ଼ିଦେଇ ବାଧିକା ଅନ୍ୟକକ୍ଷକୁ ପ୍ରସ୍ଥାନକଲା । ତା' ମନରେ ଏକପ୍ରକାରର ସନ୍ତୋଷଜନିତ ପ୍ରସନ୍ନତା ରହିଥିଲା ।

ଚାଣକ୍ୟ ଶକଟାରଙ୍କୁ ନିଜ ସମ୍ମୁଖରେ ଥିବା ଆସନରେ ଉପବେଶନ କରିବାପାଇଁ ସଙ୍କେତ କଲେ । କିଛି ସମୟ ପର୍ଯ୍ୟନ୍ତ ସେ ଶକଟାରଙ୍କୁ ନିରୀକ୍ଷଣ କରିବାକୁ ଲାଗିଲେ, ଯେମିତି ସେ ଶକଟାରଙ୍କ ଅନ୍ତରରେ ପ୍ରବେଶ କରି ତାର ପ୍ରକୃତ ସ୍ୱରୂପ ଜାଣିବାକୁ ଚାହୁଁଛନ୍ତି । ତାପରେ ସେ ଶକଟାରଙ୍କୁ କହିଲେ, "ମୁଁ ତୁମକୁ ଚନ୍ଦ୍ରଗୁପ୍ତର ଶାସନରେ ମହାମନ୍ତ୍ରୀ ରାକ୍ଷସର ସହାୟକରୂପେ ନିଯୁକ୍ତ କରିବାକୁ ଚାହେଁ । ଏହି ପଦ କଣ ସ୍ୱୀକାର୍ଯ୍ୟ ହେବ ?"

ଶକଟାର ଯେମିତି ଆକାଶରୁ ଖସିପଡ଼ିଲା, "ଏହା ଅବଗତ ହୋଇଥିବ ଯେ ମୁଁ ଚନ୍ଦ୍ରଗୁପ୍ତ ବିରୁଦ୍ଧରେ ନନ୍ଦଙ୍କ ନଅପୁତ୍ରଙ୍କ ପରାମର୍ଶଦାତା ଥିଲି ।"

ଚାଣକ୍ୟ ଉତ୍ତର ଦେଲେ, "ସବୁ କିଛି ଜାଣେ । ଆଉ ମୁଁ ଏହା ବି ଜାଣିଛି ଯେ ତୁମର ଆତ୍ମା ସଦାସର୍ବଦା ନିର୍ମଳ ଓ ପବିତ୍ର । ତୁମେ ସବୁବେଳେ ଆପଣା ଧର୍ମରେ ଦୃଢ ରହିଛ, ଯଦି ସେହି ମୂର୍ଖ ରାଜକୁମାରଗଣ ତୁମର ପରାମର୍ଶ ପୂର୍ଣ୍ଣରୂପରେ ମାନିଥାନ୍ତେ ସମ୍ଭବତଃ ଇତିହାସର ରୂପ ଅନ୍ୟପ୍ରକାର ହୋଇଥାନ୍ତା ।

ଶକଟାରର ଚକ୍ଷୁ ଅଶ୍ରୁ ଛଳ ଛଳ ହୋଇପଡ଼ିଲା । ସେ ଚାଣକ୍ୟଙ୍କ ପଦରଜ ଆପଣାର ମସ୍ତକରେ ସ୍ପର୍ଶ କରୁ କରୁ କହିଲା, "ମୋତେ ଆଦେଶ ପ୍ରଦାନ କରନ୍ତୁ ମୁଁ ଆପଣଙ୍କ ସମ୍ମୁଖରେ ବିନତ । ଚାଣକ୍ୟ କହିଲେ, "ମହାମନ୍ତ୍ରୀ ରାକ୍ଷସଙ୍କୁ ଚନ୍ଦ୍ରଗୁପ୍ତର ଶାସନରେ ଏକ ସହାୟକର

Digitized by PPRACHIN, SOA

ଆବଶ୍ୟକତା ରହିଛି । ସେ ଅସୁସ୍ଥ ଏବଂ ବୃଦ୍ଧାବସ୍ଥା ହେତୁ ଶାରୀରିକ ରୂପରେ ଶିଥିଳ ହୋଇ ପଡ଼ିଛନ୍ତି । ମୁଁ ତାଙ୍କୁ ତୁମକୁ ଆପଣାର ସହାୟକ ରୂପରେ ନେବାପାଇଁ ପରାମର୍ଶ ଦେଇଛି ।

"ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । ତାଙ୍କ ସହ ସାକ୍ଷାତ ପାଇଁ କ'ଣ ଆପଣ ମୋତେ ନେଇଯିବେ ।

ନା, ତୁମେ ସ୍ୱୟଂ ତାଙ୍କ ପାଖକୁ ଚାଲିଯାଅ । ଚାଣକ୍ୟ ଉତ୍ତର ଦେଲେ; କିନ୍ତୁ ଏତିକି ବୁଝିନିଅ ଧର୍ମ ସହିତ ମତିକୁ ଯୋଡ଼ି ହିଁ ଭବିଷ୍ୟତର ରଚନା ହେବ । ଧର୍ମର ରୂପ ପରିବର୍ତ୍ତନଶୀଳ, ଜାଣେନା କେତେ ଧର୍ମ ଆସିଛି ଆଉ ନଷ୍ଟ ହୋଇଯାଇଛି । ଧର୍ମକୁ କେବଳ ଅମରତ୍ୱ ପ୍ରଦାନ କରେ ମତି ।" "କିନ୍ତୁ ଏହି ମତି ସମ୍ପର୍କରେ ମୋର ଜ୍ଞାନ ନାହିଁ କହିଲେ ଚଳେ !" କହିଲ ଶକଟାର ।

ମୁଁ ମତିର ସିଦ୍ଧାନ୍ତକୁ ମତିଶାସ୍ତ୍ର ରୂପରେ ପ୍ରସ୍ତୁତ କରୁଛି ଏବଂ ମୋର ବିଶ୍ୱାସ ରହିଛି ଯେ ମୋର ଏହି ମତିଶାସ୍ତ୍ର ଭବିଷ୍ୟତରେ ସତ୍ୟ ହେବ । ଏହି ଶାସ୍ତ୍ରକୁ ରୂପ ଦେବାପାଇଁ ମୋତେ ସମସ୍ତ ସମୟରେ ତମର ସହାୟତାର ଆବଶ୍ୟକତା ହେବ । ମୁଁ ତୁମକୁ ଯେଉଁ ସହାୟତା ପ୍ରଦାନ କରୁଛି, ତମର ସହାୟତା ହେବ ତାର ପ୍ରତିଦାନ । ଚାଣକ୍ୟ ଅତଃପର ଶକଟାରକୁ ଆଶୀର୍ବାଦ ପ୍ରଦାନ କରି ବିଦାୟ ନେଲେ ।

କର୍ମକ୍ଷେତ୍ରରୁ ଦୂର ବହୁଦୂର ଚାଲିଆସି ଚାଣକ୍ୟଙ୍କ ଜୀବନ ବିଚାରକ୍ଷେତ୍ରକୁ ଚାଲିଆସିଥିଲା ।

ଠିକ୍ ମାନବ ଶରୀର ସଦୃଶ କର୍ମକ୍ଷେତ୍ରର ଏକ ସୀମା ରହିଛି । ଏହି ଶରୀରକୁ ବାଦ ଦେଇ ମଣିଷର କୌଣସି ଅସ୍ତିତ୍ୱ ନାହିଁ । ଶରୀର-ଶାସ୍ତ୍ରୀଙ୍କ ମତାନୁସାରେ ମଣିଷର ବିଚାର ଏହି ଶରୀରର ବିଭିନ୍ନ ଗ୍ରନ୍ଥିରୁ ହିଁ ଉତ୍ପନ୍ନ ।

Digitized by PPRACHIN, SOA

ଚାଣକ୍ୟଙ୍କ ସମ୍ମୁଖରେ ଥିଲା ତାଙ୍କର ଅତୀତ । ଅନ୍ୟ କାହା ପକ୍ଷରେ ଅତୀତର ଅର୍ଥ ବୃଦ୍ଧାବସ୍ଥାର ଆବର୍ତ୍ତ । ଏହି ବୃଦ୍ଧାବସ୍ଥାର ଅନୁଭବର ଅର୍ଥ ଅନ୍ତଃକାଳର ପ୍ରତୀକ୍ଷା ।

ମଣିଷ ଜୀବନ ମରଣ ଆଦିଅନ୍ତର ସୀମା ମଧ୍ୟରେ ଜଡ଼ିତ । କେବଳ ମଣିଷ କାହିଁକି ବିଶ୍ୱବ୍ରହ୍ମାଣ୍ଡରେ ଯାହାକିଛି ରହିଛି, ସେ ସମସ୍ତ ଆଦିଅନ୍ତର ସୀମା ମଧ୍ୟରେ ସୀମାବଦ୍ଧ । ବିଶ୍ୱରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବରେ ରହିଥିବା ଏହି ସୌରମଣ୍ଡଳ ଏହି ବିଶ୍ୱ ଯାହାର ଏକ ଅଂଶ ମାତ୍ର ତାହା ବି ଆଦିଅନ୍ତର ସୀମା ସହିତ ଜଡ଼ିତ । ତେଣୁ ମନୀଷୀ ଓ ବିଚାରକଙ୍କ ଅନୁସାରେ ବ୍ରହ୍ମାଙ୍କୁ ଅନାଦି ଓ ଅନନ୍ତ ସୃଷ୍ଟିର ସଂଜ୍ଞା ପ୍ରଦାନ କରାଯାଇଛି ।

ଦୁନିଆଁର ସବୁପ୍ରକାର ସମୀକ୍ଷା ଏହି ସୀମାର ହିଁ ପରିଚାୟକ— ଚାଣକ୍ୟ ଚିନ୍ତା କରୁଥିଲେ । ଅର୍ଦ୍ଧରାତ୍ରୀ ବିତିଯାଇ ସାରିଥିଲା । ପାଟଳିପୁତ୍ରରେ ଗ୍ରୀଷ୍ମକାଳର ସେହି ଜ୍ୱଳନ୍ତ ରାତ୍ରୀ ସହସା ଚାଣକ୍ୟଙ୍କୁ ତାଙ୍କର ଅତୀତ ଭିତରେ ସମାହିତ କରି ଦେଇଥିଲା ।

ଭୟଙ୍କର ରୂପରେ ବ୍ୟସ୍ତ ତାଙ୍କର ଜୀବନ ଏବଂ ଏହି ଜୀବନ କ୍ରମରେ ବହୁକିଛି ଯାହା ତାଙ୍କ ପାଇଁ ଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେସବୁ ସେ ଭୁଲି ସାରିଥିଲେ ଓ କ୍ରମଶଃ ଭୁଲି ଯାଉଥିଲେ । କିନ୍ତୁ ତାଙ୍କ ଜୀବନରେ ବ୍ୟସ୍ତତା ପୂର୍ବପରି ରହିଯାଇଥିଲା । ତାଙ୍କ ଶଯ୍ୟାର ପାର୍ଶ୍ୱବର୍ତ୍ତୀ ତାଙ୍କର ପତ୍ନୀ ବିଥିକା ଗଭୀର ନିଦ୍ରାରେ ଶୋଇ ରହିଥିଲା । ବିଥିକା ଉପରେ ତାଙ୍କର ଦୃଷ୍ଟି ପଡ଼ିଲା ଏବଂ ସାମାନ୍ୟ ହସିଲେ କିନ୍ତୁ ତାଙ୍କର ସେ ହସ ଯେ କେତେ ଅର୍ଥହୀନ ତାହା ସେ ତତ୍‌କ୍ଷଣାତ ଅନୁଭବ କଲେ ।

ପାଟଳିପୁତ୍ରର ସେହି ମହାନଗରୀ ଏବଂ ସେହି ମହାନଗରୀରେ ତାଙ୍କର କୀର୍ତ୍ତି । ତାଙ୍କ ମନରେ ସେ ସବୁପ୍ରତି ଅରୁଚି ଆସି ଯାଇଥିଲା । ସେ ନିଜର ମସ୍ତିଷ୍କକୁ ସାମାନ୍ୟ ଆନ୍ଦୋଳିତ କଲେ, ତାଙ୍କୁ ଏ ଯଶ ଓ କୀର୍ତ୍ତିରୁ-ମୁକ୍ତି ପାଇବାକୁ ହେବ ଏବଂ ସେହି ମୁକ୍ତିର ମୁହୂର୍ତ୍ତ ସମାଗତ । ସହସା ତାଙ୍କର ଦୃଷ୍ଟି ଅନନ୍ତ ଆକାଶରେ ବିଞ୍ଚି ହୋଇ ପଡ଼ିଥିବା ନକ୍ଷତ୍ରର ଜାଲରେ ବନ୍ଦୀ ହୋଇ ପଡ଼ିଲା ।

Digitized by PPRACHIN, SOA

ସେ କେଉଁଠାରୁ ଆସିଥିଲେ—ତାଙ୍କର ଠିକ୍ ସ୍ମରଣ ନାହିଁ । କେବଳ ଏତିକି ମାତ୍ର ସ୍ମରଣ ଅଛି ଯେ ସେ ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ଯୁଦ୍ଧବିଦ୍ୟାର ଆଚାର୍ଯ୍ୟ ଥିଲେ । ସେତେବେଳେ ତାଙ୍କର ଆୟୁ କେତେଥିଲା ତାହାବି ମନେନାହିଁ । କିନ୍ତୁ ଏତିକିକେବଳ ମନେଅଛି ଯେ ସେ ପୌଢ଼ ସାରିଛନ୍ତି । ଅତଃପରହିଁ ସେ ଭଗ୍ନଙ୍କର ରୂପରେ ବ୍ୟସ୍ତତାର ପରିପୂର୍ଣ୍ଣ କର୍ମଜାଲରେ ବିଧୃତ ହୋଇ ହୋଇ ପଡ଼ିଥିଲ, ତହିଁରୁ ଯେତେବେଳେ ତାଙ୍କୁ ମୁକ୍ତି ମିଳିଲା ସେତେବେଳେ ତାଙ୍କ ଜୀବନର ଅନ୍ତିମ ସମୟ ଆସି ଯାଇଥିଲା ।

ଗ୍ରୀଷ୍ମକାଳ ରାତିର ସେହି ତାପ ଧିରେଧିରେ ନିଃଶେଷ ହୋଇ ଯାଉଥିଲା । ତପ୍ତ ପବନ ସାମାନ୍ୟଶୀତଳ ହୋଇ ଆସିଥିଲା । ଆଜି ଯେତେବେଳେ ତାଙ୍କର ଚେତନା ଫେରିଆସିଲା — ପକ୍ଷୀ କଳରବ କରୁଥିଲେ । ପ୍ରାତଃକାଳୀନ ସୂର୍ଯ୍ୟରଶ୍ମି ଉଷ୍ଣତା ଧାରଣ କରୁଥିଲା ଏବଂ ପାର୍ଶ୍ୱରେ ଶାୟିତା ବିଥିକା ଶଯ୍ୟା ତ୍ୟାଗକରି ଆପଣାର ଦୈନନ୍ଦିନ କାର୍ଯ୍ୟରେ ଲାଗି ଯାଇଥିଲା । ଗୃଣକ୍ୟ ଅନୁଭବ କଲେଯେ ତାଙ୍କର ମସ୍ତିଷ୍କ ଭାରି ହୋଇ ଆସୁଛି ।

ନିତ୍ୟକର୍ମରୁ ନିବୃତ୍ତ ହୋଇ ସେ ଆପଣା ଧ୍ୟାନ ପୂଜନରେ ବସିପଡ଼ିଲେ କିନ୍ତୁ ତାଙ୍କର ମନେହେଲା ଯେ ଏହି ଧ୍ୟାନ ପୂଜନ ବି କୌଣସି ଔପଚାରିକତାର ଏକ ଅଂଶ ଯାହା ତାଙ୍କର ଜୀବନକୁ ଅଧିକାର କରିନେଇଛି ।

ଧ୍ୟାନ—ପୂଜନ ସମାପ୍ତକରି ସେ ଆପଣା କକ୍ଷକୁ ଫେରି ଆସିଲେ ଏବଂ ଲେଖନୀ ଉତ୍ତୋଳନ କଲେ । ଭୂର୍ଜପତ୍ରର ଏକ ଗୁଚ୍ଛ ତାଙ୍କ ସମ୍ମୁଖରେ ରହିଥିଲା ଜୀବନର ରିକ୍ତତା ଦୂରକରିବା ପାଇଁ ସେ ଲେଖନୀ ଚାଳନା କଲେ ।

ଜୀବନ ସମ୍ପର୍କିତ ନିଜର ଅନୁଭବ ଏବଂ ଆପଣାର ମାନ୍ୟତାକୁ ନୀତିଦର୍ପଣ ନାମକ ଗ୍ରନ୍ଥରେ ଲିପିବଦ୍ଧ କଲେ । ସେହି ଗ୍ରନ୍ଥଥିଲା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କିନ୍ତୁ ସେ ଯେ ଅମରତ୍ୱ ଲାଭ କରିବେ ଏହାର ବିଚାରହିଁ ତାଙ୍କ ମନରେ ଆସିପାରି ନଥିଲା । ସୃଷ୍ଟି ପ୍ରକ୍ରିୟାରେ ଅଜ୍ଞାତର ଉପଲବ୍ଧି ପ୍ରତି ଉଦାସୀନ ହୋଇସିବାହିଁ ଜୀବନକର୍ମକୁ ଶୃଙ୍ଖଳିତ କରେ ।

Digitized by PPRACHIN, SOA

ପାଟଳିପୁତ୍ରର ରାଜବୈଭବରେ ଗୁଣାଢ୍ୟଙ୍କ ଅରୁଚି ଆସି ଯାଉଥିଲା । କେଉଁଠୁ ଆସି ସେ କେଉଁଠି ପହଞ୍ଚି ଯାଇଛନ୍ତି ଏବଂ ଜୀବନର ଗୋଧୂଳି ସମୟରେ ତାଙ୍କୁ କେଉଁଠିକି ଯିବାପାଇଁ ପଡ଼ିବ ? ରହି ରହି ଏହି ପ୍ରଶ୍ନ ତାଙ୍କୁ ଆହତ କରୁଥିଲା ।

ଜ୍ୟେଷ୍ଠ ମାସର ଭୟଙ୍କର ଖରା ଓ ଝାଞ୍ଜି ପବନ ଆଉ ଉତ୍ତପ୍ତ ଦ୍ୱିପ୍ରହର । ହଠାତ୍ ସେ ରତ୍ନିକାକୁ ନିକଟକୁ ଡାକିଲେ । ସେତେବେଳେ ରତ୍ନିକା ନିଜ କକ୍ଷରେ ଶୋଇରହି ସନ୍ଧ୍ୟାକାଳର ପ୍ରତୀକ୍ଷାକରି ରହିଥିଲା । ରତ୍ନିକା ଆସି କହିଲା, "ମୋର ଦେବତା ମୋତେ ସ୍ମରଣ କରିଛନ୍ତି, ଆଦେଶ ! ଗୁଣାଢ୍ୟ ରତ୍ନିକାକୁ ବସିବା ପାଇଁ ସଙ୍କେତ କଲେ । କିଛି ସମୟ ନୀରବରେ ରତ୍ନିକାକୁ ଚାହିଁ ପଚାରିଲେ, "ତୁମେ ଦୁଃଖିତ ନୁହଁତ ? ନିଜ ଜୀବନରେ ତୁମେ ସନ୍ତୁଷ୍ଟ ତ ?"

ଏକ ଅଦ୍ଭୁତ ପ୍ରଶ୍ନ । ଗୁଣାଢ୍ୟଙ୍କ ଚରଣତଳେ ରତ୍ନିକା ପଡ଼ିଯାଇ କହିଲା, "ଦେବତାଙ୍କ ଚରଣ ତଳେ ମୋର ଅସୀମ ସୁଖ ରହିଛି । କେବେ କେବେ ମୋର ଭାଗ୍ୟ ଉପରେ ମୋ ନିଜର ଈର୍ଷା ହୁଏ ।"

ହଠାତ୍ ଗୁଣାଢ୍ୟ ଅନୁଭବ କଲେ ଯେ ତାଙ୍କ ଉପରେ ଏକପ୍ରକାରର ପାଗଳାମି ସବାର ହୋଇ ପଡ଼ିଛି । ସେ ହଠାତ୍ ଉଠିପଡ଼ି ରତ୍ନିକାକୁ ଆଲିଙ୍ଗନ ପାଶରେ ଆବଦ୍ଧ କରିନେଲେ । ରତ୍ନିକା ଯେମିତି ଯୁଗଯୁଗ ଧରି ଏଥିପାଇଁ ଆତୁର ହୋଇ ରହିଥିଲା । ବର୍ତ୍ତମାନ ସେ ଗୁଣାଢ୍ୟଙ୍କ ଚରଣ ଦାସୀ ନରହି ପ୍ରେୟସୀ ହୋଇ ଯାଉଥିଲା । ଏତେଦିନ ଯାଏ ଗୁଣାଢ୍ୟଙ୍କ ସହ ବୈବାହିକ ଜୀବନ ଅତିବାହିତ କରିବାପରେ ଏହା ଥିଲା ପ୍ରଥମ ଅବସର ଯେତେବେଳେ ସେ ନିଜ ଭିତରେ ପ୍ରଚଣ୍ଡ ସକ୍ରିୟତା ଅନୁଭବ କଲା । ଗ୍ରୀଷ୍ମକାଳର ସେହି ମଧ୍ୟାହ୍ନ ଯେମିତି ତାର ଜୀବନରେ ବରଦାନ ସଦୃଶ ଆସିଥିଲା ଏବଂ ରତ୍ନିକା କ୍ଳାନ୍ତ ଗୁଣାଢ୍ୟଙ୍କ ଶିର ନିଜକୋଳରେ ରଖି ବ୍ୟଞ୍ଜନ କରିବାକୁ ଲାଗିଲା ।

ନିର୍ବାପିତ ହେବା ପୂର୍ବରୁ ଦୀପଶିଖା—ଯେମିତି ପ୍ରଜ୍ୱଳିତ ହୋଇପଡ଼େ ଠିକ୍ ସେହିଭଳି ଗୁଣାଢ୍ୟ କାମୋତ୍ତେଜନାରେ ଉନ୍ମତ୍ତ ପ୍ରାୟ ହୋଇପଡ଼ିଲେ । ତାଙ୍କର ଅନ୍ତରର ସୃଜନାତ୍ମକ ପ୍ରକ୍ରିୟା ନିଷ୍କ୍ରିୟ

Digitized by PPRACHIN, SOA

ହୋଇ ପାରିଲାନାହିଁ, କାମ ବାସନାର ଏହି ଅନୁଭବକୁ ସେ ସଙ୍କଳ୍ପ କରି ଯାଉଥିଲେ ।

ଆଜି ହଠାତ୍ ମୃଦୁମନ୍ଦ ପବନର ସ୍ପର୍ଶ ତାଙ୍କୁ ଯେମିତି ତାଙ୍କର ଚେତନା ଫେରାଇ ଦେଲା । ପ୍ରାତଃକାଳରେ ସେ ଯେତେବେଳେ ଶଯ୍ୟାତ୍ୟାଗ କରି ଉଠିଲେ ସମସ୍ତ ଆକାଶ ଥିଲା ମେଘାଚ୍ଛନ୍ନ । ଦାସଦାସୀମାନଙ୍କ ମଧ୍ୟରେ ଏକପ୍ରକାର ଚଞ୍ଚଳତା ଆରମ୍ଭ ହୋଇ ଯାଇଥିଲା, ସମସ୍ତଙ୍କ ମୁଖମଣ୍ଡଳରେ ପ୍ରସନ୍ନତା ଫୁଟି ଉଠିଥିଲା । ଉଲ୍ଲସିତ ବଥିକା ସେହି ଭବନର ରୂପ ପରିବର୍ତ୍ତନ କରିବାରେ ବ୍ୟସ୍ତ ଥିଲା ଏବଂ ହଠାତ୍ ସେତେ-ବେଳେ ବର୍ଷାର ବିନ୍ଦୁପାତ ହେବାକୁ ଲାଗିଲା । ଚାଣକ୍ୟ ଉନ୍ମୁକ୍ତ ପ୍ରାଙ୍ଗଣରୁ ନିଜ କକ୍ଷକୁ ଚାଲି ଆସିଲେ । କକ୍ଷର ସମସ୍ତ ବାତାୟନ ଖୋଲା ହୋଇଥିଲା କିନ୍ତୁ ଚାଣକ୍ୟ କକ୍ଷରେ ପ୍ରବେଶ କରିବା ମାତ୍ରକେ ଶଯ୍ୟାରେ ଲୋଟିପଡ଼ିଲେ ଏବଂ ଆଖିରେ ଭରିଗଲା ମିଠାମିଠା ନିଦର ଅପୂର୍ବ ସ୍ୱାଦ । ଯେତେବେଳେ ଚାଣକ୍ୟଙ୍କ ନିଦ୍ରାଭଙ୍ଗ ହେଲା—ସେ ଅନୁଭବ କଲେ ଯେ ହଠାତ୍ ଯୁବକ ହୋଇ ପଡ଼ିଛନ୍ତି—ଶରୀରରେ ନୁହେଁ, ମନରେ । ଦର୍ପଣରେ ସେ ସ୍ପଷ୍ଟ ଦେଖି ପାରୁଥିଲେ ଯେ ବୃଦ୍ଧାବସ୍ଥାର ପଦଚିହ୍ନ ତାଙ୍କ ଶରୀରରେ ପୂର୍ବପରି ବିଦ୍ୟମାନ କିନ୍ତୁ ଅନୁଭବ କରୁଥିଲେ ମନଭିତରେ—ତାଙ୍କର ପୁନରାୟ ଫେରିଆସିଛି ଅନନ୍ତ ଯୌବନ ବସନ୍ତର ସକଳ ସମ୍ଭାର ଓ ପୁଷ୍ପଭାର ନେଇ । ବଥିକା ସକଳ ଗୃହକର୍ମ ସମାପନ କରି ଅଳସ ଭାବରେ ଚାଣକ୍ୟଙ୍କ ନିକଟରେ ବସି ରହିଥିଲା—ଏବଂ ଚାଣକ୍ୟ ଯେତେବେଳେ ବଥିକାକୁ ନିର୍ନିମେଷ ନୟନରେ ଚାହିଁ ରହିଲେ—ତାଙ୍କର ମନେହେଲା ବଥିକାର ଶରୀରରେ ଯେପରି ଅସୀମ ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ ହୋଇପଡ଼ୁଛି । ବଥିକାର ସୌନ୍ଦର୍ଯ୍ୟ ପ୍ରତି କାହିଁକି ସେ ଏଯାଏ ଉଦାସୀନ ଥିଲେ ସେକଥା ଚିନ୍ତା କରି ସେ ଆଶ୍ଚର୍ଯ୍ୟ ହୋଇଗଲେ । ବଥିକା ଥିଲା ପ୍ରାୟ ବତିଶ ତେତିଶ ବର୍ଷର ଯୁବତୀ । ଚାଣକ୍ୟ ଦୟା ପରବଶ ହୋଇ ତାକୁ ଆଶ୍ରୟ ଦେଇଥିଲେ । ବଥିକା ପ୍ରତି ସକ୍ରିୟ ରୂପରେ ତାଙ୍କର ଯୌନ ଭାବନାର ଅଭାବ ହିଁ ରହିଥିଲା—ସେ ବଥିକା ସାଥିରେ ଯାହାକିଛି କରୁଥିଲେ ସେଥିଲା କେବଳ ମାତ୍ର ଔପଚାରିକତା ।

Digitized by PPRACHIN, SOA

ଏବଂ ତାଙ୍କର ମନେହେବା ବଥିକାର ମୁଦ୍ରାରେ ତାଙ୍କ ପ୍ରତି ଯେମିତି ରହିଛି ଏକ ପ୍ରକାରର ଆମନ୍ତ୍ରଣ । ସେ ଅନାୟାସରେ ତାଙ୍କୁ ଆଲିଙ୍ଗନ କଲେ ଏବଂ ତାଙ୍କର ମନେହେଲା ନିଜ ବାହୁପାଶରେ ଆବଦ୍ଧ ବଥିକା ସ୍ୱୟଂ ତାଙ୍କୁ ଆଲିଙ୍ଗନ ପାଶରେ ଆବଦ୍ଧ କରନେଇଛି ଓ ତା ଅନ୍ତରର ସୁପ୍ତ କାମ ବାସନା ବଶ୍ଚିମ୍ୟତାର ସ୍ଥିତି ଭଙ୍ଗି ହିଂସାତ୍ମକ ସକ୍ରିୟତା ଧାରଣ କରିବାକୁ ଯାଉଛି । କିଛିକ୍ଷଣପରେ ଉଭୟେ ଏକ ବିଚିତ୍ର ଉନ୍ମାଦନାରେ ପରସ୍ପର ମଧ୍ୟରେ ବିଲୀନ ହୋଇଗଲେ ।

ତିନିଦିନ ପର୍ଯ୍ୟନ୍ତ ରହି ରହି ବର୍ଷା ହେଉଥିଲା ଏବଂ ତିନିଦିନ ଯାକ ଉଭୟେ ଏକ ଅନ୍ୟ ମଧ୍ୟରେ ବିଲୀନ ହୋଇ ପଡ଼ିଥିଲେ ।

ଚତୁର୍ଥ ଦିନ ଆକାଶ ପରିଷ୍କାର ହୋଇଗଲା । ଗୃହଆଡ଼େ ବିଚ୍ଛୁରିତ ହୋଇପଡ଼ିଲା ଉଜ୍ଜ୍ୱଳ ଆଲୋକ ରେଖା ଏବଂ ସେମାନଙ୍କ ଗୃହପାଖରେ ଥିବା ଭୂମିରେ ଭରି ରହିଥିଲା ସବୁଜିମା । ନିଜ ଭିତରେ ଯେତେ ନୁହେଁ ବଥିକା ଅନ୍ତରରେ ପ୍ରକଟିତ କାମ-ବାସନାରେ ଚାଣକ୍ୟ ଚମକିତ ହୋଇ ଉଠିଲେ । ତାଙ୍କର ମନେ ହେଲା ଯେ ଭୋଗବିଳାସ ଓ ସମ୍ପନ୍ନତାରେ ପରିପୂର୍ଣ୍ଣ ପାଟଳିପୁତ୍ର ନଗରୀ ପରିତ୍ୟାଗ କରିବାହିଁ ତାଙ୍କ ପକ୍ଷରେ ଶ୍ରେୟ ହେବ । ସେ ବଥିକାକୁ ନିଜର ଓ ତାର ସମସ୍ତ ସାମଗ୍ରୀ ବାନ୍ଧିବା ପାଇଁ ଆଦେଶ ଦେଲେ । ଅଭିଶପ୍ତ ପାଟଳିପୁତ୍ର ନଗରୀକୁ ଅନ୍ତିମ ପ୍ରଣାମ ଜଣାଇ ପରିତ୍ୟାଗ କରିବାର ନିଷ୍ପତ୍ତି ସେ ନେଇ ସାରିଥିଲେ । ତାଙ୍କର ଏହି ନିଷ୍ପତ୍ତିରେ ବଥିକା କୌଣସି କଷ୍ଟ ବା ଦୁଃଖ ଅନୁଭବ କଲାନାହିଁ— କାରଣ ତାର ସର୍ବସ୍ୱ ସେ ଚାଣକ୍ୟଙ୍କୁ ସମର୍ପଣ କରି ସାରିଥିଲା ।

ଦୁଇଦିନ ମଧ୍ୟରେ ଆପଣା ନୌକାରେ ଚାଣକ୍ୟ ବଥିକାକୁ ସାଙ୍ଗରେ ନେଇ ଜଳପଥରେ ବାରାଣସୀ ଯାତ୍ରାରେ ବାହାରି ପଡ଼ିଲେ—ସେ ନିଜ ଭିତରେ ଥିଲେ ପ୍ରସନ୍ନ ଓ ସନ୍ତୁଷ୍ଟ ।

ବାରାଣସୀରେ ଗଙ୍ଗାର ଉତ୍ତର-ପଶ୍ଚିମ ତଟରେ ପ୍ରାୟ ଏକକ୍ରୋଶ ଦୂରରେ ଏକ ଛୋଟ ଗ୍ରାମରେ କିଛି ଲୋକ ବସତି ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ତୀର୍ଥଯାତ୍ରୀ ଯେଉଁମାନେ ଆପଣାର ଘରଦ୍ୱାର ପରିତ୍ୟାଗ କରି ଏହି ପବିତ୍ର

Digitized by PPRACHIN, SOA

ନଗରୀରେ ମୁକ୍ତ ଚାଲିବା ପ୍ରତିଷ୍ଠାରେ ବସବାସ କରୁଥିଲେ । ସେହି ଗଙ୍ଗାତଟର ଏକ ଉଚ୍ଚଭୂମିରେ ଗୁଣକ୍ୟ ନିଜପାଇଁ ଏକ କୁଟୀର ନିର୍ମାଣ କରାଇନେଲେ । କିନ୍ତୁ ସେ ଅନୁଭବ କରୁଥିଲେ ଯେ ତାଙ୍କ ଅନ୍ତରରେ ଏକ ସବଳ ଜୀବନଧାରା ପ୍ରବାହିତ ହେଉଛି ଏବଂ ଯଥିକା ସହିତ ତାଙ୍କର ସେହି କାମପ୍ରସଙ୍ଗ ଉଦ୍ଦାମ ଗତିରେ ପ୍ରବାହିତ ହେବାକୁ ଲାଗିଲା ଯେଉଁ କାମ-ପ୍ରସଙ୍ଗର ପ୍ରାରମ୍ଭ ହୋଇଥିଲା ପାଟଳିପୁତ୍ରରେ । ପାର୍ଥକ୍ୟ କେବଳ ଏତିକି ଥିଲା ଯେ ବାରାଣସୀକୁ ଆସିବା ମାତ୍ରକେହିଁ ତାଙ୍କ ଅଭ୍ୟନ୍ତରର ସୃଜନାତ୍ମକ ସ୍ୱରୂପ ସକ୍ରିୟ ହୋଇ ଉଠିଥିଲା ।

ଆପଣାର କାମ-ସମ୍ବନ୍ଧ ଅନୁଭବକୁ ସଙ୍କଳିତ କରିବା କ୍ରମରେ ଗୁଣକ୍ୟ ମନୋନିବେଶ କଲେ ଏବଂ ସେ ଅନୁଭବ କଲେ ଯେ ତାଙ୍କ ଅନ୍ତରରେ କାମବାସନାର ଯେଉଁ ପାଗଳପଣ ଜାଗ୍ରତ ହୋଇ ଉଠିଥିଲା ତାହା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । କେବଳ ସେତିକି ନୁହେଁ ସ୍ୱୟଂ ଯଥିକା ବି ଅନାୟାସରେ ଯେଉଁ କାମ ପିପାସାର ବହ୍ନି ଜାଗି ଉଠିଥିଲା ତାହା ତୃପ୍ତ ହୋଇ ଆସୁଛି । ଏହି ଅନୁଭବରେ ସେ ସନ୍ତୋଷ ଓ ଆନନ୍ଦ ଲାଭ କଲେ ।

ଆପଣାର କାମ-ସମ୍ବନ୍ଧିତ ଅନୁଭବର ଆଧାର ଉପରେ ସେ କାମସୂତ୍ର ନାମକ ଏକ ଗ୍ରନ୍ଥ ରଚନା କଲେ ।

ଏବଂ ସେହି ସମୟରେ ତାଙ୍କୁ ତକ୍ଷଶିଳାରେ ପ୍ରାପ୍ତ ଆପଣାର ଗୁରୁ ଶୈବାଳଙ୍କ ଆଦେଶ ମନେପଡ଼ିଲା—"ଆପଣାର ଅହଂକୁ ପରିତ୍ୟାଗ କର, ମନରେ ବିଳୟ କରିଦେଇ ମୁକ୍ତ ହୋଇଯାଅ ।"

ଗୁଣକ୍ୟ ଆପଣାକୁ ପ୍ରଶ୍ନ କଲେ ତେବେ ଏହି କାମସୂତ୍ରର ରଚୟିତା ହେବ କିଏ ? ହଠାତ୍ ତାଙ୍କର ମନେ ପଡ଼ିଗଲା ଯେ ସିଏ ବାତ୍ସାୟନ ଗୋତ୍ରରେ ଜନ୍ମଲାଭ କରିଛନ୍ତି । ସେ ସେହି ଗ୍ରନ୍ଥର ନାମ ବାତ୍ସାୟନ କାମସୂତ୍ର ରଖିଦେଲେ । ତାକୁ ପଣ୍ଡିତମାନଙ୍କ ପାଇଁ ପ୍ରକାଶ କରି ତଥା ପଣ୍ଡିତମାନଙ୍କ ମଧ୍ୟରେ ଏହି ଗ୍ରନ୍ଥର ମୌଖିକ ପ୍ରଚାରକରି ଗୁଣକ୍ୟ ଏହି କାର୍ଯ୍ୟରୁ ବି ମୁକ୍ତି ଲାଭ କଲେ ।

Digitized by PPRACHIN, SOA

ଧିରେ ଧିରେ କାଶୀର ପଣ୍ଡିତମାନଙ୍କୁ ବିଦିତ ହୋଇଗଲା ଯେ ଅପୂର୍ବ ଏବଂ ବିଲକ୍ଷଣ ପ୍ରତିଭା ସମ୍ପନ୍ନ ଚାଣକ୍ୟ ପାଟଳିପୁତ୍ର ପରିତ୍ୟାଗ କରି କାଶୀରେ ନିଜକୁ ପ୍ରତିଷ୍ଠିତ କରି ସାରିଛନ୍ତି । କାମସୂତ୍ର ଗ୍ରନ୍ଥ ସକାଶେ ଧର୍ମାଚାର୍ଯ୍ୟ ଓ ଧର୍ମାଧ୍ୟକ୍ଷ ମାନଙ୍କ ମଧ୍ୟରେ ଚାଣକ୍ୟଙ୍କ ପ୍ରତି ବିକ୍ଷୋଭ ଓ ବିଦ୍ରୋହର ଭାବନା ପ୍ରସାରିତ ହେବାକୁ ଲାଗିଲା । ଚାଣକ୍ୟଙ୍କ କୁଟୀରରେ ଏହି କ୍ରୋଧି ଓ ବିଦ୍ରୋହୀ ବ୍ରାହ୍ମଣଙ୍କ ଭିଡ ସକାଳୁ ସନ୍ଧ୍ୟା ଯାଏ ଜମିବାକୁ ଲାଗିଲା ଏବଂ ଚାଣକ୍ୟଙ୍କୁ ନିଜର ସ୍ଥିତି ବିପଦପୂର୍ଣ୍ଣ ମନେହେଲା । ଧର୍ମାନ୍ଧ ଲୋକେ କେତେବେଳେ ଯେ କଣ କରିବସିବେ ତାହା ତାଙ୍କର ସମ୍ପୂର୍ଣ୍ଣ ଅଜ୍ଞାତ ।

ହଠାତ୍ ରାତିରେ ସମସ୍ତଙ୍କ ଅଜ୍ଞାତରେ, ଦୃଷ୍ଟିର ଅଗୋଚରରେ ଚାଣକ୍ୟ ବିଥିକା ସହ ନିଜର ଯତ୍‌ସାମାନ୍ୟ ପଦାର୍ଥ ନେଇ ପୁନର୍ବାର ପାଟଳି-ପୁତ୍ରକୁ ଫେରିଆସିଲେ । ପାଟଳିପୁତ୍ରରେ ପଦାର୍ପଣ କରି ସେ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ଆପଣାର ସମାଗମର ପ୍ରେରଣ କଲେ । ସମ୍ବାଦ ପାଇବା ମାତ୍ରକେ ଚନ୍ଦ୍ରଗୁପ୍ତ ଆଶ୍ଚର୍ଯ୍ୟ ହୋଇପଡ଼ି ସ୍ୱୟଂ ଚାଣକ୍ୟଙ୍କ ସମକ୍ଷରେ ଉପସ୍ଥିତ ହେଲେ । ଚାଣକ୍ୟଙ୍କ ଚରଣ ସ୍ପର୍ଶକରି ଚନ୍ଦ୍ରଗୁପ୍ତ ପ୍ରଶ୍ନକଲେ, "ଆଚାର୍ଯ୍ୟଙ୍କୁ କାଶୀ ପ୍ରବାସରେ କଣ ସନ୍ତୋଷ ହେଲା ନାହିଁ ?"

ଚାଣକ୍ୟ ଉତ୍ତର ଦେଲେ, "ତମର ଅନୁମାନ ଆଂଶିକ ଭାବରେ ସତ୍ୟ—ମୋର କାଶୀ ପ୍ରବାସରେ ଧର୍ମାଧ୍ୟକ୍ଷଗଣ କ୍ଷୁବ୍ଧ । କିନ୍ତୁ ପାଟଳି-ପୁତ୍ରରେ ମୁଁ ବସବାସ କରିବି ନାହିଁ, କାଶୀର ପଶ୍ଚିମରେ ପ୍ରୟାଗ ଅଥବା ମଥୁରା ଆଡ଼କୁ ମୁଁ ଚାଲିଯିବା ପାଇଁ ଚାହେଁ । ଆମେ କେବଳ ଦୁଇଟି ପ୍ରାଣୀ—ମୁଁ ଓ ବିଥିକା—ମୁଁ ତୁମଠାରୁ କେବଳ ଏକ ବ୍ୟବସ୍ଥା ଚାହେଁ ।"

ଚନ୍ଦ୍ରଗୁପ୍ତ କହିଲେ, "ମୌର୍ଯ୍ୟ ସମ୍ରାଟର ସମସ୍ତ ରାଜକୋଷ ଆଚାର୍ଯ୍ୟଙ୍କ ଚରଣତଳେ ସମର୍ପିତ, ଆଦେଶ କରନ୍ତୁ ।"

"ମୁଁ ଯେଉଁଠିକି ବି ଯାଏ, ସେଠି ମୋର ଉପସ୍ଥିତି ଓ ସ୍ଥିତିର ଜ୍ଞାନ ତୁମ ବ୍ୟତୀତ ଆଉ କାହାକୁ ଯେପରି ପ୍ରାପ୍ତ ନହୁଏ ଏବଂ ବୃତ୍ତିରକ୍ଷା ବ୍ୟବସ୍ଥା ସ୍ୱରୂପ ଯେଉଁ ଆର୍ଥିକ ସହାୟତା ମୋର ଆବଶ୍ୟକ ତାହା ଯେପରି ମୋତେ ନିୟମିତ ରୂପରେ ପ୍ରାପ୍ତହୁଏ ।"

"ଶିରୋଧାର୍ଯ୍ୟ !" ଚନ୍ଦ୍ରଗୁପ୍ତ ମସ୍ତକ ଅବନତ କରି ଉତ୍ତର ଦେଲେ ।

Digitized by PPRACHIN, SOA

ଉପସଂହାର

ନୀତିଦର୍ପଣର ପ୍ରଣେତା ଚାଣକ୍ୟ କେଉଁଠି ଲୁପ୍ତ ହୋଇଗଲେ କାହାକୁ ଜଣାନାହିଁ ! କାମସୂତ୍ରର ପ୍ରଣେତା ବାତ୍ସାୟନ କେଉଁଠି ବିଲୀନ ହୋଇଗଲେ କେହି ଜାଣିପାରିଲେ ନାହିଁ । କିନ୍ତୁ ଏ ଉଭୟ ଗ୍ରନ୍ଥ ସ୍ଥାପିତ ହୋଇ ସାରିଥିଲା ଏବଂ ପ୍ରତିଦିନ ଏହାର ମହତ୍ତ୍ୱ ବୃଦ୍ଧି ଲାଭ କରିବାରେ ଲାଗିଥିଲା ।

ଚାଣକ୍ୟ ନିଜର ସର୍ବସ୍ୱ କାଶୀର ଭିକାରୀ ମାନଙ୍କ ମଧ୍ୟରେ ବଣ୍ଟନ କରିଦେଇ ବଥିକା ସାଥିରେ ଏକାକୀ ବାହାରି ପଡିଲେ ତାଙ୍କର ପ୍ରତିରକ୍ଷା ପାଇଁ ଛଦ୍ମବେଶରେ ଚନ୍ଦ୍ରଗୁପ୍ତଙ୍କର କିଛି ଅନୁଚର ଅବଶ୍ୟ ରହିଥିଲେ ଏବଂ ଚାଣକ୍ୟଙ୍କ ନିକଟରେ ସମ୍ବଳ ସ୍ୱରୂପ ଥିଲା ଆବଶ୍ୟକ ସ୍ୱର୍ଣ୍ଣମୁଦ୍ରା । ଦୁଇଦିନର ଯାତ୍ରାପରେ ଚାଣକ୍ୟ ପ୍ରୟାଗର ଉତ୍ତର ଅଞ୍ଚଳରେ ପହଞ୍ଚିଲେ ଯେଉଁଠି ଗଙ୍ଗାନଦୀ ପାରିହୋଇ ତୀର୍ଥରାଜ ପ୍ରୟାଗରେ ପ୍ରବେଶ କରିବାରେ ଜଳପଥ ରହିଥିଲା ।

ପତିତପାବନୀ ଗଙ୍ଗାର ଉତ୍ତରତଟରେ ଏକ ସମତଳ ଉପତ୍ୟକାରେ ଏକ କ୍ଷୁଦ୍ର ଜନବସତି ରହିଥିଲା । ଏହି ଜନବସତି ଥିଲା ଜୀବନର ସମସ୍ତ ସୁଖସୁବିଧାରେ ପରିପୂର୍ଣ୍ଣ । ସେଠି କୌଣସି ପଣ୍ଡିତଙ୍କର ପ୍ରାଦୁର୍ଭାବ ନଥିଲା, ଅଧିକାଂଶ ଲୋକ ଥିଲେ ଶ୍ରମଜୀବି । ଯେତେବେଳେ ଚାଣକ୍ୟ ବଥିକାସହ ସେଠାରେ ପ୍ରବେଶ କରୁଥିଲେ ସେତେବେଳେ ପଶ୍ଚିମ ଦିଗ୍‌ବଳୟରେ ସୂର୍ଯ୍ୟାସ୍ତ ହେଉଥିଲା । ମନୋହର ଦୃଶ୍ୟ ! ଚାଣକ୍ୟ ମନ୍ତ୍ରମୁଗ୍ଧ ସଦୃଶ ସେହି ସୂର୍ଯ୍ୟାସ୍ତର ମନୋରମ ଓ ଚିତ୍ତହାରୀ ଦୃଶ୍ୟକୁ ନିରୀକ୍ଷଣ କରିବାକୁ ଲାଗିଲେ । ସେହି ରାତିଟି ସେ ଏକ ଚୈତନ୍ୟଙ୍କ ଗୃହରେ ଯାପନ-

Digitized by PPRACHIN, SOA

କଲେ । ଗନ୍ତବ୍ୟ ତାଙ୍କୁ ମିଳି ସାରିଥିଲା । ଗଙ୍ଗାତଟରେ ଅବସ୍ଥିତ ଏହି ଗ୍ରାମରେ ଜୀବନର ଅନ୍ତିମ ଦିନ ଯାପନକରିବା ପାଇଁ ସେ ସଂକଳ୍ପ କରି ନେଇଥିଲେ । ପ୍ରାତଃକାଳରେ ସକଳ ସୁବିଧା ମିଳି ପାରିବା ଭଳି ଏକ କୁଟୀର ନିର୍ମାଣର କାର୍ଯ୍ୟ ସେ ସେଠାରେ ଆରମ୍ଭ କରିଦେଲେ ।

ସେଠି ତାଙ୍କୁ ପୂର୍ଣ୍ଣ ରୂପରେ ଶାନ୍ତି ପ୍ରାପ୍ତହେଲା । କିନ୍ତୁ କିଛିକାଳ ପରେ ସହସା ସେ ଅନୁଭବ କଲେ ଯେ ଯାହାକୁ ସେ ଶାନ୍ତିର ଅବସ୍ଥା ମନେକରୁଥିଲେ ତାହା କେବଳ ଏକ କୃତ୍ରିମ ଅବସ୍ଥା ମଣିଷକୁ ଜୀବିତ ରହିବା ପାଇଁ ଆଜୀବିକା ନିତାନ୍ତ ଆବଶ୍ୟକ ଏବଂ ଆଜୀବିକା ଅର୍ଥରେ କେନ୍ଦ୍ରିତ । ସେ ଚନ୍ଦ୍ରଗୁପ୍ତଠାରୁ ନିଜପାଇଁ ଏହି ଅର୍ଥର ବ୍ୟବସ୍ଥା କରି ନେଇଥିଲେ ।

ଧର୍ମ-ଅର୍ଥ-କାମ-ମୋକ୍ଷ ! ଏହା ଜୀବନର ଅଙ୍ଗ ଅଟେ ଏବଂ ଏହାର ବ୍ୟାଖ୍ୟାରେ ତାଙ୍କର ଜୀବନ ସନ୍ନିହିତ ରହିଛି । ଧର୍ମ ସ୍ଥାପନା ପାଇଁ ନୀତିର ନିତାନ୍ତ ଆବଶ୍ୟକତା ରହିଛି । ନୀତିର ସହାୟତା ବିନା ଧର୍ମର ନିରନ୍ତର ସୃଷ୍ଟି ଓ ବିନଷ୍ଟ ହେବାର ସମ୍ଭାବନା ରହିଛି । ନୀତିର ସ୍ୱରୂପ କିଣ ତାର ବ୍ୟାଖ୍ୟାକରି ଚାଣକ୍ୟ ଧର୍ମକୁ ଚିରସ୍ଥାୟୀ କରିବାରେ ପ୍ରୟୋଗ କଲେ ।

ଯେତେଦୂର ଯାଏ 'କାମ'ର ସମ୍ବନ୍ଧ ରହିଛି, ଏ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ସମଭାବରେ ବିଦ୍ୟମାନ କିନ୍ତୁ ଅନ୍ୟପ୍ରାଣୀମାନଙ୍କ ମଧ୍ୟରେ ଏହି କାମବାସନା କେବଳ ମାତ୍ର ପ୍ରଜନନ ପାଇଁ ଉଦ୍ଦିଷ୍ଟ । ବୌଦ୍ଧିକମାନବ କିନ୍ତୁ ଏହି କାମବାସନାକୁ ଆପଣାର ଆନନ୍ଦ ପାଇଁ ବ୍ୟବହାର କରିଛି । କାମସୂତ୍ର ରଚନା କରି ଚାଣକ୍ୟ ମଣିଷର କାମ ବାସନାର ବିଭିନ୍ନ ରୂପ ଉପରେ ଆଲୋକପାତ କରିଛନ୍ତି ନିତାନ୍ତ ବୈଜ୍ଞାନିକ ପଦ୍ଧତିରେ । ଚାଣକ୍ୟଙ୍କ ଯୁଗର ବହୁକାଳ ପରେବି ତାଙ୍କର ଏହି ଗ୍ରନ୍ଥ କାମଶାସ୍ତ୍ର ସର୍ବଶ୍ରେଷ୍ଠ ଗ୍ରନ୍ଥ ରୂପରେ ବିବେଚିତ ।

ଆଉ 'ମୋକ୍ଷ !' ଚାଣକ୍ୟ ସକଳ କାର୍ଯ୍ୟ ସମ୍ପୂର୍ଣ୍ଣ କରି ମୋକ୍ଷ-ପ୍ରାପ୍ତି ପାଇଁ ଲାଗିପଡ଼ିଲେ । (ସମାପ୍ତ)

—❋—

ମୁଦ୍ରଣ—ଅନୁରୂପା ପ୍ରିଣ୍ଟର୍ସ, ପୁରୀଘାଟ ରୋଡ଼୍, କଟକ-୯

Digitized by PPRACHIN, SOA